ISSN-0971-8400

# ଯୋଜନା

ଅଗଷ୍ଟ ୨୦୧୭ | ବିକାଶମୂଳକ ମାସିକ ପତ୍ରିକା | ୨୨ ଟଙ୍କା

ମୂଲ୍ୟଯୁକ୍ତ କର, ମନୋରଞ୍ଜନ କର

## ସାମଗ୍ରୀ ଓ ସେବା କର

ବିଳାସ ଉପକର ଓ ଅତିରିକ୍ତ ଟିକସ

ପ୍ରବେଶ କର ଓ ଅବକାରୀ ଶୁଳ୍କ

# ଜିଏସ୍‌ଟି

ଶିକ୍ଷା ଉପକର

ଭାରତରେ ଦ୍ରବ୍ୟ ଓ ସେବା ଟିକସ: ଏକ ବୃହତ୍ ପରିବର୍ତ୍ତନ
ଅରୁଣ ଗୋୟଲ

ଜିଏସ୍‌ଟି: ଭାରତୀୟ ଟିକସ ଇତିହାସରେ ଏକ ନିର୍ଣ୍ଣାୟକ ନିଷ୍ପତ୍ତି
ଟି.ଏନ୍. ଅଶୋକ

ଲାଭଖୋରି: ଜିଏସ୍‌ଟି କାର୍ଯ୍ୟାନ୍ୱୟନ ଲାଗି ଆହ୍ୱାନ
ଶିରୀଶ ଚନ୍ଦ୍ର ପ୍ରସାଦ

**ବିଶେଷ ପ୍ରବନ୍ଧ**

ଭାରତର ଐତିହାସିକ ଟିକସ ସଂସ୍କାର ପଛରେ ଥିବା ବୈଷୟିକ ଶକ୍ତି ଜିଏସ୍‌ଟିଏନ୍
ପ୍ରକାଶ କୁମାର

**ଫୋକସ୍**

ରାଜ୍ୟ ଭରସାରେ ଜିଏସ୍‌ଟି ପରିଚାଳନା
ଜୟନ୍ତ ରାୟ ଚୌଧୁରୀ

## “ପୁଷ୍ପଗୁଚ୍ଛ ବଦଳରେ ପୁସ୍ତକ ଦିଅନ୍ତୁ ...
## ଏଭଳି ଏକ ପଦକ୍ଷେପ ଏକ ବିରାଟ ପରିବର୍ତ୍ତନ ଆଣିପାରେ”

- ମାନନୀୟ ପ୍ରଧାନମନ୍ତ୍ରୀ

କଳା ଓ ସଂସ୍କୃତି, ସ୍ୱାଧୀନତା ସଂଗ୍ରାମ, ଇତିହାସ, ଆତ୍ମଜୀବନୀ ଏବଂ ଗାନ୍ଧୀ ସାହିତ୍ୟଠାରୁ ପିଲାଙ୍କ ପୁସ୍ତକ ଯାଏ ଏଭଳି ଅନେକ ପ୍ରକାରର ସମୃଦ୍ଧ ଭଣ୍ଡାର ପ୍ରକାଶନ ବିଭାଗ ପାଖରେ ରହିଛି ।

ଆମ ଦ୍ୱାରା ପ୍ରକାଶିତ ପୁସ୍ତକ ଆପଣଙ୍କ ପ୍ରିୟଜନଙ୍କୁ ଉପହାର ଦିଅନ୍ତୁ

କାରଣ

“ବହିଠାରୁ ବିଶ୍ୱସ୍ତ  କୌଣସି ବନ୍ଧୁ ନାହିଁ”



**ପ୍ରକାଶନ ବିଭାଗ**

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ

ଭାରତ ସରକାର

ପୁସ୍ତକ କ୍ରୟ ସମ୍ପର୍କିତ ସବିଶେଷ ବିବରଣୀ
publicationsdivision.nic.inରେ ଉପଲବ୍ଧ
kobo.com,  play. google.com, amazon.in
ମାଧ୍ୟମରେ ଏଭଳି ପୁସ୍ତକ କ୍ରୟ କରାଯାଇପାରିବ।

ଅଗଷ୍ଟ ୨୦୧୭

# ଯୋଜନା

ଯୁଗ୍ମନିର୍ଦ୍ଦେଶକ (ଉତ୍ପାଦନ) : ଭି. କେ. ମିନା
ବ୍ୟବସାୟ ପରିଚାଳନା : ସୂର୍ଯ୍ୟକାନ୍ତ ଶର୍ମା

ମୁଖ୍ୟ ସଂପାଦକ ଓ ନିର୍ଦ୍ଦେଶକ: ଦୀପିକା କଚ୍ଛଲ
ସଂପାଦକ ଓ ଉପନିର୍ଦ୍ଦେଶକ : ଡକ୍ଟର ଗିରିଶ ଚନ୍ଦ୍ର ଦାଶ

ଚତୁର୍ବିଂଶ ବର୍ଷ / ଏକାଦଶ ସଂଖ୍ୟା

## ଏ ସଂଖ୍ୟାରେ...

| ବିଷୟ / ଲେଖକ | ପୃଷ୍ଠା |
|---|---|
| ସମ୍ପାଦକୀୟ | ୦୪ |
| ଭାରତରେ ଦ୍ରବ୍ୟ ଓ ସେବା ଟିକସ: ଏକ ବୃହତ୍ ପରିବର୍ତ୍ତନ<br>*ଅରୁଣ ଗୋୟଲ* | ୦୫ |
| ଜିଏସ୍‌ଟି: ଭାରତୀୟ ଟିକସ ଇତିହାସରେ ଏକ ନିର୍ଣ୍ଣାୟକ ନିଷ୍ପତ୍ତି<br>*ଟି. ଏନ୍. ଅଶୋକ* | ୧୦ |
| ଲାଭଖୋରି: ଜିଏସ୍‌ଟି କାର୍ଯ୍ୟାନ୍ୱୟନ ଲାଗି ଆହ୍ୱାନ<br>*ଗିରୀଶ ଚନ୍ଦ୍ର ପ୍ରସାଦ* | ୧୫ |
| ଜିଏସ୍‌ଟି ଓ ସହଜରେ ବ୍ୟାପାର କରିବା ଉପରେ ଏହାର ପ୍ରଭାବ<br>*ଡାନିଶ ଏ ହସିମ୍, ବର୍ଷା କୁମାରୀ* | ୨୬ |
| ଜିଏସ୍‌ଟି : ଟିକସ ବ୍ୟବସ୍ଥା ପରିବର୍ତ୍ତନର ଶକ୍ତିଶାଳୀ ବାହକ<br>*ଦେବରାଜ ରେଡ୍ଡି* | ୩୧ |
| ଜିଏସ୍‌ଟି: ଏକ ନୂଆ ଯୁଗର ପ୍ରଭାତ<br>*ଉପେନ୍ଦ୍ର ଗୁପ୍ତ* | ୩୫ |
| ଜିଏସ୍‌ଟି ଏବଂ ଖାଉଟିଙ୍କ ସ୍ୱାର୍ଥ<br>*ସୁରଜ କୈଶ୍ୱାଲ* | ୩୯ |
| ଦ୍ରବ୍ୟ ଓ ସେବାକର ଏବଂ ଓଡ଼ିଶା<br>*ସନ୍ତୋଷ ମହାପାତ୍ର* | ୪୪ |
| ବିକାଶର ନକ୍ସା | ୪୮ |
| ଆପଣ ଜାଣନ୍ତି କି ? | ୪୯ |
| ସାମ୍ପ୍ରତିକୀ | ୫୦ |

**ଫୋକସ୍**
ରାଜ୍ୟ ଭରସାରେ ଜିଏସଟି ପରିଚାଳନା
*ଜୟନ୍ତ ରାୟ ଚୌଧୁରୀ* *ପୃଷ୍ଠା: ୨୨*

**ବିଶେଷ ପ୍ରବନ୍ଧ**
ଭାରତର ଐତିହାସିକ ଟିକସ ସଂସ୍କାର ପଛରେ ଥିବା ବୈଷୟିକ ଶକ୍ତି ଜିଏସ୍‌ଟିଏନ୍
*ପ୍ରକାଶ କୁମାର* *ପୃଷ୍ଠା: ୧୮*

*Editor*
**YOJANA (ODIA)**
C/O : Deputy Director, (News)
Regional News Unit,
All India Radio, Cantonment Road,
Cuttack-753001

Website : www.publicationsdivision.nic.in
Email : odiayojana@gmail.com
Subscription & Business Queries :
pdjucir@gmail.com
Ph. : 011-26100207

ଯୋଜନାରେ ପ୍ରକାଶିତ ପ୍ରବନ୍ଧରେ ବ୍ୟକ୍ତ ବିଚାର ଲେଖକଙ୍କ ନିଜସ୍ୱ ଅଟେ । 'ଯୋଜନା' ହେଉଛି ପରିକଳ୍ପନା ଓ ଉନ୍ନୟନର ମାସିକ ମୁଖପତ୍ର । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ହେଉଥିଲେ ମଧ୍ୟ ଏହାର ପରିସର କେବଳ ସରକାରୀ ଦୃଷ୍ଟିକୋଣ ପ୍ରକାଶନରେ ସୀମାବଦ୍ଧ ନୁହେଁ ।

## ସମ୍ପାଦକୀୟ...



# ଲକ୍ଷ୍ୟଭିତ୍ତିକ ଟିକସ ଆଡ଼କୁ

ସମଗ୍ର ଭାରତରେ ୨୦୧୭ ଜୁଲାଇ ପହିଲାରୁ ନୂତନ ଦ୍ରବ୍ୟ ଓ ସେବାକର ଜିଏସ୍‌ଟି ପ୍ରବର୍ତ୍ତିତ ହୋଇଛି। ପରୋକ୍ଷ କର କ୍ଷେତ୍ରରେ ସବୁଠୁ ବଡ଼ଧରଣର ସଂସ୍କାର ଆଣି ଜିଏସ୍‌ଟି ପ୍ରବର୍ତ୍ତନ କରାଯାଇଥିବାରୁ ୨୦୧୭ ଦେଶର ଇତିହାସରେ ଏକ ଉଲ୍ଲେଖନୀୟ ବର୍ଷର ମାନ୍ୟତା ହାସଲ କରିବ। ଦେଶର ଟିକସ ଇତିହାସରେ ଜିଏସ୍‌ଟିର ପ୍ରବର୍ତ୍ତନ ଏକ ବୈପ୍ଳବିକ ଘଟଣା ଭାବେ ପରିଗଣିତ। ଏହାଦ୍ୱାରା ସମଗ୍ର ଟିକସ ବ୍ୟବସ୍ଥା ଏକ ନୂଆ ରୂପ ନେଇଛି।

ଗୋଟିଏ ଦେଶର ସୁସ୍ଥ ଟିକସ ନୀତିରୁ ସେ ଦେଶର ଦୃଢ଼ ଶାସନ ଓ ନିରନ୍ତର ବିକାଶ ଆଭିମୁଖ୍ୟର ସୂଚନା ମିଳେ। ଐତିହାସିକ ଦୃଷ୍ଟିକୋଣରୁ ଏକଥା ମଧ୍ୟ ପ୍ରମାଣିତ। ଭଲ ପ୍ରଶାସନ ପାଇଁ ପ୍ରସିଦ୍ଧି ଅର୍ଜନ କରିଥିବା ସବୁ ସଫଳ ଶାସକ ଉତ୍ତମ ଟିକସ ବ୍ୟବସ୍ଥା ସଫଳତାର ସହ କାର୍ଯ୍ୟକାରୀ କରିଯାଇଛନ୍ତି। ମୌର୍ଯ୍ୟ, ଗୁପ୍ତ, ଇଲତୁତ୍‌ମିସ୍ ଓ ଆକବରଙ୍କ ଶାସନରୁ ଏହାର ପ୍ରମାଣ ମିଳେ। ନିଜର ରାଜନୈତିକ ଶ୍ରେଷ୍ଠତା ପାଇଁ ନୁହେଁ, ବରଂ ନିଜେ ପ୍ରବର୍ତ୍ତନ କରିଥିବା ଉତ୍ତମ ଟିକସ ବ୍ୟବସ୍ଥା ପାଇଁ ଏସବୁ ଶାସକ ଖ୍ୟାତ।

ଟିକସ, ରାଜସ୍ୱ ଓ ଅଭିବୃଦ୍ଧିର ଏକ ଉତ୍ସ ହେବା ସହିତ ରାଷ୍ଟ୍ରକୁ ତାହାର ଟିକସଦାତାଙ୍କ ପ୍ରତି ଉତ୍ତରଦାୟୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରେ। ସାମାଜିକ ଲକ୍ଷ୍ୟସାଧନ ଓ ଅର୍ଥନୈତିକ ବିକାଶ ହାସଲକୁ ସଫଳ କରିବାରେ ସରକାରୀ ଅର୍ଥ ଓ ଆର୍ଥିକ ବ୍ୟବସ୍ଥା କିଭଳି ସଫଳ ତଥା ସହାୟକ ହୋଇପାରିବ ତାହା ଟିକସ ବ୍ୟବସ୍ଥା ହିଁ ନିଶ୍ଚିତ କରିଥାଏ। ଭାରତୀୟ ଟିକସ ବ୍ୟବସ୍ଥାର ଜଟିଳତା ବିଶ୍ୱର ଶ୍ରେଷ୍ଠ ଟିକସଦାତାଙ୍କ ମସ୍ତିଷ୍କକୁ ଚହଲେଇ ଦେଇଛି। ଭାରତରେ କେନ୍ଦ୍ର ସରକାର, ରାଜ୍ୟ ସରକାର, ସ୍ଥାନୀୟ ସଂସ୍ଥା ପ୍ରତ୍ୟେକ ନିଜନିଜ କ୍ଷେତ୍ରରେ ଟିକସ ପ୍ରସ୍ତୁତ କରି ସାଧାରଣ ଲୋକଙ୍କଠାରୁ ନିର୍ମାତା, ଉତ୍ପାଦକ, ବିକ୍ରେତା ସମସ୍ତଙ୍କ ଉପରେ ମନଇଚ୍ଛା ଲାଗୁ କରିବାରେ ପାରଙ୍ଗମ। ଏହି ସବୁ ଟିକସ ପୁଣି ଭଳିକି ଭଳି ନାନା କିସମର। ଆହୁରି ମଧ୍ୟ ଉତ୍ପାଦନଠାରୁ ଉପଭୋଗ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ସାମଗ୍ରୀ ଉପରେ ନାନା ପ୍ରକାର କର ଓ ଉପକର ଲାଗୁ କରାଯାଉଥିବାରୁ ଜିନିଷପତ୍ର ଉପରେ ମାତ୍ରାଧିକ ଟିକସ ବୋଝ ରହୁଥିଲା। ଏହା ଦ୍ୱାରା ମଧ୍ୟ ଟିକସ ଉପରେ ଟିକସ ଆଦାୟ କରାଯାଉଥିଲା ଏବଂ ବିଚରା ଗ୍ରାହକକୁ ଟିକସ ବୋଝ ମୁଣ୍ଡାଇବାକୁ ପଡୁଥିଲା। ଆନ୍ତଃରାଜ୍ୟ ଦ୍ରବ୍ୟ ପରିବହନ କ୍ଷେତ୍ରରେ ତନଖି ଫାଟକ ପାଖରେ ଗାଡ଼ି ଅଟକୁଥିଲା ଏବଂ ନାନା ପ୍ରକାର ଟିକସ ଆଦାୟ କରାଯାଉଥିଲା। ଏହା ଫଳରେ ଯୋଗାଣ ବ୍ୟବସ୍ଥା ବିଳମ୍ବିତ, ବ୍ୟୟବହୁଳ, ଜଟିଳ ଏବଂ ସାମଗ୍ରୀ ମହଙ୍ଗା ହେଉଥିଲା।

ନୂଆ ପରୋକ୍ଷ ଟିକସ ବ୍ୟବସ୍ଥା (ଜିଏସ୍‌ଟି)ରେ ଦେଶର ଟିକସ ବ୍ୟବସ୍ଥାକୁ ସରଳ, ସହଜ ଓ ସୁସଂହତ କରିବାକୁ ପ୍ରୟାସ କରାଯାଇଛି। ଦ୍ରବ୍ୟ ଓ ସେବା ଉପରେ ଉଭୟ ପ୍ରାଦେଶିକ ଓ କେନ୍ଦ୍ର ସ୍ତରରେ ଲାଗୁ ହେଉଥିବା ଏକାଧିକ ଟିକସର ଅବସାନ ଘଟାଇ ଗୋଟିଏ ଟିକସ ପ୍ରସ୍ତୁତ ହୋଇଛି। ଏହା ଫଳରେ ଟିକସକୁ ବହୁମୁଖୀ ଓ ବହୁପାକ୍ଷିକ କରାଯାଇ ଏକକ ଓ ଲକ୍ଷ୍ୟଭିତ୍ତିକ କରାଯାଇଛି। ଏହାର ଅର୍ଥ ଦ୍ରବ୍ୟ ଓ ସେବାକୁ ଯିଏ ଉପଯୋଗ କରିବ ବା କିଣିବ ତା'କୁ ହିଁ କେବଳ ଟିକସ ଦେବାକୁ ପଡ଼ିବ। ଉତ୍ପାଦନ ଓ ଉପଯୋଗ ବ୍ୟବସ୍ଥାରେ ଅନ୍ୟ କାହାରିକୁ ଟିକସ ବୋଝ ମୁଣ୍ଡାଇବାକୁ ପଡ଼ିବ ନାହିଁ। ଉଦାହରଣସ୍ୱରୂପ ଏଣିକି ଜିଏସ୍‌ଟି ବ୍ୟବସ୍ଥାରେ ଖଣ୍ଡିଏ ଲୁଗା କିଣିବାବେଳେ କ୍ରେତାକୁ ଏହା ଉପରେ ଟିକସ ଦେବାକୁ ପଡ଼ିବ। ପୂର୍ବରୁ ଏହି ଲୁଗାର ଉତ୍ପାଦନ, ପରିବହନ, ପ୍ୟାକେଜିଂ ଏବଂ ଶେଷରେ ଯେଉଁଠି ଏହା ବିକ୍ରି ହେଉଥିଲା ସବୁ ସ୍ତରରେ ଟିକସ ଲାଗୁଥିଲା। ଏହା ଫଳରେ ସାମଗ୍ରୀ ଉପରେ ବିଭିନ୍ନ ସ୍ତରରେ ନାନା ପ୍ରକାର ଟିକସ ଲାଗୁଥିଲା ଏବଂ ସେସବୁ ବିଷୟରେ ଅବଗତ ହେବାର ସୁଯୋଗ ନ'ପାଇ କ୍ରେତା ବା ଖାଉଟି ସବୁଟିକସ ବୋଝ ଜିନିଷ କିଣିବାବେଳେ ମୁଣ୍ଡାଉଥିଲା। ଏବେ ଏକକ ନୂଆ ଟିକସ ବ୍ୟବସ୍ଥା ହୋଇଥିବାରୁ ଜିନିଷପତ୍ର ଉପରୁ ଏକାଧିକ ଟିକସର ବୋଝ ହ୍ରାସ ପାଇବ ଏବଂ ଏହା ଶସ୍ତା ହେବ। ଜିଏସ୍‌ଟି ଏକ ସ୍ୱଚ୍ଛ, ସରଳ, ସହଜ ଓ ଏକକ କର ବ୍ୟବସ୍ଥା ହୋଇଥିବାରୁ ଏହା ସହଜରେ କାର୍ଯ୍ୟକାରୀ ହୋଇପାରିବ। ଏହାଦ୍ୱାରା ମେକ୍‌ଇନ୍‌ଇଣ୍ଡିଆ କାର୍ଯ୍ୟକ୍ରମ ଏବଂ ଭାରତରେ ଶିଳ୍ପ ବ୍ୟବସାୟ କରିବା କାର୍ଯ୍ୟକୁ ପ୍ରୋତ୍ସାହନ ମିଳିବ। ମେକ୍‌ଇନ୍ ଇଣ୍ଡିଆର ସଫଳତା ଓ ଭାରତରେ ବାଣିଜ୍ୟ ବ୍ୟବସାୟ କରିବାର ପରିବେଶ ସହଜ ହେଲେ ଭାରତୀୟ ବଜାରରେ ଉଲ୍ଲେଖନୀୟ ପରିବର୍ତ୍ତନ ଆସିବ। ଏହାଫଳରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ ବଢ଼ିବା ସହ ଭାରତୀୟ ସାମଗ୍ରୀର ଉତ୍ପାଦନ ଖର୍ଚ୍ଚ କମିବ ଏବଂ ଏହା ଆନ୍ତର୍ଜାତିକ ବଜାରରେ ସଫଳ ପ୍ରତିଯୋଗିତା ପାଇଁ ସକ୍ଷମ ହେବ। ଶସ୍ତାରେ ସାମଗ୍ରୀ ଉତ୍ପାଦନ ଘରୋଇ ବଜାରକୁ ପ୍ରୋତ୍ସାହିତ କରିବା ସହ ରପ୍ତାନୀ ବୃଦ୍ଧିରେ ସହାୟକ ହୋଇପାରିବ।

ଜିଏସ୍‌ଟି ଭଳି ଏକ ବିରାଟ ଟିକସ ବ୍ୟବସ୍ଥାକୁ ସଫଳତାର ସହ କାର୍ଯ୍ୟକାରୀ କରିବାକୁ ହେଲେ ଏହାର ପ୍ରଶାସନିକ ଭିତ୍ତି ଏବଂ ଆଇଟି ଢାଞ୍ଚାକୁ ଯଥେଷ୍ଟ ମଜବୁତ କରିବାକୁ ହେବ। ଏଥିପାଇଁ ଏକ ସ୍ୱତନ୍ତ୍ର ଜିଏସ୍‌ଟି ନେଟ୍‌ୱାର୍କ (ଜିଏସ୍‌ଟିଏନ୍) ବ୍ୟବସ୍ଥା କରାଯାଇଛି। ଆଇଟି ଭିତ୍ତିକ ଏହି ବ୍ୟାପକ ଅତ୍ୟାଧୁନିକ ନେଟ୍‌ୱାର୍କ ଜିଏସ୍‌ଟିକୁ ସଫଳ କରିବା ପାଇଁ ଏହା ମେରୁଦଣ୍ଡ ସଦୃଶ ହେବ। ନବପ୍ରବର୍ତ୍ତିତ ଜିଏସ୍‌ଟିଏନ୍ ଟିକସ ସଂସ୍କାର କ୍ଷେତ୍ରରେ ଏକ ବିରଳ ପ୍ରତିଶ୍ରୁତି ବହନ କରେ। ଏହା ଭାରତୀୟ ଅର୍ଥନୀତିରେ ନିରନ୍ତର ବିକାଶ ଆଣିବା ସହ ସାରା ଭାରତକୁ ଗୋଟିଏ ବଜାରରେ ପରିଣତ କରିବ। 'ଗୋଟିଏ ଦେଶ, ଗୋଟିଏ ଟିକସ ଓ ଗୋଟିଏ ବଜାର' ସୃଷ୍ଟିର ଯେଉଁ ସ୍ୱପ୍ନ ଭାରତରେ ଥିଲା ଜିଏସ୍‌ଟି ପ୍ରବର୍ତ୍ତନ ଫଳରେ ତାହା ବାସ୍ତବତାର ରୂପ ନେବାକୁ ଯାଉଛି।

# ଭାରତରେ ଦ୍ରବ୍ୟ ଓ ସେବା ଟିକସ: ଏକ ବୃହତ୍ ପରିବର୍ତ୍ତନ

● ଅରୁଣ ଗୋୟଲ

ଭାରତର ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ଉପସ୍ଥିତିରେ ସଂସଦ ଭବନର କେନ୍ଦ୍ରୀୟ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୁଲାଇ ପହିଲା ମଧ୍ୟରାତ୍ରରେ ଦେଶବ୍ୟାପୀ ଲାଗୁ କଲେ ଦ୍ରବ୍ୟ ଓ ସେବା ଟିକସ (ଜିଏସଟି)। 'ଗୋଟିଏ ଦେଶ, ଗୋଟିଏ ଟିକସ ଓ ଗୋଟିଏ ବଜାର' ବ୍ୟବସ୍ଥା ଆଡ଼କୁ ପଛ ପରିବର୍ତ୍ତନ କଲା ଭାରତ। ଏହା ନିଶ୍ଚିତ ରୂପେ ଏକ ଐତିହାସିକ ପଦକ୍ଷେପ। ଜିଏସଟି କାର୍ଯ୍ୟକାରୀ କରୁଥିବା ରାଷ୍ଟ୍ରଙ୍କ ଅଭିଜ୍ଞତା କହୁଛି ଏହାଦ୍ୱାରା ସମସ୍ତ ଅଂଶୀଦାରଙ୍କୁ ବହୁମୁଖୀ ସୁବିଧା ହେବ। ଭାରତୀୟ ବ୍ୟବସ୍ଥାରେ ଜିଏସଟି ଲାଗୁ ହେବା ଦ୍ୱାରା ଏହାର ସିଧାସଳଖ ସୁବିଧା ଉପଭୋକ୍ତାଙ୍କୁ ମିଳିବ। ଏକାଧିକ ଟିକସ ବ୍ୟବସ୍ଥା ଉଚ୍ଛେଦ ହେବା ଦ୍ୱାରା ଦ୍ରବ୍ୟ ଓ ସେବାର ମୂଲ୍ୟ ହ୍ରାସ ଘଟିବ। ଏପରିକି ବ୍ୟବସାୟରେ ମଧ୍ୟ ସ୍ୱଚ୍ଛତା ଆସିବ। ଦେଶବ୍ୟାପୀ ଗୋଟିଏ ଅପ୍ରତ୍ୟକ୍ଷ ଟିକସ ବ୍ୟବସ୍ଥା ଯୋଗୁଁ ବିଶେଷକରି ବାଣିଜ୍ୟ ଓ ଶିଳ୍ପ ଜଗତକୁ ମଧ୍ୟ ସୁବିଧା ମିଳିବ। ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡିଟ୍ ସୁବିଧା ସହ ଆନ୍ତରାଜ୍ୟ ଟିକସ ପ୍ରତିବନ୍ଧକ ଉଚ୍ଛେଦ ହେବ, ସାମଗ୍ରୀ ପରିବହନଗତ ସମସ୍ୟା କମିବ, ସୂଚନା ପ୍ରଯୁକ୍ତି ବ୍ୟବସ୍ଥା ଯୋଗୁଁ ଟିକସକୁ ନେଇ ରହିଥିବା ଦ୍ୱନ୍ଦ୍ୱ ମଧ୍ୟ ଦୂରୀଭୂତ ହେବ। ଉତ୍ପାଦନକାରୀମାନେ କେଉଁଠାରୁ କଞ୍ଚାମାଲ ଆଣିବେ, କେଉଁସ୍ଥାନରେ କାରଖାନା ବସାଇବେ ଓ କେଉଁଠି ଗୋଦାମ ସୁବିଧା କରିବେ ସେସବୁ କ୍ଷେତ୍ରରେ ନିଜ ନିଜର ଉନ୍ମୁକ୍ତ ନିଷ୍ପତ୍ତି ନେଇପାରିବେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଟିକସ ଅଧିକ ମିଳିବା ସହ ଏହାକୁ ଆଦାୟ କରିବା ଲାଗି ପୂର୍ବଭଳି ଅଧିକ ପରିଶ୍ରମ କରିବାକୁ ପଡିବନି। ଦ୍ରବ୍ୟ ଓ ସେବା ଗୁଡିକ ଅନ୍ୟାନ୍ୟ ଟିକସଗୁଡିକମୁକ୍ତ ହୋଇଥିବାରୁ ଆମଦାନୀ କ୍ଷେତ୍ରରେ ଅଧିକ ପ୍ରତିଦ୍ୱନ୍ଦ୍ୱିତା ବଢିବ। 'ମେକ୍ ଇନ୍ ଇଣ୍ଡିଆ' କାର୍ଯ୍ୟକ୍ରମ ଦ୍ୱାରା ସୁବିଧା ତଥା ସହଜରେ ବେପାର-ବଣିଜ କରିବା (ଇଜ୍ ଅଫ୍ ଡୁଇଙ୍ଗ୍ ବିଜ୍‌ନେସ୍) ସମ୍ଭବପର ହୋଇଥିବା ବେଳେ ସମନ୍ୱିତ ଜିଏସଟି ଯୋଗୁଁ ଶସ୍ତା ଆମଦାନୀରୁ ସୁରକ୍ଷା ମିଳିବ। ସୀମା ଶୁଳ୍କ କ୍ଷେତ୍ରରେ ମଧ୍ୟ ସୁବିଧା ମିଳିବ। ଏସବୁ ସୁବିଧା ମଧ୍ୟମ ଓ ଦୀର୍ଘକାଳୀନ ସମୟରେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)ରେ ଅଭିବୃଦ୍ଧି ଘଟାଇବ।

**ସାମ୍ବିଧାନିକ ସଂଶୋଧନର ଆବଶ୍ୟକତା:** ଯେଉଁ ରାଷ୍ଟ୍ରଗୁଡିକ ଜିଏସଟି ଲାଗୁ କରିଛନ୍ତି, ସେମାନେ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ରଖିଛନ୍ତି। ଜିଏସଟି ଏକ ଏକକ ବ୍ୟବସ୍ଥା ହୋଇଥିବାରୁ ଏଥିରେ ଟିକସ କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ଲଗାଯାଇଥାଏ। ଭାରତରେ



ତିନିଟି ମୂଳଭିତ୍ତି ଉପରେ ସନ୍ତୁଳନ ରକ୍ଷାକରି ଜିଏସଟି ପରିଷଦ ସ୍ଥିର କରିଛି ଦ୍ରବ୍ୟ ଓ ସେବା ଉପରେ ଟିକସ ସ୍ଲାବ୍‌। ତିନଟି ମୂଳକଥା ମଧ୍ୟରୁ ପ୍ରଥମତଃ ସମାଜର ଗରିବ ଓ ଦୁର୍ବଳବର୍ଗଙ୍କ ସ୍ୱାର୍ଥକୁ ସୁରକ୍ଷିତ ତଥା ସୁନିଶ୍ଚିତ କରିବା। ଗଣ ଉପଭୋଗ୍ୟ ଦ୍ରବ୍ୟ ଓ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ସିଂହଭାଗ ଲୋକଙ୍କ କ୍ରୟକ୍ଷମତା ସ୍ତର ଭିତରେ ରଖିବା। ଯେଭଳି ଏହା ସବୁଠାରୁ କମ୍‌ ରୁହେ। ଦ୍ୱିତୀୟତଃ ରାଜ୍ୟ ଓ କେନ୍ଦ୍ରର ମୋଟ ରାଜସ୍ୱ ଆୟକୁ ସୁନିଶ୍ଚିତ ତଥା ସୁରକ୍ଷିତ କରିବା। ତୃତୀୟତଃ ବର୍ତ୍ତମାନର ଟିକସ ବ୍ୟବସ୍ଥା ଭଳି ଦ୍ରବ୍ୟ ଓ ସେବାଗୁଡିକ ଉପରେ ଟିକସ ବାରମ୍ବାର ହ୍ରାସ-ବୃଦ୍ଧି ନଘଟିବା। ଯେଭଳି ଟିକସ ସ୍ଥିର ରହିବ ସେଥିଲାଗି ପ୍ରଯତ୍ନ କରାଯାଇଛି। ଏସବୁ କାରଣକୁ ଦୃଷ୍ଟିରେ ରଖି ଜିଏସଟି ପରିଷଦ ୫%, ୧୨%, ୧୮% ଓ ୨୮ % ଭଳି ବିଭିନ୍ନ ସାମଗ୍ରୀ ଓ ସେବା ଉପରେ ଟିକସ ସ୍ଥିର କରିଛି। ଏହାବ୍ୟତୀତ କେତେକ ସାମଗ୍ରୀ ଉପରୁ ଟିକସ ଉଠାଇ ଦେଇଛି।

ଜିଏସଟି ଲାଗୁ ଦ୍ୱାରା ଏକ ସମ୍ବିଧାନ ସଂଶୋଧନର ଆବଶ୍ୟକତା ରହିଥିଲା। କେନ୍ଦ୍ର ଓ ରାଜ୍ୟଙ୍କ ମଧ୍ୟରେ କେତେକ ବିଷୟକୁ ନେଇ ଦୁଇଟି ତାଲିକା ଯଥା ୟୁନିୟନ୍‌ ଲିଷ୍ଟ (କେନ୍ଦ୍ର ତାଲିକା) ଓ ଷ୍ଟେଟ୍‌ ଲିଷ୍ଟ (ରାଜ୍ୟ ତାଲିକା) ସ୍ପଷ୍ଟ ଭାବେ ସ୍ଥିରୀକୃତ ରହିଛି। ସାମଗ୍ରୀ ଉତ୍ପାଦନ ( ମଦ, ଅଫିମ ଓ ନିଶାଦ୍ରବ୍ୟ ଆଦି ବ୍ୟତୀତ) ଉପରେ ଟିକସ ଲାଗୁ କରିବା କେନ୍ଦ୍ରର ଅଧିକାର ପରିସରଭୁକ୍ତ। ସେହିଭଳି ସାମଗ୍ରୀ ବିକ୍ରି ଉପରେ ଟିକସ ଲାଗୁ କରିବା ରାଜ୍ୟଗୁଡିକଙ୍କ କ୍ଷମତା ପରିସରଭୁକ୍ତ। ଆନ୍ତରାଜ୍ୟ ବିକ୍ରି କ୍ଷେତ୍ର ଉପରେ ଟିକସ (କେନ୍ଦ୍ରୀୟ ବିକ୍ରି କର) ଲାଗୁ କ୍ଷମତା କେବଳ କେନ୍ଦ୍ର ସରକାରଙ୍କର ରହିଛି; କିନ୍ତୁ ଏହି ଟିକସ ସଂଗ୍ରହ ଓ ରଖିବା ରାଜ୍ୟମାନଙ୍କ ଉପରେ ନ୍ୟସ୍ତ କରାଯାଇଛି। ମାତ୍ର ସେବା କ୍ଷେତ୍ରରେ ସେବା ଟିକସ ଲାଗୁ କ୍ଷମତା କେବଳ କେନ୍ଦ୍ରର ରହିଛି। ଉଭୟ ସ୍ତରରେ ସରକାର ଏହା ଉପରେ କାର୍ଯ୍ୟ କରିବାର ଉତ୍ତରଦାୟିତ୍ୱ ରହିଛି। କେନ୍ଦ୍ର-ରାଜ୍ୟ କ୍ଷମତା ବିଭାଜନ ନେଇ ସମ୍ବିଧାନରେ ଉଲ୍ଲେଖିତ ବ୍ୟବସ୍ଥା ଅନୁସାରେ ଉଭୟ ସମ୍ବଳ ବୃଦ୍ଧି କରିବେ। ଅତଏବ, କେନ୍ଦ୍ର ଓ ରାଜ୍ୟଙ୍କୁ ଟିକସ ସଂଗ୍ରହ କ୍ଷମତା ପ୍ରଦାନ କରିବା ଲାଗି ସମ୍ବିଧାନରେ ଏକ ସଂଶୋଧନ କରିବାର ଆବଶ୍ୟକତା ପଡିଲା। ବିତ୍ତୀୟ ସଂଘୀୟ ପରିଚାଳନାକୁ ଦୃଷ୍ଟିରେ ରଖି ସମ୍ବିଧାନର ଆବଶ୍ୟକତା ଅନୁଯାୟୀ ଭାରତରେ ଦ୍ୱୈତ ଜିଏସଟି ବ୍ୟବସ୍ଥା ପ୍ରଚଳନ କରାଯାଇଛି।

**ଭାରତରେ ଜିଏସଟିର ଯାତ୍ରା:**

ପୃଥିବୀର ୧୬୦ଟି ରାଷ୍ଟ୍ର ଜିଏସଟି ବ୍ୟବସ୍ଥା ଆରମ୍ଭ କରିଛନ୍ତି। ଫ୍ରାନ୍ସ ହେଉଛି ପ୍ରଥମ ରାଷ୍ଟ୍ର ଯିଏ ୧୯୫୪ ମସିହାରେ ଜିଏସଟି ଲାଗୁ କରିଥିଲା। ଅର୍ଥନୀତିକୁ ଜିଏସଟି ଏକାଧିକ ସୁବିଧା ପହଞ୍ଚାଉଥିବାବେଳେ କିଛି ବର୍ଷ ହେଲା ଏହାକୁ ଦେଶର ଏକ ରାଜନୈତିକ ଏଜେଣ୍ଡା ଭାବେ ନିଆଯାଇଥିଲା। ଭାରତରେ ଜିଏସଟି ଆରମ୍ଭର ଏକ ଦୀର୍ଘକାଳୀନ ଯାତ୍ରା ରହିଛି। ଜିଏସଟି ଲାଗୁ କ୍ଷେତ୍ରରେ ବର୍ଷବର୍ଷ ଧରି ଏକାଧିକ ରାଜନେତା, ଅର୍ଥନୈତିକ ଚିନ୍ତାଶୀଳ ବ୍ୟକ୍ତିତ୍ୱ ଏବଂ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରରେ ଥିବା ଅଧିକାରୀଗଣଙ୍କ ସମ୍ମିଳିତ ଉଦ୍ୟମର ଫଳ। ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସରକାର ଅମଳରେ ପ୍ରଥମେ ୨୦୦୦ ମସିହାରେ ଜିଏସଟିକୁ ନେଇ ବିଚାର ବିମର୍ଶ ଆରମ୍ଭ ହୋଇଥିଲା। ତତ୍କାଳୀନ ପଶ୍ଚିମବଙ୍ଗ ଅର୍ଥମନ୍ତ୍ରୀ ଅସୀମ ଦାସଗୁପ୍ତାଙ୍କ ନେତୃତ୍ୱରେ ବାଜପେୟୀ ଏକ କମିଟି ଗଠନ କରିଥିଲେ। ଏହି କମିଟିକୁ ଜିଏସଟିର ଏକ ମଡେଲ ପ୍ରସ୍ତୁତ କରିବା ଲାଗି କୁହାଯାଇଥିଲା। ୨୦୦୩ରେ ବାଜପେୟୀ ସରକାର ଏଥିଲାଗି ଆବଶ୍ୟକ ଟିକସ ସଂସ୍କାର ଲାଗି ବିଜୟ କେଲ୍‌କରଙ୍କ ଅଧ୍ୟକ୍ଷତାରେ ଅନ୍ୟଏକ ଟାସ୍କଫୋର୍ସ ଗଠନ କରାଇଥିଲେ। ୨୮ ଫେବୃୟାରୀ ୨୦୦୬ରେ ତତ୍କାଳୀନ ଅର୍ଥମନ୍ତ୍ରୀ ତାଙ୍କ ୨୦୦୬-୦୭ ବଜେଟ୍‌ ଆଗତ ବେଳେ ଜିଏସଟି ଏପ୍ରିଲ ପହିଲା ୨୦୧୦ରୁ ଲାଗୁ ହେବ ବୋଲି କହିଥିଲେ। ରାଜ୍ୟମାନଙ୍କରେ ଭାଟ୍‌ (ମୂଲ୍ୟଯୁକ୍ତ ଟିକସ) ଲାଗୁ କରିଥିବା ରାଜ୍ୟ ଅର୍ଥମନ୍ତ୍ରୀମାନଙ୍କୁ ନେଇ ଗଠିତ କ୍ଷମତା ସଂପନ୍ନ କମିଟିକୁ ମଧ୍ୟ ଜିଏସଟି ନକ୍ସା ପ୍ରସ୍ତୁତିରେ ସହଯୋଗ କରିବାକୁ ଅନୁରୋଧ କରାଯାଇଥିଲା। ଜିଏସଟିର ବିଭିନ୍ନ ଦିଗ ଯଥା କେଉଁ ସାମଗ୍ରୀକୁ ଜିଏସଟି ପରିସରରୁ ବାଦ୍‌ ଦେବା ଓ କେଉଁ ସାମଗ୍ରୀ ଓ ସେବାକୁ କେତେ ଟିକସ ସ୍ଲାବ୍‌ରେ ସାମିଲ କରିବା, ଆନ୍ତରାଜ୍ୟ ସାମଗ୍ରୀ ଯୋଗାଣ ଲାଗି କିଭଳି ଟିକସ ବ୍ୟବସ୍ଥା କରାଯିବ ଆଦି ଏକାଧିକ ପ୍ରସଙ୍ଗ ଉପରେ ବିଚାର ବିମର୍ଶ କରିବା ଲାଗି କେନ୍ଦ୍ର ଓ ରାଜ୍ୟଗୁଡିକର ବରିଷ୍ଠ ପଦାଧିକାରୀଙ୍କୁ ନେଇ ଏକ କାର୍ଯ୍ୟକାରୀ କମିଟି ମଧ୍ୟ ଗଢାଯାଇଥିଲା। ବିସ୍ତୃତ ଆଲୋଚନା ଉପରେ କ୍ଷମତା ସଂପନ୍ନ କମିଟି (ଇସି) ୨୦୦୯ ନଭେମ୍ବରରେ ତା'ର ପ୍ରଥମ ଆଲୋଚନାମୂଳକ ରିପୋର୍ଟ (ଏଫଡିପି) ପ୍ରକାଶ କରିଥିଲା। ପ୍ରସ୍ତାବିତ ଜିଏସଟି ସଂପର୍କରେ ଏହି ଏଫଡିପିରେ ଅନେକ କଥା ଉଲ୍ଲେଖ ଥିଲା। ସଂପ୍ରତି ଯେଉଁ ଜିଏସଟି ବ୍ୟବସ୍ଥା ଲାଗୁ କରାଯାଇଛି; ତାହା ଏଫଡିପିର ମୂଳଭିତ୍ତି ଉପରେ ହିଁ ପର୍ଯ୍ୟବେଶିତ।

ଜିଏସଟି ଲାଗୁ କରିବା ଲାଗି ସମ୍ବିଧାନ ସଂଶୋଧନ ଆବଶ୍ୟକ ଥିବା ଯୋଗୁଁ ଏହା ଉପରେ ଦୀର୍ଘବର୍ଷ ଧରି ଏକ ରାଜନୈତିକ ସର୍ବସମ୍ମତି ଆସିପାରିଲା ନାହିଁ। ୨୦୧୪ରେ କେନ୍ଦ୍ରରେ ସରକାର ପରିବର୍ତ୍ତନ ହେବାପରେ ଜିଏସଟି ଲାଗୁ କରିବା ନେଇ ପଦକ୍ଷେପ ଗତି ଧରିଥିଲା। ୧୨୨ତମ ସମ୍ବିଧାନ ସଂଶୋଧନ ବିଲ୍‌-୨୦୧୪କୁ ମୋଦି ସରକାର ୧୯ ଡିସେମ୍ବର ୨୦୧୪ରେ ଲୋକସଭାରେ ଆଗତ କରିଥିଲେ। ମେ ୨୦୧୫ରେ ଏହା ଲୋକସଭାରେ ଗୃହୀତ ହୋଇଥିଲା। ରାଜ୍ୟସଭାରେ ମଧ୍ୟ ଏହି ବିଧେୟକ

ଆଗତ କରାଯାଇଥିଲା। ଏହାକୁ ରାଜ୍ୟସଭା ଓ ଲୋକସଭାର ଯୁଗ୍ମ ନିର୍ବାଚିତ ସମିତି (ଜଏଣ୍ଟ ସିଲେକ୍ଟ କମିଟି)କୁ ୧୪ ମେ ୨୦୧୫ରେ ପଠାଯାଇଥିଲା। ୨୨ ଜୁଲାଇ ୨୦୧୫ରେ କମିଟି ରିପୋର୍ଟ ଦାଖଲ କରିଥିଲା। ଏହାପରେ ବିଧେୟକ ଉପରେ ଗତି ଜୋର ଧରିଥିଲା। ସର୍ବସମ୍ମତି ଆସୁଥିବା ଦେଖି ସରକାର ପୁନଃ ସଂଶୋଧିତ ସମ୍ବିଧାନ ସଂଶୋଧନ ବିଲ୍‌କୁ ଅଗଷ୍ଟ ପହିଲା ୨୦୧୬ରେ ଆଗତ କରିଥିଲେ। ବିଧେୟକଟି ୩ ଅଗଷ୍ଟ ୨୦୧୬ରେ ରାଜ୍ୟସଭାରେ ଓ ୮ ଅଗଷ୍ଟ ୨୦୧୬ରେ ଗୃହୀତ ହୋଇଥିଲା। ପରବର୍ତ୍ତୀ ସମୟରେ ଏକାଧିକ ରାଜ୍ୟଙ୍କ ଦ୍ୱାରା ସଂଶୋଧନ ପ୍ରସ୍ତାବ ଗୃହୀତ ଓ ରାଷ୍ଟ୍ରପତିଙ୍କ ଅନୁମତି ପରେ ୮ ସେପ୍ଟେମ୍ବର ୨୦୧୬ରେ ସମ୍ବିଧାନ ସଂଶୋଧନ ବିଧେୟକ (୧୦୧ ସଂଶୋଧନ) ଆଇନ ୨୦୧୬ ଉପରେ ବିଜ୍ଞପ୍ତି ଜାରି କରାଯାଇଥିଲା। ଏହି ଅନୁମୋଦନ ପରେ ଦ୍ରବ୍ୟ ଓ ସେବା ଟିକସ ବ୍ୟବସ୍ଥାକୁ ଭାରତ ବ୍ୟାପୀ ସରକାର ଲାଗୁ କରିଥିଲେ।

**ସମ୍ବିଧାନ (୧୦୧ତମ ସଂଶୋଧନ) ଆଇନ ୨୦୧୬:**

ଜିଏସଟି କ୍ଷେତ୍ରରେ ଟିକସ ଲାଗୁ ଓ ସଂଗ୍ରହ ନେଇ କେନ୍ଦ୍ର ଓ ରାଜ୍ୟକୁ ଅଧିକୃତ କ୍ଷମତା ଦିଆଯିବା ଲାଗି ସମ୍ବିଧାନ ସଂଶୋଧନ ଜରୁରୀ ଥିଲା। ସେଥିଲାଗି ସମ୍ବିଧାନର ୧୦୧ତମ ସଂଶୋଧନ ଆଇନ ୨୦୧୬ ସରକାର କରିଥିଲେ। ସାମଗ୍ରୀ କିମ୍ବା ସେବା ଅଥବା ଉଭୟ ଯୋଗାଣ ଉପରେ ଆଦାୟ କରାଯିବାକୁ ଥିବା ଟିକସ ହେଉଛି ଜିଏସଟି। ତେବେ ମଣିଷ ବ୍ୟବହାର କରୁଥିବା ଆଲକହଲଯୁକ୍ତ ମଦ ବା ପାନୀୟକୁ ଜିଏସଟିରୁ ବାହାରେ ରଖାଯାଇଛି। ସମ୍ବିଧାନରେ ଜିଏସଟିକୁ ନେଇ ନିରୂପିତ ସଂଜ୍ଞାରେ ଏହି ସାମଗ୍ରୀକୁ ବାଦ୍ ଦିଆଯାଇଛି। ଅନ୍ୟପକ୍ଷରେ ପେଟ୍ରୋଲିୟମ କ୍ରୁଡ୍, ମୋଟର ସ୍ପିରିଟ୍ (ପେଟ୍ରୋଲ), ହାଇସ୍ପିଡ୍ ଡିଜେଲ, ପ୍ରାକୃତିକ ବାଷ୍ପ ଓ ବିମାନ ଚଳାଚଳ ଟର୍ବାଇନ ଇନ୍ଧନ ଆଦି ୫ଟି ପେଟ୍ରୋଲଜାତ ସାମଗ୍ରୀକୁ ସାମୟିକ ସମୟ ଲାଗି ଜିଏସଟି ପରିସରରୁ ବାଦ୍ ଦିଆଯାଇଛି। ଜିଏସଟିରେ ଏହି ୫ଟି ସାମଗ୍ରୀକୁ ସାମିଲ କରିବା ଲାଗି ଜିଏସଟି ପରିଷଦ ହିଁ ଆଗକୁ ନିଷ୍ପତ୍ତି ନେବ।

ରାଜ୍ୟ-ରାଜ୍ୟ ମଧ୍ୟରେ ଦ୍ରବ୍ୟ ଯୋଗାଣ ଓ ସେବା ପ୍ରଦାନ ଲାଗି ଏକ ସମନ୍ୱିତ ଜିଏସଟି (ଆଇଜିଏସ୍‌ଟି) ଟିକସ ଲାଗୁ ହୋଇଛି ଓ ଏହାକୁ କେନ୍ଦ୍ର ସଂଗ୍ରହ କରିବ। କହିବାକୁ ଗଲେ ଜିଏସଟି ହେଉଛି ଏକ ଉପଭୋଗ୍ୟ ନିର୍ଦ୍ଧାରିତ ଟିକସ।

**ଜିଏସଟି ପରିଷଦ:**

ଜିଏସଟି ପରିଷଦ ଲାଗି ସମ୍ବିଧାନ ସଂଶୋଧନରେ ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ରହିଛି। କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଅଧକ୍ଷତାରେ ଗଠିତ ପରିଷଦରେ କେନ୍ଦ୍ର ରାଜସ୍ୱ ରାଷ୍ଟ୍ରମନ୍ତ୍ରୀ ଓ ୨୯ଟି ରାଜ୍ୟ ଓ ଦିଲ୍ଲୀ ଓ ପୁଡୁଚେରୀ ସହ ୨ଟି କେନ୍ଦ୍ରଶାସିତ ଅଞ୍ଚଳର ଅର୍ଥମନ୍ତ୍ରୀମାନେ ଏହାର ସଦସ୍ୟ ରହିବେ। ଭାରତ ଭିତରେ ଜାତୀୟ ବଜାରର ଦ୍ରବ୍ୟ ଓ ସେବାର ବଜାରକୁ ସ୍ଥିର ରଖିବାକୁ କେନ୍ଦ୍ର ଓ ରାଜ୍ୟମାନଙ୍କ ମଧ୍ୟରେ ଉତ୍ତମ ତାଳମେଳ ତଥା ସମନ୍ୱୟ ରଖିବ ଏହି ଜିଏସଟି ପରିଷଦ। ଏହାହିଁ ପରିଷଦର ସବୁଠୁ ପ୍ରମୁଖ ମାର୍ଗଦର୍ଶିକା। କେନ୍ଦ୍ର ଓ ରାଜ୍ୟଙ୍କୁ ଏହି ପରିଷଦ ଏକାଧିକ ସୁପାରିସ ମଧ୍ୟ କରିବ। ସେଗୁଡ଼ିକ ମଧ୍ୟରେ:

୧– କେନ୍ଦ୍ର, ରାଜ୍ୟ ଓ ସ୍ଥାନୀୟ ସଂସ୍ଥାଗୁଡ଼ିକ ଦ୍ୱାରା ଲାଗୁ ଟିକସ, ଉପକର, ଅତିରିକ୍ତ କର ଗୁଡ଼ିକ ଜିଏସଟିରେ ସନ୍ନିବେଶିତ,

୨– ଜିଏସଟି ଅନ୍ତର୍ଭୁକ୍ତ ଓ ଜିଏସଟି ବାହାରେ ଥିବା ଦ୍ରବ୍ୟ ଓ ସେବା,

୩– ପେଟ୍ରୋଲିୟମ ଅବଶେଷ, ପଟ୍ରୋଲ, ଡିଜେଲ, ପ୍ରାକୃତିକ ବାଷ୍ପ ଓ ବିମାନ ଟର୍ବାଇନ୍ ଇନ୍ଧନ ଉପରେ ଜିଏସଟି ଲାଗିବା ଉଚିତ କି ନୁହେଁ,

୪– ମଡେଲ ଜିଏସଟି ଆଇନ, ଟିକସ ସର୍ତ୍ତାବଳୀ, ଆଇଜିଏସଟି ଲାଗି , ଯୋଗାଣ କ୍ଷେତ୍ରର ବ୍ୟବସ୍ଥା,

୫–ଦ୍ରବ୍ୟ ଓ ସେବାର କାରବାରର ସର୍ବୋଚ୍ଚ/ ସର୍ବନିମ୍ନ ସୀମା ଜିଏସଟିରୁ ବାଦ୍ ପଡ଼ିପାରେ,

୬ ଏକାଧିକ ଜିଏସଟି ବ୍ୟାଣ୍ଡ ଉପରେ ସର୍ବନିମ୍ନ ଦର;

୭–ପ୍ରାକୃତିକ ଆପଦା କିମ୍ବା ବିପର୍ଯ୍ୟୟ ସମୟରେ ଅତିରିକ୍ତ ସମ୍ବଳ ସୃଷ୍ଟିଲାଗି କୌଣସି ସ୍ୱତନ୍ତ୍ର ଦର ବା ମୂଲ୍ୟ ସ୍ଥିର କରିବା;

୮– ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ, ଜମ୍ମୁ-କାଶ୍ମୀର, ହିମାଚଳପ୍ରଦେଶ ଓ ଉତ୍ତରାଖଣ୍ଡ ଭଳି ରାଜ୍ୟଙ୍କୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ବ୍ୟବସ୍ଥା କରିବା; ଏବଂ ଅନ୍ୟାନ୍ୟ କୌଣସି ପ୍ରସଙ୍ଗରେ ନିଷ୍ପତ୍ତି ଜିଏସଟି ପରିଷଦ ହିଁ କରିପାରିବ।

ସାମ୍ବିଧାନିକ ସଂଶୋଧନରେ ଜିଏସଟି ପରିଷଦକୁ ଏଭଳି କ୍ଷମତା ଦିଆଯାଇଛି ଯେ ପରିଷଦ ସମସ୍ତ ପ୍ରକାର ନିଷ୍ପତ୍ତି ନେଇପାରିବ। ତେବେ ଏଥିଲାଗି ପରିଷଦର ତିନି-ଚତୁର୍ଥାଂଶ ସଦସ୍ୟଙ୍କ ସମର୍ଥନ ଜରୁରୀ। ପରିଷଦ ବୈଠକରେ କେନ୍ଦ୍ର ସରକାରଙ୍କର ଏକତୃତୀୟାଂଶ ଭୋଟ ଥିବାବେଳେ ରାଜ୍ୟମାନଙ୍କର ସମସ୍ତ ଭୋଟର ପରିମାଣ ଦୁଇ-ତୃତୀୟାଂଶ। ଜିଏସଟି ପରିଷଦର ବୈଠକରେ ଫୋରମ ଲାଗି ମୋଟ ସମସ୍ୟଙ୍କ ମଧ୍ୟରୁ ଅତିକମ୍‌ରେ ଅଧା ରହିବା ଜରୁରୀ। ଏଭଳି ବ୍ୟବସ୍ଥା ଏଇଥିଲାଗି କରାଯାଇଛି ଯେ ସମସ୍ତ ରାଜ୍ୟ ଏକାକୀ ମିଳିତ ହୋଇ ଚାହିଁଲେ କିମ୍ବା କେନ୍ଦ୍ର ଏକାକୀ ଇଚ୍ଛା କଲେ ମଧ୍ୟ କୌଣସି ଏକଚାଟିଆ ନିଷ୍ପତ୍ତି ନେଇପାରିବେ। କେନ୍ଦ୍ର ସରକାରଙ୍କର ଏକାକୀ ମାତ୍ର ୩୩ ପ୍ରତିଶତ ଭୋଟ ରହିଥିବାବେଳେ ବୃହତ୍ ରାଜ୍ୟମାନଙ୍କ ସହମତି ବିନା କେନ୍ଦ୍ର ଏକୁଟିଆ ପରିଷଦରେ କୌଣସି ନିଷ୍ପତ୍ତି ନେଇପାରିବନି। ବର୍ତ୍ତମାନ ପର୍ଯ୍ୟନ୍ତ କେନ୍ଦ୍ର ଓ ସବୁ ରାଜ୍ୟଙ୍କ ସର୍ବସମ୍ମତି ପରେ ଏସବୁ ସାମଗ୍ରୀ ଓ ସେବା ଉପରେ ଟିକସ ହାର ଧାର୍ଯ୍ୟ କରିଛି। ନିଷ୍ପତ୍ତିରେ ସମସ୍ତଙ୍କ ସମର୍ଥନ ଥିବାରୁ ପରିଷଦ ଲାଗି କୌଣସି ଭୋଟିଂ (ମତଦାନ) କରିବାକୁ ପଡ଼ିନି।

**ଜିଏସଟି ପରିଷଦର କାର୍ଯ୍ୟ:**

ଜୁଲାଇ ପହିଲା ୨୦୧୭ରେ ଦେଶବ୍ୟାପୀ ଜିଏସଟି ଲାଗୁ ହେବା ପୂର୍ବରୁ ପରିଷଦ ୧୮ଟି ବୈଠକ କରିସାରିଛି। ଗୋଟିଏ ସମୟରେ ଏକାଧିକ ପ୍ରସଙ୍ଗରେ ସର୍ବସମ୍ମତି ଆଣିବା




ନିଶ୍ଚିତ ରୂପେ ଏକ ପ୍ରଶଂସନୀୟ କାର୍ଯ୍ୟ ବୋଲି କୁହାଯାଇପାରେ। କେନ୍ଦ୍ରୀୟ ଜିଏସଟି, ରାଜ୍ୟ ଜିଏସଟି, କେନ୍ଦ୍ରଶାସିତ ଜିଏସଟି ଏବଂ ରାଜ୍ୟମାନଙ୍କୁ କ୍ଷତିପୂରଣ ତଥା ଜିଏସଟି ସଂକ୍ରାନ୍ତ ସଂଖ୍ୟାଧିକ ନିୟମ କାନୁନ୍‌କୁ ପରିଷଦ ତା'ର କେତୋଟି ବୈଠକରେ ସ୍ଥିର କରିବା ଥିଲା ଏକ କଷ୍ଟକର ବ୍ୟାପାର। କେନ୍ଦ୍ର-ରାଜ୍ୟ ଟିକସ ଆବଣ୍ଟନ ସମେତ ଟିକସଦାତାଙ୍କ ମଧ୍ୟରେ ପ୍ରାଶାସନିକ ବିଭାଜନ ସବୁଠାରୁ ଥିଲା ବଡ଼ ଆହ୍ୱାନ। କିଏ କେତେ ଦେବ ଓ ନେବ ତାହା ସ୍ଥିର କରିବା ଥିଲା କଠିନ ବ୍ୟାପାର। ବିଭିନ୍ନ ରାଜ୍ୟରେ ମୂଲ୍ୟଯୁକ୍ତ କର (ଭାଟ୍) ଭିନ୍ନ ଭିନ୍ନ ଥିବାରୁ ସମସ୍ତେ ଏହାକୁ ଉଚ୍ଛେଦ କରି ଏକାଧିକ ଦ୍ରବ୍ୟ ଓ ସେବା ଲାଗି ନିର୍ଦ୍ଧାରିତ ସ୍ଲାବ୍‌ରେ ଟିକସ ସ୍ଥିର ଉପରେ ସର୍ବସମ୍ମତ ନିଷ୍ପତ୍ତି ହେବା ବଡ଼ ସଫଳତା। ନବଗଠିତ ସାମ୍ବିଧାନିକ ସଂସ୍ଥା ଜିଏସଟି ପରିଷଦ ସଂଘୀୟ ସହଭାଗିତାର ଏକ ନୂଆ ମଡେଲ ବୋଲି କୁହାଯାଇପାରେ। ଏଠାରେ ଉଭୟ କେନ୍ଦ୍ର ଓ ରାଜ୍ୟମାନେ ନିଜ ନିଜର ସାର୍ବଭୌମତ୍ୱକୁ ବଜାୟ ରଖିବା ସହିତ ପରିସ୍ପରକୁ ଆର୍ଥିକ ଫାଇଦା ଦେବାକୁ ରାଜି ହେବା ପଛରେ ଜିଏସଟି ପରିଷଦର ଭୂମିକା ସବୁଠୁ ମହତ୍ତ୍ୱପୂର୍ଣ୍ଣ। ଟିକସ ଆବଣ୍ଟନ ସଂକ୍ରାନ୍ତ ସର୍ବସମ୍ମତ ନିଷ୍ପତ୍ତି ଓ କେନ୍ଦ୍ର-ରାଜ୍ୟ-ରାଜ୍ୟଙ୍କ ମଧ୍ୟରେ ସହଭାଗିତା ଲାଗି ଏକତ୍ୱ ଭାବ ଭାରତୀୟ ଗଣତନ୍ତ୍ରକୁ ପୁଣିଥରେ ମଜବୁତ କରିବାର ପ୍ରମାଣ ଦେଇଛି।

**ରାଜ୍ୟମାନଙ୍କୁ କ୍ଷତିପୂରଣ:**

ଯେହେତୁ ଜିଏସଟି ଏକ ଲକ୍ଷ୍ୟଭିତ୍ତିକ ଟିକସ ବ୍ୟବସ୍ଥା, ସେଥିଲାଗି ଅଧିକାଂଶ ରାଜ୍ୟଙ୍କ ମନରେ ବିଶେଷକରି ଉତ୍ପାଦନକାରୀ ରାଜ୍ୟଗୁଡିକଙ୍କ ଭିତରେ ଟିକସ କ୍ଷତି ଆଶଙ୍କା ଉପୁଜିବା ସ୍ୱାଭାବିକ। ଜିଏସଟି ଲାଗୁ ହେବା ଦ୍ୱାରା ଏହିସବୁ ରାଜ୍ୟ ଆର୍ଥିକ ଭାବେ କ୍ଷତିଗ୍ରସ୍ତ ହେବା ଆଶଙ୍କା କରୁଥିଲେ। ତେଣୁ ଏହାର ଭରଣା ନେଇ ସେମାନଙ୍କର ଚିନ୍ତା ଥିଲା। ଅତଏବ, ସମ୍ବିଧାନର (୧୦୧ତମ ସଂଶୋଧନ) ଆଇନ ୨୦୧୬ରେ ଜିଏସଟି ଲାଗୁ ଯୋଗୁଁ ରାଜ୍ୟଙ୍କ ଟିକସ କ୍ଷତି ଭରଣା (କ୍ଷତିପୂରଣ) ବ୍ୟବସ୍ଥା ଆଗାମୀ ୫ ବର୍ଷ ଲାଗି ରଖାଯାଇଛି। ଜିଏସଟି ପରିଷଦର ସୁପାରିସ ଅନୁଯାୟୀ, ଦ୍ରବ୍ୟ ଓ ସେବା ଟିକସ (ରାଜ୍ୟଙ୍କୁ

କ୍ଷତିପୂରଣ), ଆଇନ ୨୦୧୭ ଲାଗୁ କରାଯାଇଛି। ୨୦୧୫-୧୬ ବର୍ଷକୁ ରାଜସ୍ୱର ଆରମ୍ଭ ବର୍ଷ ଭାବେ ଗ୍ରହଣ କରାଯାଇ କ୍ଷତିପୂରଣ ଆଇନ କରାଯାଇଛି। ଏହାବ୍ୟତୀତ ବାର୍ଷିକ ୧୪ ପ୍ରତିଶତର ଆଶିଂକ ଅଭିବୃଦ୍ଧି ଲାଗି ଅର୍ଥ ଦିଆଯିବା ବ୍ୟବସ୍ଥା ହୋଇଛି। ଯଦି ରାଜ୍ୟମାନଙ୍କର ଆର୍ଥିକ କ୍ଷତି ଘଟେ, ତେବେ ସେମାନଙ୍କୁ କ୍ଷତିପୂରଣ ପ୍ରଦାନ ଲାଗି ସମ୍ବଳ ସଂଗ୍ରହ କରିବା ପାଇଁ ଉପକର ଲାଗୁ ବ୍ୟବସ୍ଥା ରହିଛି। ବିଶେଷକରି ବିଳାସପୂର୍ଣ୍ଣ ସାମଗ୍ରୀ ଓ କ୍ଷତିକାରୀ ଦ୍ରବ୍ୟ ଉପରେ ଏହି ଉପକର ଲାଗୁ କରାଯିବ।

**ଟିକସ ହାର ସ୍ଥିର:**

ତିନିଟି ମୂଳଭିତ୍ତି ଉପରେ ସନ୍ତୁଳନ ରକ୍ଷାକରି ଜିଏସଟି ପରିଷଦ ସ୍ଥିର କରିଛି ଦ୍ରବ୍ୟ ଓ ସେବା ଉପରେ ଟିକସ ସ୍ଲାବ୍। ତିନଟି ମୂଳକଥା ମଧ୍ୟରୁ ପ୍ରଥମତଃ ସମାଜର ଗରିବ ଓ ଦୁର୍ବଳବର୍ଗଙ୍କ ସ୍ୱାର୍ଥକୁ ସୁରକ୍ଷିତ ତଥା ସୁନିଶ୍ଚିତ କରିବା। ଗଣ ଉପଭୋଗ୍ୟ ଦ୍ରବ୍ୟ ଓ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ସିଂହଭାଗ ଲୋକଙ୍କ କ୍ରୟକ୍ଷମତା ସ୍ତର ଭିତରେ ରଖିବା। ଯେଭଳି ଏହା ସବୁଠାରୁ କମ୍ ରୁହେ। ଦ୍ୱିତୀୟତଃ ରାଜ୍ୟ ଓ କେନ୍ଦ୍ରର ମୋଟ ରାଜସ୍ୱ ଆୟକୁ ସୁନିଶ୍ଚିତ ତଥା ସୁରକ୍ଷିତ କରିବା। ତୃତୀୟତଃ ବର୍ତ୍ତମାନର ଟିକସ ବ୍ୟବସ୍ଥା ଭଳି ଦ୍ରବ୍ୟ ଓ ସେବାଗୁଡିକ ଉପରେ ଟିକସ ବାରମ୍ବାର ହ୍ରାସ-ବୃଦ୍ଧି ନଘଟିବା। ଯେଭଳି ଟିକସ ସ୍ଥିର ରହିବ ସେଥିଲାଗି ପ୍ରଯତ୍ନ କରାଯାଇଛି। ଏସବୁ କାରଣକୁ ଦୃଷ୍ଟିରେ ରଖି ଜିଏସଟି ପରିଷଦ ୫%, ୧୨%, ୧୮% ଓ ୨୮ % ଭଳି ବିଭିନ୍ନ ସାମଗ୍ରୀ ଓ ସେବା ଉପରେ ଟିକସ ସ୍ଥିର କରିଛି। ଏହାବ୍ୟତୀତ କେତେକ ସାମଗ୍ରୀ ଉପରୁ ଟିକସ ଉଠାଇ ଦେଇଛି।

**ମଧ୍ୟମ ଓ କ୍ଷୁଦ୍ର ଉଦ୍ୟୋଗୀଙ୍କୁ ସହାୟତା:**

କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀଙ୍କ ସ୍ୱାର୍ଥକୁ ମଧ୍ୟ ଜିଏସଟି ପରିଷଦରେ ଗୁରୁତ୍ୱ ଦିଆଯାଇଛି। ବିଶେଷକରି ଏହି ଦୁଇଟି ଉଦ୍ୟୋଗ ଲାଗି ଜିଏସଟି ପରିଷଦ ଏକାଧିକ ବ୍ୟବସ୍ଥା କରିଛନ୍ତି। ଆଇନ ଅନୁଯାୟୀ, ଯେଉଁ ଉଦ୍ୟୋଗ ଗୁଡିକର ବାର୍ଷିକ ମୋଟ କାରବାର ୨୦ ଲକ୍ଷ ଟଙ୍କା (ସ୍ୱତନ୍ତ୍ର ରାଜ୍ୟପାହ୍ୟା ଲାଗି ବାର୍ଷିକ ୧୦ ଲକ୍ଷ) ସେମାନଙ୍କୁ ପଞ୍ଜୀକରଣ କରିବାର ବାଧ୍ୟବାଧକତା ରହିବନି। ଏଭଳି କ୍ଷୁଦ୍ର ଉଦ୍ୟୋଗ ଗୁଡିକୁ ଜିଏସଟି ଦେବାକୁ ପଡିବନି। ଏହାବ୍ୟତୀତ, ଏକ ଯୌଥ ଯୋଜନା ମଧ୍ୟ ରହିଛି। ଏହା ସେହିଭଳି ପଞ୍ଜୀକୃତ ଉଦ୍ୟୋଗୀଙ୍କ ଲାଗି ବୈଧ ଯେଉଁମାନଙ୍କ ପୂର୍ବ ଆର୍ଥିକ ବର୍ଷର ବାର୍ଷିକ କାରବାର ୭୫ ଲକ୍ଷରୁ ଅଧିକ ହୋଇନଥିବ। ସେମାନେ ପ୍ରତି ତ୍ରୈମାସିକରେ ରିଟର୍ଣ୍ଣ ଦାଖଲ କରିପାରିବେ। ସାମଗ୍ରୀ ଓ ରେସ୍ତୋରାଁ କ୍ଷେତ୍ରରେ କାରବାର କରୁଥିବା ଟିକସଦାତା (ଉଭୟ ଉତ୍ପାଦନକାରୀ ଓ ବ୍ୟବସାୟୀ) ହିଁ କେବଳ ଏହି ଯୌଥ ଯୋଜନାର ସୁବିଧା ପାଇପାରିବେ। ଏହି ଯୋଜନା ଅଧୀନରେ ଉତ୍ପାଦନକାରୀ ୧ ପ୍ରତିଶତ ହାରରେ ଟିକସ, ରେସ୍ତୋରାଁ କ୍ଷେତ୍ରରେ ୨.୫ ପ୍ରତିଶତ ଏବଂ ବ୍ୟବସାୟୀ ୦.୫ ପ୍ରତିଶତ ହାରରେ ସିଜିଏସଟି ଆଇନ ଓ ଏସଜିଏସଟି ଆଇନ ଅନୁଯାୟୀ ଟିକସ ପୈଠ କରିବେ। ତେବେ ଆନ୍ତରାଜ୍ୟ ଯୋଗାଣ କିମ୍ବା ଇ-କମର୍ସ ଅପରେଟରଙ୍କ ଜରିଆରେ କାରବାର କରୁଥିବା ସେବା ପ୍ରଦାନକାରୀ ଓ ଟିକସଦାତାଙ୍କୁ ଏହି ଯୋଜନାର ସୁଫଳ ମିଳିବନି।

**ଟିକସ ଫାଙ୍କି ଓ ଦୁର୍ନୀତି ମୁକାବିଲା:**

ଭାରତୀୟ ଜିଏସଟି ବ୍ୟବସ୍ଥାରେ ଇନ୍‌ଭଏସ୍ ମ୍ୟାଚିଂ କରିବାର ଏକ ବ୍ୟବସ୍ଥା ରହିବ। କ୍ରମ ସାମଗ୍ରୀ ଓ ସେବା ଉପରେ ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡିଟ୍‌ର ସୁବିଧା ସେତେବେଳେ ମିଳିବ ଯେତେବେଳେ ଟିକସଯୁକ୍ତ ଯୋଗାଣ ସାମଗ୍ରୀ ସହ କ୍ରେତା ଖରିଦ କରିଥିବା ଦର(ଇନ୍‌ଭଏସ୍) ସହ ତାଳମେଳ ରହିଥିବ। ମାସକୁ ତିନିଶହ କୋଟିର ଇନ୍‌ଭଏସ୍‌କୁ ଯାଞ୍ଚ କରିବା ଲାଗି ସୂଚନା ପ୍ରଯୁକ୍ତି ବିଦ୍ୟା ଏହି ଦ୍ରବ୍ୟ ଓ ସେବା ଟିକସ (ଜିଏସଟି) ବ୍ୟବସ୍ଥାର ମେରୁଦଣ୍ଡ। ଏହାକୁ ଏକ ସ୍ୱୟଂକ୍ରିୟ ବ୍ୟବସ୍ଥା କରାଯାଇଛି। ଏହା କେବଳ ଟିକସ ଠକେଇ ଓ ଟିକସ ଫାଙ୍କିକୁ ରୋକିବନି; ବରଂ ବ୍ୟବସ୍ଥାଗତ ଅର୍ଥନୀତି ଜରିଆରେ କାରବାର ଅଧିକରୁ ଅଧିକ ମାତ୍ରାରେ ବଢାଇବ। ନୂତନ ଜିଏସଟି ବ୍ୟବସ୍ଥାରେ ଟିକସଦାତା ପଞ୍ଜୀକରଣ କରିବା ସହ ରିଟର୍ଣ୍ଣ ଦାଖଲ ଏବଂ ନେଟ୍‌ର ଗୋଟିଏ ପୋର୍ଟାଲରେ ଟିକସପ୍ରଦାନ କରିବ। କୌଣସି ପରିସ୍ଥିତିରେ ଯଦି କେବେ ଟିକସଦାତା ଟିକସ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବାକୁ ଚାହେଁ, ତେବେ ସେ କେବଳ ରାଜ୍ୟ ସରକାରଙ୍କର କିମ୍ବା କେନ୍ଦ୍ର ସରକାରଙ୍କର ଜଣେ ଟିକସ ଅଧିକାରୀଙ୍କ ସହ କଥାବାର୍ତ୍ତା କରିପାରିବେ। ଏଥିପାଇଁ ସର୍ବନିମ୍ନ ସୁବିଧା ଦିଆଯିବ। ଏପରିକି ଜଣେ ଅଧିକାରୀ ଅନ୍ୟ ଅଧିକାରୀଙ୍କ ଆଇନ ଉପରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି କ୍ଷମତାଧାରୀ ଅଟନ୍ତି। ଟିକସ ଫାଙ୍କିକୁ ରୋକିବାକୁ ଏକାଧିକ ବ୍ୟବସ୍ଥା କରାଯିବା ସହ ଜଟିଳତା ଥିବାରୁ ଟିକସ ଚୋରି ରୋକିବା ଅଧିକ ସମ୍ଭବପର ହୋଇପାରିବ।

**ଉପସଂହାର:**

ଜୁଲାଇ ପହିଲା ୨୦୧୭ରୁ ଦେଶବ୍ୟାପୀ ଜିଏସଟି ଲାଗୁ ହେବାପରେ ଭାରତରେ ବ୍ୟବସାୟରେ ସଂସ୍କାର ଆସିବା ସହ ସକାରାତ୍ମକ ପରିବର୍ତ୍ତନ ଆସିବା ଆରମ୍ଭ କରୁଛି। ଅନେକ ରାଜ୍ୟ ଏଭଳି ଆର୍ଥିକ ସଂସ୍କାରକୁ ସ୍ୱାଗତ କରିଛନ୍ତି। ନୂତନ ଜିଏସଟି ବ୍ୟବସ୍ଥା ଆନୁଷ୍ଠାନିକ ଭାବେ ଅଧିକରୁ ଅଧିକ ବ୍ୟବସାୟ ବଢାଇବା ଲାଗି ଅନୁପ୍ରେରିତ କରିବ। ଆରମ୍ଭରୁ କିଛିଟା ଜଟିଳତା, ସମସ୍ୟା ରହିବା ସ୍ୱାଭାବିକ। ଉଭୟ କେନ୍ଦ୍ର ଓ ରାଜ୍ୟ ସ୍ତରରେ କାର୍ଯ୍ୟରତ ଟିକସ ବ୍ୟବସ୍ଥାରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀଙ୍କୁ ଜିଏସଟି ଅନୁପାଳନ କରାଇବାରେ ଅଧିକ ପରିଶ୍ରମ କରିବାକୁ ପଡିବ। କିନ୍ତୁ ଏହି ସାମୟିକ ଶ୍ରମ ଭାରତର ଆର୍ଥିକ ସଂସ୍କାର କ୍ଷେତ୍ରରେ ଦୀର୍ଘମିଆଦୀ ଫଳପ୍ରଦାନ କରିବ।

(ଲେଖକ ଜଣେ ଭାରତୀୟ ପ୍ରଶାସନିକ ସେବାର ଅଧିକାରୀ ଏବଂ ସଂପ୍ରତି ଜିଏସଟି ପରିଷଦର ଅତିରିକ୍ତ ସଚିବ ରୂପେ କାର୍ଯ୍ୟରତ)

# ଜିଏସ୍‌ଟି : ଭାରତୀୟ ଟିକସ ଇତିହାସରେ ଏକ ନିର୍ଣ୍ଣାୟକ ନିଷ୍ପତ୍ତି

**● ଟି.ଏନ୍. ଅଶୋକ**

୨୦୧୭ ଜୁନ୍ ୩୦ ତାରିଖ ମଧ୍ୟ ରାତ୍ରିରେ ଭାରତରେ ଏକ ନୂଆ ଇତିହାସ ସୃଷ୍ଟି ହେଲା। ଦେଶର ପାର୍ଲାମେଣ୍ଟର କେନ୍ଦ୍ରୀୟ କକ୍ଷରେ ମଧ୍ୟରାତ୍ର ଉତ୍ସବ ପାଳନ ପ୍ରଥମ ଘଟଣା ହୋଇ ନ ଥିଲେ ମଧ୍ୟ ଏଥର ଏଥିରେ କିଛି ବିରଳତା ଥିଲା। ଏହା ପୂର୍ବରୁ ୧୯୪୭ ବା ତା'ପରେ ଦୁଇ ଥର ଏଭଳି ଯେଉଁ ମଧ୍ୟରାତ୍ର ଉତ୍ସବ ଅନୁଷ୍ଠିତ ହୋଇଛି ତାହା ଥିଲା ଦେଶର ଗଣତନ୍ତ୍ର ବା ସ୍ୱାଧୀନତା ସମ୍ପର୍କିତ। ଏଥର କିନ୍ତୁ ରାଜନୈତିକ ନୁହେଁ ଅର୍ଥନୈତିକ ସ୍ୱାଧୀନତା ସମ୍ପର୍କିତ ଏଭଳି ଏକ ଆୟୋଜନ କରାଯାଇଥିଲା ଯେଉଁଥିରେ ଦେଶର ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ସମେତ ସାଂସଦ ଓ ବିଭିନ୍ନ ରାଜ୍ୟର ଅର୍ଥମନ୍ତ୍ରୀମାନେ ଉପସ୍ଥିତ ଥିଲେ। ଏହି ଉତ୍ସବ ସହିତ ସାରା ଭାରତରେ ଗୋଟିଏ ପ୍ରକାର ସେବା ଓ ଦ୍ରବ୍ୟ ଟିକସ ଆଇନ ପ୍ରବର୍ତ୍ତନ ହେଲା। ପରୋକ୍ଷ ଟିକସ ସଂସ୍କାର କ୍ଷେତ୍ରରେ ଏହା ଥିଲା ଏକ ଐତିହାସିକ ପଦକ୍ଷେପ। କେନ୍ଦ୍ର ଓ ରାଜ୍ୟ ସ୍ତରର ଏକାଧିକ ଟିକସ ବ୍ୟବସ୍ଥାର ଅବସାନ ଘଟାଇ ଦ୍ରବ୍ୟ ଓ ସେବା ଉପରେ ସାରା ଦେଶ ପାଇଁ ଗୋଟିଏ ପ୍ରକାର ଟିକସ ବ୍ୟବସ୍ଥା ପ୍ରଚଳନ ସହ ଟିକସ ଉପରେ ଟିକସ ଲାଗୁ ଭଳି ପୁରୁଣା ବ୍ୟବସ୍ଥାର ଅନ୍ତ ଘଟିଛି।

ଏଥିସହିତ ଭାରତ ସରକାରଙ୍କ 'ଏକ ରାଷ୍ଟ୍ର- ଏକ ଟିକସ' ଆହ୍ୱାନ କାର୍ଯ୍ୟକାରୀ ହୋଇଛି। ସମଗ୍ର ଦେଶ ଏବେ ଗୋଟିଏ ବଜାରରେ ପରିଣତ ହେବା ସହ ଦେଶର ଗୋଟିଏ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତକୁ ଜିନିଷପତ୍ର ଚାଲାଣରେ ଆଉ ପ୍ରତିବନ୍ଧକ କିମ୍ବା ଦ୍ୱୈତ ଟିକସ ବ୍ୟବସ୍ଥା ନାହିଁ। ଫଳରେ ଉତ୍ପାଦକ, ପରିବହନକାରୀ, ବ୍ୟବସାୟୀ, ପୁଞ୍ଜିନିବେଶକାରୀ ଓ ଉପଭୋକ୍ତା - ସମସ୍ତଙ୍କ ପାଇଁ ଏକ ଆଶ୍ୱସ୍ତିର ଅଧ୍ୟାୟ ଆରମ୍ଭ ହୋଇଛି।

ଭାରତୀୟ ଟିକସ ବ୍ୟବସ୍ଥାକୁ ଆନ୍ତର୍ଜାତିକ ମାନର, ବିଶେଷତଃ ୟୁରୋପ ଓ ଆମେରିକୀୟ ଢାଞ୍ଚାର କରିବା ହେଉଛି ଜିଏସ୍‌ଟିର ଲକ୍ଷ୍ୟ। କାରଣ ଏହି ଦୁଇ ବୈଦେଶିକ ବଜାର ଭାରତର ପ୍ରମୁଖ ବାଣିଜ୍ୟ ଅଂଶୀଦାର। ସେମାନଙ୍କ ଟିକସ ବ୍ୟବସ୍ଥା ଓ ଭାରତୀୟ ଟିକସ ବ୍ୟବସ୍ଥାରେ ଯଥେଷ୍ଟ ପାର୍ଥକ୍ୟ ରହୁଥିବାରୁ ଉଭୟ ପକ୍ଷ କ୍ଷତିଗ୍ରସ୍ତ ହେଉଥିଲେ। ଭାରତରେ ଚାରି ଥାକିଆ ଟିକସ ବ୍ୟବସ୍ଥା ପୂର୍ବରୁ ଥିବାରୁ କିଛି ଜିନିଷର ଦାମ ଚଢ଼ା ହେଉଥିବାବେଳେ ଆଉ କିଛି ଶସ୍ତା ରହୁଥିଲା। ଏବେ ସେ ଅସୁବିଧା ଆଉ ରହିବ ନାହିଁ ଏବଂ ବାଣିଜ୍ୟ କାରବାର ସୁଗମ ହୋଇପାରିବ।

ନୂଆ ବ୍ୟବସ୍ଥାରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ଶସ୍ତା ହୋଇଥିବାବେଳେ ବିଳାସ ସାମଗ୍ରୀଗୁଡ଼ିକର ଦାମ ବଢ଼ିଛି। କେତେକ ଜିନିଷର ଦାମ ଯଥେଷ୍ଟ ବୃଦ୍ଧି ପାଇଛି। ନୂଆ ଟିକସ ବ୍ୟବସ୍ଥା ବୁଝିବାକୁ ଲୋକଙ୍କୁ ଅବଶ୍ୟ ସମୟ ଲାଗିବ।

ଜିଏସ୍‌ଟି ପ୍ରଚଳନର ଶ୍ରେୟ କୌଣସି ଗୋଟିଏ ରାଜନୈତିକ ଦଳକୁ ଦେଇ ହେବ ନାହିଁ। ସବୁଦଳର ଏଥିରେ ସହଯୋଗ ରହିଛି ଯଦିଓ ଏହାର କାର୍ଯ୍ୟକାରିତା ନେଇ ସେମାନଙ୍କ ମଧ୍ୟରେ ମତଭେଦ ଏଯାଏ ରହିଛି। ତତ୍‌କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ସମୟରେ ଜିଏସ୍‌ଟି ସମ୍ପର୍କରେ ଯଥେଷ୍ଟ ପ୍ରଗତି ଘଟିଥିଲା। ତେବେ ପୂର୍ବତନ ପ୍ରଧାନମନ୍ତ୍ରୀ ନରସିଂହ ରାଓଙ୍କ ଶାସନ କାଳରେ ଏ କ୍ଷେତ୍ରରେ ପ୍ରଥମ ବିଧିବଦ୍ଧ ପ୍ରୟାସ ଆରମ୍ଭ କରାଯାଇଥିଲା। ତେବେ ଏହାକୁ ନେଇ ତତ୍‌କାଳୀନ ସରକାର ଓ ବର୍ତ୍ତମାନର ସରକାରଙ୍କ ମଧ୍ୟରେ କେତେକ ପ୍ରସ୍ତାବରେ ମତପାର୍ଥକ୍ୟ କାରଣରୁ ଏହାର ପ୍ରବର୍ତ୍ତନ ବିଳମ୍ବିତ ହୋଇଥିଲା।

ବର୍ତ୍ତମାନର ସରକାର ଚାରିଟି ଆଇନଗତ

> ଏକ ରାଷ୍ଟ୍ର ଏକ ଟିକସ ବ୍ୟବସ୍ଥା ପୁଞ୍ଜି ନିବେଶକୁ ଆକର୍ଷିତ କରିବା ସହ ବାଣିଜ୍ୟ ବ୍ୟବସାୟକୁ ପ୍ରୋତ୍ସାହିତ କରିବ।
>
> **ଟି.ଏନ୍. ଅଶୋକ**

ପଦକ୍ଷେପ ଜରିଆରେ ଜିଏସ୍‌ଟିକୁ ଅନୁମୋଦନ କରିଛନ୍ତି। ଶେଷରେ ଏହା ସଂସଦର ଅନୁମୋଦନ ଲାଭ କରିବା ସହ ପ୍ରାୟ ସବୁ ରାଜ୍ୟ ବିଧାନସଭାରେ ଗୃହୀତ ହୋଇଛି। ଏହା ସହିତ ସମ୍ବିଧାନ ସଂଶୋଧନ ବିଲ୍ ମଧ୍ୟ ସମ୍ପୃକ୍ତ। ଶେଷରେ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିବା ପରେ ଏହା ସର୍ବସମ୍ମତିକ୍ରମେ ଜୁଲାଇ ପହିଲାରୁ ସାରା ଦେଶରେ ଲାଗୁ ହୋଇଛି।

ଜିଏସ୍‌ଟି ବ୍ୟବସ୍ଥାରେ ଭାରତରେ ଏକ ନୂଆ ଏକକ ପରୋକ୍ଷ ଟିକସ ବ୍ୟବସ୍ଥା ପ୍ରଚଳନ ଦ୍ୱାରା ମୁଦ୍ରାସ୍ଫୀତି ବଢ଼ିବ ବୋଲି କେତେକ ମହଲରେ ଯେଉଁ ଆଶଙ୍କା ପ୍ରକାଶ ପାଉଛି ତାହା ଠିକ୍ ନୁହେଁ। ସଂସଦରେ ତାଙ୍କ ଭାଷଣରେ ସ୍ୱୟଂ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ମଧ୍ୟ ଏକଥା ସ୍ପଷ୍ଟ କରିଦେଇଛନ୍ତି। ଜିଏସ୍‌ଟି ପ୍ରବର୍ତ୍ତନ ପୂର୍ବରୁ ସଂସଦ ଚାରିଟି ବିଲ୍‌କୁ ଅନୁମୋଦନ ଦେଇଛି। ସେସବୁ ହେଲା ୧) କେନ୍ଦ୍ରୀୟ ଜିଏସ୍‌ଟି ବିଲ୍-୨୦୧୭, ୨) ସମନ୍ୱିତ ଜିଏସ୍‌ଟି ବିଲ୍-୨୦୧୭, ୩) ଜିଏସ୍‌ଟି ରାଜ୍ୟ କ୍ଷତିପୂରଣ ବିଲ୍ - ୨୦୧୭ ଓ ୪) କେନ୍ଦ୍ରଶାସିତ ଅଞ୍ଚଳ ଜିଏସ୍‌ଟି ବିଲ୍- ୨୦୧୭।

ଜିଏସ୍‌ଟି ବା ଦ୍ରବ୍ୟ ଓ ସେବା କର ମୁଖ୍ୟତଃ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଦ୍ୱାରା ଲାଗୁ




କରାଯାଉଥିବା ଟିକସର ଅବସାନ ପାଇଁ ଉଦ୍ଦିଷ୍ଟ। ସମ୍ବିଧାନର ୧୦୧ତମ ସଂଶୋଧନ ଆଇନ-୨୦୧୬ ଓ ୧୨୨ତମ୍ ସଂଶୋଧନ ବିଲ୍ ଜରିଆରେ ଜିଏସ୍‌ଟି କାର୍ଯ୍ୟକାରୀ ହୋଇଛି। ଜିଏସ୍‌ଟି ଏକ ଶୀର୍ଷ ପରିଷଦଦ୍ୱାରା କାର୍ଯ୍ୟକାରୀ ହୋଇଛି। କେନ୍ଦ୍ର ଅର୍ଥମନ୍ତ୍ରୀ ଏହି ପରିଷଦର ଅଧକ୍ଷ। ନୂଆ ବ୍ୟବସ୍ଥାରେ ଦ୍ରବ୍ୟ ଓ ସେବା ଆଦି ୦.୨୫%, ୫%, ୧୨%, ୧୮%, ୧୮%, ୨୮% ଟିକସ ହାର ଧାର୍ଯ୍ୟ ହୋଇଛି। ସଫେଇ ପଲିସ ହୋଇନଥିବା କେତେକ ମାଣିକ୍ୟ ପଥର ଓ ମୂଲ୍ୟବାନ ଅନ୍ୟାନ୍ୟ ପଥର ପାଇଁ ୦.୨୫% ସ୍ୱତନ୍ତ୍ର କର ହାର ଏବଂ ସୁନା କ୍ଷେତ୍ରରେ ୩ ଶତାଂଶ ଟିକସ ହାର ଧାର୍ଯ୍ୟ ହୋଇଛି।

ଜିଏସ୍‌ଟି ଦ୍ୱାରା ନିମ୍ନଲିଖିତ ଟିକସଗୁଡ଼ିକର ଉଚ୍ଛେଦ ଘଟି ମିଳିତ ଭାବେ ଗୋଟିଏ ଟିକସ ହେବ। ସେଗୁଡ଼ିକ ହେଲା - କେନ୍ଦ୍ରୀୟ ଉତ୍ପାଦନ ଶୁଳ୍କ, ବ୍ୟବସାୟିକ ଟିକସ, ମୂଲ୍ୟ ମିଶ୍ରିତ ଟିକସ (ଭ୍ୟାଟ୍) ଖାଦ୍ୟ ଟିକସ, କେନ୍ଦ୍ରୀୟ ବିକ୍ରି କର, ଅକ୍ଟ୍ରାଇ, ପ୍ରବେଶ କର, ପ୍ରମୋଦ କର, କ୍ରୟ ଟିକସ, ସୌଖୀନ ଟିକସ ଓ ବିଜ୍ଞାପନ ଟିକସ।

ଦ୍ରବ୍ୟ ଓ କ୍ରୟ, ବିକ୍ରି, ପ୍ରେରଣ, ସାମଗ୍ରୀ ଅଦଳବଦଳ ଜନିତ କାରବାର (ବାର୍ଟର) ପଟ୍ଟା (ଲିଜ୍), ଆମଦାନି ଆଦି କ୍ଷେତ୍ରରେ ଜିଏସ୍‌ଟି ଲାଗୁ ହୋଇଛି। ଏହି ଜିଏସ୍‌ଟି ଦ୍ୱୈତ ବା ଦୁଇ ପ୍ରକାରର। ଏହାର ଅର୍ଥ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଜିଏସ୍‌ଟି ଲଗାଇ ଟିକସ ସଂଗ୍ରହ କରିପାରିବେ। ଗୋଟିଏ ରାଜ୍ୟ ମଧ୍ୟରେ ଦ୍ରବ୍ୟ ବା ସେବାର କାରବାର କ୍ଷେତ୍ରରେ ଉଭୟ ରାଜ୍ୟ ଜିଏସ୍‌ଟି ଏବଂ କେନ୍ଦ୍ରୀୟ ଜିଏସ୍‌ଟି ଲାଗୁ ହେବ। ଉଭୟ ସରକାର ଏ ବାବଦରେ ନିଜନିଜର ଟିକସ ଆଦାୟ କରିପାରିବେ। ଆନ୍ତଃରାଜ୍ୟ କାରବାର ଓ ଆମଦାନୀ କ୍ଷେତ୍ରରେ ସମନ୍ୱିତ ଜିଏସ୍‌ଟି କେନ୍ଦ୍ର ସରକାରଙ୍କ ଦ୍ୱାରା ଲାଗୁ ହୋଇ ଟିକସ ଆଦାୟ କରାଯିବ।

ଜିଏସ୍‌ଟି ଏକ ଉପଯୋଗ ଭିତ୍ତିକ ଟିକସ। ତେଣୁ ଯେଉଁ ରାଜ୍ୟରେ ସାମଗ୍ରୀ ବା ସେବାର ଉପଯୋଗ ହେଉଛି ସେହି ରାଜ୍ୟ ଟିକସ ଆଦାୟ କରିବ। ଯେଉଁ ରାଜ୍ୟରେ ଦ୍ରବ୍ୟ ବା ସେବା ପ୍ରସ୍ତୁତ ବା ଉତ୍ପାଦିତ ହେଉଛି ସେ ରାଜ୍ୟକୁ ଟିକସ ଦେବାକୁ ପଡ଼ିବ ନାହିଁ। ସମନ୍ୱିତ ଜିଏସ୍‌ଟି (ଆଇଜିଏସ୍‌ଟି) ବ୍ୟବସ୍ଥା ରାଜ୍ୟ ସରକାରଙ୍କ ଟିକସ ସଂଗ୍ରହ ଢାଞ୍ଚାକୁ ଜଟିଳ କରିଛି। ସେମାନେ ଜିଏସ୍‌ଟି ବାବଦ ନିଜ ଭାଗ ସିଧାସଳଖ ଆଦାୟ କରିପାରିବେ ନାହିଁ। ଏହା କେନ୍ଦ୍ର ଆଦାୟ କରି ତାଙ୍କୁ ଦେବ। ପୂର୍ବରୁ ରାଜ୍ୟ ଟିକସ ଆଦାୟ କ୍ଷେତ୍ରରେ ସଂପୃକ୍ତ ରାଜ୍ୟର ସମ୍ପୂର୍ଣ୍ଣ ଅଧିକାର ଥିଲା।

ରାଜ୍ୟର ରାଜସ୍ୱକୁ ଜିଏସ୍‌ଟି ପ୍ରଭାବରୁ ସୁରକ୍ଷିତ ରଖିବାର ପ୍ରସ୍ତାବ ରହିଛି। ଫଳରେ ପେଟ୍ରୋଲ ଓ ପେଟ୍ରୋଲିୟମ ପଦାର୍ଥ ଉପରେ ରାଜ୍ୟମାନେ ଜିଏସ୍‌ଟି ଲଗାଇ ପାରିବେ। ଜିଏସ୍‌ଟି ଲାଗୁ ହେବା ପରେ ରାଜ୍ୟଗୁଡ଼ିକର ଯଦି ରାଜସ୍ୱ କ୍ଷତି ଘଟିବ ତେବେ ନୂଆ ଟିକସ ବ୍ୟବସ୍ଥା ପ୍ରଚଳନ ତାରିଖରୁ ସେମାନଙ୍କୁ ପାଞ୍ଚବର୍ଷ ପର୍ଯ୍ୟନ୍ତ କ୍ଷତିପୂରଣ ଦେବାକୁ କେନ୍ଦ୍ର ସରକାର ପ୍ରତିଶ୍ରୁତି ଦେଇଛନ୍ତି। ଜିଏସ୍‌ଟିର ଏକ ପ୍ରଧାନ ପ୍ରଭାବ ହେଲା ଦେଶରେ ଦୈନିକ ଇନ୍ଧନ ମୂଲ୍ୟର ପରିବର୍ତ୍ତନ।

ପ୍ରସ୍ତାବିତ ଜିଏସ୍‌ଟି ଆଇନ ପ୍ରସ୍ତୁତ କରିବାକୁ ଏକ ୨୧ ଜଣିଆ ସିଲେକ୍ଟ କମିଟି ଗଠନ କରାଯାଇଛି। ଜାମ୍ମୁ ଓ କାଶ୍ମୀର ବ୍ୟତୀତ ଦେଶର ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରାଦେଶିକ ଜିଏସ୍‌ଟି ଆଇନ ପ୍ରଣିତ ହୋଇଛି। ଏହା ଫଳରେ ୨୦୧୭ ଜୁଲାଇ ପହିଲାରୁ ସୁରୁଖୁରୁରେ ଜିଏସ୍‌ଟି ପ୍ରବର୍ତ୍ତନ ସମ୍ଭବ ହୋଇଛି। ସିକୁରିଟି ବା ପ୍ରତିଭୂତି କ୍ରୟ ବିକ୍ରୟ ଉପରେ ଜିଏସ୍‌ଟି ଲାଗୁ କରାଯାଇନାହିଁ। ଏହା ସିକୁରିଟି କାରବାର ଟିକସ ବ୍ୟବସ୍ଥାରେ ପରିଚାଳିତ ହେବ।

ସମାନ୍ତରାଳ ଭାବେ ଏକ ଅଣ ଲାଭକାରୀ ପ୍ରତିଷ୍ଠାନ 'ଗୁଡ୍ସ ଆଣ୍ଡ ସର୍ଭିସ୍ ଟ୍ୟାକ୍ସ ନେଟ୍‌ୱାର୍କ




ଗଠିତ ହୋଇଛି। ଏହା ସମସ୍ତ ସମ୍ପୃକ୍ତ ପକ୍ଷ, ସରକାର, ଟିକସଦାତାଙ୍କୁ ଗୋଟିଏ ପୋର୍ଟାଲରେ ସହଯୋଗ ଭିତ୍ତିରେ କାର୍ଯ୍ୟ କରିବାର ସୁଯୋଗ ଦେବାକୁ ଉଦ୍ଦିଷ୍ଟ। ଏହି ପୋର୍ଟାଲ ମାଧ୍ୟମରେ କେନ୍ଦ୍ର ସରକାର ସମସ୍ତ ପ୍ରକାର କାରବାରର ସବିଶେଷ ତଥ୍ୟ ପାଇପାରିବେ। ଏହାଛଡ଼ା ଟିକସଦାତାଙ୍କୁ ଏହା ମାଧ୍ୟମରେ ଅନେକ ସେବା ଯଥା ରିଟର୍ଣ୍ଣ ଫାଇଲ୍, ଟିକସ ପ୍ରଦାନ ସମ୍ପର୍କିତ ତଥ୍ୟର ରେକର୍ଡ ରଖିବାକୁ ପଡ଼ିବ। ଏଥି ପାଇଁ ଏକ ଆଇଟି ନେଟ୍‌ୱାର୍କ ଘରୋଇ ସଂସ୍ଥାଙ୍କ ଦ୍ୱାରା ପ୍ରସ୍ତୁତ ହେବ। ଏହା କେନ୍ଦ୍ର ସରକାରଙ୍କ ବ୍ୟବସ୍ଥା ସହ ସଂଯୁକ୍ତ ହୋଇ କାର୍ଯ୍ୟ କରିବ। ଏବେ ଜିଏସ୍‌ଟିଏନ୍‌ରେ ଅଧିକୃତ ପୁଞ୍ଜି ୧୦ କୋଟି ଟଙ୍କା ରଖାଯାଇଛି। ସେଥିମଧ୍ୟରୁ କେନ୍ଦ୍ର ସରକାରଙ୍କ ଅଂଶ ୨୪.୫ ଶତାଂଶ। ରାଜ୍ୟ ସରକାରଙ୍କ ଅଂଶ ୨୪.୫ ଶତାଂଶ ଥିବାବେଳେ ଅବଶିଷ୍ଟ ଅଂଶ ଘରୋଇ ବ୍ୟାଙ୍କ ସଂସ୍ଥାଗୁଡ଼ିକର।

ନୂଆ ବ୍ୟବସ୍ଥାରେ ଯେଉଁସବୁ ଟିକସ ସ୍ତର ଧାର୍ଯ୍ୟ ହୋଇଛି ସେ ନେଇ କେତେକ ମହଲରେ ଆପତ୍ତି ଅଛି। ସେହିଭଳି ନୂଆ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାକୁ ଶିଳ୍ପ ଓ ବ୍ୟବସାୟ ସଂସ୍ଥା ଆବଶ୍ୟକ ଭିତ୍ତିଭୂମି ଓ ସମୟ ପାଇ ନ ଥିବାରୁ ସେମାନେ ଏନେଇ ଅସନ୍ତୁଷ୍ଟ। ସବୁ ନୂଆ ଆଇନ କିଛି ସନ୍ଦେହ ଓ ବିଭ୍ରାନ୍ତି ସୃଷ୍ଟି କରେ। ଜିଏସ୍‌ଟି ମଧ୍ୟ ଏଥିରୁ ମୁକ୍ତ ନୁହେଁ। ନୂଆ ଟିକସ ବ୍ୟବସ୍ଥା ଫଳରେ ଦେଶର ନାଗରିକଙ୍କ ବିଭିନ୍ନ ପ୍ରକାର ଖର୍ଚ୍ଚ ହଠାତ୍ ବଢ଼ିଯିବାରୁ ସେମାନେ ଚକିତ ହେବା ସ୍ୱାଭାବିକ। ଲୋକେ କିନ୍ତୁ ଗୋଟିଏ କଥା ବୁଝି ପାରିନାହାନ୍ତି ଯେ ଦେଶ ଏବେ ଏକ ଗନ୍ତବ୍ୟ ଟିକସ (ଡେଷ୍ଟିନେସନ ଟ୍ୟାକ୍ସ) ବ୍ୟବସ୍ଥା ଆପଣେଇଛି। ଏହି ଗନ୍ତବ୍ୟ ଟିକସର ଅର୍ଥ ହେଲା ଉପଯୋଗ ଟିକସ ବା କନ୍‌ଜପସନ୍ ଟ୍ୟାକ୍ସ। ଯେଉଁମାନେ ଦ୍ରବ୍ୟ ବା ସେବା ଉପଯୋଗ କରିବେ ସେମାନେ ଟିକସ ଦେବେ। ତାମିଲନାଡୁ, ମହାରାଷ୍ଟ୍ର କିମ୍ବା ଆନ୍ଧ୍ରପ୍ରଦେଶରେ ଉତ୍ପାଦିତ ସାମଗ୍ରୀ ଯଦି ଦିଲ୍ଲୀ, ଚଣ୍ଡିଗଡ଼, ଜୟପୁର କିମ୍ବା ଲକ୍ଷ୍ନୌରେ ବ୍ୟବହୃତ ହେବ ସେଥିପାଇଁ ସେଠାକାର ଲୋକଙ୍କୁ କର ଦେବାକୁ ପଡ଼ିବ।

ସରକାରଙ୍କ ୨୦୧୬ ନଭେମ୍ବର ଆଠ ତାରିଖର ବିମୁଦ୍ରାୟନ ପଦକ୍ଷେପରେ ଦେଶବାସୀ ଯେପରି ଦ୍ୱନ୍ଦ୍ୱ ଓ ବିଭ୍ରାନ୍ତିରେ ପଡ଼ିଥିଲେ ଜିଏସ୍‌ଟି ଲାଗୁ ହେବା ପରେ ଲୋକେ ଅନୁରୂପ ଅବସ୍ଥାରେ ଅଛନ୍ତି। ମାତ୍ର ସରକାରଙ୍କ ଉଦ୍ଦେଶ୍ୟ ସ୍ପଷ୍ଟ ତଥା ନିରପେକ୍ଷ। ଗୋଟିଏ ଦେଶ ଗୋଟିଏ ଟିକସ ବ୍ୟବସ୍ଥା ପ୍ରବର୍ତ୍ତନ ପାଇଁ ଏହି ପଦକ୍ଷେପ ସରକାର ନେଇଛନ୍ତି। ଏହା ଫଳରେ ସମଗ୍ର ଦେଶ ଗୋଟିଏ ବଜାରରେ ପରିଣତ ହେବା ସହ ବିଶ୍ୱ ସ୍ତରୀୟ ଟିକସ ବ୍ୟବସ୍ଥାର ସମକକ୍ଷ ହୋଇପାରିବ। ଏହାଦ୍ୱାରା ଭାରତ ଆନ୍ତର୍ଜାତିକ ସ୍ତରରେ ସଫଳ ପ୍ରତିଯୋଗିତା କରିବାକୁ ସକ୍ଷମ ହେବ।

ଜିଏସ୍‌ଟି ମଧ୍ୟ କଳାଧନ ଉପରେ ଦ୍ୱିତୀୟ ସର୍ଜିକାଲ ଷ୍ଟ୍ରାଇକ୍ ସଦୃଶ। କାରଣ ଏହା ଦ୍ୱାରା ଦେଶର ସବୁ ବ୍ୟବସାୟୀ ପଞ୍ଜୀକୃତ ହେବା ସହ ଜିଏସ୍‌ଟି ଆଇନ (ପଞ୍ଜୀକରଣ ନମ୍ବର) ପାଇବେ। ସେମାନଙ୍କୁ ମାସିକ କିମ୍ବା ତ୍ରୈମାସିକ ଟିକସ ଆଦାୟ ହିସାବ ଦେବାକୁ ହେବ। ଏବେ ନିଜ କାରବାରର ହିସାବପତ୍ର ଠିକ୍‌ଠାକ୍ ପ୍ରସ୍ତୁତ କରି ସରକାରଙ୍କୁ ତଥ୍ୟ ଦେବା ସବୁ ବ୍ୟବସାୟୀଙ୍କ ପାଇଁ ବାଧ୍ୟତାମୂଳକ।

ଜିଏସ୍‌ଟି ଲାଭ ସମ୍ପର୍କରେ ସରକାରଙ୍କ କହିବା କଥା ହେଲା ଏହା ଦ୍ୱାରା ଏକକାଳୀନ ପ୍ରଚଳିତ ୧୫ରୁ ୨୦ ପ୍ରକାର ଟିକସର ଅବସାନ ଘଟି ତା' ପରିବର୍ତ୍ତେ ଗୋଟିଏ ପ୍ରକାର ଟିକସ ପ୍ରବର୍ତ୍ତନ ସମସ୍ତଙ୍କ ପାଇଁ ସୁବିଧାଜନକ ହେବ। ସାରା ଦେଶ ଗୋଟିଏ ବଜାରରେ ପରିଣତ ହେବା ସହ ଏକକ ଟିକସ ବ୍ୟବସ୍ଥା ଚାଲିବ। ଏହାଦ୍ୱାରା ସାରାଦେଶରେ ଜିନିଷର ମୂଲ୍ୟ ସମାନ ରହିବ, ଯଦିଓ କିଛି ଜିନିଷର ଦାମ୍ ବଢ଼ିବ ଓ କେତେକର କମିବ। ଜିଏସ୍‌ଟି ଏକ ସରଳ ଟିକସ ବ୍ୟବସ୍ଥା

ହୋଇଥିଲେ ହେଁ ଏଥିରେ ବିଭିନ୍ନ ଦ୍ରବ୍ୟ ପାଇଁ ପାଞ୍ଚସ୍ତରୀୟ ଟିକସ ବ୍ୟବସ୍ଥା ରହିଛି। ସୌଖୀନ ସାମଗ୍ରୀର ମୂଲ୍ୟ ବଢ଼ିବ ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ହ୍ରାସ ପାଇବ। ଏଥିରେ କିଛି ନୂତନତ୍ୱ ନାହିଁ। ବିଶ୍ୱର ଅଧିକାଂଶ ଦେଶ ଜିଏସ୍‌ଟି ପ୍ରଚଳନ କରି ଆନ୍ତର୍ଜାତିକ ବଜାରରେ ନିଜ ଦ୍ରବ୍ୟକୁ ଅଧିକ ପ୍ରତିଯୋଗୀ କରିବାକୁ ଚେଷ୍ଟିତ। ଭାରତରେ ସୌଖୀନ ସାମଗ୍ରୀ ଉପରେ ଯେଉଁ ୨୮ ଶତାଂଶ ଟିକସ ବ୍ୟବସ୍ଥା କରାଯାଇଛି ତାହା ସମଗ୍ର ବିଶ୍ୱରେ ସର୍ବାଧିକ। ଆମେରିକା ଓ ବ୍ରିଟେନରେ ଜିଏସ୍‌ଟିର ସର୍ବୋଚ୍ଚ ହାର ୧୭ ଶତାଂଶରୁ ଅଧିକ ନୁହେଁ। ଜିଏସ୍‌ଟି ପଛରେ ଥିବା ଲକ୍ଷ୍ୟ ଓ ବିଚାର ସମ୍ପୂର୍ଣ୍ଣ ଭିନ୍ନ। ଉତ୍ପାଦନ ଉତ୍ସରେ ଟିକସ ଲଗାଇବା ଏହାର ଲକ୍ଷ୍ୟ ନୁହେଁ। ଉପଯୋଗ ବା ଉପଭୋଗ କ୍ଷେତ୍ରରେ ଟିକସ ଲାଗୁ ଏହାର ଲକ୍ଷ୍ୟ, ସେଥିପାଇଁ ଏହାକୁ ଗନ୍ତବ୍ୟ ଟିକସ କୁହାଯାଉଛି। ଗୋଟିଏ ରାଜ୍ୟରେ ଉତ୍ପାଦିତ ଏକ ସାମଗ୍ରୀକୁ ଅନ୍ୟ ରାଜ୍ୟରେ ଲୋକ ଯଦି ବ୍ୟବହାର କରିବେ ତାହେଲେ ସେମାନଙ୍କୁ ଟିକସ ଦେବାକୁ ପଡ଼ିବ। ଏହି ଟିକସରେ ଉଭୟ କ୍ରେତା ଓ ବିକ୍ରେତାକୁ ଟିକସ ଗଣିବାକୁ ହେବ। ଏକ ରେସ୍ତୋରାଁ ଯଦି ୧୮% ଟିକସ ଲାଗିଲା ତେବେ ସେଥିରୁ ୯ ଶତାଂଶ କେନ୍ଦ୍ରୀୟ ଜିଏସ୍‌ଟିକୁ ଓ ବାକି ଅଧକ ରାଜ୍ୟ ଜିଏସ୍‌ଟିକୁ ଯିବ।

ବାହାରେ ବା ହୋଟେଲ ଆଦିରେ ଖିଅପିଆ, ମଉଜ ମଜଲିସ୍ ଏଣିକି ବ୍ୟୟବହୁଳ ହେବ। ବିମାନ ଯାତ୍ରା ମହଙ୍ଗା ହେବା ସହ ଏସି, ଫ୍ରିଜ୍, ୱାଶିଙ୍ଗ ମେସିନ୍ ଆଦିର ଦାମ୍ ବଢ଼ିବ। ମୋଟାମୋଟି ସଫେଦ ବସ୍ତୁ ସବୁ ମହଙ୍ଗା ହେବ। ପ୍ରାୟ ୧୨୦୦ ସାମଗ୍ରୀ ଉପରେ ୧୮ଶତାଂଶ ଜିଏସ୍‌ଟି ହାର ଧାର୍ଯ୍ୟ ହୋଇଥିବାବେଳେ ସେଥିମଧ୍ୟରୁ ୮୧ ଭାଗ ସାଧାରଣ ବର୍ଗର।

ଶସ୍ତା ହୋଇଥିବା ସାମଗ୍ରୀଗୁଡ଼ିକ ମଧ୍ୟରେ ଅଛି – ଦୁଗ୍ଧ ଗୁଣ୍ଡ, ଦହି, ଲହୁଣୀଯୁକ୍ତ ଦୁଧ, ଅଣମାର୍କା ମହୁ, ଛେନା, ଦୁଗ୍ଧଜାତ ଦ୍ରବ୍ୟ, ମସଲା, ଚା, ଗହମ, ଚାଉଳ, ଅଟା, ବାଦାମତେଲ, ତାଳ ତେଲ (ପାମ୍ ଅଏଲ), ସୂର୍ଯ୍ୟମୁଖୀ ତେଲ, ନଡ଼ିଆତେଲ, ସୋରିଷ ତେଲ, ଚିନି, ଗୁଡ଼, ଚିନି ତିଆରି ମିଠାଇ, ପାସ୍ତା, ନୁଡୁଲ୍ସ, ଫଳ ଓ ପନିପରିବା, ଆଚାର, ମୁରବା, ଚଟଣି, ମିଠେଇ।

ଶସ୍ତା ହୋଇଥିବା ନିତ୍ୟ ବ୍ୟବହାର୍ଯ୍ୟ ଅନ୍ୟ ସାମଗ୍ରୀ : ଗାଧୁଆ ସାବୁନ, କେଶ ତୈଳ, ଲୁଗାସଫା ପାଉଡର, ସାବୁନ୍, ଟିସୁ ପେପର, ନାପ୍‌କିନ୍, ଦିଆଶିଲି, ମହମବତି, କୋଇଲା, ଘରୋଇ ଏଲ୍‌ପିଜି, ଚାମୁଚ, କଣ୍ଟା ଚାମୁଚ, ଶଣ୍ଡୁଆସି, ଧୂପକାଠି, ଟୁଥ୍‌ପେଷ୍ଟ, ନୋଟ୍ ଖାତା, କଲମ, ସମସ୍ତ ପ୍ରକାର କାଗଜ, ଗ୍ରାଫ ପେପର, ସ୍କୁଲ ବ୍ୟାଗ୍, ଏକ୍ସରସାଇଜ ଖାତା, ଛବି, ଡ୍ରଇଂ ଏବଂ ପିଲାଙ୍କ କଲର ବୁକ୍, ପ୍ରିଣ୍ଟର, ସିଲ୍କ ଓ ଉଲ୍ ତିଆରି ପୋଷାକ, ଖଦଡ଼ ସୂତା, ଗାନ୍ଧି ଟୋପି, ୫୦୦ ଟଙ୍କା ତଳକୁ ଥିବା ଜୋତା ଏବଂ ଏକହଜାର ଟଙ୍କାରୁ କମ୍ ପୋଷାକ। ଏହାଛଡ଼ା ଇନସୁଲିନ୍ ଓ ଅନ୍ୟାନ୍ୟ ଡାଇବେଟିସ୍ ଔଷଧ, କ୍ୟାନ୍‌ସର ଔଷଧ, ମେଡିକାଲ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଏକ୍ସ-ରେ ଫିଲ୍ମ, ଡାଇଗ୍ନୋଷ୍ଟିକ୍ କିଟ୍ ଏବଂ ଡାକ୍ତରୀ ଚଷମାରେ ବ୍ୟବହୃତ କାଚ ମଧ୍ୟ ଶସ୍ତା ହୋଇଛି।

ସ୍ୱଳ୍ପ ଜିଏସ୍‌ଟି ହାର ଯୋଗୁଁ ମୁଦ୍ରାସ୍ଫୀତି କମିବ ବୋଲି କେହି କେହି ଆଶା ପ୍ରକାଶ କରିପାରନ୍ତି।




ମାତ୍ର ଅର୍ଥନୀତିଜ୍ଞଙ୍କ ମତ ହେଲା ଜିଏସ୍‌ଟି ପ୍ରବର୍ତ୍ତନ ଦ୍ୱାରା ଅର୍ଥନୈତିକ ଅଭିବୃଦ୍ଧି ନିକଟ ଭବିଷ୍ୟତରେ ଉଲ୍ଲେଖନୀୟ ଭାବେ ବଢ଼ି ନ ପାରେ। ତେବେ ମଧ୍ୟାବଧି ସମୟ ମଧ୍ୟରେ ଏହା ଉଭୟ କର୍ପୋରେଟ୍ ଜଗତ ଓ ସରକାରଙ୍କୁ ସୁହାଇପାରେ। ଅଧିକାଂଶ ସାମଗ୍ରୀର ଟିକସ ନିମ୍ନ ହାରରେ ନିର୍ଦ୍ଧାରିତ ହୋଇଥିବାରୁ ମୁଦ୍ରାସ୍ଫୀତି ହ୍ରାସ ପାଇବ ବୋଲି ଅଧିକାଂଶ ଅର୍ଥନୀତିଜ୍ଞ ମତ ଦେଉଛନ୍ତି।

ନୂଆ ଟିକସ ବ୍ୟବସ୍ଥା ଦୃଷ୍ଟିରୁ ବର୍ତ୍ତମାନ ଦେଶର ସମୁଦାୟ ଉଦ୍ୟୋଗ ଓ ବ୍ୟାପାର ବଣିଜ ବ୍ୟବସ୍ଥା ଏକ ନୂଆ ଟିକସ ପ୍ରଶାସନକୁ ଗ୍ରହଣ କରିବାକୁ ବଡ଼ଧରଣର କସରତ କରିବେ। ଏ ପର୍ଯ୍ୟନ୍ତ ପଞ୍ଜୀକୃତ ହୋଇ ନ ଥିବା ଏବଂ ଟିକସ ଫାଙ୍କିଆସୁଥିବା ଛୋଟଛୋଟ କମ୍ପାନୀ ଓ ସଂସ୍ଥାମାନଙ୍କୁ ପଞ୍ଜୀକୃତ ହେବା ସହ ଜିଏସ୍‌ଟି ଆଇନ୍ ଅନୁସାରେ ରେଜିଷ୍ଟ୍ରେସନ ନମ୍ବର ନେବାକୁ ପଡ଼ିବ।

ସନ୍ଦେହଜନକ ଘଟଣାଟି ହେଉଛି ଅର୍ଥନୀତିଜ୍ଞଙ୍କ ମତରେ ଜିଏସ୍‌ଟି ପ୍ରଚଳନ ପରେ ମୁଦ୍ରାସ୍ଫୀତି କମିବାର ସମ୍ଭାବନା ଥିବା ସତ୍ତ୍ୱେ ଏହା ସୁଧହାର ହ୍ରାସ କରିବାକୁ ରିଜର୍ଭ ବ୍ୟାଙ୍କକୁ ପ୍ରଭାବିତ କରିବ ନାହିଁ। ମୌସୁମୀ ବର୍ଷାର

ଗତିବିଧି ଏବଂ ସାରା ଦେଶରେ ବର୍ଷାର ଅନୁକୂଳ ସ୍ଥିତିକୁ ଦେଖି ପରବର୍ତ୍ତୀ ବୈଠକରେ ସୁଧହାର ହ୍ରାସ ଘେନି ରିଜର୍ଭବ୍ୟାଙ୍କ ନିଷ୍ପତ୍ତି ନେଇପାରନ୍ତି।

ଅର୍ଥନୀତିଜ୍ଞ ଓ ଉଦ୍ୟୋଗ ପର୍ଯ୍ୟବେକ୍ଷକଙ୍କ ମତରେ ଜିଏସ୍‌ଟି ପ୍ରଚଳନର କେତେକ ପ୍ରଭାବ ତ୍ୱରିତ ଅନୁଭୂତ ହେବ। ସେଗୁଡ଼ିକ ନିମ୍ନରେ ଆଲୋଚନା କରାଯାଇଛି।

**କମ୍ପାନୀ ଓ ଉଦ୍ୟୋଗ ଜଗତ ଦୋହଲି ଯିବ:** ନୂଆ ଟିକସ ବ୍ୟବସ୍ଥାରେ ଅନେକ କମ୍ପାନୀ ନିଜର ବ୍ୟବସାୟ ଓ କାରବାରର ପୁନର୍ଗଠନ ପାଇଁ ବାଧ ହେବେ। ଏବେ ଟିକସ ଫାଙ୍କିବା ଅସମ୍ଭବ ହୋଇଥିବାରୁ କମ୍ପାନୀମାନେ ବିକ୍ରେତା ଓ ପ୍ରେରଣକାରୀଙ୍କୁ ଇନ୍‌ଭଏସ୍ ଦେଖାଇବାକୁ ବାଧ କରିବେ। ବଡ଼ କମ୍ପାନୀଗୁଡ଼ିକର ଯୋଗାଣ ଶୃଙ୍ଖଳ ଥିବାରୁ ସେମାନେ ଏହାଦ୍ୱାରା ଉପକୃତ ହୋଇପାରିବେ। ଇନ୍‌ପୁଟ୍ ବାବଦରେ ସେମାନଙ୍କର ଯେଉଁ ଖର୍ଚ୍ଚ ରହୁଛି ସେଥିପାଇଁ ଟିକସ ରିଆତି ପାଇବେ। ମାତ୍ର ଛୋଟଛୋଟ କମ୍ପାନୀମାନେ କ୍ଷତିଗ୍ରସ୍ତ ହେବେ ଏବଂ ସେମାନଙ୍କ ପରିଚାଳନା ବ୍ୟୟ ବଢ଼ିବ।

ଏହାଛଡ଼ା ଜିଏସ୍‌ଟି ପ୍ରବର୍ତ୍ତନ ଯୋଗୁଁ ସଂଗଠିତ ଓ ଅସଂଗଠିତ କ୍ଷେତ୍ରର ବ୍ୟବସାୟ ମଧ୍ୟରେ ଟିକସଗତ ତାରତମ୍ୟ ବଢ଼ିବ। ଯେଉଁ କମ୍ପାନୀ ବା ଉଦ୍ୟୋଗଗୁଡ଼ିକ ଉତ୍ପାଦନ କର ମୁକ୍ତ ଅଞ୍ଚଳରେ ଅଛନ୍ତି ସେମାନଙ୍କ ସାମଗ୍ରୀ ଯୋଗାଣ ନେଟ୍‌ୱାର୍କରେ ପ୍ରେରଣ ବେଳେ ଖର୍ଚ୍ଚ କମ୍ ପଡ଼ିବ। ଅସଙ୍ଗଠିତ କ୍ଷେତ୍ରର ସଂସ୍ଥାଙ୍କୁ ଏ ସୁଯୋଗ ମିଳିବ ନାହିଁ।

**କମ୍ ଟିକସର ଲାଭ ଲୋକେ କିପରି ପାଇବେ ?** ଅର୍ଥମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ଜିଏସ୍‌ଟି ପରିଷଦ, କମ୍ ଟିକସ ଜନିତ ଲାଭ ଜନସାଧାରଣଙ୍କୁ କମ୍ପାନୀଗୁଡ଼ିକ ଦେଉଛନ୍ତି କି ନାହିଁ ତାହା ତଦାରଖ କରିବ। ଏଥିପାଇଁ ଲାଭଖୋର ନୀତି ନିରୋଧ ଆଇନର ବ୍ୟବସ୍ଥା କରାଯାଇଛି। ତେବେ ଏହା କାର୍ଯ୍ୟକାରୀ ହେବ କି ନାହିଁ ସେ ନେଇ ବିଶେଷଜ୍ଞ ଦ୍ୱିମତ।

'ନମୁରା' ଆର୍ଥିକ ସେବା ସଂସ୍ଥା ମତରେ, 'ଆମର ବିଶ୍ୱାସ କମ୍ପାନୀ ସମୂହ ଜିଏସ୍‌ଟି (ସ୍ୱଳ୍ପ ଟିକସ ହାର) ଲାଭ ଉପଭୋକ୍ତାଙ୍କୁ ଯୋଗାଇ ଦେବେ ବୋଲି ଆମର ବିଶ୍ୱାସ। ନୂଆ ବ୍ୟବସ୍ଥାରେ ରସିଦ ମୂଲ୍ୟ, ବ୍ୟାପାର ପ୍ରକ୍ରିୟାର ସୁସଂହତିକରଣ ଇନ୍‌ପୁଟ୍ କ୍ରେଡିଟର ଅବାଧ ପ୍ରବାହରୁ ସେମାନେ ପାଉଥିବା ସୁବିଧାସୁଯୋଗରୁ ଆଂଶିକ ନିଜ ପାଇଁ ରଖିବେ।

ଜିଏସ୍‌ଟି ଆଇନ ଲାଭ ନିରୋଧୀ ବ୍ୟବସ୍ଥା ଉପରେ ଗୁରୁତ୍ୱ ପ୍ରଦାନ କରୁଥିବାରୁ ଟିକସ ହାର ହ୍ରାସ ଜନିତ ଲାଭ ଆନୁପାତିକ ଭାବେ ଖାଉଟିଙ୍କ ପାଖକୁ ଯିବା କଥା। ମାତ୍ର ଏହି ଲାଭ ବିରୋଧୀ ନିୟମ ସଫଳତାର ସହ କାର୍ଯ୍ୟକାରୀ ନ'ହେଲେ ଉପଭୋକ୍ତା ବିଶେଷ ଉପକୃତ ହେବେ ନାହିଁ ବୋଲି 'ନମୁରା' ମତ ଦେଇଛି।

ଜିଏସ୍‌ଟି ବ୍ୟବସ୍ଥାରେ କମ୍ପାନୀଗୁଡ଼ିକ ଟିକସଗତ ରିଆତିରୁ ଯେଉଁ ଅର୍ଥ ପାଇବେ ତାହାକୁ କେତେକାଂଶରେ ନିଜର ଲାଭ ସୀମା ବଢ଼ାଇବାରେ ଲଗାଇବେ। ଅବଶିଷ୍ଟ ଅର୍ଥକୁ ନୂଆ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମରେ ବିନିଯୋଗ କରିବେ ବୋଲି କୁହାଯାଉଛି।

ଅଧିକାଂଶ ଟିକସ ବିଶେଷଜ୍ଞଙ୍କ ମତରେ ସରକାରଙ୍କର ଐତିହାସିକ ଟିକସ ସଂସ୍କାର କାର୍ଯ୍ୟକ୍ରମର ପ୍ରଭାବ ପ୍ରାୟ ଏକ ବର୍ଷ ପରେ ଆକଳନ କରିହେବ। ମାତ୍ର ତତ୍କାଳିକ ଭାବେ ଏହାର ପ୍ରଭାବ ଖାଉଟିଙ୍କ ପକେଟ ଉପରେ ପଡ଼ିବ; ମାତ୍ର ଏହା ବ୍ୟବସାୟୀଙ୍କୁ ବେଶ୍ ସୁହାଇବ। ବ୍ୟାଙ୍କିଙ୍ଗ୍, ଟେଲିକମ୍ ଭଳି ସେବା ବାବଦ ବ୍ୟୟ ଅଧିକ ପଡ଼ିବ। ସେହିଭଳି ଫ୍ଲାଟ୍, ରେଡିମେଡ୍ ପୋଷାକ, ମାସିକିଆ ମୋବାଇଲ୍ ବିଲ୍ ଏବଂ ଟ୍ୟୁସନ ଫି ମହଙ୍ଗା ହେବ। ଜିଏସ୍‌ଟିରେ ଗୋଟିଏ ଫ୍ଲାଟ ବା ଦୋକାନ ଘର କ୍ରୟ ଉପରେ ଏବେ ୧୨ଶତାଂଶ ଟିକସ ଦେବାକୁ ପଡୁଥିବାବେଳେ ପୂର୍ବରୁ ଟିକସ ହାର ଥିଲା ପ୍ରାୟ ଛ' ଶତାଂଶ । ବୈଦେଶିକ ପୁଞ୍ଜି ନିବେଶକାରୀ ଜିଏସ୍‌ଟିକୁ ସ୍ୱାଗତ କରିଛନ୍ତି। ଏହାର କାରଣ ହେଲା ସେମାନେ ଭାରତରେ ସହଜରେ ଟଙ୍କା ଲଗାଇ ନାନାଦି ପଦାର୍ଥ ଓ ସେବା ଉତ୍ପାଦନ କରିପାରିବେ ଏବଂ ସାରା ଦେଶର ବଜାରରେ ଏହାକୁ ନିର୍ବିଘ୍ନରେ ବିକି ପାରିବେ। ଇତିମଧ୍ୟରେ ଜିଏସ୍‌ଟି ଲାଗୁ ପରେ ୨୩ଟି ରାଜ୍ୟ ଆନ୍ତଃରାଜ୍ୟ ଚନଖି ଫାଟକ ଉଠାଇ ଦେଇଛନ୍ତି।

ସାମଗ୍ରୀ ବ୍ୟବସାୟ ଗୁରୁ ତଥା ହେଜ୍ ଫଣ୍ଡ ମାନେଜର ଜିମ୍ ରୋଜର, ଯିଏକି ଭାରତ ସରକାର ବିଦେଶୀ ନିବେଶକଙ୍କ ସ୍ୱାର୍ଥ ଦେଖୁନାହାନ୍ତି କହି ଭାରତୀୟ କମ୍ପାନୀ ସମୂହରେ ଥିବା ଅଂଶଧନ ବିକିଦେଇ ୨୦୧୫ରେ ଭାରତ ଛାଡ଼ି ଥିଲେ, ଏବେ ପୁଣି ଫେରିବାକୁ ଆଗ୍ରହ ପ୍ରକାଶ କଲେଣି। ଭାରତୀୟ ବଜାରରେ ଏବେ ଜାଗରଣ ଓ ଉତ୍‌ଥାନ ଆସିବା ପରେ ରୋଜର ସ୍ୱୀକାର କରୁଛନ୍ତି ଯେ ସେ ଭାରତ ଛାଡ଼ି ଭୁଲ କରିଛନ୍ତି। ଭାରତର ଜିଏସ୍‌ଟି ପ୍ରଚଳନ ଘଟଣା ସମ୍ପର୍କରେ ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ସେ ଏଥିରେ ଅଭିଭୂତ। ଏହା ଭାରତରେ ଏକ ଦୃଢ଼ ଏକୀକୃତ ବଜାର ସୃଷ୍ଟି କରିବ ବୋଲି ସେ ମତଦେଇଛନ୍ତି।

ଉପସଂହାରରେ କୁହାଯାଇପାରେ ଯେ ଜିଏସ୍‌ଟି ଟିକସ ଫାଙ୍କି ବିରୋଧରେ ଦ୍ୱିତୀୟ ସର୍ଜିକାଲ ଷ୍ଟ୍ରାଇକ୍। ଏହାଦ୍ୱାରା ଅଧିକାଂଶ ବ୍ୟବସାୟୀ ଟିକସ ଜାଲର ପରିସରଭୁକ୍ତ ହେବେ। ଦେଶରେ ସାମଗ୍ରୀର ମୁକ୍ତ ପରିବହନ ହେବ। ଗୋଟିଏ ଟିକସ ଓ ଏକକ ବଜାର ଯୋଗୁଁ ଭାରତରେ ପୁଞ୍ଜିନିବେଶ ବୃଦ୍ଧି ପାଇବ। ଯେଉଁ ଖାଉଟିମାନେ ଅଧିକ ଖର୍ଚ୍ଚ କରନ୍ତି ନୂଆ ବ୍ୟବସ୍ଥାରେ ତାଙ୍କର ବ୍ୟୟଭାର ବଢ଼ିବ। ବିଶେଷତଃ ଖିଆପିଆ, ଭ୍ରମଣ, ସମ୍ପତ୍ତି କ୍ରୟ ଓ ମଉଜମଜ୍‌ଲିସ୍ ଆଦି ପାଇଁ ଅଧିକ ଅର୍ଥ ବ୍ୟୟ କରିବାକୁ ପଡ଼ିବ। ଏହା ସତ୍ତ୍ୱେ ପ୍ରମୁଖ ୮୧ଟି ପ୍ରକାର ସାମଗ୍ରୀ ଉପରେ ସ୍ୱଳ୍ପ ଟିକସ ସେସବୁକୁ ଶସ୍ତା କରିବ। ଦେଶ ଏକ ନୂଆ ଟିକସ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିଥିବାରୁ ଦୀର୍ଘ ମିଆଦି ଲାଭ ପାଇଁ ଲୋକଙ୍କୁ ସ୍ୱଳ୍ପ ମିଆଦି ଅସୁବିଧା ଭୋଗିବାକୁ ପଡ଼ିବ ଏବଂ ଏହା ସ୍ୱାଭାବିକ।

**(ଲେଖକ ପିଟିଆଇ ସଂବାଦ ସରବରାହ ସଂସ୍ଥାର ଆର୍ଥିକ ବ୍ୟାପାର ସମ୍ପାଦକ)**

# ଲାଭଖୋରି: ଜିଏସଟି କାର୍ଯ୍ୟାନ୍ୱୟନ ଲାଗି ଆହ୍ୱାନ

● ଗିରୀଶ ଚନ୍ଦ୍ର ପ୍ରସାଦ

୧୭ଟି କେନ୍ଦ୍ରୀୟ ଓ ରାଜ୍ୟ ଟିକସକୁ ଉଚ୍ଛେଦ କରି ତା' ସ୍ଥାନରେ ଦେଶବ୍ୟାପୀ ଗୋଟିଏ ଟିକସ ବ୍ୟବସ୍ଥା ଲାଗୁ କରାଯିବା ନେଇ ସାମଗ୍ରୀ ଓ ସେବା ଟିକସ(ଜିଏସଟି) ଭାରତ ପାଇଁ ଏକ ବଡ଼ ପରିବର୍ତ୍ତନ ଆଣିବାକୁ ଯାଉଛି। ଏହା କେନ୍ଦ୍ର-ରାଜ୍ୟ ଓ ରାଜ୍ୟ-ରାଜ୍ୟଙ୍କ ମଧ୍ୟରେ ଟିକସ ଭିନ୍ନତାର କେବଳ ପରିସମାପ୍ତି ଘଟାଇନି; ବରଂ ସମଗ୍ର ଦେଶକୁ ୨.୩ ଟ୍ରିଲିୟନ୍ ଡଲାରର ଗୋଟିଏ ବଜାରରେ ପରିଣତ କରିଛି। ଏହା ବ୍ୟବସାୟୀ ଓ ଉଦ୍ୟୋଗୀମାନଙ୍କ ବ୍ୟାବସାୟିକ ବ୍ୟବସ୍ଥାକୁ ଅତ୍ୟନ୍ତ ସହଜ, ସରଳ ତଥା ସଙ୍କୋଚତାପୂର୍ଣ୍ଣ ଆଡ଼କୁ ନେଇଯିବ।

ତେବେ ନୀତି ନିର୍ଦ୍ଧାରକଙ୍କ ସାମ୍ନାରେ ସବୁଠାରୁ ବଡ଼ ଆହ୍ୱାନ ହେଉଛି, ଏହାର ସୁବିଧା କିଭଳି ଖାଉଟିଙ୍କ ନିକଟରେ ପହଞ୍ଚିବ। ଦ୍ରବ୍ୟ ଓ ସେବା ଉପରେ କିଭଳି ଖାଉଟିଙ୍କ ଟିକସ ବୋଝ କମିବ ଏବଂ ନୂତନ ଅପ୍ରତ୍ୟକ୍ଷ ଟିକସ କୋଡ଼ରୁ ଫାଇଦା ମିଳିପାରିବ ତାହା ସୁନିଶ୍ଚିତ କରିବାକୁ ପଡିବ। ଉତ୍ପାଦନକାରୀ ଓ ବେପାରୀ କିଭଳି ଜିଏସଟିର ଫାଇଦା ଖାଉଟିଙ୍କୁ ଦେବେ ସେଥିପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଏଥିପାଇଁ ଏକ ଲାଭନିରୋଧ କର୍ତ୍ତୃପକ୍ଷ (ଆଣ୍ଟି ପ୍ରଫିଟିୟରିଂ ଅଥରିଟି) ଗଢାଯାଉଛି। ବଣିକ ଓ ଖାଉଟିଙ୍କ ମଧ୍ୟରେ କିଭଳି ଅଧିକରୁ ଅଧିକ ସଚେତନତା ସୃଷ୍ଟି କରାଯାଇପାରିବ ସେଥିଲାଗି ପଦକ୍ଷେପ ନିଆଯାଉଛି। ବିଶେଷକରି ମାଲେସିଆ ଓ ଅଷ୍ଟ୍ରେଲିଆରେ ଯେତେବେଳେ ଜିଏସଟି ଲାଗୁ ହେଲା ଏହାର ଫାଇଦା ସେମାନଙ୍କୁ ମିଳିଥିଲା।

ପୂର୍ବରୁ ପ୍ରଚଳିତ ଅପ୍ରତ୍ୟକ୍ଷ କର ପ୍ରଣାଳୀ ଥିଲା ଅତ୍ୟନ୍ତ ଗୋଲକଧନ୍ଧାମୂଳକ ତଥା ଅସ୍ୱଚ୍ଛ। ଜିଏସଟି କିନ୍ତୁ ଅତ୍ୟନ୍ତ ସ୍ୱଚ୍ଛ ତଥା ସ୍ପଷ୍ଟ। ଏଠି କେଉଁ ସାମଗ୍ରୀ ଓ ସେବା ଲାଗି ଖାଉଟି ବାସ୍ତବରେ କେତେ ଟିକସ ଦେବ ବା ଦେଉଛି ତାହା ସ୍ପଷ୍ଟ ହୋଇଯିବ। ପୂର୍ବ ବ୍ୟବସ୍ଥାରେ ଉପଭୋକ୍ତାମାନେ କୌଣସି ସେବା ଓ ଦ୍ରବ୍ୟ କ୍ଷେତ୍ରରେ ରାଜ୍ୟ ଲଗାଉଥିବା ମୂଲ୍ୟଯୁକ୍ତ କର (ଭାଟ୍) ଖୁଚୁରା ସ୍ତରରେ ଜାଣିପାରୁଥିଲେ କିମ୍ବା କେନ୍ଦ୍ର ସରକାର ଲଗାଉଥିବା ସେବାକର ସଂପର୍କରେ ଖାଉଟି ଅବଗତ ହୋଇପାରୁଥିଲା। କିନ୍ତୁ ଏକ ନିର୍ଦ୍ଦିଷ୍ଟ ସାମଗ୍ରୀ କିମ୍ବା ସେବାରେ ଉତ୍ପାଦନସ୍ଥଳ ଅଥବା ଯୋଗାଣ ସ୍ତରରୁ କେତେ ଟିକସ ଲଗାଯାଉଥିଲା ତାହା ଜଣାପଡୁନଥିଲା। ଉଦାହରଣ ସ୍ୱରୂପ କାରଖାନା ଫାଟକରେ ଦୂରସଂଚାର କମ୍ପାନୀ ବ୍ୟବହାର କରୁଥିବା ଯନ୍ତ୍ରାଂଶଗୁଡିକ ଉପରେ ଦେଉଥିବା ଉତ୍ପାଦ ଶୁଳ୍କ ମଧ୍ୟ ଏହି ନୂତନ ଟିକସ ବ୍ୟବସ୍ଥାରେ ଜଣାପଡିବ। ଉତ୍ପାଦନକାରୀମାନେ ମଧ୍ୟ ବ୍ୟବସାୟୀଙ୍କୁ ଓ ବ୍ୟବସାୟୀ ମଧ୍ୟ ଖାଉଟିଙ୍କୁ ଆଉ ସାମଗ୍ରୀ ତଥା ସେବା ଉପରେ କୌଣସି ଭୁଲ୍ ତଥ୍ୟ ଦେଇ ଦର ବଢାଇପାରିବେନାହିଁ। ସାମଗ୍ରୀ ଓ ସେବାର ମୂଲ୍ୟ ଉପରେ ସ୍ୱଚ୍ଛତା ଆସିବ।

ଯୋଗାଣ ବ୍ୟବସ୍ଥାରେ ଜିଏସଟି କାରବାର ଲାଗି ବେପାରୀଙ୍କୁ ସେମାନଙ୍କ ସାମଗ୍ରୀ ଓ ସେବା ଉପରେ ଉଚିତ୍ ଟିକସ ପୈଠ କରିବାର ଉତ୍ତରଦାୟିତ୍ୱ ରହିବ। ପୂର୍ବ ବ୍ୟବସ୍ଥା ଅପେକ୍ଷା ଅଧିକ ଟିକସ ମିଳିବ; ଯାହାକି ପୂର୍ବରୁ ନଥିଲା। ଅତଏବ ଟେଲିକମ୍ ସେବା ପ୍ରଦାନକାରୀଙ୍କୁ ସେମାନେ ବ୍ୟବସାୟ ଲାଗି ବ୍ୟବହାର କରୁଥିବା ଯନ୍ତ୍ରାଂଶ ଉପରେ ଟିକସ ବାକିର ସୁବିଧା ମିଳିବ। ଏହାଦ୍ୱାରା ଉତ୍ପାଦ କିମ୍ବା ସେବାରେ ବାସ୍ତବ ଟିକସ ବୋଝ ହ୍ରାସ ପାଇବ। ପୂର୍ବବ୍ୟବସ୍ଥା ଅପେକ୍ଷା କେତେକ କ୍ଷେତ୍ରରେ ସ୍ୱତନ୍ତ୍ର ଜିଏସଟି କ୍ଷେତ୍ରରେ ଟିକସ ସାମାନ୍ୟ ମଧ୍ୟ ଅଧିକ ରହିପାରେ।

ଅର୍ଥମନ୍ତ୍ରୀ ଅରୁଣ ଜେଟ୍ଲୀ ଜୁନ୍ ୧୧ ତାରିଖ ଦିନ ଜିଏସଟି ପରିଷଦ ବୈଠକରେ କହିଥିଲେ ଯେ, ଏକାଧିକ ସାମଗ୍ରୀ ଓ ସେବା ଉପରେ ଟିକସ ବୋଝକୁ ଆମକୁ ହାଲୁକା କରିବାକୁ ପଡିବ। ଏପରିକି ପୂର୍ବରୁ ଥିବା ବହୁ ସାମଗ୍ରୀରେ ନିଆଯାଉଥିବା ଟିକସକୁ କମାଇ ଦିଆଯିବ। ମେ'



ଅର୍ଥନୈତିକ ବାସ୍ତବତା ଓ ଉପଭୋକ୍ତାଙ୍କ ପରିବର୍ତ୍ତିତ ସାମଗ୍ରୀ ଉପଯୋଗକୁ ଦୃଷ୍ଟିରେ ରଖି ଏହାକୁ ସ୍ଥିର କରାଯାଇଛି । ମେଁ ମାସରେ ଶ୍ରୀନଗରରେ ବସିଥିବା ଜିଏସଟି ପରିଷଦ ବୈଠକରେ ୧୨୦୦ ପାଖାପାଖି ସାମଗ୍ରୀ ଉପରେ ଟିକସ ହାର ସ୍ଥିର ହୋଇଥିଲା । ୬୬ଟି ଉତ୍ପାଦରେ ଜିଏସଟି ହାର ଆଶାତୀତ ହ୍ରାସ କରାଯାଇଥିଲା । ସାମଗ୍ରୀ ଓ ସେବା ଉପରେ ଗୋଟିଏ ପଟେ ସରକାର ଟିକସ କମାଉଥିବାବେଳେ ଏହାର ଫାଇଦା ଯେଉଁଭଳି ଉତ୍ପାଦନକାରୀ ଓ ବେପାରୀ ନେଇ ନଯାଆନ୍ତି, ସେଥିଲାଗି ଜିଏସଟି ଆଇନରେ ଅତ୍ୟନ୍ତ ଲାଭ ନିରୋଧ ଧାରା (ଆଣ୍ଟି ପ୍ରଫିଟିୟରିଂ କ୍ଲଜ୍) ରଖାଯାଇଛି ।  ସରକାରଙ୍କ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ହେଉଛି ସର୍ବାଧିକ ଫାଇଦା ଉପଭୋକ୍ତା ତଥା ଖାଉଟିଙ୍କଠାରେ ପହଞ୍ଚାଇବା । ସେଥିଲାଗି କେଉଁ ସେବା ଓ ଦ୍ରବ୍ୟ ଉପରେ କେତେ ଟିକସ ଲାଗୁଛି ସେଥିନେଇ ଖାଉଟିଙ୍କୁ ସଚେତନ କରାଇବାକୁ ଅଣ୍ଟା ଭିଡ଼ିଛନ୍ତି ସରକାର ।

କେନ୍ଦ୍ରୀୟ ଜିଏସଟି ଆଇନ ସ୍ପଷ୍ଟ କରେକି, କୌଣସି ଉତ୍ପାଦ, ସେବା କିମ୍ବା ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡିଟ୍ ଉପରେ କୌଣସି ପ୍ରକାର ଟିକସ  ହ୍ରାସ ଦ୍ୱାରା ଦରଦାମ କମିବ । ଏହା ସିଧାସଳଖ ଜନତାଙ୍କୁ ଫାଇଦା ଦେବ । କୌଣସି କ୍ଷେତ୍ରରେ ଯଦି ଉତ୍ପାଦନକାରୀ ସଂସ୍ଥା କିମ୍ବା ବ୍ୟବସାୟୀ ଅଯଥା ମୁନାଫା ନେବାକୁ ଅପଚେଷ୍ଟା କରୁଥାନ୍ତି ଏବଂ ଉପଭୋକ୍ତାଙ୍କୁ ମିଳିବାକୁ ଥିବା ରିଆତିକୁ ନିଜେ ମାରିନେବାକୁ ଉଦ୍ୟମ କରିବେ, ସେମାନଙ୍କୁ ଧରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏଥିଲାଗି କେନ୍ଦ୍ରୀୟ ଉତ୍ପାଦ ଓ ବହିର୍ଶୁଳ୍କ (ସିବିଇସି) ଅଧିନସ୍ତ ଖାଉଟି ସୁରକ୍ଷା ମହାନିର୍ଦ୍ଦେଶକଙ୍କ ସଚିବ ସ୍ତରୀୟ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଲାଭ ନିରୋଧ ପ୍ରାଧିକରଣ ବିଭାଗ ଗଠନ ବ୍ୟବସ୍ଥା ରହିଛି । ଏହି କର୍ତ୍ତୃପକ୍ଷ ଉପଭୋକ୍ତାଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବା ସହ ନିୟମ ଉଲ୍ଲଙ୍ଘନକାରୀ ତଥା ମୁନାଫାଖୋରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ।

ସାମଗ୍ରୀ କିମ୍ବା ସେବା ଯୋଗାଣକାରୀଙ୍କୁ ଦର କମାଇବା ଲାଗି ପ୍ରାଧିକରଣ ନିର୍ଦ୍ଦେଶ ଦେଇପାରିବେ । ଅଥବା ଜିଏସଟି ବ୍ୟବସ୍ଥାରେ ଉକ୍ତ ସେବା ଓ ସାମଗ୍ରୀ ଉପରେ ଯଦି ଟିକସ ନଥାଏ ଏବଂ ଲାଭକାରୀ ବ୍ୟବସାୟୀ ଏହା କ୍ରେତାଙ୍କଠାରୁ ନେଇଥାଏ ତେବେ ସମ ପରିମାଣର ଅର୍ଥ ଫେରାଇବାକୁ ପ୍ରାଧିକରଣ ଆଦେଶ ଦେଇପାରିବେ । ଯଦି ଲାଭଖୋର ବ୍ୟବସାୟୀ କିମ୍ବା ବଣିକ ଦୋଷୀ ଥାନ୍ତି, ତେବେ କ୍ରେତାଙ୍କୁ  ଟିକସ ହ୍ରାସ ଉପରେ ୧୮ ପ୍ରତିଶତ ସୁଧ ସହ ଅର୍ଥ ପ୍ରଦାନ କରିବେ । ଯଦି ଗ୍ରାହକ ଟିକସ ହ୍ରାସର ଫାଇଦା ପାଇବା ଲାଗି ଦାବି ନକରନ୍ତି; ତେବେ ମଧ୍ୟ କର୍ତ୍ତୃପକ୍ଷ ଯୋଗାଣକାରୀଙ୍କଠାରୁ ଏହି ଅର୍ଥ ଆଦାୟ କରିବେ । ମୁନାଫାଖୋର ବ୍ୟବସାୟୀଙ୍କୁ ଏଥିପାଇଁ ଜୋରିମାନା କରାଯିବା ସହ ବ୍ୟାବସାୟିକ ପଞ୍ଜିକରଣ ଉପରେ କଟକଣା ଲଗାଯିବ ।

> ଦେଶବ୍ୟାପୀ ଦ୍ରବ୍ୟ ଓ ସେବାଗୁଡିକର ଗୋଟିଏ ମୂଲ୍ୟ ନିଶ୍ଚିତ କରିବା ଭଳି ଆଭିମୁଖ୍ୟ ଯେଉଁଭଳି ବିଚ୍ୟୁତି ନହୁଏ, ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି । ୫%, ୧୨%, ୧୮% ଓ ୨୮% ଭଳି ୪ଟି ପର୍ଯ୍ୟାୟରେ ଟିକସ ସ୍ଥିର କରାଯାଇଛି । ଯେଉଁ ସାମଗ୍ରୀ ଓ ସେବାକୁ ଅଧିକ ଲୋକେ ବ୍ୟବହାର କରୁଛନ୍ତି ସେସବୁକୁ ସର୍ବନିମ୍ନ ଟିକସ ସ୍ଲାବ୍‌ରେ ରଖାଯାଇଥିବା ବେଳେ ବିଳାସ ବ୍ୟସନ ତଥା ନିଶାଦ୍ରବ୍ୟ, ତମାଖୁ ଭଳି ପଦାର୍ଥ ଉପରେ ସର୍ବାଧିକ ଟିକସ ଲାଗୁ କରାଯାଇଛି ।

ଏହି କଠୋର ଆଇନଗତ ବ୍ୟବସ୍ଥା ଦ୍ୱାରା ଲାଭଖୋର ବେପାରୀଙ୍କ ଉପରେ କଟକଣା ଲାଗୁ କରିବା ସରକାରଙ୍କ ଲକ୍ଷ୍ୟ । ଏହାର ଫାଇଦା ସାଧାରଣ ଲୋକଙ୍କୁ ମିଳିବ । ଶିଳ୍ପ ଓ ଉତ୍ପାଦନ ଭଳି ବ୍ୟାପକ ଲାଭଖୋର  କ୍ଷେତ୍ରରେ ଏହାକୁ ଲାଗୁ କରିବାକୁ ଯୋଜନା ହୋଇଛି । ମୁକ୍ତ ଅର୍ଥନୈତିକ ବଜାରର କ୍ଷୁଦ୍ର ବ୍ୟବସାୟ ପରିଚାଳନା କ୍ଷେତ୍ରରେ ଏହାକୁ ସେତେଟା ଗୁରୁତ୍ୱ ଦିଆଯାଇନପାରେ । ନୂତନ ଅପ୍ରତ୍ୟକ୍ଷ କର ବ୍ୟବସ୍ଥା ଲାଗୁ ହେଉଥିବାରୁ ସାମୟିକ ସମୟ ଲାଗି ଏହି ଲାଭଖୋର ନିରୋଧ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯିବ ।

ବର୍ତ୍ତମାନ ସ୍ଥିତି ଠିକ୍‌ଠାକ୍ ଚାଲିଛି ଏବଂ ବ୍ୟବସାୟରୁ ଜିଏସଟିର ଫାଇଦା ଉପଭୋକ୍ତାଙ୍କୁ ମିଳିବା ଆରମ୍ଭ କରିଛି । ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଂସଦର କେନ୍ଦ୍ରୀୟ କକ୍ଷରେ ଜିଏସଟିର ଶୁଭାରମ୍ଭ କରିବା ପରେ ଜୁଲାଇ ପହିଲା ମଧ୍ୟରାତ୍ରରୁ ମଧ୍ୟ ଗ୍ରାହକଙ୍କୁ ସାମଗ୍ରୀ ଓ ସେବା ଉପରେ କିଛିଟା ଆଶ୍ୱସ୍ତି ମିଳିଛି । ଆପଲ୍ କମ୍ପାନୀ ପକ୍ଷରୁ ଭାରତରେ ଆଇଫୋନ୍, ଆଇପ୍ୟାଡ, ମ୍ୟାକ୍ସ ଓ ଆପଲ ୱାଚ୍ ମଡେଲ ଗୁଡିକର ଦର ହ୍ରାସ ଘଟିଛି । ହିନ୍ଦୁସ୍ତାନ ୟୁନିଲିଭର ଲିମିଟେଡ ଭଳି ଖାଉଟି ଉତ୍ପାଦ ପ୍ରସ୍ତୁତକାରୀ କମ୍ପାନୀ ମଧ୍ୟ ଡିଟରଜେଣ୍ଟ ଓ ସାବୁନ ଉପରେ ମୂଲ୍ୟହ୍ରାସ କରିଛନ୍ତି । ଦୁଇଚକିଆ ଯାନ ନିର୍ମାଣକାରୀ ହିରୋ ମୋଟୋ କ୍ରପ୍ ଲିମିଟେଡ ତା'ର ମଡେଲଗୁଡିକରେ ୪୦୦ରୁ ୧୮୦୦ ଟଙ୍କା ପର୍ଯ୍ୟନ୍ତ ହ୍ରାସ ଘଟାଇଛନ୍ତି ।

ଟିକସ ବୋଝକୁ ସାମଗ୍ରୀ ଓ ସେବା ଉପରୁ କମାଇବା ସହିତ ଏହାର ଫାଇଦା କିଭଳି ଉପଭୋକ୍ତାଙ୍କୁ ଅଧିକରୁ ଅଧିକ ମିଳିପାରିବ ସେଥିଲାଗି ସରକାର ଗୁରୁତ୍ୱ ଦେଉଛନ୍ତି । ଆୟକର ବ୍ୟକ୍ତିର କ୍ଷମତାକୁ ନେଇ ପଡିଥାଏ । ଅଧିକ ଆୟକାରୀ ବ୍ୟକ୍ତି ଅଧିକ ଆୟକର ଦେଉଥିବାବେଳେ ଅପ୍ରତ୍ୟକ୍ଷ କର ଉଭୟ ଧନୀ ଓ ଗରିବଙ୍କ ଲାଗି ସମାନ । ଜିଏସଟି ପରିଷଦ ଲାଭଖୋର ନିରୋଧୀ ପଦକ୍ଷେପ ଉପରେ ଗୁରୁତ୍ୱ ଦେଉଛି । ସେବା ଓ ସାମଗ୍ରୀର ଦରକୁ କମାଇବା ଓ ଉପଭୋକ୍ତାଙ୍କ ଉପରେ ପଡୁଥିବା ଟିକସ ବୋଝକୁ କମାଇବା ସହ ଖୁଚୁରା ସାମଗ୍ରୀ ମୁଦ୍ରାସ୍ଫୀତିକୁ ହ୍ରାସ କରିବା ମଧ୍ୟ ପରିଷଦର ଲକ୍ଷ୍ୟ ରହିଛି । ଉପଭୋକ୍ତାଙ୍କୁ ଫାଇଦା ନଦେଇ ନିଜେ ଟିକସ ଫାଙ୍କୁଥିବା ଅଧିକ ଲାଭଖୋର ବ୍ୟବସାୟୀଙ୍କଠାରୁ ଟିକସ ଟାଣି ଅର୍ଥନୀତିକୁ ସୁଦୃଢ଼ କରିବା ଜିଏସଟି ପରିଷଦର ଉଦ୍ଦେଶ୍ୟ ରହିଛି । କେନ୍ଦ୍ର ଓ ରାଜ୍ୟ ରାଜକୋଷକୁ ଅଧିକ ଟିକସ ଆସିଲେ ଏହାକୁ ଭିତିଭୂମି ନିର୍ମାଣ ଓ ଗରିବ




କଲ୍ୟାଣକାରୀ ଯୋଜନାରେ ବିନିଯୋଗ କରାଯାଇପାରିବ। ବଜାରରେ ପ୍ରତିଦ୍ୱନ୍ଦ୍ୱିତାକୁ ବଢାଇବା ସହ କୌଣସି କମ୍ପାନୀ ଏହାଦ୍ୱାରା ବଜାରରୁ ନିଜର ଅଂଶଧନକୁ ହରାଇବେନି। ଉପଭୋକ୍ତାଙ୍କୁ ଫାଇଦା ଦେବା ହିଁ କେନ୍ଦ୍ର ସରକାରଙ୍କ ପ୍ରାଥମିକତା ରହିଛି। ଜିଏସଟି ଯେଭଳି ଗରିବଙ୍କୁ ଆଘାତ ନ ଦିଏ କିମ୍ବା କ୍ଷତି ନପହଞ୍ଚାଏ ଏହାକୁ ସୁନିଶ୍ଚିତ କରିବା ଉପରେ ଜିଏସଟି ପରିଷଦ ଅର୍ଥାତ୍ ଅପ୍ରତ୍ୟକ୍ଷ ଟିକସ ପରିଷଦର ଅଧ୍ୟକ୍ଷ ତଥା କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ବିଶେଷ ଧ୍ୟାନ ଦେଉଛନ୍ତି। ଦେଶବ୍ୟାପୀ ଦ୍ରବ୍ୟ ଓ ସେବାଗୁଡିକର ଗୋଟିଏ ମୂଲ୍ୟ ନିଶ୍ଚିତ କରିବା ଭଳି ଆଭିମୁଖ୍ୟ ଯେଭଳି ବିଚ୍ୟୁତି ନହୁଏ, ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ୫%, ୧୨%, ୧୮% ଓ ୨୮% ଭଳି ୪ଟି ପର୍ଯ୍ୟାୟରେ ଟିକସ ସ୍ଥିର କରାଯାଇଛି। ଯେଉଁ ସାମଗ୍ରୀ ଓ ସେବାକୁ ଅଧିକ ଲୋକେ ବ୍ୟବହାର କରୁଛନ୍ତି ସେସବୁକୁ ସର୍ବନିମ୍ନ ଟିକସ ସ୍ଲାବ୍‌ରେ ରଖାଯାଇଥିବାବେଳେ ବିଳାସ ବ୍ୟସନ ତଥା ନିଶାଦ୍ରବ୍ୟ, ତମାଖୁ ଭଳି ପଦାର୍ଥ ଉପରେ ସର୍ବାଧିକ ଟିକସ ଲାଗୁ କରାଯାଇଛି।

ସାମଗ୍ରୀ ଓ ସେବା କ୍ଷେତ୍ରରୁ ଆଦାୟ କରାଯାଉଥିବା ପୂର୍ବ ଟିକସକୁ ଦୃଷ୍ଟିରେ ରଖି ଏକ ସମତୁଲ ବ୍ୟବସ୍ଥା ଜରିଆରେ ଜିଏସଟି ଟିକସ ପ୍ରତିଶତ ଧାର୍ଯ୍ୟ କରାଯାଇଛି। ତେବେ ବୟନଶିଳ୍ପ ଭଳି କେତେକ କ୍ଷେତ୍ର ଏବେ ସେମାନଙ୍କ ସାମଗ୍ରୀକୁ ଜିଏସଟିମୁକ୍ତ କରିବା ଲାଗି ଦାବି କରୁଛନ୍ତି। ଯଦି କୌଣସି ସାମଗ୍ରୀକୁ ଜିଏସଟିରୁ ମୁକ୍ତ କରିଦିଆଯାଏ, ତେବେ ପଦାର୍ଥର ଉତ୍ପାଦନ ପୂର୍ବ ପର୍ଯ୍ୟାୟର କଞ୍ଚାମାଲ ଉପରେ ବିକ୍ରେତା ଆଉ ପ୍ରଦତ୍ତ ଟିକସ ଦାବି କରିପାରିବେନି। ଏପରିକି ଏହା ସାମଗ୍ରୀର ଦରକୁ ମଧ୍ୟ ବଢାଇଦେବ।

ଶିଳ୍ପ ଉଦ୍ୟୋଗ ଲାଗି ଆଉ ଏକ ଚିନ୍ତା ହେଲା, କେତେକ ସେବା ଉପରେ ଟିକସ ବୋଝ ବଢିବା ଆଶଙ୍କା। ସେବା ଓ ସାମଗ୍ରୀର ପ୍ରକାରଭେଦକୁ ଦୃଷ୍ଟିରେ ରଖି ଟିକସ ପକାଇବା ବିଶ୍ୱସ୍ତରରେ ବ୍ୟବସ୍ଥା ରହିଛି। ଜିଏସଟି ପରିଷଦ ମଧ୍ୟ ଅନୁରୂପ ନୀତି ଆପଣେଇଛି। ଉଦାହରଣ ସ୍ୱରୂପ ଦୂରସଞ୍ଚାର ସେବା (ଟେଲିକମ୍ ସର୍ଭିସେସ୍) ଉପରେ ପୂର୍ବରୁ ୧୫ ପ୍ରତିଶତ ଟିକସ ରହିଥିବାବେଳେ ନୂତନ ଟିକସ ବ୍ୟବସ୍ଥାରେ ଏହା ୧୮ ପ୍ରତିଶତକୁ ବୃଦ୍ଧି ପାଇଛି। ଟେଲିକମ୍ କ୍ଷେତ୍ରରେ ଆଶଙ୍କା ହେଉଛି ଏହାଦ୍ୱାରା ଟେଲିଫୋନ୍ ବିଲ୍ ବଢିଯିବ। ତେବେ ମେ ୨୬ ତାରିଖରେ ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, କମ୍ପାନୀଗୁଡିକଙ୍କ ଲାଗି ଉପଲବ୍ଧ ଟ୍ୟାକ୍ସ କ୍ରେଡିଟ୍ ସେମାନେ ପୂର୍ବରୁ ସ୍ପେକ୍ଟ୍ରମ୍ ଓ ଅନ୍ୟାନ୍ୟ ଯନ୍ତ୍ରାଂଶ ଆମଦାନୀ ଉପରେ ଦେଉଥିବା ସେବା ଶୁଳ୍କଠାରୁ କମ୍ ରହିବ। ଏ ସମସ୍ତ ଟ୍ୟାକ୍ସ କ୍ରେଡିଟ୍ ଟେଲିକମ୍ କମ୍ପାନୀଙ୍କ ଜିଏସଟି ଜରିଆରେ ଟିକସ ଅର୍ଥ ପୈଠ ଉତ୍ତରଦାୟିତ୍ୱକୁ ହ୍ରାସ କରିବ। ଗତ ଆର୍ଥିକ ବର୍ଷରେ ସେମାନେ ଯାହା ଦେଇଥିଲେ ଜିଏସଟିରେ ସେମାନଙ୍କୁ ୮୭ ପ୍ରତିଶତ ଦେବାକୁ ପଡିବ। ଯାହାକି ୧୩ ପ୍ରତିଶତ କମ୍ ବୋଲି ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ଏହାସତ୍ତ୍ୱେ ଜିଏସଟି ଲାଗୁ ହୋଇ ଏହାର ପ୍ରଥମ ବିଲିଂ ଶେଷହେବା ପର୍ଯ୍ୟନ୍ତ ପରିସ୍ଥିତିକୁ କମ୍ପାନୀ ଗୁଡିକ ଅପେକ୍ଷା କରିଛନ୍ତି। ଜିଏସଟି ଯୋଗୁଁ ଟେଲିସେବା ଯୋଗାଇବା ଖର୍ଚ୍ଚ ଅଧିକ ପଡୁଛି କି ନାହିଁ ତାହାକୁ ଉଦ୍ୟୋଗୀ ଅପେକ୍ଷା କରିଛନ୍ତି।

କେରଳ ଅର୍ଥମନ୍ତ୍ରୀ ଥୋମାସ୍ ଆଇଜାକ୍ ଓ ଜମ୍ମୁ-କାଶ୍ମୀର ଅର୍ଥମନ୍ତ୍ରୀ ହସିବ୍ ଡ୍ରାବୁ ଗତ ମେଁ ମାସ ଜିଏସଟି ବୈଠକରେ କେତେକ ଆଶଙ୍କା ସଂପର୍କରେ ସୂଚନା ଦେଇଥିଲେ। ସେମାନଙ୍କ କହିବାକଥା, ଏହି ଟିକସ ସଂସ୍କାର ଯୋଗୁଁ ସେବା ଓ ସାମଗ୍ରୀ ଗୁଡିକର ଦରଦାମ ବଢିଯିବ ଓ ଏହା ଉପଭୋକ୍ତାଙ୍କ ଉପରେ ଶେଷରେ ଯାଇ ପଡିବ। ମାତ୍ର ସରକାର ଏହାକୁ ଖଣ୍ଡନ କରିଛନ୍ତି।

ରାଜସ୍ୱ ସଚିବ ହସମୁଖ୍ ଆଧିଆ ଲାଭଖୋର ନିରୋଧ ସଂଘ ସଂପର୍କରେ ଅଧିକ ସ୍ପଷ୍ଟ କରିଛନ୍ତି। ଏହି କର୍ତ୍ତୃପକ୍ଷ ଜିଏସଟି ଦର ସ୍ଥିର କରିବା ଦିନଠାରୁ ବ୍ୟବସାୟ ଗୁଡିକର ଦର ସମୀକ୍ଷା କରୁଛି। ଜିଏସଟି ଅନୁଯାୟୀ ଦର ସ୍ଥିର ହେଉଛି। ଏହାବ୍ୟତୀତ ବ୍ୟାପକ ବ୍ୟବସାୟ ଓ ଭିନ୍ନ ଭିନ୍ନ ଶିଳ୍ପ କ୍ଷେତ୍ର ଲାଗି ଲାଭ ସଂପର୍କରେ ସମୀକ୍ଷା କରିବ। ଛୋଟମୋଟ ଦର ସଂଶୋଧନକୁ ଗୁରୁତ୍ୱ ଦିଆଯିବନି। ନୂତନ ଟିକସ ବ୍ୟବସ୍ଥାରେ ବ୍ୟବସାୟୀଙ୍କୁ ସହଯୋଗ ଓ ସହାୟତା କରିବା ଓ ନିୟମ ଲାଗୁ ବେଳେ ରହୁଥିବା ଛୋଟ ଛୋଟ ସମସ୍ୟାକୁ ସୁଧାରିବା ଲାଗି ଜିଏସଟି ପରିଷଦ ଓ ଟିକସ ପ୍ରାଧିକରଣ ଗୁରୁତ୍ୱ ଦେଉଛନ୍ତି। ଏହାଦ୍ୱାରା ଜିଏସଟିକୁ ଉଚିତ ଢଙ୍ଗରେ ପରିଚାଳନା କରିବା ସହ ଏହାଦ୍ୱାରା ଦେଶ ଲାଭାନ୍ୱିତ ହୋଇପାରିବ।

(ଲେଖକ ହେଉଛନ୍ତି ନୂଆଦିଲ୍ଲୀରେ ଅବସ୍ଥାପିତ ଜଣେ ବ୍ୟାବସାୟିକ ସମ୍ବାଦ ବାର୍ତ୍ତା)

ବିଶେଷ ପ୍ରବନ୍ଧ

# ଭାରତରେ ଐତିହାସିକ ଟିକସ ସଂସ୍କାର ପଛରେ ଥିବା ବୈଷୟିକ ଶକ୍ତି ଜିଏସ୍‌ଟିଏନ୍

● ପ୍ରକାଶ କୁମାର

୨୦୧୭ ଜୁଲାଇ ପହିଲାରେ ଭାରତରେ ଐତିହାସିକ ଟିକସ ସଂସ୍କାର ବ୍ୟବସ୍ଥା ପ୍ରବର୍ତ୍ତନ କରାଯାଇ ଦ୍ରବ୍ୟ ଓ ସେବା କ୍ଷେତ୍ରରେ ପ୍ରଥମ ଏକକ କର ବ୍ୟବସ୍ଥା ଜିଏସ୍‌ଟି କାର୍ଯ୍ୟକାରୀ ହୋଇଛି। ଏହା ଫଳରେ ସମଗ୍ର ଦେଶ ଗୋଟିଏ ବଜାରରେ ରୂପାନ୍ତରିତ ହେବା ସହିତ ଏକ ପ୍ରକାର ଟିକସ ବ୍ୟବସ୍ଥା ପ୍ରଚଳନ ଦ୍ୱାରା ଦେଶର ଅର୍ଥନୀତି ସମୃଦ୍ଧ ହେବ ବୋଲି ଆଶା କରାଯାଉଛି। ଭାରତ ୨୬ ବର୍ଷ ତଳେ ଏକ ବଡ଼ ଧରଣର ଆର୍ଥିକ ସଂସ୍କାର ବ୍ୟବସ୍ଥା କାର୍ଯ୍ୟକାରୀ କରି ନିଜର ଅର୍ଥନୀତି ବାହାର ଦୁନିଆ ପାଇଁ ମୁକ୍ତ କରିଥିଲା। ଏବେ ଜିଏସ୍‌ଟିକୁ କାର୍ଯ୍ୟକାରୀ କରି ଭାରତ ସେହି କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବାକୁ ଯାଉଛି। ଏହାଦ୍ୱାରା ଉଦାରୀକରଣ ଅଭିବୃଦ୍ଧିର ଲାଭ ଅଧିକ ହେବ ବୋଲି ବିଚାର କରାଯାଉଛି।

ନୂଆ ଦ୍ରବ୍ୟ ଓ ସେବାକର ଦେଶରେ ପ୍ରଚଳିତ ଥିବା ୧୭ଟି କେନ୍ଦ୍ରୀୟ ଓ ପ୍ରାଦେଶିକ କର ତଥା ୨୨ ପ୍ରକାର ଉପକର (ସେସ୍)ର ଅବସାନ ଘଟାଇ ତା'ସ୍ଥାନରେ ଗୋଟିଏ ପ୍ରକାର କର ବ୍ୟବସ୍ଥା କରିଛି। ଏହା ଫଳରେ ବିଭିନ୍ନ ପ୍ରକାର କର, ଟିକସ ଉପରେ ଟିକସ, ଖାଉଟିଙ୍କ ଉପରକୁ ଟିକସ ବୋଝ ହାଲୁକା କରିବାର ପ୍ରୟାସ ଆଦି ଯାବତୀୟ ଜଞ୍ଜାଳର ଅବସାନ ଘଟିଛି। ମୋଟମୋଟି ଭାବେ କହିବାକୁ ହେବ ଯେ, ପରୋକ୍ଷ କର କ୍ଷେତ୍ରରେ ଜିଏସ୍‌ଟି ଏକ ଅତି ଗୁରୁତ୍ୱପୂର୍ଣ୍ଣ ଓ ସରଳ କର ବ୍ୟବସ୍ଥା ଭାବେ ପ୍ରବର୍ତ୍ତିତ ହୋଇଛି। ପୂର୍ବରୁ ରାଜ୍ୟଗୁଡ଼ିକ ଯେଉଁ ୩୪ ପ୍ରକାର ଭ୍ୟାଟ୍ ବା ମୂଲ୍ୟ ମିଶ୍ରିତ ଟିକସ ଆଦାୟ କରୁଥିଲେ ସେଥିପାଇଁ ବ୍ୟବସାୟୀଙ୍କୁ ୯୭ ପକାରର ବିଭିନ୍ନ ହିସାବକିତାବ ରିଟର୍ଣ୍ଣ ଆଦି ସରକାରଙ୍କ ନିକଟରେ ଦାଖଲ କରିବାକୁ ପଡୁଥିଲା। କେବଳ ସେତିକି ନୁହେଁ ଏଥିପାଇଁ ୩୧୭ ପରିଶିଷ୍ଟ (ଆନେକଷ୍ଟର) ଓ ୨୮ଟି ଘୋଷଣାନାମା ଦେବାକୁ ପଡୁଥିଲା। କେନ୍ଦ୍ରୀୟ ଉତ୍ପାଦକର ପାଇଁ ୧୩ଟି ରିଟର୍ଣ୍ଣ ଫର୍ମ ଭରିବାକୁ ପଡୁଥିଲା ଏବଂ ଏଥିପାଇଁ ମଧ୍ୟ ଘୋଷଣାନାମା ଦାଖଲ ଅନିବାର୍ଯ୍ୟ ଥିଲା। ଏପରିକି ସେତେବେଳେ ୧୨ ପ୍ରକାର ଚାଲାଣ ବ୍ୟବହୃତ ହେଉଥିଲା। ନୂଆ ବ୍ୟବସ୍ଥାରେ ଏସବୁର ଅବସାନ ଘଟିଛି। ଏବେ ମୋଟ ୧୨ଟି ଫର୍ମ ଓ ଗୋଟିଏ ଘୋଷଣାପତ୍ର (ଡିକ୍ଲାରେସନ) ସାରା ଦେଶ ପାଇଁ ଲାଗୁ କରାଯାଇଛି। ଏହାଦ୍ୱାରା ଟିକସ ପ୍ରଦାନ ଓ ରିଟର୍ଣ୍ଣ ଫାଇଲ ବ୍ୟବସ୍ଥା ସହଜ ଓ ସରଳ ହୋଇଥିବାବେଳେ ଟିକସ ପୈଠ ଜନିତ ଜଞ୍ଜାଳକୁ ଲାଘବ କରାଯାଇଛି। ସର୍ବୋପରି ନୂଆ ବ୍ୟବସ୍ଥା ସହଜରେ ବେପାର ବଣିଜ କରିବାର ପରିବେଶକୁ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇବାରେ ସହାୟକ ହେବ।

ଜିଏସ୍‌ଟିର ପ୍ରକଳ୍ପିତ ଲକ୍ଷ୍ୟ ମଧ୍ୟରେ ରହିଛି ମାସିକିଆ ରିଟର୍ଣ୍ଣ ଫାଇଲ୍ ପରେ ୮୦ ଲକ୍ଷ ଟିକସଦାତା ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡିଟ (ଆଇଟିସି)କୁ ୧୦ଦିନ ମଧ୍ୟରେ ପ୍ରୋସେସ୍ କରିବା। ଏହାଦ୍ୱାରା ବ୍ୟବସାୟରୁ ବ୍ୟବସାୟ ସଂକ୍ରାନ୍ତ ବୀଜକ ବା ଇନ୍‌ଭଏସ୍ ଡାଟା ସଂଖ୍ୟା ୨୬୦ ରୁ ୩୦୦ କୋଟି ପର୍ଯ୍ୟନ୍ତ ହେବ ବୋଲି ଆଶା କରାଯାଉଛି। ଏଥିପାଇଁ ଏକ ଶକ୍ତିଶାଳୀ ଆଇଟି ଭିତ୍ତିଭୂମିର ଆବଶ୍ୟକତା ରହିଛି। ତା' ବିନା ଏହି କର ହିସାବ ଓ କାରବାର ଜନିତ କାର୍ଯ୍ୟ ସମ୍ଭବ ହୋଇପାରିବ ନାହିଁ। ତେଣୁ ଯଦି କୁହାଯାଏ ଯେ, ଆବଶ୍ୟକ ବୈଷୟିକ ଜ୍ଞାନ କୌଶଳର ସହାୟତା ବିନା ଜିଏସ୍‌ଟି ଅସଂପୂର୍ଣ୍ଣ ତେବେ ତାହା ଭୁଲ ହେବ ନାହିଁ। ଜିଏସ୍‌ଟିର ଯେଉଁ ଆଇଟି ମେରୁଦଣ୍ଡ ପ୍ରସ୍ତୁତ ହୋଇଛି ତାହା ହେଲା ପୋର୍ଟାଲ ଓ ଆଇଟି ପ୍ଲାଟଫର୍ମ ବ୍ୟବସ୍ଥା। ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ଓ ସୂଚନା ପ୍ରଯୁକ୍ତିକୁ ଉପଯୋଗ କରି ଏହି ବ୍ୟବସ୍ଥା ତିଆରି ହୋଇଛି ଯାହା ଜିଏସ୍‌ଟି ପ୍ରବର୍ତ୍ତନକୁ ଏକ ବାସ୍ତବ ରୂପ ଦେଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଜିଏସ୍‌ଟି ନେଟ୍‌ୱାର୍କ ବା ଜିଏସ୍‌ଟିଏନ୍ ସଫଳତାର ସହିତ ଏକ ସାଧାରଣ (କମନ) ପୋର୍ଟାଲ ପ୍ରସ୍ତୁତ କରିଛି ଯାହା ସବୁ ପ୍ରକାର ବ୍ୟବସାୟ ପାଇଁ ଲକ୍ଷ୍ୟସ୍ଥଳୀ ହୋଇଛି। ଏସଂକ୍ରାନ୍ତ ସବୁକାମ ଏହାଦ୍ୱାରା ଗୋଟିଏ ବ୍ୟବସ୍ଥାରେ ଏକସ୍ଥାନରେ କରାଯାଇପାରିବ। ପରୋକ୍ଷ କର ଟିକସ ବ୍ୟବସ୍ଥାରେ ଥିବା ସବୁ ଟିକସଦାତା, ବ୍ୟବସାୟୀ ଓ ଅନ୍ୟାନ୍ୟ ସଂପୃକ୍ତ ପକ୍ଷ ଏହା ମାଧ୍ୟମରେ ନିଜର କାର୍ଯ୍ୟ ସହଜରେ କରିପାରିବେ। ଏହି ଲେଖା ପ୍ରସ୍ତୁତ ହେବାବେଳକୁ ବର୍ତ୍ତମାନର ଟିକସଦାତାଙ୍କ ମଧ୍ୟରୁ ୬୯ ଲକ୍ଷରୁ ଅଧିକ ଜିଏସ୍‌ଟିଏନ୍ ପୋର୍ଟାଲରେ ପଞ୍ଜୀକୃତ ହୋଇ ନୂଆ ଜିଏସ୍‌ଟି ବ୍ୟବସ୍ଥାର ଅନ୍ତର୍ଭୁକ୍ତ ହୋଇସାରିଥିଲେ। ୨୦୧୭ ଜୁନ୍ ୨୫ରେ ନୂଆ ପଞ୍ଜୀକରଣ ପାଇଁ ଏହି ପୋର୍ଟାଲକୁ ମଧ୍ୟ ପୁଣି ଖୋଲାଯାଇଥିଲା। ଏହା

ଫଳରେ ଟିକସଦାତା ପ୍ରଥମ ଥର ପାଇଁ ନୂଆ ଟିକସ ଢାଞ୍ଚାର ଅନ୍ତର୍ଭୁକ୍ତ ହେବାର ସୁଯୋଗ ପାଇଛନ୍ତି। ନୂଆ ପଞ୍ଜୀକରଣ ପାଇଁ ପାଞ୍ଚଲକ୍ଷରୁ ଅଧିକ ଆବେଦନ କରିଥିବା ବେଳେ ଲେଖା ପ୍ରସ୍ତୁତ ବେଳକୁ ସେମାନଙ୍କ ମଧ୍ୟରୁ ତିନିଲକ୍ଷଙ୍କୁ ପଞ୍ଜୀକୃତ କରାଯାଇଛି।

**ଜିଏସ୍‌ଟିଏନ୍ - ଜିଏସ୍‌ଟିର ଆଇଟି ସହାୟକ:**

ଦ୍ରବ୍ୟ ଓ ସେବାକର ଟିକସ ନେଟ୍‌ୱାର୍କ (ଜିଏସ୍‌ଟିଏନ୍) ଜିଏସ୍‌ଟିର ମେରୁଦଣ୍ଡ ଭାବେ ପରିଗଣିତ। ଏହାର ମୁଖ୍ୟ କାର୍ଯ୍ୟ ହେଲା ନୂଆ ଟିକସ ବ୍ୟବସ୍ଥା ପାଇଁ ଆବଶ୍ୟକ ବୈଷୟିକ ଭିତ୍ତିଭୂମି ପ୍ରସ୍ତୁତ କରିବା ଏବଂ ବିବିଧ ଟିକସ ବ୍ୟବସ୍ଥା ପରିବର୍ତ୍ତେ ଏକକ ଟିକସ ବ୍ୟବସ୍ଥାର ସେବା ଟିକସଦାତାଙ୍କୁ ଯୋଗାଇ ଦେବା। ଜିଏସ୍‌ଟିଏନ୍ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ପ୍ରତିଷ୍ଠା ହୋଇଛି। ଏହା ଏକ ସ୍ୱତନ୍ତ୍ର ଉଦ୍ଦେଶ୍ୟ ସାଧନକାରୀ, ବେସରକାରୀ, ଅଣଲାଭକାରୀ କମ୍ପାନୀ। ଏଥିରେ ରାଜ୍ୟ ସମୂହଙ୍କର ୨୪.୫ ଶତାଂଶ ଅଂଶଧନ ରହିଥିବା ବେଳେ କେନ୍ଦ୍ର ସରକାରଙ୍କର ସମାନ ୨୪.୫% ଅଂଶଧନ ରହିଛି। ଅବଶିଷ୍ଟ ଅଂଶଧନ ପାଞ୍ଚଟି ଘରୋଇ ଆର୍ଥିକ ପ୍ରତିଷ୍ଠାନଙ୍କ ନିୟନ୍ତ୍ରଣରେ ରହିଛି। ଏହି ଢାଞ୍ଚା ଘରୋଇ ଉଦ୍ୟୋଗଙ୍କୁ କୋହଳ ସୁବିଧା ସୁଯୋଗ ଯୋଗାଇଥିଲେ ମଧ୍ୟ ଏହାର ଗୁରୁତ୍ୱପୂର୍ଣ୍ଣ ନିୟନ୍ତ୍ରଣ ବ୍ୟବସ୍ଥା କେନ୍ଦ୍ରସରକାରଙ୍କ ହାତରେ ରହିଛି।

ତେବେ ଆମକୁ ମନେ ରଖିବାକୁ ହେବ ଯେ ବହୁମୁଖୀ, ବହୁପାକ୍ଷିକ ନାନାବିଧ ଟିକସ ବ୍ୟବସ୍ଥାର ଅବସାନ ଘଟାଇ ତା'କୁ ଗୋଟିଏ ବ୍ୟବସ୍ଥାରେ ପକାଇବା ଏବଂ ସାରା ଦେଶ ପାଇଁ ଏକ ପ୍ରକାର ଟିକସ ବ୍ୟବସ୍ଥା କରି ତାହାକୁ କାର୍ଯ୍ୟକାରୀ କରିବା ସହଜ କାମ ନୁହେଁ। ଜିଏସ୍‌ଟି ସିଷ୍ଟମ୍ ପ୍ରକଳ୍ପ ଏକ ଅନୁପମ ଅଥଚ ଜଟିଳ ପ୍ରୟାସ। ଏହା ଅନୁପମ ଏଇଥିପାଇଁ ଯେ ପ୍ରଥମ ଥର ପାଇଁ ଟିକସଦାତାଙ୍କ ନିମନ୍ତେ ଏହା ଏକ ଏକକ ଅନ୍ତର୍ଫଳକ (ଇଣ୍ଟରଫେସ୍) ପ୍ରସ୍ତୁତ କରୁଛି ଏବଂ ଉଭୟ କେନ୍ଦ୍ର ତଥା ରାଜ୍ୟ ସରକାର ଗୋଟିଏ ଏକକ ବ୍ୟବସ୍ଥାର ଓ ଢାଞ୍ଚାର ଉପଯୋଗ କରୁଛନ୍ତି। ସାରା ଦେଶରେ ଭିନ୍ନ ଭିନ୍ନ ବ୍ୟବସ୍ଥାରେ ଦୀର୍ଘକାଳ ଧରି ପ୍ରଚଳିତ ବିଭିନ୍ନ ପ୍ରକାରର ଟିକସ ବ୍ୟବସ୍ଥାର ଅବସାନ ଘଟାଇ ଗୋଟିଏ ପ୍ରକାର ଟିକସ ବ୍ୟବସ୍ଥା ପ୍ରବର୍ତ୍ତନ ଓ ଗୋଟିଏ ଭାରତ ବଜାର ସୃଷ୍ଟି ନିଶ୍ଚିତ ଏକ ଜଟିଳ ପ୍ରୟାସ। ଏହାଛଡ଼ା ଜିଏସ୍‌ଟି ଏକ ଗନ୍ତବ୍ୟ ଭିତ୍ତିକ ଟିକସ ହୋଇଥିବାରୁ ସେଥିପାଇଁ ଦ୍ରବ୍ୟ ଓ ସେବାର ଆନ୍ତଃରାଜ୍ୟ କାରବାର ଏକ ବିରାଟ ବନ୍ଦୋବସ୍ତ ବ୍ୟବସ୍ଥା ଲୋଡ଼େ। ଏଥିପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ସ୍ୱତନ୍ତ୍ର ଦାୟିତ୍ୱ ରହିଛି। ଅତଏବ ଏହାର ସଫଳତା ପାଇଁ ଏକ ଦୃଢ଼ ଓ ସ୍ୱୟଂସମ୍ପୂର୍ଣ୍ଣ ଆଇଟି ସେବା ବ୍ୟବସ୍ଥା ଲୋଡ଼ା। ଏ କ୍ଷେତ୍ରରେ କେନ୍ଦ୍ର, ରାଜ୍ୟ, ଟିକସଦାତା, ଆକାଉଣ୍ଟିଙ୍ଗ୍ ଅଫିସ୍, ବ୍ୟାଙ୍କ, ରିଜର୍ଭ ବ୍ୟାଙ୍କ ଆଦି ସମସ୍ତ ସଂପୃକ୍ତ ପକ୍ଷଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

ଜିଏସ୍‌ଟିଏନ୍ ଗତ ଦୁଇ ବର୍ଷ ଧରି ଏଥିପାଇଁ ନିରନ୍ତର ଯୋଜନା ପ୍ରସ୍ତୁତି, ପୋର୍ଟାଲ ନିର୍ମାଣ, ଆବେଦନକାରୀ ସଫ୍ଟୱେୟାର ତିଆରି ଓ ଅନ୍ୟାନ୍ୟ ଭିତ୍ତିଭୂମି ବିକାଶରେ ଲାଗିଛି। ଏ କ୍ଷେତ୍ରରେ ଜିଏସ୍‌ଟିକୁ ଆବଶ୍ୟକ ସେବା ପ୍ରଦାନ କରିବାକୁ ଇନ୍‌ଫୋସିସ୍ କମ୍ପାନୀ ପାଞ୍ଚବର୍ଷ ପାଇଁ ଚୁକ୍ତିବଦ୍ଧ ହୋଇଛି।

କମନ୍ ଜିଏସ୍‌ଟି ପୋର୍ଟାଲ ସାରା ଦେଶର ଟିକସଦାତାଙ୍କ ପାଇଁ ଏକକ ଇଣ୍ଟରଫେସ୍ ଯାହାକୁ ଦେଶର ଯେକୌଣସି ସ୍ଥାନରୁ ଆକ୍‌ସେସ୍ କରିହେବ। ତେବେ ଯେଉଁଠି କୌଣସି ଟିକସଦାତା ଯଦି ତଦାରଖ କିମ୍ବା ଅଡିଟ୍ ଆଦି କାରଣ ପାଇଁ ଚିହ୍ନଟ ହୋଇଥାନ୍ତି ତା' ହେଲେ ସେ ସଂପୃକ୍ତ ଟିକସ କର୍ତ୍ତୃପକ୍ଷଙ୍କ ସହ ଇଣ୍ଟରଫେସ୍ କରିପାରିବେ। ଅନ୍ୟସବୁ କାମ ପାଇଁ (ପ୍ରାୟ ୯୫%) ଟିକସଦାତାଙ୍କ ନିମନ୍ତେ କମନ୍ ଜିଏସ୍‌ଟି ପୋର୍ଟାଲ ଇଣ୍ଟରଫେସ୍ ଭାବେ କାର୍ଯ୍ୟ କରିବ।

**ଏହା କେମିତି କାର୍ଯ୍ୟ କରୁଛି:**

ଜିଏସ୍‌ଟିଏନ୍ ଏକ ୱାନ୍ ଷ୍ଟପ୍ ସପ୍ (ଗୋଟିଏ ଯାଗାରେ ବିବିଧ ସେବା ଯୋଗାଣ) ବ୍ୟବସ୍ଥା ଭାବେ କାର୍ଯ୍ୟ କରିବାକୁ ପ୍ରସ୍ତୁତ। ଗୋଟିଏ ସ୍ଥାନ ବା ବ୍ୟବସ୍ଥାରେ ଏହା ସବୁ ପ୍ରକାର ପରୋକ୍ଷ କର ସଂକ୍ରାନ୍ତ ସେବା ଯଥା ସାଧାରଣ ପଞ୍ଜିକରଣ, ଦେୟ ଦେବାକୁ ବ୍ୟାଙ୍କ ପାଇଁ ଚାଲାଣ ତିଆରି କରିବା, ବ୍ୟବସାୟ ବା କାରବାର ସଂକ୍ରାନ୍ତ

ଜିଏସ୍‌ଟି ବ୍ୟବସ୍ଥାରେ ସବୁ ସାଧାରଣ ଓ ସାମୟିକ ଟିକସଦାତା ତାଙ୍କର କାରବାର ସଂକ୍ରାନ୍ତ ତଥ୍ୟାବଳୀ ସେ ମାସର ପରବର୍ତ୍ତୀ ମାସର ୧୦ ତାରିଖ ସୁଦ୍ଧା ଜିଏସ୍‌ଟିଆର୍ ଫର୍ମାଟ-୧ରେ ଦେଖାଇବାକୁ ବାଧ୍ୟ। ଏହି ପ୍ରୟାସର ଅଂଶ ସ୍ୱରୂପ ଜିଏସ୍‌ଟିଏନ୍ ଏକ ଅଫ୍‌ଲାଇନ୍ ଟୁଲ୍ ଓ ଏକ ସରଳ ଏକ୍‌ସେଲ ଭିତ୍ତିକ ଟେମ୍ପଲେଟ୍ ପ୍ରସ୍ତୁତ କରିଛି ଯାହାକୁ ଅତିକମ୍ ପଇସାରେ ବ୍ୟବହାର କରି ଟିକସଦାତା ସର୍ବାଧିକ ବ୍ୟବହାର କରିପାରିବେ। ଏହା ମାଧ୍ୟମରେ ସେମାନେ ସହଜରେ ନିଜର ମାସିକ ରିଟର୍ଣ୍ଣ ପ୍ରସ୍ତୁତ ଓ ଫାଇଲ କରିପାରିବେ।

ଜିଏସ୍‌ଟି କମନ୍ ପୋର୍ଟାଲରୁ ଏକ୍‌ସେଲ ୱାର୍କବୁକ୍ ଟେମ୍ପଲେଟ୍‌କୁ ସହଜରେ ଡାଉନ୍‌ଲୋଡ୍ (www.gst.gov.in) କରିହେବ। ଇନ୍‌ଭଏସ୍ ସଂକ୍ରାନ୍ତ ସମସ୍ତ ତଥ୍ୟ ଏହା ମାଧ୍ୟମରେ ନିୟମିତ ଟିକସଦାତା ସଂଗ୍ରହ କରିପାରିବେ। ଏକ୍‌ସେଲ୍ ସିଟ୍‌ର ତଥ୍ୟକୁ ଏହାପରେ ଅଫ୍‌ଲାଇନ୍ ଟୁଲ୍ ଦ୍ୱାରା ବ୍ୟବହାର କରାଯାଇପାରିବ ଯାହା ଏକ୍‌ସେଲ୍ ସିଟ୍‌ରୁ ତଥ୍ୟ ଆମଦାନୀ କରି ଜେଏସ୍‌ଓଏନ୍ ଫାଇଲ୍ ତିଆରି କରିହେବ। ଏହି ଫାଇଲକୁ ଜିଏସ୍‌ଟି ପୋର୍ଟାଲରେ ଇଣ୍ଟରନେଟ୍ ଦ୍ୱାରା ଅପ୍‌ଲୋଡ୍ କରିହେବ। ଏଥିପାଇଁ କେବଳ ଥରୁଟିଏ ଇଣ୍ଟରନେଟ୍ ଟିକସଦାତାଙ୍କୁ ବ୍ୟବହାର କରିବାକୁ ହେବ।



# ଜିଏସ୍‌ଟି

## ସାମଗ୍ରୀ ଓ ସେବା କର

ଇନ୍‌ଭଏସ ପ୍ରସ୍ତୁତି ଓ ତାହାର ରିଟର୍ଣ୍ଣ ଫାଇଲ ବ୍ୟବସ୍ଥା ସଂକ୍ରାନ୍ତ ତଥ୍ୟାବଳୀ ଓ ସେବା ଜିଏସ୍‌ଟିଏନ୍ ଯୋଗାଇ ଦେଉଛି । ଦେଶର ୨୭ ରାଜ୍ୟ ଓ କେନ୍ଦ୍ରାଞ୍ଚଳକୁ ଆସେସ୍‌ମେଣ୍ଟ, ଅପିଲ, ଏନ୍‌ଫୋର୍ସମେଣ୍ଟ ଆଦି ପ୍ରସଙ୍ଗରେ ବ୍ୟାକଏଣ୍ଡ ମୋଡ୍ୟୁଲ ଯୋଗାଇ ଦେବାକୁ ମଧ୍ୟ ଜିଏସ୍‌ଟିଏନ୍‌କୁ କୁହାଯାଇଛି । ୨୦୧୬ ନଭେମ୍ବର ଆଠ ତାରିଖରେ ଜିଏସ୍‌ଟିଏନ୍ ତାହାର ରେଜିଷ୍ଟ୍ରେସନ ମଡ୍ୟୁଲ ପ୍ରବର୍ତ୍ତନ କରିଥିଲା । ଏହା ଫଳରେ ଭ୍ୟାଟ୍, ସେବା କର, କେନ୍ଦ୍ରୀୟ ଉତ୍ପାଦନ ଶୁଳ୍କ ଓ ଅନ୍ୟାନ୍ୟ ଟିକସ ଦେଉଥିବା ପ୍ରଚଳିତ ଟିକସ ଦାତାମାନେ ଏଥିରେ ପଞ୍ଜିକୃତ ହେବାର ସୁଯୋଗ ପାଇଲେ । ଏହା ପରଠାରୁ କମନ୍ ପୋର୍ଟାଲ କାର୍ଯ୍ୟକ୍ଷମ ହୋଇଛି ଏବଂ ସବୁ ଟିକସଦାତାଙ୍କ ପାଇଁ ଏକକ ଇଣ୍ଟରଫେସ୍‌ରେ ପରିଣତ ହୋଇଛି । ଟିକସଦାତାଙ୍କ ଆବେଦନ ପତ୍ରର ତଦାରଖ, ତ୍ରୁଟିବିଚ୍ୟୁତି ସଂଶୋଧନ, ପ୍ୟାନ୍, ଆଧାର ବା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟାବଳୀର ନିରୀକ୍ଷଣ କରାଯାଇ ସେମାନଙ୍କୁ ପଞ୍ଜୀକୃତ କରାଯାଉଛି ।

ଜିଏସ୍‌ଟିଏନ୍ ମଧ୍ୟ ଟିକସ ଗ୍ରହଣ ବ୍ୟବସ୍ଥା ପ୍ରବର୍ତ୍ତନ କରିଛି । ସବୁ ପ୍ରକାର ଟିକସ ନିମନ୍ତେ ଏକ ପ୍ରକାର ଚାଲାଣ ତିଆରି କରାଯାଇଛି । ଜିଏସ୍‌ଟି ପୋର୍ଟାଲ ଏହି ଚାଲାଣ ତିଆରି କରୁଛି । ଜିଏସ୍‌ଟିଏନ୍‌ରେ ଥରେ ଚାଲାଣ ପ୍ରସ୍ତୁତ ହୋଇଗଲେ ଟିକସଦାତାଙ୍କ ନାମ, ବିଭିନ୍ନ ବାବଦକୁ ଥିବା ଟିକସର ପରିମାଣ ଆଦି ଉଲ୍ଲେଖର ବ୍ୟବସ୍ଥା ଅଛି । ଟିକସ ଦାତା ଚାହିଁଲେ ଦୁଇ ପ୍ରକାର ବାଟରେ ଏହି ଟିକସ ପୈଠ କରିପାରିବେ । ପ୍ରଥମଟି ହେଲା ସେ ନେଟ୍ ବ୍ୟାଙ୍କିଙ୍ଗ୍ ମାଧ୍ୟମରେ ୨୫ଟି ଅଧିକୃତ ବ୍ୟାଙ୍କକୁ ସେଇ ଚାଲାଣ ପଠାଇ ପାରିବେ । ଦ୍ୱିତୀୟ ବାଟଟି ହେଲା ସେ ନିଜର ଚାଲାଣକୁ ଅଧିକୃତ ବ୍ୟାଙ୍କ କାଉଣ୍ଟରରେ ମଧ୍ୟ ଜମା କରିପାରିବେ । ବ୍ୟାଙ୍କ କାଉଣ୍ଟର ଜରିଆରେ ଜଣେ ଟିକସଦାତା ମାସିକ ସର୍ବୋଚ୍ଚ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଟିକସ ଦାଖଲ କରିପାରିବେ । ଜିଏସ୍‌ଟି ପୋର୍ଟାଲରେ ଚାଲାଣ ତିଆରି କରିବା ପରେ ଟିକସଦାତା ଯେକୌଣସି ବ୍ୟାଙ୍କ ମାଧ୍ୟମରେ ଦେଶର ଯେକୌଣସି ସ୍ଥାନରୁ ଏନ୍‌ଇଏଫ୍‌ଟି / ଆରଟିଜିଏସ୍ ମାଧ୍ୟମରେ ଟିକସ ପୈଠ କରିବାର ସୁବିଧା ପାଇବେ । ଦିନ ଶେଷରେ ଜିଏସ୍‌ଟି ପୋର୍ଟାଲ ବିଭିନ୍ନ ବ୍ୟାଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଟିକସ ବାବଦ ଅର୍ଥର ଏକ ସାରାଂଶ ପ୍ରସ୍ତୁତ କରି ତାହାକୁ ହିସାବ କର୍ତ୍ତୃପକ୍ଷଙ୍କୁ ପଠାଇବେ । ହିସାବ କର୍ତ୍ତୃପକ୍ଷ ସେହି ତଥ୍ୟାବଳୀକୁ ସେ ଦିନ ରିଜର୍ଭ ବ୍ୟାଙ୍କକୁ ପଠାଇ ବିଭିନ୍ନ ବ୍ୟାଙ୍କରୁ ସବିଶେଷ ତଥ୍ୟ ସଂଗ୍ରହ କରିବେ । ବ୍ୟାଙ୍କଦ୍ୱାରା ଟିକସ ପୈଠର ପୁଷ୍ଟିକରଣ ଟିକସଦାତାଙ୍କ

ଲେଜର (ଖାତା)ରେ ଉଲ୍ଲେଖ ରହିବ ଯାହା ତାଙ୍କର ଭବିଷ୍ୟତ ହିସାବ ପାଇଁ ସହାୟକ ହେବ।

**ସହଜ ଅନୁପାଳନ:**

ଟିକସ ପ୍ରଦାନ ଟିକସଦାତାର କର୍ତ୍ତବ୍ୟ। ମାତ୍ର ଟିକସ ପ୍ରଦାନ ବ୍ୟବସ୍ଥାକୁ ସହଜ, ସରଳ, ଓ ସହଳ କରିବାର ପରିବେଶ, ବ୍ୟବସ୍ଥା ସୃଷ୍ଟି କରିବା ଦାୟିତ୍ୱ କର୍ତ୍ତୃପକ୍ଷଙ୍କର। ଟିକସ ସଂସ୍କାର ପଛରେ ଥିବା ବିଚାରଗୁଡ଼ିକ ମଧ୍ୟରେ ଟିକସ ପ୍ରଦାନ ବ୍ୟବସ୍ଥାକୁ ସହଜ ଏବଂ ସରଳ କରିବା ଅନ୍ୟତମ। ସେଥିପାଇଁ ଜିଏସ୍‌ଟିଏନ୍ ଅନେକ ସେବା, ବ୍ୟବସ୍ଥା ତଥା ବୈଷୟିକ ଉପକରଣ ପ୍ରସ୍ତୁତ କରିଛି। ଏହା ଫଳରେ ଟିକସ ପ୍ରଦାନ ଓ ରିଟର୍ଣ୍ଣ ଫାଇଲ ଅଧିକ ସରଳ, ସହଜ ହୋଇପାରିଛି।

ଜିଏସ୍‌ଟି ବ୍ୟବସ୍ଥାରେ ସବୁ ସାଧାରଣ ଓ ସାମୟିକ ଟିକସଦାତା ତାଙ୍କର କାରବାର ସଂକ୍ରାନ୍ତ ତଥ୍ୟାବଳୀ ସେ ମାସର ପରବର୍ତ୍ତୀ ମାସର ୧୦ ତାରିଖ ସୁଦ୍ଧା ଜିଏସ୍‌ଟିଆର୍ ଫର୍ମାଟ-୧ରେ ଦେଖାଇବାକୁ ବାଧ୍ୟ। ଏହି ପ୍ରୟାସର ଅଂଶ ସ୍ୱରୂପ ଜିଏସ୍‌ଟିଏନ୍ ଏକ ଅଫ୍‌ଲାଇନ୍ ଟୁଲ୍ ଓ ଏକ ସରଳ ଏକ୍‌ସେଲ ଭିତ୍ତିକ ଟେମ୍ପଲେଟ୍ ପ୍ରସ୍ତୁତ କରିଛି ଯାହାକୁ ଅତିକମ୍ ପଇସାରେ ବ୍ୟବହାର କରି ଟିକସଦାତା ସର୍ବାଧିକ ବ୍ୟବହାର କରିପାରିବେ। ଏହା ମାଧ୍ୟମରେ ସେମାନେ ସହଜରେ ନିଜର ମାସିକ ରିଟର୍ଣ୍ଣ ପ୍ରସ୍ତୁତ ଓ ଫାଇଲ କରିପାରିବେ।

ଜିଏସ୍‌ଟି କମନ୍ ପୋର୍ଟାଲରୁ ଏକ୍‌ସେଲ ୱାର୍କବୁକ୍ ଟେମ୍ପଲେଟ୍‌କୁ ସହଜରେ ଡାଉନ୍‌ଲୋଡ୍ (www.gst.gov.in) କରିହେବ। ଇନ୍‌ଭଏସ୍ ସଂକ୍ରାନ୍ତ ସମସ୍ତ ତଥ୍ୟ ଏହା ମାଧ୍ୟମରେ ନିୟମିତ ଟିକସଦାତା ସଂଗ୍ରହ କରିପାରିବେ। ଏକ୍‌ସେଲ ସିଟ୍‌ର ତଥ୍ୟକୁ ଏହାପରେ ଅଫ୍‌ଲାଇନ୍ ଟୁଲ୍ ଦ୍ୱାରା ବ୍ୟବହାର କରାଯାଇପାରିବ ଯାହା ଏକ୍‌ସେଲ୍ ସିଟ୍‌ରୁ ତଥ୍ୟ ଆମଦାନୀ କରି ଜେଏସ୍‌ଓଏନ୍ ଫାଇଲ୍ ତିଆରି କରିହେବ। ଏହି ଫାଇଲକୁ ଜିଏସ୍‌ଟି ପୋର୍ଟାଲରେ ଇଣ୍ଟରନେଟ୍ ଦ୍ୱାରା ଅପ୍‌ଲୋଡ୍ କରିହେବ। ଏଥିପାଇଁ କେବଳ ଥରୁଟିଏ ଇଣ୍ଟରନେଟ୍ ଟିକସଦାତାଙ୍କୁ ବ୍ୟବହାର କରିବାକୁ ହେବ।

କ୍ଷୁଦ୍ର ଟିକସଦାତା ଯେଉଁମାନେ କେବଳ ଖାଉଟିଙ୍କୁ ଜିନିଷପତ୍ର ବିକୁଛନ୍ତି, ସେମାନଙ୍କୁ ବ୍ୟବସାୟରୁ ବ୍ୟବସାୟ ସଂକ୍ରାନ୍ତ ଇନ୍‌ଭଏସ୍ ଦାଖଲ କରିବାକୁ ପଡ଼ିବ ନାହିଁ। ତାଙ୍କ ରିଟର୍ଣ୍ଣ କେବଳ ପାଞ୍ଚ ଧାଡ଼ିଆ ହେବ ଯେଉଁଥିରେ ପାଞ୍ଚ ପ୍ରକାରର ଟିକସସ୍ତରର ସାମଗ୍ରୀ ଉଲ୍ଲେଖ ରହିବ। ଏକାଭଳି କ୍ଷୁଦ୍ର ଟିକସଦାତା ଯାହାଙ୍କ ବାର୍ଷିକ କାରବାର ୭୫ଲକ୍ଷ କିମ୍ବା ତା'ଠାରୁ କମ୍ ସେମାନଙ୍କୁ ଏକ ବିକଳ୍ପ ଦିଆଯାଇଛି। ସେମାନେ ପ୍ରତି ତିନିମାସରେ ଥରେ ରିଟର୍ଣ୍ଣ ଫାଇଲ୍ କରିପାରିବେ ଏବଂ ଏହି ବ୍ୟବସ୍ଥା ଅତ୍ୟନ୍ତ ସରଳ।

ଟିକସକୁ ସହଜ ଓ ସରଳ କରିବାକୁ ଆବଶ୍ୟକ ସମସ୍ତ ବ୍ୟବସ୍ଥା କରିବା ଆମର ଲକ୍ଷ୍ୟ। ବିଭିନ୍ନ ବର୍ଗର କାରବାର ସଂକ୍ରାନ୍ତ ନିଜର ତଥ୍ୟାବଳୀ ରଖିବାକୁ ବ୍ୟବସାୟୀମାନେ ଏକ୍‌ସେଲ୍ ଫର୍ମାଟ୍‌କୁ ବ୍ୟବହାର କରିପାରିବେ। ବାହ୍ୟ ଯୋଗାଣ ବା କାରବାର ସଂକ୍ରାନ୍ତ ସମସ୍ତ ତଥ୍ୟ ସଂପୃକ୍ତ ବ୍ୟବସାୟୀ ସାପ୍ତାହିକ ଭିତ୍ତିରେ କିମ୍ବା ନିଜର ସୁବିଧା ଅନୁସାରେ ଅଥଚ ନିୟମିତ ଭିତ୍ତିରେ ଜିଏସ୍‌ଟି ପୋର୍ଟାଲକୁ ଅପଲୋଡ୍ କରିପାରିବେ। ଏହି ଟୁଲ୍ ୧୯୦୦୦ ଲାଇନ୍ ବିଶିଷ୍ଟ ତଥ୍ୟାବଳୀକୁ ଏକ୍‌ସେଲ୍ ସିଟ୍‌ରୁ ଟାଣି ଏକାଥରକେ ୫ ଏମ୍‌ବିର ଏକ ଫାଇଲ ତିଆରି କରିପାରିବ। ଜିଏସ୍‌ଟିଆର୍-୧ ପ୍ରସ୍ତୁତ କରିବାରେ ଏହି ଟୁଲ୍ ଏକାଧିକ ବାର ବ୍ୟବହୃତ ହୋଇପାରିବ ଏବଂ ଡାଟା ଅପ୍‌ଲୋଡ୍ କରିପାରିବ। ମଧ୍ୟମଧରଣର କରଦାତା ମଧ୍ୟ ଏହି ବ୍ୟବସ୍ଥାର ଉପଯୋଗ କରିପାରିବେ। ଦୂରଦୂରାନ୍ତ ଓ ଇଣ୍ଟରନେଟ୍ ସୁବିଧା ନ ଥିବା ଅଞ୍ଚଳରେ ଏହି ଟୁଲ୍ ବ୍ୟବହାର କରିବା ସୁବିଧାଜନକ।

**ବ୍ୟବସାୟ ବୃଦ୍ଧିରେ ସହାୟକ:**

ଅର୍ଥନୈତିକ ବିମୁକ୍ତତାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା ଭାରତରେ ବାଣିଜ୍ୟ ବ୍ୟବସାୟ କରିବା ପାଇଁ ଆବଶ୍ୟକ ସୁବିଧା ସୁଯୋଗ ସୃଷ୍ଟି କରିବା। ଉଦାରବାଦୀ ଆର୍ଥିକ ବ୍ୟବସ୍ଥା ପ୍ରଚଳନ ସତ୍ତ୍ୱେ ଭାରତ ଏଯାଏ ବେପାର ବଣିଜ ପାଇଁ ଅନୁକୂଳ ସୁବିଧା ସୁଯୋଗ ସୃଷ୍ଟି କରିବାରେ ଅନ୍ୟାନ୍ୟ ପ୍ରମୁଖ ରାଷ୍ଟ୍ରଙ୍କ ସମକକ୍ଷ ହୋଇପାରିନାହିଁ। ଗୋଟିଏ ଦେଶର ବାଣିଜ୍ୟ ବ୍ୟବସାୟ କରିବାର ସୁବିଧାସୁଯୋଗ କ'ଣ ହେବା କଥା ତାହା ବିଶ୍ୱବ୍ୟାଙ୍କ ନିର୍ଦ୍ଧାରଣ କରିଛି। ଯେଉଁ ଦେଶ ଏସବୁ ନୀତି ନିୟମକୁ କାର୍ଯ୍ୟକାରୀ କରୁଛନ୍ତି ସେଠାରେ ବିଦେଶୀ ପୁଞ୍ଜି ନିବେଶ ଭଲ ହେଉଛି। ଭାରତର ପୁରୁଣାକାଳିଆ ଟିକସ ବ୍ୟବସ୍ଥା, ଶିଳ୍ପନୀତି, ଶ୍ରମ ଆଇନ୍, ଲାଇସେନ୍ସ ବ୍ୟବସ୍ଥା ଆଦି ଏଥିରେ ଅନ୍ତରାୟ ସୃଷ୍ଟି କରୁଥିଲା। ତେଣୁ ଏହାର ଦୂରୀକରଣ ପାଇଁ ସରକାର ଗୋଟିକ ପରେ ଗୋଟିଏ ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରୁଛନ୍ତି। ଟିକସ ସଂସ୍କାର ସେଥି ମଧ୍ୟରୁ ଅନ୍ୟତମ। ଏଥିରେ ଟିକସ ପ୍ରଦାନ ବ୍ୟବସ୍ଥାର ସହଜ ଓ ସରଳୀକରଣ ଦିଗ ଗୁରୁତ୍ୱ ପାଇଛି।

ଜିଏସ୍‌ଟିଏନ୍ ଟିକସକୁ ସହଜ ଓ ସରଳ ଭାବେ ଜମା କରିବାର ବ୍ୟବସ୍ଥା ଯୋଗାଇଛି। ଫଳରେ ଏ ନେଇ ବିଶ୍ୱ ବ୍ୟାଙ୍କର ଯେଉଁ ନୀତି ରହିଛି ତାହା ଅନୁପାଳିତ ହେବା ସହ ଭାରତର ସ୍ଥିତିରେ ଉନ୍ନତି ଆସିବ ଏବଂ ପୁଞ୍ଜି ନିବେଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବ। ଏହା ମଧ୍ୟ ଭାରତରେ ବେପାର ବାଣିଜ୍ୟ କରିବା କାମକୁ ସହଜ କରିପାରିବ। ଜିଏସ୍‌ଟିଏନ୍ ଏକ ସେଲ୍‌ଫ୍ ସର୍ଭିସ୍ ବା ଆତ୍ମସେବା ଭଳି କାର୍ଯ୍ୟ କରୁଛି। ଏହା ସରଳ ଏବଂ ମୋବାଇଲ ବ୍ୟବସ୍ଥା ସହ ସଂଯୁକ୍ତ ଓ ଅଭ୍ୟସ୍ତ ଉପଯୋଗୀ। ତେଣୁ ଏହା ବେପାର ବଣିଜକୁ ଉତ୍ସାହିତ କରିବ। ଜିଏସ୍‌ଟିଏନ୍ ମାଧ୍ୟମରେ ଜିଏସ୍‌ଟି ସଫଳ ପ୍ରବର୍ତ୍ତନ ଦ୍ୱାରା ଭାରତ ବେପାର ବଣିଜ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରିବା ସହ ନିଜର ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିପାରିବ ବୋଲି ଆଶା।

(ଲେଖକ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଦ୍ରବ୍ୟ ଓ ସେବାକର ନେଟ୍‌ୱାର୍କ)

ଫୋକସ୍

# ରାଜ୍ୟ ଭରସାରେ ଜିଏସଟି ପରିଚାଳନା

● ଜୟନ୍ତ ରାୟ ଚୌଧୁରୀ

ଟିକସ କ୍ଷେତ୍ରରେ ନୂତନ ବ୍ୟବସ୍ଥା ରୂପେ ଦ୍ରବ୍ୟ ଓ ସେବା କର (ଜିଏସଟି)କୁ ସାମ୍ବିଧାନିକ ପାଇଜାମା ପିନ୍ଧାଇବା ପରେ ଏବେ ଏହାକୁ ସଠିକ୍ ଢଙ୍ଗରେ ଲାଗୁ କରିବାର ବାସ୍ତବ କ୍ଷମତା ରାଜ୍ୟମାନଙ୍କ ଉପରେ ନିର୍ଭର କରୁଛି। ଜିଏସଟି ଲାଗୁ ହେବା ପରେ ଅଧିକ ରାଜସ୍ୱ ଆୟ ହେବ ବୋଲି କେନ୍ଦ୍ର ସରକାର ଆକଳନ କରିଛନ୍ତି। ଏପରିକି ଏହି ନୂତନ ଟିକସ ବ୍ୟବସ୍ଥା ଦ୍ୱାରା ରାଜ୍ୟଗୁଡ଼ିକ ଯେଉଁ କ୍ଷତି ସହିବେ ତାହାକୁ ପ୍ରଥମେ କେନ୍ଦ୍ର ସରକାର ଭରଣା କରିବେ ବୋଲି ମଧ ପ୍ରତିଶ୍ରୁତି ଦିଆଯାଇଛି। ଏହି କ୍ଷତି ଭରଣା ଲାଗି କେତେକ ସାମଗ୍ରୀ ଓ ସେବା ଟିକସ ଉପରେ ଉପକର(ସେସ୍) ମଧ ଲାଗୁ କରାଯିବା ବ୍ୟବସ୍ଥା ରହିଛି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ଏହି କ୍ଷତି ଭରଣା ଲାଗି ଅତିକମ୍‌ରେ ୫୦ ହଜାର କୋଟି ଟଙ୍କା ଦରକାର। ଏହି ଅର୍ଥ ରାଜ୍ୟଗୁଡ଼ିକୁ ବଣ୍ଟାଯିବ। ତେବେ ଏହି ଅର୍ଥ ଆଦାୟର ଦାୟିତ୍ୱ ମଧ ରାଜ୍ୟମାନଙ୍କ ଉପରେ ନିର୍ଭର କରୁଛି। ଯଦି ସଠିକ୍ ଭାବେ ଜିଏସଟି ପରିଚାଳନା କରାନଯାଏ, ତେବେ କ୍ଷତିଭରଣା ଲାଗି କେନ୍ଦ୍ର ସରକାରଙ୍କୁ ଜଟିଳ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ।

ଏଭଳି ଆଶଙ୍କା ପଛର କାରଣ ହେଉଛି ଯଦି ବିଶ୍ୱ ତୈଳ ବଜାରର ସ୍ଥିତି ତଳକୁ ଖସେ କିମ୍ବା ଆଉ ଏକ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ସୃଷ୍ଟି ହୁଏ, ତେବେ ଆର୍ଥିକ ପ୍ରଗତି ଧିମା ହୋଇପଡ଼ିବ। ଏହାଦ୍ୱାରା ଆମ ପ୍ରତିଶ୍ରୁତି ପ୍ରଦତ୍ତ ପ୍ରସ୍ତାବିତ ଆର୍ଥିକ ଅଭିବୃଦ୍ଧି ହାର ୭.୫ରୁ ୮ ପ୍ରତିଶତକୁ ଛୁଇଁପାରିବ ନାହିଁ। ଜିଏସଟିରେ ସମସ୍ୟା ହେଉଛି ଅର୍ଥନୀତିର ଅଭିବୃଦ୍ଧି ଉପରେ ଏହି ଟିକସ ଆଦାୟ ନିର୍ଭରଶୀଳ। ଅର୍ଥାତ୍ ସବୁ ଟିକସକୁ ଏକତ୍ର କରି ସୃଷ୍ଟି ହୋଇଥିବା ନୂତନ ଟିକସ ବ୍ୟବସ୍ଥା ଜିଏସଟିରୁ ଅଧିକ ରାଜସ୍ୱ ମିଳିପାରିଲେ ହିଁ ଅର୍ଥନୈତିକ ଅଭିବୃଦ୍ଧି ଘଟିବ। ସାଧାରଣଭାବେ ଜିଏସଟି ହେଉଛି ଏକ ବୃହତ୍ ଟିକସ ବ୍ୟବସ୍ଥା। ଏହାଦ୍ୱାରା ଟିକସ ଜିଡ଼ିପି ଅନୁପାତ ସଂପ୍ରତି ୧୦ ପ୍ରତିଶତରୁ ୧୬ ପ୍ରତିଶତକୁ ବଢ଼ିବ। ତେବେ ଏହାକୁ ହାସଲ କରାଯାଇପାରିବ କି ନାହିଁ ତାହା ଆସନ୍ତା ବର୍ଷ କିମ୍ବା ପରବର୍ତ୍ତୀ ବର୍ଷରୁ ଜଣାପଡ଼ିବ। ଦର ଧାର୍ଯ୍ୟ ସମସ୍ୟା ଓ ନୂତନ ବ୍ୟବସ୍ଥାରେ ବ୍ୟବସାୟ ଲାଗି ଧୀମା ପଡ଼ିଥିବା କାରବାର କିଭଳି ସ୍ୱାଭାବିକ ହୋଇପାରିବ ତାହା ଉପରେ ସବୁକିଛି ନିର୍ଭର କରେ। ଶିଳ୍ପଜଗତ ଓ ସରକାର ଏହାକୁ କିଭଳି ପରିଚାଳନା କରିବେ ତାହାହିଁ ବଡ଼ ଆହ୍ୱାନ।

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ) ତା'ର ଏକ ରିପୋର୍ଟରେ ଦର୍ଶାଇଛି ଯେ, ଜିଏସଟି କାର୍ଯ୍ୟାନ୍ୱୟନ ପରେ କେତେ ରାଜସ୍ୱ ଆସିବ ତାହାକୁ ନେଇ ଅନିର୍ଶ୍ଚିତତା ରହିଛି; କାରଣ ରାଜ୍ୟଗୁଡ଼ିକ ଏହାକୁ ସଠିକ୍ ଢଙ୍ଗରେ ଲାଗୁ କରାଇବା ନେଇ କେତେଦୂର ସଫଳ ହେବେ ତାହା ନିଶ୍ଚିତ ରୂପେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ରାଜ୍ୟରୁ କେତେ ପରିମାଣର ରାଜସ୍ୱ ଚିଠା ଆସିବ ତାହା ବଡ଼ କଥା।

ଅନ୍ୟପକ୍ଷରେ ରାଜ୍ୟମାନଙ୍କର ଖର୍ଚ୍ଚ ଭାର ଏବେ ବଢ଼ିବାରେ ଲାଗିଛି। ସପ୍ତମ ବେତନ ଆୟୋଗ ଲାଗୁ ହେବାକୁ ଥିବାବେଳେ କର୍ମଚାରୀଙ୍କ ଦରମାଜନିତ ଆର୍ଥିକ ବୋଝ ରାଜ୍ୟମାନଙ୍କ ଉପରେ ପଡ଼ିବ। ଅନ୍ୟପକ୍ଷରେ ଉତ୍ତରପ୍ରଦେଶ ସରକାରଙ୍କ ଭଳି ଇତିମଧ୍ୟରେ କର୍ଣ୍ଣାଟକ ଓ ମହାରାଷ୍ଟ୍ର ସରକାର ମଧ କୃଷିଋଣ ଛାଡ଼ ଘୋଷଣା କରିଛନ୍ତି। ଏହି ଋଣଛାଡ଼ ଲାଗୁ ରାଜ୍ୟମାନଙ୍କୁ ଅଧିକ ଅର୍ଥର ଆବଶ୍ୟକତା ବଢ଼ାଇବ।

ଏବେ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ଲାଗି ସମସ୍ୟା ହେଉଛି ବଢ଼ୁଥିବା ଋଣବୀମା। ଏହା ଭାରତକୁ ଆଉ ଏକ ଗ୍ରୀସ୍‌ରେ ପରିଣତ କରିପାରେ। ଭାରତର ସାଧାରଣରେ ମୋଟ ଋଣ ଅର୍ଥାତ୍ କେନ୍ଦ୍ର ଓ ରାଜ୍ୟମାନଙ୍କୁ ମିଶାଇଲେ ଏହା ଜିଡ଼ିପିର ୬୭ ପ୍ରତିଶତ ଛୁଇଁ ସାରିଲାଣି। ଯାହାକି ଜାପାନ ଭିନ୍ନ ଅନ୍ୟ ଏସୀୟ ରାଷ୍ଟ୍ରଙ୍କ ଅପେକ୍ଷା ସର୍ବାଧିକ।

ଏଭଳି ପରିସ୍ଥିତିରେ ଯଦି ସବୁ ରାଜ୍ୟଗୁଡ଼ିକ କୃଷି ଋଣ ଛାଡ଼ କରିବାକୁ ନିଷ୍ପତ୍ତି ନିଅନ୍ତି ଓ ଏହି ଆର୍ଥିକ ବୋଝ ସମ୍ଭାଳିବା ଲାଗି ସଦ୍ୟ ଋଣ କରନ୍ତି, ତେବେ ଏହାର ପରିମାଣ ୩ ଲକ୍ଷ କୋଟି ହେବ ବୋଲି ଅର୍ଥ ମନ୍ତ୍ରଣାଳୟ ସୂତ୍ରରୁ ଆକଳନ ହୋଇଛି। ଯେକୌଣସି ସମୟରେ ବି ଏତେ ପରିମାଣର ଋଣ ବୋଝ ବିତ୍ତ ପରିଚାଳନା ଲାଗି ଅସମ୍ଭାଳ ହୋଇପଡ଼ିବ। ସବୁଠୁ ବଡ଼ କଥା ହେଉଛି, ସଂପ୍ରତି ଦେଶବ୍ୟାପୀ ଏକ ନୂତନ ଟିକସ ସଂସ୍କାର ବ୍ୟବସ୍ଥା ଲାଗୁ ହୋଇଛି। ରାଜ୍ୟଗୁଡ଼ିକ ଏଥିରୁ କେତେ ଫାଇଦା ପାଇବେ କିମ୍ବା କ୍ଷତି ସହିବେ ତାହାର ସ୍ୱଷ୍ଟ ଚିତ୍ର ଆସିନି; ଏଭଳି ସ୍ଥଳେ ଅତିରିକ୍ତ ରାଜସ୍ୱ ବୋଝ ରାଜ୍ୟଗୁଡ଼ିକ ଲାଗି ଅଧିକ ଆହ୍ୱାନ ସୃଷ୍ଟି କରିପାରେ।




ଭାରତୀୟ ରିଜର୍ଭ ବ୍ୟାଙ୍କ ରିପୋର୍ଟ ଅନୁଯାୟୀ, ରାଜ୍ୟ-ଜିଡିପି ଅନୁପାତ କ୍ରମେ ୧୭ରୁ ଊର୍ଦ୍ଧ୍ୱ ରାଜ୍ୟର ଋଣ ଗତ କିଛିବର୍ଷ ମଧ୍ୟରେ ବଢି ବଢି ଚାଲିଛି। ରାଜ୍ୟମାନଙ୍କ ଆର୍ଥିକ ଦୃଢତା ନିକଟ ବର୍ଷମାନଙ୍କରେ ଖରାପ ସ୍ଥିତିକୁ ଯାଇଛି। ୨୫ଟି ରାଜ୍ୟମାନଙ୍କ ଠାରୁ ମିଳିଥିବା ତଥ୍ୟ ଅନୁଯାୟୀ ସେମାନେ ବିତ୍ତୀୟ ଶୃଙ୍ଖଳାରେ କିଛିଟା ଉନ୍ନତି ଆଣିବାକୁ ଉଦ୍ୟମ କରୁଛନ୍ତି। ୨୦୧୬-୧୭ ବଜେଟ୍‌ରେ ବ୍ୟୟବରାଦ କାର୍ଯ୍ୟକାରୀ ହୋଇନପାରେ ବୋଲି ଆରବିଆଇ ଆଶଙ୍କା ପ୍ରକାଶ କରିଛି।

୨୦୦୪-୦୫ ଆର୍ଥିକ ବର୍ଷ ପରେ ପ୍ରଥମଥର ଲାଗି ୨୦୧୫-୧୬ ଆର୍ଥିକ ବର୍ଷରେ ମୋଟ ବିତ୍ତୀୟ କ୍ଷତି ଓ ଜିଡିପି ଅନୁପାତ ସିଲିଂ ୩ ପ୍ରତିଶତ ଡେଇଁସାରିଛି। ଏଭଳି ପରିସ୍ଥିତିରେ ରାଜ୍ୟମାନଙ୍କର ଦାବି ପୂରଣ ନହେଲେ ସେମାନେ କେନ୍ଦ୍ର ବିରୋଧରେ ଯୁଦ୍ଧଂଦେହି ଡାକରା ଦେଇପାରନ୍ତି। କାରଣ ବେତନ ଆୟୋଗ ଆଧାରରେ ନୂଆ ଦରମା, ବିକାଶ ଲାଗି ପାଣ୍ଠି, କୃଷକଙ୍କ ଋଣ ଛାଡ଼ ଭଳି ପ୍ରସଙ୍ଗ ଅଧିକ ଅର୍ଥ ଆବଶ୍ୟକତା କରୁଛି।

ଅନ୍ୟପକ୍ଷରେ ସରକାରୀ ଅଧିକାରୀଙ୍କ କହିବାନୁଯାୟୀ, ୪୫ ପ୍ରତିଶତ ଅପ୍ରତ୍ୟକ୍ଷ କର ଜିଏସଟି ପରିସରରେ ଆସୁନାହିଁ। ସେଥିମଧ୍ୟରେ ରିୟଲ ଇଷ୍ଟେଟ୍, ପେଟ୍ରୋଲଜାତ ସାମଗ୍ରୀ ଓ ମଦ୍ୟ ଓ ଅନ୍ୟାନ୍ୟ ପାନୀୟ ଆଦି ରହିଥିବାବେଳେ ଏହା ଉପରେ ରାଜ୍ୟଗୁଡିକ ଟିକସ ପକାଇବା ଓ ଟିକସ ବଢାଇବା ଭଳି ବିକଳ୍ପ ଅଧିକାର ତଥା କ୍ଷମତା ରଖିଛନ୍ତି।

ଜିଏସଟି ପରିଷଦ ଏସବୁ ଦ୍ରବ୍ୟକୁ ଜିଏସଟି ବ୍ୟବସ୍ଥାକୁ ଖୁବ୍‌ଶୀଘ୍ର ଆଣିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ତେବେ ଆର୍ଥିକ କ୍ଷେତ୍ରରେ ରାଜ୍ୟଗୁଡିକୁ ଯେ ଅଧିକ ସ୍ୱାଧୀନତା ଦିଆଯିବାର ଆବଶ୍ୟକତା ରହିଛି ତାହା ସେମାନେ ସମୟକ୍ରମେ ଅନୁଭବ କରିବେ। ଏସବୁ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟମାନେ ମଧ୍ୟ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପଡିବ। ତାହେଲେ ଯାଇ ଜିଏସଟିରୁ ସମସ୍ତଙ୍କୁ ଫାଇଦା ମିଳିପାରିବ। ସ୍ମରଣ କରାଇଦିଆଯାଇପାରେ ଯେ, ଯେତେବେଳେ କେନ୍ଦ୍ର ଓ ରାଜ୍ୟଙ୍କ ମଧ୍ୟରେ ଆର୍ଥିକ କ୍ଷମତା ବଣ୍ଟନ ପ୍ରସଙ୍ଗ ସମ୍ବିଧାନ ସଭାରେ ଆଲୋଚନା ହୋଇଥିଲା ସେତେବେଳେ କଂଗ୍ରେସ ସମେତ କେତେକ ସାଂସଦ କେନ୍ଦ୍ର ଅପେକ୍ଷା ରାଜ୍ୟମାନଙ୍କୁ ଏ କ୍ଷେତ୍ରରେ ଅଧିକ କ୍ଷମତା ପ୍ରଦାନ କରିବାକୁ ଯୁକ୍ତି ବାଢିଥିଲେ। ମାତ୍ର କେନ୍ଦ୍ର ସରକାରଙ୍କ ପକ୍ଷ ଥିଲା ଏହା ଦ୍ୱାରା ସଙ୍ଘୀୟ ବ୍ୟବସ୍ଥା ଦୁର୍ବଳ ହୋଇପଡିବ ଓ 'ଏକ ଭାରତ'ର ଲକ୍ଷ୍ୟ ଭୂଲୁଣ୍ଠିତ ହେବ। ଏହାପରେ କେନ୍ଦ୍ର-ରାଜ୍ୟର ଯେଉଁ ଆଇନଗତ ଓ ଆର୍ଥିକ କ୍ଷମତା ନେଇ ଚିଠା ପ୍ରସ୍ତୁତି କରାଗଲା, ସେଥିରେ ରାଜ୍ୟଙ୍କ ଅପେକ୍ଷା କେନ୍ଦ୍ରକୁ ଅଧିକ ଗୁରୁତ୍ୱ ଦିଆଗଲା।

ସାମ୍ବିଧାନିକ ପଣ୍ଡିତଙ୍କ ଭାଷାରେ ଏଭଳି ପକ୍ଷପାତିତା ମଧ୍ୟ ଜିଏସଟି କାର୍ଯ୍ୟାନ୍ୱୟନ ସମୟରେ ହୋଇପାରେ। ପର୍ଯ୍ୟବେକ୍ଷକଙ୍କ ମତରେ ଯଦି ରାଜ୍ୟଗୁଡିକ କେତେକ ସାମଗ୍ରୀରେ ଟିକସ ବୃଦ୍ଧି କରିବା ଅଧିକାର ନପାଇବେ, ତେବେ ସେମାନେ ନିଜ ନିଜ ରାଜ୍ୟ ଲାଗି କେଉଁଠୁ ସମ୍ବଳ ସଂଗ୍ରହ କରିବେ ? କିଭଳି ଭାବେ ସେମାନଙ୍କ ସମସ୍ୟାର ସମାଧାନ କରିବେ। ବାଧ୍ୟହୋଇ ସେମାନଙ୍କୁ ଅନେକ କ୍ଷେତ୍ରରେ ପ୍ରସଙ୍ଗ ସହ ସାଲିସ କରିବାକୁ ପଡିପାରେ। ଜିଏସଟିର ଏକାଧିକ ଧାରାକୁ ତାମିଲନାଡୁ ବିରୋଧ କରୁଛି। ଅଧିକରୁ ଅଧିକ ଟିକସ ଆଦାୟ କରି ଏହାକୁ ସାମାଜିକ ଭିତ୍ତିଭୂମି ସୁଧାରିବା କାର୍ଯ୍ୟରେ ବିନିଯୋଗ କରାଯିବ ବୋଲି କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି। ତେବେ ଏଠି ତାମିଲନାଡୁ ଲାଗି ସମସ୍ୟା ହେଉଛି ଏକାଧିକ ସାମାଜିକ କ୍ଷେତ୍ରରେ ଏହି ରାଜ୍ୟ ବେଶ୍ ଆଗରେ ରହିଛି। ବିଶେଷକରି


ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଜର ପ୍ରତିଦ୍ୱନ୍ଦ୍ୱିଙ୍କୁ ପଛରେ ପକାଇ ରାଜ୍ୟ ଲାଗି ଅଧିକ ରାଜସ୍ୱ ସଂଗ୍ରହ କରିପାରୁଛି। ଓଇସିଡି ରାଷ୍ଟ୍ରଙ୍କ ତୁଳନାରେ ତାମିଲନାଡୁର ପ୍ରଦର୍ଶନ ଉତ୍ତମ ରହିଛି। ଅର୍ଥନୀତିଜ୍ଞ ଜିନ୍ ଡ୍ରିଜ୍‌ଙ୍କ କହିବାନୁଯାୟୀ, "କେରଳ ଓ ତାମିଲନାଡୁ କ୍ରମାଗତ ଭାବେ ବିକାଶ ସୂଚକାଙ୍କରେ ଆଗପଛ ହୋଇ ରହିଆସୁଛନ୍ତି। ଦ୍ରୁତ ଉନ୍ନତି କ୍ଷେତ୍ରରେ ସେମାନେ ଅନ୍ୟ ରାଜ୍ୟମାନଙ୍କୁ ପଛରେ ପକାଇ ଦେଇଛନ୍ତି।"

କହିବାକୁ ଗଲେ ଜିଏସଟି ସଂଶୋଧନ ଆଇନ୍ ଜରିଆରେ ଟିକସ ସ୍ଥିର ନିଷ୍ପତ୍ତି କ୍ଷମତା ଏକ ନିର୍ବାଚିତ ବ୍ୟବସ୍ଥାଠାରୁ ମନୋନୀତ କର୍ତ୍ତୃପକ୍ଷଙ୍କୁ ନ୍ୟସ୍ତ କରାଯାଇଛି। ଯିଏକି ଦେଶର କୋଣ-ଅନୁକୋଣର ବିଭିନ୍ନ ସାମଗ୍ରୀ ଓ ସେବା ଉପରେ କେତେ ଟିକସ ପ୍ରତ୍ୟକ୍ଷ ଓ ଅପ୍ରତ୍ୟକ୍ଷ ଭାବେ ଆଦାୟ କରାଯିବ ତାହା ସ୍ଥିର କରିବ। ଉଭୟ ସଂସଦ ଓ ବିଧାନସଭାଠାରୁ ଜିଏସ୍‌ଟି ପରିଷଦ କ୍ଷମତାପ୍ରାପ୍ତ ହୋଇଛି। ଜିଏସଟି ପରିଷଦ ମଧ୍ୟରେ ଭୋଟିଂ କ୍ଷମତାକୁ ହୁଏତ ବିଶେଷ ପ୍ରାଧାନ୍ୟ ଦିଆଯାଇନି। ନିର୍ବାଚିତ ସାଂସଦ ଓ ବିଧାୟକଙ୍କ କ୍ଷମତା ଅପେକ୍ଷା ଜିଏସଟି ପରିଷଦର କ୍ଷମତା ଓ ଅଧିକାର ଆଗକୁ ବଢିଛି। ଏତିକି କୁହାଯାଇପାରେ ଯେ, ଜନତାଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନଙ୍କ ଦ୍ୱାରା ପ୍ରଦତ୍ତ ଏକ କ୍ଷମତାଧାରୀ ସଂସ୍ଥା ହେଉଛି ଜିଏସ୍‌ଟି ପରିଷଦ। ଯାହାର କି ଭୋଟରଙ୍କ ସହ କୌଣସି ପ୍ରତ୍ୟକ୍ଷ ସଂପର୍କ ତଥା ଜନତାଙ୍କ ପ୍ରତି ଉତ୍ତରଦାୟିତ୍ୱ ନାହିଁ।

ରାଜ୍ୟମାନେ ଜିଏସଟି ବିଲ୍ ଗୃହୀତ ହେବା ପରେ ଟିକସ ବ୍ୟବସ୍ଥାରେ ସେମାନଙ୍କ ହାତରେ କିଛି କ୍ଷମତା ରହିପାରିବ। ପୌର ପରିଷଦ ଭଳି ରାଜ୍ୟ ସରକାରଙ୍କ ଅଧୀନସ୍ଥ କେତେକ ସଂସ୍ଥା ଅଧିକ ପାଣ୍ଠି ପାଇଁ ଅଧିକାର ପାଇବେ। ପୌର ସଂସ୍ଥାଙ୍କ ପ୍ରବେଶ କର, ସ୍ଥାନୀୟ ସଂସ୍ଥାଙ୍କ ମନୋରଞ୍ଜନ କର, ଷ୍ଟାମ୍ପ ଡ୍ୟୁଟି, ମଦ, ଇନ୍ଧନ ଭଳି ଉତ୍ପାଦ, ବିଦ୍ୟୁତ୍ ଉପକର (ସେସ୍) ଏବେ ଜିଏସଟି ପରିସରଭୁକ୍ତ ନଥିବାରୁ ପୂର୍ବଭଳି ଏହି ଟିକସରୁ ରାଜସ୍ୱ ପାଇପାରିବେ। ରାଜ୍ୟ ସରକାର ନିଜସ୍ୱ ଆର୍ଥିକ ସ୍ୱାଧୀନତା ଲାଗି ଏସବୁ କ୍ଷେତ୍ରରେ ଟିକସ ହ୍ରାସ-ବୃଦ୍ଧି କରିବାର କ୍ଷମତା ପାଇଛନ୍ତି। ତେବେ ଅନ୍ୟ କେତେକ ରାଜ୍ୟଙ୍କ ପାଇଁ କିନ୍ତୁ ଜିଏସଟି ସମସ୍ୟା ବଢାଇପାରେ। ଯେଉଁ ରାଜ୍ୟଗୁଡିକ ଅଧିକ ଟିକସ ଆଦାୟ କରୁଛନ୍ତି, ସେମାନଙ୍କୁ ଜିଏସଟି ପରିଷଦର ନିଷ୍ପତ୍ତି ରାଜସ୍ୱ କ୍ଷତି ଘଟାଇବ।

ସ୍ମରଣ କରାଇବା ଉଚିତ ହେବ କି, ଅଧିକାଂଶ ରାଷ୍ଟ୍ର ଯେଉଁଠି ପରୋକ୍ଷ ଟିକସକୁ ବଢାଇବା ଓ କମାଇବାର କ୍ଷମତା ଜିଏସଟି ପରିଷଦକୁ ଦିଆଯାଇଛି, ସେଠାରେ ପ୍ରତ୍ୟକ୍ଷ ଟିକସ ସଂପର୍କରେ ନିଷ୍ପତ୍ତି ନେବା ଅଧିକାର ପ୍ରଦେଶ ସରକାରଙ୍କର ରହିଛି। କାନାଡାରେ ଗତ ଶତାବ୍ଦୀରେ ଜିଏସଟି ଲାଗୁ ହୋଇଥିଲା। ପ୍ରତ୍ୟକ୍ଷ ଟିକସ ଉପରେ ପ୍ରଦେଶ ସରକାରଙ୍କୁ କ୍ଷମତା ଦିଆଯାଇଥିବାବେଳେ ଅପ୍ରତ୍ୟକ୍ଷ (ପରୋକ୍ଷ) ଟିକସ ନିଷ୍ପତ୍ତି କ୍ଷମତା କେନ୍ଦ୍ର (ସଙ୍ଘୀୟ ରାଷ୍ଟ୍ର) ହାତରେ ରହିଛି। ଫଳରେ ରାଜ୍ୟମାନଙ୍କ କ୍ଷମତା ଉପରେ କୌଣସି ନକାରାତ୍ମକ ପ୍ରଭାବ ପଡିଥିବା ଦେଖିବାକୁ ମିଳିନି। ଭାରତରେ କେନ୍ଦ୍ର ସରକାର କେବଳ ପ୍ରତ୍ୟକ୍ଷ କର ଉପରେ ସମସ୍ତ ଅଧିକାର ଉପଭୋଗ କରୁନାହାନ୍ତି; ବରଂ ଏହାର କିଛି ଅଂଶ ରାଜ୍ୟମାନଙ୍କୁ ଦେଇଛନ୍ତି; ମାତ୍ର ଜିଏସଟିର ପାଖାପାଖି ଅଧା ଅଧିକାର ସ୍ୱତନ୍ତ୍ର ଭାବେ କେନ୍ଦ୍ର ହାତରେ ରହିଛି।






ତେବେ ଏହା ମଧ୍ୟ ଦେଖିବାକୁ ପଡିବ ଯେ ଭାରତୀୟ ରାଜନୀତି ଜିଏସଟି କାର୍ଯ୍ୟାନ୍ୱୟନ ସଂକ୍ରାନ୍ତ ଏହି ଆହ୍ୱାନକୁ କିଭଳି ଗ୍ରହଣ କରିବ। ଟିକସ କ୍ଷମତାକୁ ସମସ୍ତେ ଗ୍ରହଣ କରିଛନ୍ତି। ଏହା ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ନେଇ ଆଶା ରହିଛି। ରାଜ୍ୟଗୁଡିକ ସେମାନଙ୍କ ବିତ୍ତୀୟ ଶୃଙ୍ଖଳାକୁ ଅଷ୍ଟ୍ରେଲିଆ ମଡେଲରେ ପ୍ରସ୍ତୁତ କରିବାକୁ ପଡିବ ଯେଉଁଠାରେ ସମସ୍ତ ଟିକସ ବ୍ୟବସ୍ଥାର ୭୫ ପ୍ରତିଶତ ସଂଘୀୟ ସରକାର କିମ୍ବା ରାଜ୍ୟଗୋଷ୍ଠୀ ସରକାର ସ୍ଥିର କରିବେ। ଏବଂ ଏହି ଟିକସ ଅର୍ଥକୁ ବ୍ୟବସ୍ଥିତ ଢଙ୍ଗରେ ତଥା ଆବଶ୍ୟକତା ଅନୁଯାୟୀ ରାଜ୍ୟଙ୍କୁ ଆବଣ୍ଟିତ କରିବେ। ଭାରତର ନୂତନ ଟିକସ ବ୍ୟବସ୍ଥା ଓ କେନ୍ଦ୍ର-ରାଜ୍ୟ କ୍ଷମତା ଭାରସାମ୍ୟ ଆଗକୁ କ'ଣ ହେବ ତାହା ଦେଶର ରାଜନୀତି ଉପରେ ନିର୍ଭର କରେ। ହୁଏତ, ଜିଏସଟିରେ ଶେଷକଥା ଏବେସୁଦ୍ଧା ଶୁଣାଯାଇନି। ରାଜ୍ୟଗୁଡିକ ସେମାନଙ୍କ ସମ୍ବଳ ବୃଦ୍ଧି କରିବା ଲାଗି ଇଚ୍ଛୁକ। ଏଥିପାଇଁ ହୁଏତ ଆଗାମୀ ଦିନରେ ଆଇନରେ ପୁଣି କିଛି ପରିବର୍ତ୍ତନ ହୋଇପାରେ।

(ଲେଖକ ହେଉଛନ୍ତି ଜଣେ ବରିଷ୍ଠ ସାମ୍ବାଦିକ)

# ଜିଏସ୍‌ଟି ଓ ସହଜରେ ବ୍ୟାପାର କରିବା ଉପରେ ଏହାର ପ୍ରଭାବ

● ଡାନିଶ ଏ ହସିମ୍, ବର୍ଷା କୁମାରୀ

ଦୀର୍ଘ ୧୭ ବର୍ଷର ବିଚାରବିମର୍ଶ, ବିତର୍କ ଓ ନିରନ୍ତର ପ୍ରୟାସ ପରେ ଶେଷରେ ପରୋକ୍ଷ କର ବ୍ୟବସ୍ଥାର ପରିବର୍ତ୍ତନ ସଂକ୍ରାନ୍ତ ଏକ ଐତିହାସିକ ନିଷ୍ପତ୍ତି ନେଇ ଭାରତ ନୂଆ ଦ୍ରବ୍ୟ ଓ ସେବାକର (ଜିଏସ୍‌ଟି) କାର୍ଯ୍ୟକାରୀ କରିଛି । ୨୦୧୭ ଜୁଲାଇ ପହିଲାରୁ ଏହା ଲାଗୁ ହୋଇଛି । ୨୦୦୦ ମସିହାରେ ଅଟଳବିହାରୀ ବାଜପେୟୀଙ୍କ ଶାସନକାଳରେ ଏହି ଯାତ୍ରା ଆରମ୍ଭ ହୋଇଥିଲା ଏବଂ ଜିଏସ୍‌ଟି ଢାଞ୍ଚା ବିଷୟରେ ଅନୁଧ୍ୟାନ କରି ରିପୋର୍ଟ ପ୍ରସ୍ତୁତ କରିବାକୁ ଏକ କମିଟି ଗଠିତ ହୋଇଥିଲା । ଏହାପରେ ୨୦୦୩ରେ ବିଜୟ କେଲ୍‌କରଙ୍କ ଅଧ୍ୟକ୍ଷତାରେ ଏ ନେଇ ଏକ ଟାସ୍କଫୋର୍ସ ଗଠିତ ହେଲା । ତା'ପରଠାରୁ ଏ କ୍ଷେତ୍ରରେ ଆଉ ପଛକୁ ସରକାର ଚାହିଁନାହାନ୍ତି । ରାଜ୍ୟ ସରକାରମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ନିୟମିତ ଭାବେ ଆଲୋଚନା କରି ଯଥାଶୀଘ୍ର ସମ୍ଭବ ଜିଏସ୍‌ଟି ପ୍ରଚଳନ କରିବାକୁ କେନ୍ଦ୍ରସରକାର ପ୍ରୟାସ କରିଆସିଛନ୍ତି । ଶେଷରେ ଏହା ସଫଳ ହୋଇଛି ।

ଜର୍ମାନୀ, ଇଟାଲୀ, ଇଂଲଣ୍ଡ, ଦକ୍ଷିଣକୋରିଆ, ଜାପାନ, କାନାଡ଼ା, ଅଷ୍ଟ୍ରେଲିଆ, ରୁଷିଆ, ଚୀନ୍ ସମେତ ଏବେ ଜିଏସ୍‌ଟି ପ୍ରବର୍ତ୍ତନ କରିଥିବା ଦେଶଙ୍କ ସଂଖ୍ୟା ୧୬୦ରୁ ଅଧିକ । ଭାରତ ଏହି ତାଲିକାରେ ଅନ୍ତର୍ଭୁକ୍ତ ହୋଇଛି । ୧୯୫୪ରେ ଫ୍ରାନ୍ସ ବିଶ୍ୱର ପ୍ରଥମ ରାଷ୍ଟ୍ରଭାବେ ଜିଏସ୍‌ଟି ପ୍ରବର୍ତ୍ତନ କରିଥିଲା । ଟିକସ ଫାଙ୍କିକୁ ବନ୍ଦ କରିବାକୁ ଏହା ଥିଲା ଫ୍ରାନ୍ସର ପ୍ରଥମ ପ୍ରୟାସ । ଭାରତରେ ଏବେ ଜିଏସ୍‌ଟି ପ୍ରବର୍ତ୍ତନ ହୋଇଥିବାରୁ ଏହା ବେପାର ବଣିଜ କରିବାକୁ ଅନୁକୂଳ ପରିବେଶ ଓ ପରିସ୍ଥିତି ସୃଷ୍ଟି କରିବ । ଏହା ଫଳରେ ବିଦେଶୀ ପୁଞ୍ଜିନିବେଶ ବଢ଼ିବ ଏବଂ ଦେଶର ର୍‍ୟାଙ୍କିଙ୍ଗ୍‌ରେ ମଧ୍ୟ ଉନ୍ନତି ଆସିବ । ୨୦୧୭ର ବିଶ୍ୱବ୍ୟାଙ୍କର 'ଡୁଇଙ୍ଗ୍ ବିଜ୍‌ନେସ୍' ରିପୋର୍ଟ ଅନୁସରେ ୧୯୦ ରାଷ୍ଟ୍ର ବିଶିଷ୍ଟ ତାଲିକାରେ ଭାରତର ସ୍ଥାନ ୧୩୦ ।

## ଜିଏସ୍‌ଟି କ'ଣ ?

ଦ୍ରବ୍ୟ ଓ ସେବାକର ବା ଜିଏସ୍‌ଟି ଏକ ଗନ୍ତବ୍ୟ ଭିତ୍ତିକ ପରୋକ୍ଷ ଏକକ ଟିକସ ଯାହା ଦ୍ରବ୍ୟ ଓ ସେବା ଉପରେ ଉତ୍ପାଦକଠାରୁ ଗ୍ରାହକଙ୍କ ପର୍ଯ୍ୟନ୍ତ ସବୁ ସ୍ତରରେ ଲାଗୁ ହୋଇଥାଏ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଲାଗୁହୋଇଥିବା ବିଭିନ୍ନ ପ୍ରକାର ଟିକସର ଅବସାନ ଘଟାଇ ଏହି ଗୋଟିଏ ପ୍ରକାର ଟିକସର ବ୍ୟବସ୍ଥା କରାଯାଇଛି । ଏହି ନୂଆ ବ୍ୟବସ୍ଥାରେ ସମଗ୍ର ଦେଶ ଗୋଟିଏ ବଜାରରେ ପରିଣତ ହୋଇଥିବାବେଳେ ଏକାଧିକ ଟିକସ ବ୍ୟବସ୍ଥାର ଅବସାନ ଘଟାଇ ଦେଶରେ



ଏକପ୍ରକାର ଟିକସ ବ୍ୟବସ୍ଥା କରାଯାଇଛି । ଏହି ନୂଆ ଟିକସ ବ୍ୟବସ୍ଥାରେ ଭାରତରେ ବେପାର ବଣିଜ କରିବାକୁ ସ୍ଥିତି ଅଧିକ ଅନୁକୂଳ ହେବ ଓ ବିଦେଶୀ ପୁଞ୍ଜିନିବେଶ ବଢ଼ିବ ବୋଲି ଆଶା କରାଯାଉଛି ।

ଜିଏସ୍‌ଟି ପ୍ରବର୍ତ୍ତନ ଫଳରେ ଅଧିକରୁ ଅଧିକ ଟିକସଦାତା ଟିକସ ପରିସରକୁ ଆସିବେ ଏବଂ ଟିକସ ଆଦାୟ ପରିମାଣ ବଢ଼ିବ ବୋଲି ସରକାର ଆଶାବାଦୀ । ଆହୁରି ମଧ୍ୟ ଏହି ନୂଆ ବ୍ୟବସ୍ଥା ଟିକସ ଉପରେ ଟିକସ ଆଦାୟ ସମସ୍ୟାର ସମାଧାନ କରି ଖାଉଟିଙ୍କ ଉପରକୁ ଗଡ଼ିଆସୁଥିବା ଟିକସ ବୋଝକୁ ରୋକିବାରେ ସମର୍ଥ ହେବ ବୋଲି ଆଶା । ପୂର୍ବ ବ୍ୟବସ୍ଥାରେ ଶିଳ୍ପଜାତ ସାମଗ୍ରୀ ଉପରେ ହାରାହାରି ୨୫ ରୁ ୨୮ ଶତାଂଶ ଟିକସ ଲାଗୁଥିବାବେଳେ ଏବେ ତାହା ୧୮ ଶତାଂଶକୁ ହ୍ରାସ ପାଇଛି । ଫଳରେ ଖାଉଟିଙ୍କ ପାଇଁ ଜିନିଷପତ୍ର ଶସ୍ତା ହେବ । ଜିଏସ୍‌ଟି ପ୍ରଚଳନ ଫଳରେ ୧୭ଟି ପରୋକ୍ଷ କର (୮ କେନ୍ଦ୍ରୀୟ + ୯ ପ୍ରାଦେଶିକ) ତଥା ୨୩ ଉପକରର ଅବସାନ ଘଟିଛି । ଏଥିସହିତ ଟିକସ ଦାଖଲ ଜନିତ ଜାବତୀୟ ହିସାବ, ଆକଳନ, ଫର୍ମପୂରଣ, ଘୋଷଣାନାମା ଓ ଟିକସ ପୈଠ ଆଦି ଝମେଲାର ଅନ୍ତ ଘଟିଛି । ଉତ୍ପାଦକଠାରୁ ଖାଉଟି ପର୍ଯ୍ୟନ୍ତ ଦ୍ରବ୍ୟ ଓ ସେବା ଉପରେ ବିଭିନ୍ନ ସ୍ତରରେ ଟିକସ ବ୍ୟବସ୍ଥା ଧାର୍ଯ୍ୟ ହୋଇଛି । ଏହି ଟିକସ ଧାର୍ଯ୍ୟମତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବଣ୍ଟନ ହେବାର ବ୍ୟବସ୍ଥା ରହିଛି । କେନ୍ଦ୍ର ଜିଏସ୍‌ଟି, ରାଜ୍ୟ ଜିଏସ୍‌ଟି ବାବଦ ଟିକସ ଦୁଇ ସରକାରଙ୍କ ତହବିଲକୁ ଯିବ । ସମନ୍ୱିତ ଜିଏସ୍‌ଟିରେ ଆନ୍ତଃରାଜ୍ୟ ମାଲ ପରିବହନ ଆଦିରୁ କେନ୍ଦ୍ର ସରକାର ଟିକସ ଆଦାୟର ଅଧିକାର ପାଇବେ, ମାତ୍ର ରାଜ୍ୟଗୁଡ଼ିକୁ ଏଥିରୁ ଭାଗ ମିଳିବ । ପୂର୍ବ ବ୍ୟବସ୍ଥାରେ ଉତ୍ପାଦନକାରୀ କର ଦେବା ପରେ ତା' ଉପରେ ଲାଭ ରଖି ବିକ୍ରେତା ବା ଏଜେଣ୍ଟକୁ ଦେଉଥିଲା । ବିକ୍ରେତା ତାହା ଉପରେ କ୍ରୟ ଟିକସ, ପ୍ରବେଶ ଟିକସ ଆଦି ଦେଇ ପରିବହନ ଖର୍ଚ୍ଚ ମିଶାଇ ଲାଭ ରଖି ଖାଉଟିକୁ ବିକ୍ରି କରୁଥିଲେ । ଏହା ଫଳରେ ସବୁଯାକ ଟିକସ ସିଧାସଳଖ ଭାବେ କ୍ରେତା ଉପରକୁ ଗଡ଼ିଆସୁଥିଲା ।

ନୂଆ ବ୍ୟବସ୍ଥାରେ ଉତ୍ପାଦନକାରୀ, ବିକ୍ରେତା ନିଜ ନିଜ କାରବାର ପରିସରରେ ସାମଗ୍ରୀ ଉପରେ ଯେଉଁ ଖର୍ଚ୍ଚ (ଯଥା ଉତ୍ପାଦନ, ପ୍ୟାକେଜିଂ ଓ ପରିବହନ) କରିବେ ତା' ଉପରେ ଟିକସ ରିଆତି ପାଇବେ । ଅତଏବ ଯୋଗାଣ ବ୍ୟବସ୍ଥାର ଏକାଧିକ ସ୍ତରରେ ଟିକସ ପ୍ରଦାନ ବ୍ୟବସ୍ଥା ସ୍ୱଚ୍ଛ ହୋଇଯାଉଥିବାରୁ ଏବାବଦ ସମସ୍ତ ବୋଝ ଖାଉଟି ଉପରେ ପଡ଼ିବ ନାହିଁ । ଏହାଛଡ଼ା ଟିକସ ଉପରେ ଟିକସ ପଡୁଥିବାରୁ ଆଗରୁ ଦ୍ରବ୍ୟର ଉତ୍ପାଦନ ମୂଲ୍ୟ ଅଧିକ ପଡୁଥିଲା । ଏବେ ସେ ଅବକାଶ ନାହିଁ । ଗୋଟିଏ ଉଦାହରଣରୁ ସବୁ କଥା ସ୍ୱଚ୍ଛ ବୁଝିହେବ ।

ମନେ କରନ୍ତୁ ପୂର୍ବରୁ ୧୦୦ ଟଙ୍କାର ଖଣ୍ଡିଏ ସାର୍ଟ ପାଇଁ ୧୨ଟଙ୍କାର କେନ୍ଦ୍ରୀୟ ଉତ୍ପାଦନ କର ଦେବାକୁ ପଡୁଥିଲା । ପରବର୍ତ୍ତୀ ସ୍ତରରେ ଏହି ସାର୍ଟ ଉପରେ ରାଜ୍ୟ ସରକାର ୧୫ ଶତାଂଶ ଭ୍ୟାଟ୍ ଲାଗୁ କରୁଥିଲେ ଅର୍ଥାତ୍ ୧୧୨ ଟଙ୍କା ଉପରେ ୧୫ ଶତାଂଶ ଭ୍ୟାଟ୍ ଲାଗୁ ହେଉଥିଲା । ଫଳରେ ଏହା ଟିକସ ଉପରେ ଟିକସ ବ୍ୟବସ୍ଥା ଥିଲା । ଏବେ ସେ ବ୍ୟବସ୍ଥାର ଉଚ୍ଛେଦ ଘଟିଥିବାରୁ ଟିକସ ପରିମାଣ ଯଥେଷ୍ଟ କମିଯିବ । ନୂଆ ବ୍ୟବସ୍ଥାରେ ଏବେ ଅକ୍ଟ୍ରାଇ ଓ ସୀମାନ୍ତ ତନଖି ଫାଟକର ବ୍ୟବସ୍ଥା ନ ଥିବାରୁ ଦେଶର ଗୋଟିଏ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତକୁ ଜିନିଷପତ୍ର ଚାଲାଣ ସହଜରେ ହୋଇପାରିବ । ଆନ୍ତଃରାଜ୍ୟ ଦ୍ରବ୍ୟ ପରିବହନ ପାଇଁ ସ୍ୱତନ୍ତ୍ର ଜିଏସ୍‌ଟି ନିର୍ଦ୍ଧାରିତ ହୋଇଥିବାରୁ ଏ କ୍ଷେତ୍ରରେ କୌଣସି ଜଟିଳତା ନାହିଁ । ଏହାଦ୍ୱାରା ପୂର୍ବରୁ ଦୁଇ ରାଜ୍ୟ ସୀମାନ୍ତରେ ଯେଉଁ ଦୁଇ ପ୍ରକାର ଟିକସ ଆଦାୟ କରାଯାଉଥିଲା ତାହାର ଅବସାନ ଘଟିବ । ସବୁଠୁ ବଡ଼ କଥା ହେଲା ଏହି ଟିକସ ପ୍ରଦାନ ଜନିତ ଜଂଜାଳ ପାଇଁ ତନଖି ଫାଟକ ପାଖରେ ଟ୍ରକ ସବୁ ଯେଉଁ ଘଣ୍ଟା ଘଣ୍ଟା ଅପେକ୍ଷା କରି ରହୁଥିଲା ସେଥିରେ ଯଥେଷ୍ଟ ଉନ୍ନତି ଆସିବ । ଏହାଦ୍ୱାରା ଟ୍ରକ ସବୁ ୬୦% ସମୟ ବଞ୍ଚାଇ ପାରିବେ ଏବଂ ସେମାନଙ୍କ ମୂଲ୍ୟବାନ ଇନ୍ଧନ ମଧ୍ୟ ଯଥେଷ୍ଟ ବଞ୍ଚିବ ।

ଜିଏସ୍‌ଟି ଏକ ଚାରିଥାକିଆ ଟିକସ ବ୍ୟବସ୍ଥା ଯାହା ଦ୍ରବ୍ୟ ଓ ସେବାର ବର୍ଗ ଅନୁସାରେ ଏହା ୫, ୧୨, ୧୮ ଓ ୨୮ ଶତାଂଶରେ ଧାର୍ଯ୍ୟ ହୋଇଛି । ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ସର୍ବନିମ୍ନ ଓ ବିଳାସ ସାମଗ୍ରୀ ଉପରେ ସର୍ବାଧିକ ଟିକସ ବ୍ୟବସ୍ଥା କରାଯାଇଛି । ଅତି ବିଳାସ ସାମଗ୍ରୀ ଓ ନିଶାଦ୍ରବ୍ୟ ଆଦି ଉପରେ ଅତିରିକ୍ତ ଟିକସ ବ୍ୟବସ୍ଥା କରାଯାଇ ପରୋକ୍ଷ କର ବାବଦ କ୍ଷତିକୁ ଭରଣା କରିବାର ପ୍ରୟାସ ହୋଇଛି । ଖାଉଟି ମୂଲ୍ୟ ସୂଚୀ (ସିପିଆଇ) ଅନ୍ତର୍ଗତ ସାମଗ୍ରୀ ମଧ୍ୟରୁ ୩୦ ରୁ ୩୩ ଶତାଂଶ ଅତ୍ୟାବଶ୍ୟକ ଜିନିଷପତ୍ରକୁ ଟିକସ ବ୍ୟବସ୍ଥାରୁ ମୁକ୍ତ ରଖାଯାଇଛି । ଏହା ଫଳରେ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ନିୟନ୍ତ୍ରଣରେ ରହିପାରିବ । ନୂଆ ପରୋକ୍ଷ ଟିକସ ବ୍ୟବସ୍ଥା ଦ୍ୱାରା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କର ରାଜସ୍ୱ ଯେପରି ଗୁରୁତର ଭାବେ ହ୍ରାସ ନ'ପାଏ ସେଥିପ୍ରତି ଆବଶ୍ୟକ ଦୃଷ୍ଟି ରଖାଯାଇଛି । ଜିଏସ୍‌ଟିରେ ପ୍ରାୟ ୬୦ ଶତାଂଶ ସାମଗ୍ରୀ ୧୨ ରୁ ୧୮ ଶତାଂଶ ଟିକସ ବ୍ୟବସ୍ଥାର ଅନ୍ତର୍ଭୁକ୍ତ ହୋଇଛି । ପ୍ରାୟ ୨୦ ଭାଗ ସାମଗ୍ରୀ ୨୮ ଶତାଂଶ ଟିକସ ପରିସରଭୁକ୍ତ ହୋଇଥିବାବେଳେ ସେସବୁ ମୁଖ୍ୟତଃ ବିଳାସ ସାମଗ୍ରୀ ଓ ଅବକାରୀ ପଦାର୍ଥ ବର୍ଗର । ଏଥିରେ ଅବଶ୍ୟ ଚକୋଲେଟ୍, ଚିଓ୍ୱିଙ୍ଗଗମ୍, ଶାମ୍ପୁ, ଡିଓଡୋରାଣ୍ଟ, ରଙ୍ଗ, ବିଜୁଳି ଶୁଳ୍କ ଆଦି ଅନ୍ତର୍ଭୁକ୍ତ । ମଦ ଓ ପେଟ୍ରୋଲିୟମ ସାମଗ୍ରୀ ଓ କେତେକ ପ୍ରକାର ମାଦକଦ୍ରବ୍ୟକୁ ଜିଏସ୍‌ଟି ପରିସରରୁ ମୁକ୍ତ ରଖାଯାଇଛି । ଜିଏସ୍‌ଟି ପରିଷଦର ସୁପାରିସକ୍ରମେ ଏସବୁକୁ ସମୟକ୍ରମେ ଜିଏସ୍‌ଟି ପରିସରକୁ ଅଣାଯାଇ ଟିକସ ଲାଗୁ କରାଯାଇପାରେ ।

ଯେଉଁ ବ୍ୟବସାୟୀମାନେ ଟିକସମୁକ୍ତ ଦ୍ରବ୍ୟର କାରବାର କରୁଛନ୍ତି କିମ୍ବା ସେମାନଙ୍କ ବାର୍ଷିକ କାରବାର ୨୦ ଲକ୍ଷ ଟଙ୍କାରୁ ଅଧିକ ନୁହେଁ ଅଥବା ସେମାନେ ଜିନିଷପତ୍ରର ଆନ୍ତଃରାଜ୍ୟ କାରବାର କରୁନାହାନ୍ତି - ଏହି ବର୍ଗର ବ୍ୟବସାୟୀମାନଙ୍କୁ ଜିଏସ୍‌ଟି ରିଟର୍ଣ୍ଣ ଫାଇଲ୍ କରିବାକୁ ପଡ଼ିବ ନାହିଁ ।

ମୋଟାମୋଟି ଜିଏସ୍‌ଟି ପ୍ରଚଳନ ଫଳରେ ବିଭିନ୍ନ ପ୍ରକାର ଜିନିଷପତ୍ରର ଦରଦାମ ଉପରେ ନାମକୁମାତ୍ର ପ୍ରଭାବ ପଡ଼ିବ। ଏହାଦ୍ୱାରା ଅନେକ ଜିନିଷର ଦାମ କିଞ୍ଚିତ ହ୍ରାସ ପାଇବ ଓ କିଛି ଜିନିଷର ଦାମ୍ ବଢ଼ିବ। ତେବେ ଆନ୍ତଃରାଜ୍ୟ ସାମଗ୍ରୀ ପରିବହନ ବାବଦ ଖର୍ଚ୍ଚ ପ୍ରାୟ ଦୁଇ ଶତାଂଶ କମ୍ ହେବ। ଅଟୋମୋବାଇଲ କ୍ଷେତ୍ରରେ ଟିକସ ବାବଦ ଦେୟ ଅପେକ୍ଷାକୃତ କମ୍ ହେବ ଏବଂ ଗ୍ରାହକ ଉପକୃତ ହେବେ। ମୋଟାମୋଟି ଭାବେ ଜିଏସ୍‌ଟି ଦ୍ୱାରା ଅଟୋମୋବାଇଲ୍ ଏବଂ ଏଫ୍‌ଏମ୍‌ସିଜି ପଦାର୍ଥ ଅପେକ୍ଷାକୃତ ଅଧିକ ଶସ୍ତା ହେବ ବୋଲି ହିସାବ କରାଯାଇଛି।

**ସୁବିଧାରେ ବେପାର କରିବାର ପରିବେଶକୁ ପ୍ରୋତ୍ସାହନ ମିଳିବ:**

ଜିଏସ୍‌ଟି ପ୍ରଚଳନ ପୂର୍ବରୁ ଭାରତରେ ଯେଉଁ ପରୋକ୍ଷ କର ବ୍ୟବସ୍ଥା ଥିଲା ତାହା ସୁବିଧାରେ ବେପାର ବଣିଜ କରିବା କ୍ଷେତ୍ରରେ ନାନାଦି ପ୍ରତିବନ୍ଧକ ସୃଷ୍ଟି କରୁଥିଲା। ଫଳରେ ବିଦେଶୀ / ଦେଶୀ ପୁଞ୍ଜିନିବେଶକ ଓ ବ୍ୟବସାୟୀ ଭାରତରେ ପୁଞ୍ଜି ଖଟାଇ ବେପାର ବଣିଜ କରିବାରେ ନାନା ଅସୁବିଧାର ସମ୍ମୁଖୀନ ହେଉଥିଲେ। ସିଆଇଆଇ-କେଏମ୍‌ପିଜିର ଅନୁଧ୍ୟାନ (୨୦୧୪) ଅନୁସାରେ ପଞ୍ଜୀକରଣ, ଭ୍ୟାଟ୍, ଉତ୍ପାଦନ ଟିକସ, ବହିଃଶୁଳ୍କ, ସେବାକର, ସାମଗ୍ରୀ ପରିବହନ, ଟିକସ କର୍ତ୍ତୃପକ୍ଷଙ୍କ ସହ କାମ କରିବାର ସୁଯୋଗ ସୁବିଧା, ଟିକସ ବିବାଦର ସମାଧାନ, ଟିକସ ପ୍ରୋତ୍ସାହନ ଲାଭ କରିବା ଏବଂ ନିର୍ଦ୍ଧାରିତ ସମୟରେ ଟିକସ ଫେରି ପାଇବା ଆଦି ବିବାଦର ସମାଧାନ, ଟିକସ ପ୍ରୋତ୍ସାହନ ଲାଭ କରିବା ଏବଂ ନିର୍ଦ୍ଧାରିତ ସମୟରେ ଟିକସ ଫେରି ପାଇବା ଆଦି ଅତିଶୟ ଜଟିଳ, ସମସ୍ୟାବହୁଳ ଏବଂ ନିରୁତ୍ସାହମୂଳକ ଥିଲା। ଏହା ସହିତ ପୂର୍ବ ବ୍ୟବସ୍ଥାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ବିଭିନ୍ନ ପ୍ରକାର ପରୋକ୍ଷ ଟିକସ ଲାଗୁ କରୁଥିବାରୁ ଏକପ୍ରକାର ଟିକସ ବ୍ୟବସ୍ଥା ନ ଥିଲା ଏବଂ ଏହା ଶିଳ୍ପ ବାଣିଜ୍ୟର ପ୍ରତିକୂଳ ଥିଲା। ଶିଳ୍ପବାଣିଜ୍ୟ ସଂସ୍ଥାଙ୍କୁ ବିଭିନ୍ନ ରାଜ୍ୟରେ ଥିବା ସରକାରଙ୍କୁ ଉଚ୍ଚ ଟିକସ ଦେଇ କାରବାର/ବେପାର କରିବାକୁ ହେଉଥିଲା। ଗୋଟିଏ ରାଜ୍ୟରୁ ଆଉ ଏକ ରାଜ୍ୟକୁ ଜିନିଷପତ୍ର ପଠାଇବା ବେଳେ ଉଭୟ ରାଜ୍ୟ ସରକାରଙ୍କୁ ଟିକସ ଦେବାକୁ ପଡୁଥିଲା। ରାଜ୍ୟ - ରାଜ୍ୟ ମଧ୍ୟରେ ଟିକସଗତ ସମତା ନ ଥିବାରୁ ଶିଳ୍ପୋଦ୍ୟୋଗୀ ଓ ବ୍ୟବସାୟୀଙ୍କୁ ଅନେକ ଟିକସ ତଣ୍ଡ ଆକାରରେ ବସ୍ତୁତଃ ଗଣିବାକୁ ହେଉଥିଲା। ଏହା ମଧ୍ୟ ବ୍ୟାପାର ନିଷ୍ପତ୍ତିରେ ଏକ ଗୋଳମାଳିଆ ପରିସ୍ଥିତି ସୃଷ୍ଟି କରୁଥିଲା। ମୂଲ୍ୟ ଶୃଙ୍ଖଳାରେ ଦ୍ରବ୍ୟ ଓ ସେବା ଉପରେ ଦିଆଯାଉଥିବା ଟିକସ ପରବର୍ତ୍ତୀ ସ୍ତରରେ ଫେରିପାଇବାର କୌଣସି ସ୍ୱଷ୍ଟ ବ୍ୟବସ୍ଥା ବା ନୀତି ନଥିଲା। ଫଳରେ ଏକାଧିକ ସ୍ତର ଓ ସ୍ଥାନରେ ଟିକସ ଭରିବାକୁ ପଡୁଥିଲା ଏବଂ ଏହା ଫଳରେ ଟିକସ ଉପରେ ଟିକସ ଲାଗୁ ହୋଇ ଜିନିଷପତ୍ର ମହଙ୍ଗା ହେଉଥିଲା।

ଏବେ ଜିଏସ୍‌ଟିର ପ୍ରବର୍ତ୍ତନ ଫଳରେ ଉପରୋକ୍ତ ଅସୁବିଧାର ଅବସାନ ଘଟିଛି। ଟିକସ ପ୍ରଦାନ ବ୍ୟବସ୍ଥା ସ୍ୱଚ୍ଛ, ସରଳ ଏବଂ ସହଜ ହୋଇଥିବାରୁ ଟିକସ ଉପରେ ଟିକସର ଅବକାଶ ଆଉ ନାହିଁ। ରାଜ୍ୟ ଓ କେନ୍ଦ୍ରୀୟ ଟିକସ ସବୁ ମିଶି ଏକ ପ୍ରକାର ଟିକସ ବ୍ୟବସ୍ଥା ହୋଇଥିବାରୁ ଆନ୍ତଃରାଜ୍ୟ ଦ୍ରବ୍ୟ ପରିବହନ ସୁଗମ ହୋଇଛି। ଏହାଛଡ଼ା ନୂଆ ବ୍ୟବସ୍ଥାରେ ଟିକସ ଫେରିପାଇବା ସହଜ ହୋଇଛି। ଏହାଫଳରେ ବେପାର / ବଣିଜ ପାଇଁ ଏକ ଅନୁକୂଳ ଅବସ୍ଥା ସୃଷ୍ଟି ହୋଇଛି। ଏହା ଫଳରେ ବିଶ୍ୱବ୍ୟାଙ୍କର ବାଣିଜ୍ୟ ବ୍ୟବସାୟ କରିବାର ଉତ୍ତମ ପରିବେଶ ତାଲିକା ସୂଚୀରେ ଭାରତର ସ୍ଥାନ ଯଥେଷ୍ଟ ଉପରକୁ ଉଠିବ ବୋଲି ଆଶା କରାଯାଉଛି। ଜିଏସ୍‌ଟି ପ୍ରବର୍ତ୍ତନ ପୂର୍ବରୁ ଏହି ତାଲିକାରେ ୧୯୦ ଦେଶଙ୍କ ମଧ୍ୟରେ ଭାରତର ସ୍ଥାନ ଥିଲା ୧୭୨।

ଜିଏସ୍‌ଟି ପ୍ରବର୍ତ୍ତନ ଫଳରେ ଭାରତରେ ବେପାର ବଣିଜ ପାଇଁ ଯେଉଁ ଲାଭ ହେବ ତାହା ନିମ୍ନରେ ଉଲ୍ଲେଖ କରାଯାଇଛି।

**ସହଜ ଅଧିପାଳନ ବ୍ୟବସ୍ଥା:**

ପୂର୍ବରୁ ବ୍ୟବସାୟୀ / ଉଦ୍ୟୋଗପତିଙ୍କୁ ବିଭିନ୍ନ ପ୍ରକାର ଟିକସ ପାଇଁ ନାନା ପ୍ରକାର ରିଟର୍ଣ୍ଣ ଫାଇଲ କରିବାକୁ ପଡୁଥିଲା। ବିଭିନ୍ନ କର୍ତ୍ତୃପକ୍ଷଙ୍କ ପାଖରେ ଏସବୁ ଆବେଦନ ନିବେଦନ କରାଯାଉଥିବାରୁ ଅମଲାତାନ୍ତ୍ରିକ ବିଳମ୍ବ ଯୋଗୁଁ ଟିକସଦାତା / ଆବେଦନକାରୀ ନାହିଁ ନ ଥିବା ଅସୁବିଧା ଭୋଗୁଥିଲେ। ସବୁ ପ୍ରକାର ପରୋକ୍ଷ କରକୁ ମିଶାଇ ଏବେ ଗୋଟିଏ କରାଯାଇଥିବାରୁ ଏହାର ପରିପାଳନ ଅତ୍ୟନ୍ତ ସରଳ ଓ ସହଜ ହୋଇଛି। ଆଇଟି ପ୍ଲାଟଫର୍ମ ଜିଏସ୍‌ଟି ନେଟୱାର୍କ (ଜିଏସ୍‌ଟିଏନ୍) ବ୍ୟବହାର କରି ଟିକସଦାତା ସହଜରେ ନିଜ କାମ କରିପାରିବେ। ସେହିଭଳି ଏହି ଜିଏସ୍‌ଟିଏନ୍ ଉଭୟ କେନ୍ଦ୍ର ଓ ରାଜ୍ୟସରକାରଙ୍କ ଦ୍ୱାରା ମିଳିତ ଭାବେ ବ୍ୟବହୃତ ହେଉଥିବାରୁ ଟିକସଦାତାଙ୍କୁ ସେବା ଯୋଗାଇବାରେ ଏହା ଏକ ମେରୁଦଣ୍ଡ ସଦୃଶ ହୋଇଛି ଏବଂ କାର୍ଯ୍ୟ ଶୀଘ୍ର ସମ୍ପନ୍ନ ହୋଇପାରୁଛି। ଟିକସଦାତା ଏହି ପ୍ଲାଟଫର୍ମରେ ନିଜର ପଞ୍ଜୀକରଣ, ରିଟର୍ଣ୍ଣ ଫାଇଲ୍, ଟିକସ ପ୍ରଦାନ, ଟିକସ ଫେରସ୍ତ ଦାବି ଯେକୌଣସି ସମୟରେ ଯେକୌଣସି ସ୍ଥାନରୁ ଅନ୍‌ଲାଇନ୍‌ରେ କରିପାରୁଛନ୍ତି। ଏସବୁ କାମ କରିବାକୁ ସେମାନଙ୍କୁ ପୂର୍ବଭଳି ଆଉ ଟିକସ କର୍ତ୍ତୃପକ୍ଷଙ୍କ ନିକଟକୁ ଦୌଡ଼ିବାକୁ ପଡୁନାହିଁ। ଅତଏବ ସମଗ୍ର ପ୍ରକ୍ରିୟାକୁ ଏହା ସରଳ, ଜଞ୍ଜାଳମୁକ୍ତ ଏବଂ ବେଗଗାମୀ କରିଛି। ଏହା କାଗଜମୁକ୍ତ ଟିକସ ବ୍ୟବସ୍ଥାକୁ ସାକାର କରିଥିବାବେଳେ ସମଗ୍ର ଟିକସ ପ୍ରଶାସନକୁ ଦକ୍ଷ କରିପାରିଛି।

**ଆନ୍ତଃ-ରାଜ୍ୟ ସାମଗ୍ରୀ ପରିବହନ ସୁଗମ:**

ପୂର୍ବରୁ ରାଜ୍ୟ-ରାଜ୍ୟ ମଧ୍ୟରେ ଥିବା ତନଖି ଫାଟକଗୁଡ଼ିକରେ ଜିନିଷପତ୍ର ବୋଝେଇ ଟ୍ରକ ସବୁ ଟିକସ ପୈଠ କରିବାକୁ ଘଣ୍ଟା ଘଣ୍ଟା ଅଟକି ରହୁଥିଲେ। ଏବେ ସବୁ ପ୍ରକାର ଟିକସ ମିଶି ଏକ ପ୍ରକାର ହୋଇଥିବାରୁ ଏବଂ ଗୋଟିଏ ଦେଶ ଗୋଟିଏ ବଜାରରେ ପରିଣତ ହୋଇଥିବା ଦୃଷ୍ଟିରୁ ଏସବୁ ତନଖି ଫାଟକ ଅନାବଶ୍ୟକ ହୋଇଯାଇଛି। ଶୀଘ୍ର ଟ୍ରକଗୁଡ଼ିକ ନିଜ ଗନ୍ତବ୍ୟରେ ପହଞ୍ଚିପାରୁଛନ୍ତି ଏବଂ ଏହାଦ୍ୱାରା ସମୟ ଓ ଇନ୍ଧନ ବଞ୍ଚୁଛି।

ଖାଉଟିଙ୍କୁ ମଧ୍ୟ ଆଉ ପୂର୍ବଭଳି ଅକ୍ଟ୍ରାଇ ଓ ପ୍ରବେଶ ଟିକସ ବୋଝ ବୋହିବାକୁ ପଡୁନାହିଁ। ଏହା ଫଳରେ ଅନେକ ଜିନିଷପତ୍ର ଶସ୍ତା ହୋଇଛି।

**ସମସ୍ତଙ୍କ ପାଇଁ ଗୋଟିଏ ଇଣ୍ଟରଫେସ୍:**

ଜିଏସ୍‌ଟିଏନ୍ ସମସ୍ତଙ୍କ ପାଇଁ ଏକକ ଇଣ୍ଟରଫେସ୍ ପ୍ରସ୍ତୁତ କରିଛି। ଟିକସଦାତା ଓ ଟିକସ କର୍ତ୍ତୃପକ୍ଷ ଏହା ମାଧ୍ୟମରେ ଟିକସ ସଂକ୍ରାନ୍ତ ବିବାଦ ଓ ଭ୍ରାନ୍ତିର ସମାଧାନ କରିବାର ସୁଯୋଗ ପାଇଛନ୍ତି। ଏଥିପାଇଁ ଟିକସଦାତାଙ୍କୁ ଟିକସ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିବ ନାହିଁ। ଏହା ଦୁର୍ନୀତି ରୋକିବା ସହ ଟିକସଦାତାଙ୍କୁ ନିଜର ଇନ୍‌ଭଏସ୍, ରିଟର୍ଣ୍ଣ, ଟିକସ ଫାଇଲ, ଟିକସ ଫେରସ୍ତ ଓ ଅନ୍ୟାନ୍ୟ ସମସ୍ତ କର ସଂକ୍ରାନ୍ତ କାର୍ଯ୍ୟ ଇଲେକ୍‌ଟ୍ରୋନିକ୍ ବ୍ୟବସ୍ଥାରେ କରିବାର ସୁଯୋଗ ଦେଇଛି।

**ଏକକ ବଜାର ସୃଷ୍ଟି:**

ଜିଏସ୍‌ଟି ପ୍ରବର୍ତ୍ତନ ଫଳରେ ସମଗ୍ର ଭାରତ ଗୋଟିଏ ବଜାରରେ ପରିଣତ ହୋଇଛି ଏବଂ ସାରା ଦେଶ ପାଇଁ ଏକ ପ୍ରକାର ପରୋକ୍ଷ ଟିକସ ବ୍ୟବସ୍ଥା ଲାଗୁକରାଯାଇଛି। ଏହା ଫଳରେ ଶିଳ୍ପୋଦ୍ୟୋଗୀ/ବ୍ୟବସାୟୀ କଞ୍ଚାମାଲ୍ ଉଠାଣ ଓ ପରିବହନ, ଶିଳ୍ପ ସ୍ଥାପନର ସ୍ଥାନ ନିରୂପଣ, ମାଲ ପ୍ରେରଣ, ଗୋଦାମ ନିର୍ମାଣ ଆଦି କ୍ଷେତ୍ରରେ ଯୁକ୍ତିଯୁକ୍ତ ସୁବିଧା ସୁଯୋଗ ପାଇବେ ଏବଂ ବହୁପାକ୍ଷିକ କର୍ତ୍ତୃପକ୍ଷ ଏବଂ ଟିକସ ଆଦାୟକାରୀ ସଂସ୍ଥାଙ୍କ ଜୁଲମରୁ ମୁକ୍ତ ହେବେ। ଉତ୍ପାଦନ ଖର୍ଚ୍ଚ କମ୍ ରହିଲେ ଜିନିଷପତ୍ର ଶସ୍ତା ହେବ।

**ଅନ୍ୟାନ୍ୟ ସୁବିଧା:**

ନୂଆ ବ୍ୟବସ୍ଥାରେ ଟିକସ ବୋଝ କମିବ, ଉତ୍ପାଦିତ ସାମଗ୍ରୀ ଶସ୍ତା ଓ ଉତ୍ତମମାନର ହୋଇ ବିଦେଶ ବଜାରରେ ଅଧିକ ପ୍ରତିଯୋଗିତା କରିବ। ଏହା ପ୍ରକାରାନ୍ତରେ ଆମର ରପ୍ତାନୀକୁ ଉତ୍ସାହିତ କରି ଆୟ ବୃଦ୍ଧିରେ ସହାୟକ ହେବ। ଦେଶରେ ଅଧିକ ଶିଳ୍ପ ସ୍ଥାପନ ଓ ବ୍ୟବସାୟ ଦ୍ୱାରା ନିଯୁକ୍ତି ଏବଂ ରୋଜଗାର ବଢ଼ିବ। ସେହିଭଳି ପୂର୍ବରୁ ସମ୍ବଳ ଓ କଞ୍ଚାମାଲ୍‌ର ଉପଲବ୍ଧତାକୁ ଦୃଷ୍ଟିରେ ରଖି ଦେଶର କେତେକ ଅଞ୍ଚଳରେ ଶିଳ୍ପବାଣିଜ୍ୟ ପାଇଁ ଅଧିକ ପ୍ରୋତ୍ସାହନ ଦିଆଯାଉଥିଲା। ଫଳରେ କିଛି ଅଞ୍ଚଳର ଅର୍ଥନୈତିକ ପ୍ରକ୍ରିୟା ତ୍ୱରାନ୍ୱିତ ହେଉଥିବାବେଳେ ଅନ୍ୟ ଅଞ୍ଚଳ ପଛରେ ପଡ଼ିଯାଉଥିଲା। ଏବେ ସେ କଥା ନାହିଁ। ଏବେ କଞ୍ଚାମାଲ୍ ଉପରେ ସ୍ୱଳ୍ପ ଟିକସ ଲାଗୁ ହୋଇଛି। ସମାନ ଟିକସ ଓ ଗୋଟିଏ ବଜାର ବ୍ୟବସ୍ଥା ପ୍ରଚଳନ ଦ୍ୱାରା ଉଦ୍ୟୋଗୀ ଯେକୌଣସି ସ୍ଥାନରେ ନିଜର ଇଚ୍ଛା ଓ ସୁବିଧା ମତେ ଉଦ୍ୟୋଗ ସ୍ଥାପନ କରିପାରିବେ। ଟିକସ ବୋଝ ହ୍ରାସ ପାଇବାରୁ ଉଦ୍ୟୋଗଜଗତ ବିଶେଷ ଉପକୃତ ହେବ। ମୋଟାମୋଟି ଏହି ନୂଆ ବ୍ୟବସ୍ଥା ଭାରତରେ ସହଜ ଓ ସୁବିଧାରେ ବ୍ୟବସାୟ କରିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ ଏବଂ ଭାରତରେ ଯେଉଁ 'ମେକ୍ ଇନ୍ ଇଣ୍ଡିଆ' ଭଳି ଶିଳ୍ପାୟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ତାହାକୁ ପ୍ରୋତ୍ସାହିତ କରିବ। ବ୍ୟବସାୟ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ବିବିଧ ଟିକସ, ଏକାଧିକ ଘୋଷଣାନାମା ଓ ପଞ୍ଜୀକରଣ ତଥା ଅମଲାତାନ୍ତ୍ରିକ ବିଳମ୍ବ ରହିବ ନାହିଁ। ସର୍ବୋପରି ଅତ୍ୟାବଶ୍ୟକ ଜିନିଷପତ୍ର ଶସ୍ତା ହେବ ଓ ଖାଉଟି ବିଶେଷ ଉପକୃତ ହେବେ।

**ଉପସଂହାର:**

ଜିଏସ୍‌ଟି ପ୍ରବର୍ତ୍ତନ ଉଭୟ ସହଜରେ ବେପାର ବଣିଜ କରିବା, ଟିକସ ବୋଝ ହ୍ରାସ, ସରକାରୀ ରାଜସ୍ୱ ଆୟ ବୃଦ୍ଧି, ଟିକସ ଫାଙ୍କିର ଅବସାନ



ଓ ଖାଉଟିଙ୍କ ସ୍ୱାର୍ଥ ରକ୍ଷାରେ ସହାୟକ ହେବ। ଏହାଦ୍ୱାରା ଦେଶର ଅର୍ଥନୈତିକ ସ୍ଥିତି ପୁଷ୍କଳ ହେବା ସହିତ ଖାଉଟି, ଉତ୍ପାଦନକାରୀ ଓ ସରକାର ଏହି ତିନି ପକ୍ଷଙ୍କ ସ୍ୱାର୍ଥ ସୁରକ୍ଷିତ ହେବ। ଏହାଦ୍ୱାରା କେନ୍ଦ୍ର କିମ୍ବା କୌଣସି ରାଜ୍ୟ କ୍ଷତିଗ୍ରସ୍ତ ହେବେ ନାହିଁ ଏବଂ ସମସ୍ତେ ଲାଭବାନ ହେବେ ବୋଲି ପ୍ରଧାନମନ୍ତ୍ରୀ ନିଜେ କହିଛନ୍ତି। କୌଣସି ରାଜ୍ୟ ଯଦି ଜିଏସ୍‌ଟି ପ୍ରଚଳନରେ କ୍ଷତିଗ୍ରସ୍ତ ହୁଏ ତା'ହେଲେ ଆରମ୍ଭ ଦିନରୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ସେହି ରାଜ୍ୟକୁ କେନ୍ଦ୍ର ସରକାର କ୍ଷତିପୂରଣ ଦେଇ ତାହାର ରାଜସ୍ୱ ଭରଣା କରିବାର ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ଏଥି ପାଇଁ ଜିଏସ୍‌ଟି ନିୟମରେ ମଧ୍ୟ ଏକ ଧାରା ରହିଛି।

ମୋଟାମୋଟି କହିଲେ ଜିଏସ୍‌ଟିର ଲାଭ ନିଶ୍ଚିତ ଅଧିକ। ଦେଶର ଅର୍ଥନୀତି ଉପରେ ଏହାର ନିଶ୍ଚିତ ଅନୁକୂଳ ପ୍ରଭାବ ପଡ଼ିବ। ଏହା ଏବେ ଲାଗୁ ହୋଇଛି। ତତ୍କାଳ ଏହାର ପ୍ରଭାବ ଅନୁଭୂତ ହୋଇ ନ'ପାରେ। ମାତ୍ର ଭବିଷ୍ୟତରେ ଏହାର ଲାଭ ନିଶ୍ଚିତ ମିଳିବ। ଏବେ ପ୍ରସଙ୍ଗ ହେଲା 'ଗୋଟିଏ ଦେଶ, ଗୋଟିଏ ଟିକସ' ଯେଉଁ ଆହ୍ୱାନ ଦିଆଯାଇଥିଲା ତାହାକୁ ବାସ୍ତବତାରେ ପରିଣତ କରିବାକୁ ସରକାରଙ୍କୁ ଅଧିକ କାମ କରିବାକୁ ପଡ଼ିବ। ଏଥିପାଇଁ ଜିଏସ୍‌ଟି ପ୍ରବର୍ତ୍ତନ ପରବର୍ତ୍ତୀ ଯେଉଁସବୁ ତ୍ରୁଟି ବିଚ୍ୟୁତି ବା ଅଭାବ ଅସୁବିଧା ଦେଖା ଦେଉଛି ତାହାକୁ ଠାବ କରି ଏହାର ସମାଧାନ କରିବାକୁ ହେବ। ଏଥିପାଇଁ ଉଦ୍ୟୋଗଜଗତ ଓ ଅନ୍ୟାନ୍ୟ ସଂପୃକ୍ତ ସଂସ୍ଥାମାନଙ୍କର ମଞ୍ଚ ତିଆରି କରି ସେ ସଂକ୍ରାନ୍ତ ତଥ୍ୟାବଳୀ ସଂଗ୍ରହ କରିବାକୁ ହେବ। ଜିଏସ୍‌ଟି ବାହାରେ ଅନ୍ୟ କେଉଁଠି କୌଣସି ସଂସ୍ଥାଦ୍ୱାରା ଲେଭି ବା ଭ୍ୟାଟ୍ ଆକାରରେ ଯେପରି ଅତିରିକ୍ତ ଟିକସ ଜିନିଷପତ୍ର ଉପରୁ ଆଦାୟ ନ ହୁଏ ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ଦେବାକୁ ପଡ଼ିବ। ଏହି ବ୍ୟବସ୍ଥାର ଲାଭ ଅସଂଗଠିତ କ୍ଷେତ୍ର ଯେପରି ଉଠାଇ ପାରିବ ସେଥିପାଇଁ ମଧ୍ୟ ପ୍ରୟାସ କରିବାକୁ ହେବ।

ସିଙ୍ଗାପୁର ଓ ମାଲେସିଆ ଭଳି ଦେଶରେ ଜିଏସ୍‌ଟିର ମାତ୍ର ଗୋଟିଏ ଟିକସ ହାର ଚାଲିଛି ଯାହା ପୁଣି ମାତ୍ର ଯଥାକ୍ରମେ ୬ ଓ ୭ ଶତାଂଶ। ଭାରତ ତାହାକୁ ଅନୁସରଣ କରି ପାଞ୍ଚ ଥାକିଆ ଜିଏସ୍‌ଟି ହାର ପରିବର୍ତ୍ତେ ସାରା ଦେଶ ପାଇଁ ସବୁ ପ୍ରକାର ସାମଗ୍ରୀ ଉପରେ ଗୋଟିଏ ଟିକସ ହାର ଯେତେଶୀଘ୍ର ପ୍ରବର୍ତ୍ତନ କରିବ ଖାଉଟି ଓ ଉତ୍ପାଦନକାରୀଙ୍କ ପାଇଁ ତାହା ସେତେ ମଙ୍ଗଳକର ହେବ। ଏହାଛଡ଼ା ସବୁ ସାମଗ୍ରୀ ଉପରେ ଏକକ ଟିକସ ହାର ନିର୍ଦ୍ଧାରଣ କରି ଟିକସ ଛାଡ଼ ତାଲିକାରେ ଯେତେ କମ୍ ଜିନିଷ ରଖାଯିବ ସେତେ ଭଲ। ଭବିଷ୍ୟତରେ ମଧ୍ୟ ଏହି ଢାଞ୍ଚାର ଜିଏସ୍‌ଟିକୁ ଅଧିକ ସଫଳ କରିବା ପାଇଁ ପ୍ରାଦେଶିକ ସ୍ତରରେ ସ୍ୱତନ୍ତ୍ର ପଞ୍ଜୀକରଣ ଓ ଟିକସ ଫାଇଲିଂ ବ୍ୟବସ୍ଥା କରାଗଲେ ଏହା ଟିକସ ପ୍ରଶାସନକୁ ଅଧିକ ସଫଳ କରିପାରିବ। ଏହା ହୋଇପାରିଲେ ମେକ୍ ଇନ୍ ଇଣ୍ଡିଆ ଓ ଅନ୍ୟାନ୍ୟ ଔଦ୍ୟୋଗିକ କାର୍ଯ୍ୟକ୍ରମର ରୂପାୟନ ପ୍ରକ୍ରିୟା ଅବଶ୍ୟ ତ୍ୱରାନ୍ୱିତ ହେବ। ଜିଏସ୍‌ଟି ଲାଗୁ ହୋଇଛି, ଏହା ଉତ୍ତମ କଥା। ଏହାକୁ ସମୟକ୍ରମେ କିପରି ବିଶ୍ୱର ଶ୍ରେଷ୍ଠ ତଥା ସଫଳ ବ୍ୟବସ୍ଥାରେ ପରିଣତ କରାଯାଇପାରିବ ସେଥିପାଇଁ ଆବଶ୍ୟକ ଚିନ୍ତା କରି କାର୍ଯ୍ୟ କରିବାର ସମୟ ଉପଗତ।

**ଟେବୁଲ -୧ : ଜିଏସ୍‌ଟିରେ ବିଲୁପ୍ତ ହୋଇଥିବା ବିଭିନ୍ନ ଟିକସ**

| କ୍ର.ସଂ | କେନ୍ଦ୍ର ସରକାର | ରାଜ୍ୟ ସରକାର |
|---|---|---|
| ୧ | କେନ୍ଦ୍ରୀୟ ଉତ୍ପାଦନ ଶୁଳ୍କ | ରାଜ୍ୟ ଭ୍ୟାଟ୍ |
| ୨ | ଉତ୍ପାଦନ ଶୁଳ୍କ (ଔଷଧୀୟ ଓ ଟଏଲେଟ୍ (ଶୌଚ) ପାଇଁ ବ୍ୟବହୃତ ସାମଗ୍ରୀ) | କେନ୍ଦ୍ରୀୟ ବିକ୍ରି କର |
| ୩ | ଉତ୍ପାଦନ କର ଉପରେ ଅତିରିକ୍ତ ଟିକସ (ସ୍ୱତନ୍ତ୍ର ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ) | ବିଳାସ ସାମଗ୍ରୀ |
| ୪ | ଉତ୍ପାଦନ କର ଉପରେ ଅତିରିକ୍ତ ଟିକସ (ବୟନ ଓ ବୟନ ସାମଗ୍ରୀ) | ପ୍ରବେଶ କର (ସବୁ ପ୍ରକାର) |
| ୫ | ସୀମା ଶୁଳ୍କ ଉପରେ ଅତିରିକ୍ତ ଟିକସ (ସିଭିଡି) | ପ୍ରମୋଦ କର ଓ ମଉଜ ମଜଲିସ ଟିକସ (ଯେତେବେଳେ ସ୍ଥାନୀୟ ସଂସ୍ଥାଦ୍ୱାରା ଆଦାୟ ହେଉ ନ ଥିବ) |
| ୬ | ସ୍ୱତନ୍ତ୍ର ଅତିରିକ୍ତ ସୀମାଶୁଳ୍କ (ଏସ୍‌ଏଡି) | ବିଜ୍ଞାପନ ଉପରେ ଟିକସ |
| ୭ | ସେବା କର | କ୍ରୟ ଟିକସ |
| ୮ | କେନ୍ଦ୍ରୀୟ ଉପକର ଓ ସେସ୍ (ଦ୍ରବ୍ୟ ଓ ସେବା ଉପରେ) | ଲଟେରୀ, ଜୁଆ ଓ ସଟ୍ଟା ଉପରେ ଟିକସ |

**ଲେଖକ ଡାନିଶ୍ ହସିମ୍ ଜଣେ ଅର୍ଥଶାସ୍ତ୍ରୀ ଏବଂ ସିଆଇଆଇର 'ଇଜ ଅଫ୍ ଡୁଇଂ ବିଜ୍‌ନେସ୍' ବିଭାଗର ମୁଖ୍ୟ**
**ବର୍ଷା କୁମାରୀ ସିଆଇଆଇର ଜଣେ ପରାମର୍ଶଦାତ୍ରୀ**

# ଜିଏସ୍‌ଟି : ଟିକସ ବ୍ୟବସ୍ଥା ପରିବର୍ତ୍ତନର ଶକ୍ତିଶାଳୀ ବାହକ

● ଦେବରାଜ ରେଡ୍ଡି

୨୦୧୭ ଜୁଲାଇ ପହିଲାରୁ ସାରା ଦେଶରେ ଲାଗୁ ହୋଇଥିବା ନୂଆ ଦ୍ରବ୍ୟ ଓ ସେବାକର (ଜିଏସ୍‌ଟି) ଦେଶର ପରୋକ୍ଷ ଟିକସ କ୍ଷେତ୍ରରେ ଏକ ଐତିହାସିକ ତଥା ନିର୍ଣ୍ଣାୟକ ପଦକ୍ଷେପ। ଏହା ଫଳରେ ଦେଶର ପରୋକ୍ଷ ଟିକସ ବ୍ୟବସ୍ଥାରେ ଏକ ଆମୂଳଚୂଳ ପରିବର୍ତ୍ତନ ଘଟିଛି ଏବଂ ଉଭୟ କେନ୍ଦ୍ର ଓ ପ୍ରାଦେଶିକ ସ୍ତରରେ ଏ କ୍ଷେତ୍ରରେ ଥିବା ଅନେକ ଟିକସର ଅବସାନ ଘଟି ସାରା ଦେଶ ପାଇଁ ଗୋଟିଏ ଟିକସ ଓ ଏକକ ବଜାର ସୃଷ୍ଟିର ବ୍ୟବସ୍ଥା କରାଯାଇଛି। ଗୋଟିଏ ଦେଶ, ଗୋଟିଏ ଟିକସ ଓ ଗୋଟିଏ ବଜାରର ଯେଉଁ ପରିକଳ୍ପନା ଦୀର୍ଘକାଳ ଧରି ଚାଲିଥିଲା ଜିଏସ୍‌ଟି ପ୍ରବର୍ତ୍ତନ ଫଳରେ ତାହାର ସାକାର ପ୍ରୟାସ ଆରମ୍ଭ ହୋଇଛି। ଆଶା ରହିଛି ଯେ ଜିଏସ୍‌ଟି ଉତ୍ପାଦନକାରୀ, ବ୍ୟବସାୟୀ, ଖାଉଟି ଓ ସରକାର – ସବୁ ସଂପୃକ୍ତ ପକ୍ଷଙ୍କ ପାଇଁ କଲ୍ୟାଣକର ହେବ ଏବଂ ଏହାଦ୍ୱାରା କେହି କ୍ଷତିଗ୍ରସ୍ତ ହେବେ ନାହିଁ। ନୂଆ ବ୍ୟବସ୍ଥାରେ ଜିନିଷପତ୍ର ଓ ସେବାର ମୂଲ୍ୟ କମ୍ ରହିବା ସହିତ ଦେଶର ଆର୍ଥିକ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଛି। ଆହୁରି ମଧ୍ୟ ଜିଏସ୍‌ଟି ଫଳରେ ଭାରତୀୟ ସାମଗ୍ରୀ / ସେବାର ଉତ୍ପାଦନ ଖର୍ଚ୍ଚ କମିବ ଏବଂ ବିଶ୍ୱ ବଜାରରେ ଏହା ଅଧିକ ପ୍ରତିଯୋଗିତା କରି ନିଜ ପାଇଁ ବଜାର ବାଛିବ ବୋଲି କୁହାଯାଉଛି। ବିଶେଷଜ୍ଞଙ୍କ ମତରେ ଜିଏସ୍‌ଟି ଦ୍ୱାରା ଭାରତରେ ଆରମ୍ଭ ହୋଇଥିବା 'ମେକ୍ ଇନ୍ ଇଣ୍ଡିଆ' କାର୍ଯ୍ୟକ୍ରମ ବିଶେଷ ଲାଭ ପାଇବ। ଏହା ଯଦି ସତ ହୋଇଥାଏ ତା ହେଲେ ନିଶ୍ଚିତ ଭାବେ ଏକ ଭଲ ଖବର। ଜିଏସ୍‌ଟି ପ୍ରବର୍ତ୍ତନ ଫଳରେ ରପ୍ତାନୀ କାରବାର ଶୂନ୍ୟ କର ଭିତ୍ତିକ ହେବ। ଏବେ ରପ୍ତାନୀ ଉପରେ ଏକାଧିକ ଟିକସ ଲାଗୁଥିଲା। ସେହିଭଳି ସମଗ୍ର ଦେଶ ଗୋଟିଏ ବଜାରରେ ପରିଣତ ହୋଇଥିବାରୁ ଏବେ ସାରା ଦେଶରେ ବିବିଧ କର ପରିବର୍ତ୍ତେ ଏକକ କର (ଜିଏସ୍‌ଟି) ପ୍ରବର୍ତ୍ତିତ ହୋଇଥିବା କାରଣରୁ ଜିନିଷପତ୍ରର ପରିବହନ ସହଜ ଏବଂ ତ୍ୱରିତ ହେବା ସହ ଏହା ଶସ୍ତା ହେବ। ଏ କ୍ଷେତ୍ରରେ ଆଉ କୌଣସି ଅର୍ଥନୈତିକ ପ୍ରତିବନ୍ଧକ ରହିବ ନାହିଁ। ଟିକସ ଆଦାୟ ଓ ତତ୍ ସଂକ୍ରାନ୍ତ କାର୍ଯ୍ୟ ଇ-ବୈଷୟିକ ବ୍ୟବସ୍ଥାରେ ହେବାକୁ ଥିବାରୁ ଟିକସ ଆଦାୟକାରୀ ଓ ଟିକସଦାତାଙ୍କ ମଧ୍ୟରେ ପ୍ରତ୍ୟକ୍ଷ ମାନବୀୟ ସମ୍ପର୍କ ରହିବ ନାହିଁ। ଏହାଦ୍ୱାରା ଟିକସ ଆଦାୟ କ୍ଷେତ୍ରରେ ଦୁର୍ନୀତି ବହୁ ପରିମାଣରେ ହ୍ରାସ ପାଇବ ବୋଲି ଆଶା କରାଯାଉଛି। ସର୍ବୋପରି ଟିକସରାଜ ଓ ଅନ୍ୟାନ୍ୟ ପ୍ରତିବନ୍ଧକ ଦୂର ହେବା ଫଳରେ ଭାରତରେ ବାଣିଜ୍ୟ ବ୍ୟବସାୟ କରିବା ପ୍ରକ୍ରିୟା ସରଳ ତଥା ସହଜ ହେବ ଏବଂ ବିଦେଶୀ ପୁଞ୍ଜି ନିବେଶ ବଢ଼ିବ।

**ଉଦାହରଣ:**

ଆଗରୁ ପରୋକ୍ଷ କର କିପରି ଲାଗୁ ହେଉଥିଲା ଏବଂ ଟିକସ ଉପରେ ଟିକସ ବସି ଉତ୍ପାଦନକାରୀ, ଉପଭୋକ୍ତା ଓ ବ୍ୟବସାୟୀ କିପରି କ୍ଷତିଗ୍ରସ୍ତ ହେଉଥିଲେ ଆସନ୍ତୁ ଉଦାହରଣ ସହ ତାହା ବୁଝିବା। ମନେକରନ୍ତୁ ଗୋଟିଏ ଦ୍ରବ୍ୟର ମୂଳ ମୂଲ୍ୟ ୧୦୦ଟଙ୍କା। ଏହା ଉପରେ ୧୨ ଶତାଂଶ କେନ୍ଦ୍ରୀୟ ଉତ୍ପାଦନକର ବସିବା ପରେ ଏହାର ମୂଲ୍ୟ ହେଲା ୧୧୨ ଟଙ୍କା। ଏହି ଦ୍ରବ୍ୟକୁ ବିକିବା ବେଳେ ଏହା ଉପରେ ୧୨.୫% ଭ୍ୟାଟ୍ ରାଜ୍ୟ ସରକାର ଲାଗୁ କରିଥାନ୍ତି। ଫଳରେ ଜିନିଷଟିର ମୂଲ୍ୟ ୧୨୬ଟଙ୍କାରେ ପହଞ୍ଚିଥାଏ। ଫଳରେ ମୂଳ ମୂଲ୍ୟ ଉପରେ ମୋଟ ୨୬ଟଙ୍କା କେବଳ ଟିକସ ବାବଦରେ କ୍ରେତାକୁ ଦେବାକୁ ପଡ଼ିଥାଏ।

ଦୀର୍ଘକାଳ ଧରି ପ୍ରଚଳିତ ଗୋଟିଏ ପୁରୁଣା ବ୍ୟବସ୍ଥାର ଅବସାନ ଘଟାଇ ଭାରତ ଭଳି ଏକ ବିରାଟ ଦେଶରେ ଜିଏସ୍‌ଟି ଭଳି ଏକ ନୂଆ ପରୋକ୍ଷ କର ବ୍ୟବସ୍ଥା ପ୍ରଚଳନ ସହଜ କାମ ନୁହେଁ। ଏବେ ଏହାର ଭିତ୍ତିଭୂମି ସଂପୂର୍ଣ୍ଣ ତଥା ଦକ୍ଷ ହୋଇ ନ ଥିବାରୁ ପ୍ରାରମ୍ଭିକ ସ୍ତରରେ କିଞ୍ଚିତ ସମସ୍ୟା ଉପୁଜିବ। ସମୟକ୍ରମେ ତ୍ରୁଟି ବିଚ୍ୟୁତିକୁ ସୁଧାରି ଏହାକୁ ଶକ୍ତିଶାଳୀ କରାଯାଇପାରିବ। ଏସବୁ ଦିଗ ପ୍ରତି ସରକାର ସଚେତନ ଅଛନ୍ତି ଏବଂ ଶୀର୍ଷସ୍ତରରେ ଜିଏସ୍‌ଟି ପରିଷଦ ରହି ଏହାର କାର୍ଯ୍ୟକାରିତାକୁ ଦେଖୁଛି। ସେହିଭଳି ଜିଏସ୍‌ଟି ପ୍ରଚଳନ ଦ୍ୱାରା ତତ୍‌କାଳ ଏହାର ସୁଫଳ ମିଳିବାର ସମ୍ଭାବନା ନାହିଁ। ଏବେ କିଛି ସାମଗ୍ରୀର ଦାମ୍ ହଠାତ୍ ବଢ଼ିପାରେ ଓ କିଛି କମିପାରେ। ତେବେ ଏହା ସ୍ଥାୟୀ ନୁହେଁ। ଅତିକମ୍‌ରେ ଛ'ସାତ ମାସ ପରେ ଏହାର ଉତ୍ତମ ପ୍ରଭାବ ଅନୁଭୂତ ହେବ ବୋଲି ଆଶା କରାଯାଉଛି। ଯେଉଁସବୁ ସମ୍ଭାବ୍ୟ ସମସ୍ୟା ଉପୁଜିବ ବୋଲି ଆଶା କରାଯାଉଛି ସେଥିପାଇଁ ସରକାର ପ୍ରସ୍ତୁତ ଅଛନ୍ତି। ଥରେ ଏହି ବ୍ୟବସ୍ଥା ସୁରୁଖୁରୁରେ ଚାଲିବା ଆରମ୍ଭ କଲେ ସମୟକ୍ରମେ ଅନ୍ୟାନ୍ୟ ଅସୁବିଧାଗୁଡ଼ିକୁ ଦୂର କରାଯାଇପାରିବ।

ନୂଆ ବ୍ୟବସ୍ଥା ଜିଏସ୍‌ଟିରେ ସେହି ଜିନିଷର ମୂଳ ମୂଲ୍ୟ ଉପରେ କେନ୍ଦ୍ରୀୟ ଜିଏସ୍‌ଟି ଓ ରାଜ୍ୟ ଜିଏସ୍‌ଟି ବାବଦରେ ଶତକଡ଼ା ୯ ହାରରେ ମୋଟ ୧୮ଶତାଂଶ ଟିକସ ଦେବାକୁ ହେବ। ଏହାର ଅର୍ଥ ୧୦୦ ଟଙ୍କାର ମୂଳ ମୂଲ୍ୟ ଉପରେ ୧୮ ଟଙ୍କା ଟିକସ ଦେବାକୁ ପଡ଼ିବ। ଫଳରେ ପୂର୍ବାପେକ୍ଷା ସାମଗ୍ରୀର ମୂଲ୍ୟ ୮ ଟଙ୍କା କମ୍ ହେବ। ଏହା ଫଳରେ ଉତ୍ପାଦନକାରୀ ସଂସ୍ଥା ଓ ଶିଳ୍ପୋଦ୍ୟୋଗୀ ବିଶେଷ ଉପକୃତ ହେବେ ଏବଂ ନିଜ ସାମଗ୍ରୀକୁ ବଜାରରେ ପ୍ରତିଯୋଗୀ କରିବା ପାଇଁ ସୁଯୋଗ ପାଇବେ।

ଅତଏବ ଜିଏସ୍‌ଟି ଏକ ପୂର୍ଣ୍ଣାଙ୍ଗ ଓ ଏକକ ପରୋକ୍ଷ ଟିକସ ବ୍ୟବସ୍ଥା, ଯାହା ଉପଭୋକ୍ତାଙ୍କ ଦ୍ୱାରା ବ୍ୟବହୃତ ସାମଗ୍ରୀ ଉପରେ ଲାଗୁ ହୋଇଥାଏ। ଦ୍ରବ୍ୟ ବା ସେବାର ଉତ୍ପାଦନରୁ ବିକ୍ରି ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ଜିଏସ୍‌ଟି ଟିକସ ଆନୁପାତିକ ଭାବେ ଲାଗୁ ହୋଇଥାଏ। ଯୋଗାଣ ବ୍ୟବସ୍ଥାରେ ଅତିରିକ୍ତ ଖର୍ଚ୍ଚ କରୁଥିବା ଉତ୍ପାଦନକାରୀ ଓ ବ୍ୟବସାୟୀଙ୍କୁ ସେମାନଙ୍କ ଅର୍ଥ ଫେରସ୍ତ ଦେବାର ମଧ୍ୟ ବ୍ୟବସ୍ଥା ରହିଛି। ପ୍ରତ୍ୟେକ କ୍ଷେତ୍ରରେ ପୂର୍ବବର୍ତ୍ତୀ ପକ୍ଷ କରିଥିବା ଅତିରିକ୍ତ ଖର୍ଚ୍ଚ ବା ଦେଇଥିବା ଟିକସ ଉପରେ ପରବର୍ତ୍ତୀ ପକ୍ଷକୁ ଟିକସ ଦେବାକୁ ପଡ଼ିବ ନାହିଁ। ଜିଏସ୍‌ଟି ଏକ ଲକ୍ଷ୍ୟଭିତ୍ତିକ ଟିକସ ହୋଇଥିବାରୁ ଅନ୍ତିମ ଉପଭୋକ୍ତା ବା କ୍ରେତାକୁ କେବଳ ଟିକସ ଦେବାକୁ ପଡ଼ିବ।

ସଂକ୍ଷେପରେ କହିଲେ ଏତିକି ହେବ ଯେ ଏହା ଏକ ଲକ୍ଷ୍ୟ ଭିତ୍ତିକ ଟିକସ ଯେଉଁଠି ଯୋଗାଣ ଶୃଙ୍ଖଳାର ପ୍ରତ୍ୟେକ ସ୍ତରରେ (ଉତ୍ପାଦନଠାରୁ ସେବା / ଦ୍ରବ୍ୟ ଯୋଗାଣ ପର୍ଯ୍ୟନ୍ତ) ଇନ୍‌ପୁଟ୍ ଟିକସ ପ୍ରଦାନର ବ୍ୟବସ୍ଥା ରହିଛି। ସେହି ଇନ୍‌ପୁଟ୍ ବାବଦ ବ୍ୟୟ ସଂପୃକ୍ତ ପକ୍ଷଙ୍କୁ ସାମଗ୍ରୀ ବିକ୍ରି ପରେ ଫେରାଇବାର ବ୍ୟବସ୍ଥା ଅଛି।

**ଜିଏସ୍‌ଟିର ପ୍ରମୁଖ ଦିଗ:**

୧) ମୂଲ୍ୟ ମିଶ୍ରିତ ଟିକସ ଢାଞ୍ଚା ନୀତିରେ ଜିଏସ୍‌ଟି ପ୍ରସ୍ତୁତ, ଯେଉଁଠି ସମସ୍ତ ପ୍ରକାର କରକୁ ମିଶାଇ ଗୋଟିଏ କରାଯାଇଛି। ଏହି କର ଲାଗୁ ବେଳେ ଅର୍ଥ ଲଗାଇଥିବା ପକ୍ଷଙ୍କୁ ରିଆତି ଦେବାକୁ ଇନ୍‌ପୁଟ୍ ଟ୍ୟାକ୍ସ କିମ୍ବା ଫେଡ଼ାଣ ସୂତ୍ର ପ୍ରସ୍ତୁତ କରାଯାଇଛି। ଏହି କାରବାର ସଂକ୍ରାନ୍ତ ତଥ୍ୟ ପ୍ରଦାନ ସ୍ୱେଚ୍ଛାକୃତ ଓ ହିସାବ ଭିତ୍ତିକ କରିବାର ବ୍ୟବସ୍ଥା ହୋଇଛି।

୨) ଏହା ଉଭୟ ଦ୍ରବ୍ୟ ଓ ସେବା ଉପରେ ଲାଗୁ ହୋଇଥିବା ଏକ ପୂର୍ଣ୍ଣାଙ୍ଗ ପରୋକ୍ଷ କର ବ୍ୟବସ୍ଥା। ଏହା ଏକକ ଏବଂ ଉତ୍ପାଦନ ଓ ଯୋଗାଣର ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ଲାଗୁ ହୋଇଥାଏ।

୩) ଟିକସର ମୂଲ୍ୟ ହାର ସାଧାରଣତଃ ସର୍ବନିମ୍ନ ଏବଂ ଏହା ଦୁଇଟି ହାରର ମିଶ୍ରଣ ଜନିତ ଅଙ୍କରୁ ଅଧିକ ନୁହେଁ।

୪) ଜିଏସ୍‌ଟିରେ ଉପକର, ଅତିରିକ୍ତ କର, ସାନି ବିକ୍ରିକର, ଅତିରିକ୍ତ କର, କାରବାର କର ଆଦି ଲାଗୁ କରିବାର ବ୍ୟବସ୍ଥା ନାହିଁ।

୫) ଜିଏସ୍‌ଟି ଏକାଧିକ କର ବ୍ୟବସ୍ଥାରୁ ମୁକ୍ତ। ତେଣୁ ଏହା ଉପରେ ବିକ୍ରି କର, ପ୍ରବେଶ କର, ଅକ୍ଟ୍ରାଇ, ପ୍ରମୋଦ କର, ବିଳାସ କର ଆଦି ଲାଗିପାରିବ ନାହିଁ।

୬) ଆନ୍ତଃରାଜ୍ୟ ସାମଗ୍ରୀ / ସେବା ପରିବହନ ଓ ବିକ୍ରି ଉପରେ କୌଣସି ଟିକସ ବ୍ୟବସ୍ଥା ନାହିଁ।

୭) ଉତ୍ପାଦନ ଓ ପରିବହନ ଆଦି ଖର୍ଚ୍ଚକୁ କମ୍ କରିବା ଲକ୍ଷ୍ୟରେ ଜିଏସ୍‌ଟିରେ ପୁଞ୍ଜି ସାମଗ୍ରୀ ଓ ଉପଯୋଗକାରୀ ବସ୍ତୁ (କଞ୍ଚାମାଲ୍) ଉପରେ ଟିକସକୁ ନିମ୍ନ ସ୍ତରରେ ରଖାଯାଇଛି।

୮) ଜିଏସ୍‌ଟି ବ୍ୟବସ୍ଥାରେ ସାରା ଦେଶ ପାଇଁ ଏକ ପ୍ରକାର ଟିକସ ଆଇନ ଓ ଏକକ ଟିକସ ପ୍ରଶାସନ ବ୍ୟବସ୍ଥା କରାଯାଇଛି।

୯) ଜିଏସ୍‌ଟି ଏକ ଲକ୍ଷ୍ୟ ଭିତ୍ତିକ ଟିକସ। ଉପଭୋକ୍ତା ବା କ୍ରେତାକୁ ଦ୍ରବ୍ୟ ବା ସେବା କ୍ରୟ କରିବାବେଳେ କେବଳ ଟିକସ ଦେବାକୁ ପଡ଼ିବ।


**ଜିଏସ୍‌ଟି ଲାଭ:**

ଜିଏସ୍‌ଟି ଏକକ ତଥା ସଂଯୁକ୍ତ ଭାରତୀୟ ବଜାର ସୃଷ୍ଟି କରିବ। ଏହା ଫଳରେ ଦେଶର ଅର୍ଥନୀତି ଅଧିକ ମଜବୁତ୍ ହେବ। ମୋଟ୍ ଉପରେ ଉଭୟ ସରକାର ଓ ଉପଭୋକ୍ତା ଏହାଦ୍ୱାରା ଭବିଷ୍ୟତରେ ଲାଭବାନ ହେବେ। ଅତଏବ ଏହା ସବୁ ପକ୍ଷ ପାଇଁ ବିଜୟର ବିଷୟ ଓ କାହାର କ୍ଷତି ଘଟିବ ନାହିଁ। ଜିଏସ୍‌ଟି ପ୍ରବର୍ତ୍ତନ ଫଳରେ ଏକାଧିକ ଟିକସ ଲାଗୁ ଓ ଆଦାୟ ବ୍ୟବସ୍ଥାର ଅବସାନ ଘଟିବ। ଏହା ଏକକ ଟିକସ ହୋଇଥିବାରୁ ପୁରୁଣା କେନ୍ଦ୍ରୀୟ ଉତ୍ପାଦନକର, ସେବାକର, ବିକ୍ରି କର, ଭ୍ୟାଟ୍ ଓ ଅନ୍ୟାନ୍ୟ ଟିକସର ଅବସାନ ଘଟିଛି। ପୂର୍ବରୁ ଯାବତୀୟ କର ବାବଦରେ ଗୋଟିଏ ସାମଗ୍ରୀ ଉପରେ ପ୍ରାୟ ୪୦ ଶତାଂଶ ଟିକସ ଲାଗୁଥିଲା। ଏବେ ତାହା ସର୍ବାଧିକ ୨୮ ଶତାଂଶରେ ସୀମିତ ରହିବ।

ଜିଏସ୍‌ଟି ପ୍ରବର୍ତ୍ତନ ଫଳରେ ଟିକସ ଉପରେ ଟିକସ ବ୍ୟବସ୍ଥାର ଅବସାନ ଘଟିବ ଏବଂ କେବଳ ଉପଭୋକ୍ତାଙ୍କୁ ହିଁ ଅନ୍ତିମ ସ୍ତରରେ ଟିକସ ଦେବାକୁ ହେବ। ଉତ୍ପାଦନ ଓ ଯୋଗାଣର ବିଭିନ୍ନ ସ୍ତରରେ ସ୍ୱୟଂକ୍ରିୟ ଟିକସ ଆଦାୟର ବ୍ୟବସ୍ଥା ଥିବାରୁ ଉପଭୋକ୍ତାଙ୍କ ଉପରେ ସବୁ ଟିକସ ବୋଝ ଅଜାଡ଼ି ହୋଇପଡ଼ିବ ନାହିଁ।

ଜିଏସ୍‌ଟି ହେବା ଫଳରେ ଏକକ ଭାରତୀୟ ବଜାର ସୃଷ୍ଟି ହେବ ଏବଂ ଆନ୍ତଃରାଜ୍ୟ ମାଲ୍ ପରିବହନ ଓ ବିପଣନ ଉପରେ ଅତିରିକ୍ତ ଟିକସ କିମ୍ବା ପ୍ରତିବନ୍ଧକ ରହିବ ନାହିଁ। ଫଳରେ ସାମଗ୍ରୀ ପରିବହନ, ବିତରଣ ଖର୍ଚ୍ଚ କମିବ ଓ ଶୀଘ୍ର ସାମଗ୍ରୀ ଯୋଗାଣ ସମ୍ଭବ ହେବ। ଫଳରେ ଜିନିଷପତ୍ର ଶସ୍ତା ହେବ। ଏହା ଅର୍ଥନୈତିକ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ଭାରତୀୟ ସାମଗ୍ରୀକୁ ଆନ୍ତର୍ଜାତିକ ସ୍ତରରେ ପ୍ରତିଯୋଗୀ କରାଇବାରେ ସହାୟକ ହେବ।

ଜିଏସ୍‌ଟି ଦ୍ୱାରା ବ୍ୟବସାୟୀ ଓ ଉତ୍ପାଦନକାରୀ ସ୍ୱେଚ୍ଛାକୃତ ଭାବେ ଟିକସ ଓ ବ୍ୟବସାୟ ସଂକ୍ରାନ୍ତ ତଥ୍ୟ ଦେବାକୁ ଅଧିକ ଆଗ୍ରହୀ ହେବେ। ଏହା ମଧ୍ୟ ନାନା ପ୍ରକାର ଟିକସ ଭରିବାର ଯାବତୀୟ ଝଞ୍ଜାଳ ଓ ପଞ୍ଜୀକରଣ ତଥା ଅଗ୍ରିମ ଟିକସ ଫେରି ପାଇବା ଜନିତ ଅସୁବିଧାକୁ ଦୂର କରିବ। ସାରା ଦେଶ ପାଇଁ ଗୋଟିଏ ପ୍ରକାର ଆଇନ ଓ ଟିକସ ବ୍ୟବସ୍ଥା ଫଳରେ ଟିକସ ଜନିତ ବିଭ୍ରାନ୍ତି ଓ ଅସୁବିଧା




ରହିବ ନାହିଁ । ସର୍ବୋପରି ଏହା ଟିକସ ବିବାଦ ଜନିତ ସମସ୍ୟା ଦୂର କରିବ ।

ଜିଏସ୍‌ଟି ପ୍ରଶାସନକୁ ଦକ୍ଷ ଏବଂ ପାରଦର୍ଶୀ କରିବାକୁ ସରକାର ଆବଶ୍ୟକ ପଦକ୍ଷେପ ନେଇଛନ୍ତି । ସମସ୍ତଙ୍କ ପାଇଁ ଗୋଟିଏ ପୋର୍ଟାଲ ବ୍ୟବସ୍ଥା କରାଯାଇ ସେମାନଙ୍କ ଆବଶ୍ୟକତା ପୂରଣ କରାଯିବାର ବ୍ୟବସ୍ଥା ହୋଇଛି । ଜିଏସ୍‌ଟି ନେଟ୍‌ୱାର୍କ (ଜିଏସ୍‌ଟିଏନ୍) ଏକ କାଗଜବିହୀନ ଇ-ବ୍ୟବସ୍ଥା, ଯାହାଦ୍ୱାରା ଲୋକେ ଯେକୌଣସି ସ୍ଥାନରେ ବସି ଯେକୌଣସି ସମୟରେ ନିଜ ଟିକସ ଓ ବ୍ୟବସାୟ ସଂକ୍ରାନ୍ତ କାର୍ଯ୍ୟ ଜିଏସ୍‌ଟିଏନ୍ ମାଧ୍ୟମରେ କରିପାରିବେ । ଏହା ସହଜ, ସରଳ ଓ ଏକ ତ୍ୱରିତ ବ୍ୟବସ୍ଥା । ଲୋକଙ୍କୁ ବିଭିନ୍ନ ସ୍ଥାନକୁ ଦୌଡ଼ାଦୌଡ଼ି କରିବାକୁ ପଡ଼ିବ ନାହିଁ ଏବଂ ସେମାନେ ଜଞ୍ଜାଳ ମୁକ୍ତ ହୋଇପାରିବେ ।

**ଜିଏସ୍‌ଟି ପାଇଁ ଆହ୍ୱାନ:**

ଏକ ଭଲ ଉଦ୍ଦେଶ୍ୟ ନେଇ ଜିଏସ୍‌ଟି ପ୍ରବର୍ତ୍ତନ କରାଯାଇଛି । ଏହାକୁ ପରିବର୍ତ୍ତନର ଏକ ବାହକ ବୋଲି କୁହାଯାଉଛି । ଯେଉଁ ଲକ୍ଷ୍ୟରେ ଏହା କରାଯାଇଛି ତାହାର ସଫଳ କାର୍ଯ୍ୟକାରିତା ଏକାଧିକ ବ୍ୟବସ୍ଥା ଉପରେ ନିର୍ଭର କରେ । ସେ ସବୁ ବ୍ୟବସ୍ଥା ଠିକ୍‌ଠାକ୍ କାମ ନ' କଲେ ଜିଏସ୍‌ଟି ବିଫଳ ହେବ । ଜିଏସ୍‌ଟିର ସଫଳତା କ୍ଷେତ୍ରରେ ଯେଉଁସବୁ ଆହ୍ୱାନ ଅଛି ସେଗୁଡ଼ିକ ମଧ୍ୟରେ ରହିଛି ମୌଳିକ ଭିତ୍ତିଭୂମି ବା ଢାଞ୍ଚା । ଆଇଟି ସୁବିଧା, ଅଧିକାରୀ, କର୍ମଚାରୀଙ୍କୁ ତାଲିମ, ଆବଶ୍ୟକ ଲୋକଶକ୍ତି । ନୂଆ ପଞ୍ଜୀକରଣ, ବ୍ୟବସ୍ଥା ପରିବର୍ତ୍ତନ କାଳୀନ (ଟ୍ରାନ୍‌ଜିସିନାଲ ପ୍ରସଙ୍ଗ) ସମସ୍ୟାବଳୀ, ପୁରୁଣା ଟିକସ ବିବାଦ, ଟିକସ ପ୍ରଶାସନ ପ୍ରସ୍ତୁତି ଓ ଏହାର କାର୍ଯ୍ୟକାରିତା, ଆନୁଷ୍ଠାନିକ ଅର୍ଥ ବ୍ୟବସ୍ଥା ମଧ୍ୟରେ ନ ଥିବା କ୍ଷୁଦ୍ର ଉଦ୍ୟୋଗୀ ଓ ବ୍ୟବସାୟୀଙ୍କ ସ୍ୱାର୍ଥ ଆଦି ଅନ୍ୟତମ ।


ଦୀର୍ଘକାଳ ଧରି ପ୍ରଚଳିତ ଗୋଟିଏ ପୁରୁଣା ବ୍ୟବସ୍ଥାର ଅବସାନ ଘଟାଇ ଭାରତ ଭଳି ଏକ ବିରାଟ ଦେଶରେ ଜିଏସ୍‌ଟି ଭଳି ଏକ ନୂଆ ପରୋକ୍ଷ କର ବ୍ୟବସ୍ଥା ପ୍ରଚଳନ ସହଜ କାମ ନୁହେଁ । ଏବେ ଏହାର ଭିତ୍ତିଭୂମି ସଂପୂର୍ଣ୍ଣ ତଥା ଦକ୍ଷ ହୋଇ ନ ଥିବାରୁ ପ୍ରାରମ୍ଭିକ ସ୍ତରରେ କିଞ୍ଚିତ ସମସ୍ୟା ଉପୁଜିବ । ସମୟକ୍ରମେ ତ୍ରୁଟି ବିଚ୍ୟୁତିକୁ ସୁଧାରି ଏହାକୁ ଶକ୍ତିଶାଳୀ କରାଯାଇପାରିବ । ଏସବୁ ଦିଗ ପ୍ରତି ସରକାର ସଚେତନ ଅଛନ୍ତି ଏବଂ ଶୀର୍ଷସ୍ତରରେ ଜିଏସ୍‌ଟି ପରିଷଦ ରହି ଏହାର କାର୍ଯ୍ୟକାରିତାକୁ ଦେଖୁଛି । ସେହିଭଳି ଜିଏସ୍‌ଟି ପ୍ରଚଳନ ଦ୍ୱାରା ତତ୍‌କାଳ ଏହାର ସୁଫଳ ମିଳିବାର ସମ୍ଭାବନା ନାହିଁ । ଏବେ କିଛି ସାମଗ୍ରୀର

ଦାମ୍ ହଠାତ୍ ବଢ଼ିପାରେ ଓ କିଛି କମିପାରେ। ତେବେ ଏହା ସ୍ଥାୟୀ ନୁହେଁ। ଅତିକମ୍‌ରେ ଛ'ସାତ ମାସ ପରେ ଏହାର ଉତ୍ତମ ପ୍ରଭାବ ଅନୁଭୂତ ହେବ ବୋଲି ଆଶା କରାଯାଉଛି। ଯେଉଁସବୁ ସମ୍ଭାବ୍ୟ ସମସ୍ୟା ଉପୁଜିବ ବୋଲି ଆଶା କରାଯାଉଛି ସେଥିପାଇଁ ସରକାର ପ୍ରସ୍ତୁତ ଅଛନ୍ତି। ଥରେ ଏହି ବ୍ୟବସ୍ଥା ସୁରୁଖୁରୁରେ ଚାଲିବା ଆରମ୍ଭ କଲେ ସମୟକ୍ରମେ ଅନ୍ୟାନ୍ୟ ଅସୁବିଧାଗୁଡ଼ିକୁ ଦୂର କରାଯାଇପାରିବ।

**ଅନ୍ୟାନ୍ୟ ପ୍ରସଙ୍ଗ:**

ନୂଆ ଆଇନ ଦ୍ୱାରା ନିଜର ବ୍ୟବସାୟ କିପରି ପ୍ରଭାବିତ ହେବ ଏବଂ ଏହାର ଲାଭକ୍ଷତି କ'ଣ ହେବ ତାହା ଜାଣିବା ପାଇଁ ବ୍ୟବସାୟୀଙ୍କୁ ଜିଏସ୍‌ଟି ଆଇନ୍‌ର ଗଭୀର ଅନୁଧ୍ୟାନ ଲୋଡ଼ା। ଏହି ଆଇନରେ ଥିବା ଇନ୍‌ପୁଟ କ୍ରେଡିଟ୍ ନୀତି ନିୟମକୁ ଭଲଭାବେ ବୁଝିବାକୁ ହେବ। ନୂଆ ଆଇନଦ୍ୱାରା ଜିନିଷପତ୍ରର ଦାମ ଅତି ଶସ୍ତା କିମ୍ବା ଅତି ମହଙ୍ଗା ହେଉଛି କି ନାହିଁ ତାହା ପରୀକ୍ଷା କରି ଦେଖିବାକୁ ପଡ଼ିବ। ବ୍ୟବସାୟୀଙ୍କୁ ନିଜର ବ୍ୟବସାୟ ସଂକ୍ରାନ୍ତ ତଥ୍ୟାବଳୀ ଓ ରେକର୍ଡପତ୍ର ନୂଆ ଆଇନ ଅନୁସାରେ ପ୍ରସ୍ତୁତ କରି ଠିକ୍‌ଠାକ୍ ଓ ନିୟମିତ କରିବାକୁ ହେବ। ଇନ୍‌ଭେଣ୍ଟ୍ରି, ରିଟର୍ଣ୍ଣ, ଟ୍ରାନ୍‌ଜିସନ କାଳ ଓ ଅନ୍ୟାନ୍ୟ ନୀତି ନିୟମକୁ ପରିପାଳନ ନ' କଲେ ବ୍ୟବସାୟୀ, ଶିଳ୍ପୋଦ୍ୟୋଗୀ ଅସୁବିଧାର ସମ୍ମୁଖୀନ ହେବେ। ଏଥିପ୍ରତି ବିଶେଷ ଦୃଷ୍ଟି ଦେବାକୁ ପଡ଼ିବ। ଜିଏସ୍‌ଟି ପାଇଁ ସରକାରଙ୍କୁ ଆବଶ୍ୟକ ଆଇଟି ଭିତ୍ତିଭୂମି ତିଆରି କରିବାକୁ ହେବ। ଜିଏସ୍‌ଟିର ପ୍ରଭାବକୁ ନିୟମିତ ଅନୁଧ୍ୟାନ କରି ମଝିରେ ମଝିରେ ସଂଶୋଧନ ବ୍ୟବସ୍ଥା କରିବାକୁ ପଡ଼ିବ।

ଏହି ପ୍ରବନ୍ଧରେ ଆଲୋଚିତ ନାନା ସମସ୍ୟା, ଆହ୍ୱାନ ଓ ଯାବତୀୟ ପ୍ରସଙ୍ଗ ସତ୍ତ୍ୱେ ଦେଶରେ




ଏକ ସ୍ୱଚ୍ଛ, ସରଳ ଓ ସହଜ ପରୋକ୍ଷ କର ବ୍ୟବସ୍ଥା ପ୍ରବର୍ତ୍ତନରେ ଜିଏସ୍‌ଟି ଯେ ସହାୟକ ହୋଇଛି ଏହା ସ୍ୱୀକାର କରିବାକୁ ପଡ଼ିବ। ଏହା ଫଳରେ ଖାଉଟି ଯେଉଁ ଯାବତୀୟ ଦୃଶ୍ୟ, ଅଦୃଶ୍ୟ କର ବୋଝ ମୁଣ୍ଡାଉଥିଲେ ତାହାର ଅବସାନ ଘଟିବ। ଏହାଦ୍ୱାରା ସାରା ଦେଶରେ ଦ୍ରବ୍ୟ ଓ ସେବା ଯୋଗାଣ ସହଜ ଏବଂ ସୁଗମ ହେବ। ଫଳରେ ଦେଶର ଜିଡିପି ୧ ରୁ ୧.୮ ଶତାଂଶ ହାରରେ ବଢ଼ିବ ବୋଲି ଆଶା। ବିବିଧ ଟିକସ ବ୍ୟବସ୍ଥାର ଅବସାନ ଫଳରେ ବିଦେଶୀ ପୁଞ୍ଜି ନିବେଶକ ଭାରତରେ ପୁଞ୍ଜି ଲଗାଣ ପାଇଁ ଆଗ୍ରହ ପ୍ରକାଶ କରିବେ ଏବଂ ଏହା ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ।

ଦେଶରେ ଜିଏସ୍‌ଟି ପ୍ରବର୍ତ୍ତନ କରିଥିବାରୁ ପ୍ରଧାନମନ୍ତ୍ରୀ ଓ ତାଙ୍କ ଟିମ୍ ପ୍ରଶଂସାର ପାତ୍ର। ଏତିକିରେ ସଂସ୍କାର ପ୍ରକ୍ରିୟାର ଅବସାନ ଘଟିନି। ଅର୍ଥନୈତିକ ସଂସ୍କାର କ୍ଷେତ୍ରରେ ପରୋକ୍ଷ ଟିକସ ସଂସ୍କାର ଏକ ସ୍ୱାଗତଯୋଗ୍ୟ ଅୟମାରମ୍ଭ ମାତ୍ର। ଅଧିକରୁ ଅଧିକ ସଂସ୍କାର କାର୍ଯ୍ୟକାରୀ ହେଲେ ଭାରତୀୟ ଅର୍ଥନୀତି ଉଚ୍ଚ ସୋପାନକୁ ଉନ୍ନୀତ ହେବ।

(ଲେଖକ ଜଣେ ଚାଟାର୍ଡ ଆକାଉଣ୍ଟାଣ୍ଟ)

# ଜିଏସ୍‌ଟି: ଏକ ନୂଆ ଯୁଗର ପ୍ରଭାତ

● ଉପେନ୍ଦ୍ର ଗୁପ୍ତ

୨୦୧୭ ଜୁନ୍ ୩୦ ତାରିଖ ମଧ୍ୟ ରାତ୍ରରେ ସଂସଦରେ ଯେଉଁ ଘଣ୍ଟା ବାଜିଲା ତାହା ଭାରତୀୟ ରାଜନୈତିକ ପୋଖତପଣିଆ ଓ ସହଯୋଗର ଗାଥା ସାରା ପୃଥିବୀରେ ପ୍ରତିଧ୍ୱନୀତ କଲା । ସାରା ଦେଶ ଏକତ୍ର ହୋଇ ପରୋକ୍ଷ କର କ୍ଷେତ୍ରରେ ଥିବା ଏକ ଅରାଜକ ଜଟିଳ ବ୍ୟବସ୍ଥାର ଅବସାନ ଘଟାଇ ଏକ ସରଳ, ସହଜ ଏକକ ଟିକସ ବ୍ୟବସ୍ଥାକୁ ଆପଣେଇବା ଏହାର ଅର୍ଥନୀତି ପାଇଁ ଅବଶ୍ୟ ନିୟତି ସହ ଭେଟ ଭଳି ଏକ ପରିସ୍ଥିତି ସୃଷ୍ଟି କରିଥିଲା । ପୁରୁଣା ଏକାଧିକ, ଅବିଚାରିତ ଓ ଜଟିଳ ପରୋକ୍ଷ ଟିକସ ବ୍ୟବସ୍ଥା ଉଭୟ ବ୍ୟବସାୟୀ ଓ ଖାଉଟିଙ୍କ ପାଇଁ ଦୁର୍ଦ୍ଦଶାର କାରଣ ପାଲଟି ଥିଲା । ଅତଏବ ଏହାର ଅବସାନ ଦେଶର ଅର୍ଥନୀତି ପାଇଁ ଏକ ପରିତ୍ରାଣର ମୁହୂର୍ତ୍ତ ଏବଂ ଦେଶର ରାଜନୈତିକ ଶ୍ରେଣୀ ପାଇଁ ଏକ ବିଜୟର କ୍ଷଣ । ତେଣୁ ନିଃସନ୍ଦେହରେ କୁହାଯାଇପାରେ ଯେ ନୂଆ ଜିଏସ୍‌ଟି ବ୍ୟବସ୍ଥା ଦେଶ ପାଇଁ ଏକ ସଫଳ ପଦକ୍ଷେପ ।

> ଏକ ସ୍ମାର୍ଟ ନୂଆ ଟିକସ ବ୍ୟବସ୍ଥା (ଜିଏସ୍‌ଟି) ଆମକୁ ଏବେ ସେ ସୁଯୋଗ ଦେଇଛି । ଇଂରାଜୀ ସ୍ମାର୍ଟ ଶବ୍ଦଟି ଏଠାରେ ଯେଉଁ ପରିକଳ୍ପନା କରାଯାଉଛି ତାହା ପାଞ୍ଚଟି ଇଂରାଜୀ ଶବ୍ଦର ପ୍ରଥମ ଅକ୍ଷର 'SMART'କୁ ନେଇ ପ୍ରସ୍ତୁତ । ସେଗୁଡ଼ିକ ହେଲା ଏସ୍-ସ୍ମାର୍ଟ ବା ସୁବ୍ୟବସ୍ଥିତ ଏମ୍-ମ୍ରୋ (ନୈତିକ), ଏ-ଏକାଉଣ୍ଟେବଲ (ଦାୟବଦ୍ଧ) ଆର-ରେସ୍‌ପନସିଭ୍ (ଉତ୍ତରଦାୟୀ) ଟି-ଟ୍ରାନ୍ସପରେଣ୍ଟ(ସ୍ୱଚ୍ଛ) । ଜିଏସ୍‌ଟି ବ୍ୟବସ୍ଥାକୁ ଏହି ପାଞ୍ଚଟି ବିଚାର ଉପରେ ପ୍ରସ୍ତୁତ କରାଯାଇଛି । ସବୁ ପୁରୁଣା ପରୋକ୍ଷ କରର ଅବସାନ ଘଟାଇ ସେସବୁକୁ ମିଶାଇ ଯେଉଁ ଗୋଟିଏ ଟିକସ କରାଯାଇଛି ତାହା ହେଲା ଜିଏସ୍‌ଟି । ଏହା ଏକ ଉପଭୋକ୍ତା ଭିତ୍ତିକ ଟିକସ ।

୧୯୪୭ରେ ଦେଶ ସ୍ୱାଧୀନ ହେବା ପରେ ରାଜନୈତିକ ଦୃଷ୍ଟିରୁ ସାରା ଭାରତ ରାଜ୍ୟ ସମୂହର ଏକ ସଂଘ; ମାତ୍ର ଆମେ ଏପର୍ଯ୍ୟନ୍ତ ଗୋଟିଏ ଆର୍ଥିକ ସଂଘ ହୋଇପାରିଛୁ କି ? ତାମିଲନାଡୁରେ ବସି ଜଣେ ବ୍ୟବସାୟୀ ଟିକସ ଆଦି ସମ୍ପର୍କରେ ବ୍ୟସ୍ତ ନ' ହୋଇ ନିଜର ସାମଗ୍ରୀ ହିମାଚଳ ପ୍ରଦେଶରେ ବିକ୍ରି କରି ପାରିବ ତ ? କାଶ୍ମୀରରୁ କନ୍ୟାକୁମାରୀ ଯାଉଥିବା ଏକ ମାଲବୋଝେଇ ଟ୍ରକ ବିଭିନ୍ନ ରାଜ୍ୟର ସୀମାନ୍ତ ତନଖି ଫାଟକରେ ନ ଅଟକି ନିର୍ଦ୍ୱନ୍ଦ୍ୱରେ ଯାତ୍ରା କରି ପାରୁଥିଲା କି ? ଜିଏସ୍‌ଟି ଏହା କରିପାରିଛି । ସମଗ୍ର ଦେଶ ଗୋଟିଏ ବଜାରରେ ପରିଣତ ହୋଇଛି ଏବଂ ସମଗ୍ର ଦେଶ ପାଇଁ ଦ୍ରବ୍ୟ ଓ ସେବା ସମୂହର ମୂଲ୍ୟ ସମଭାବେ ଧାର୍ଯ୍ୟ ହୋଇଛି । ନୂଆ ବ୍ୟବସ୍ଥାରେ କେନ୍ଦ୍ର କିମ୍ବା ରାଜ୍ୟ ସରକାର କାହାରିକୁ ଅନୁକମ୍ପା ପ୍ରଦର୍ଶନ କରିନାହିଁ । ଯାହାର ଯାହା ଉଚିତ ପ୍ରାପ୍ୟ ତାହା ସେ ପାଇଛି ।

ଏବେ ଜିଏସ୍‌ଟିକୁ ନେଇ ଆଉ ଲୋକଙ୍କୁ ବୁଝାଇବାର ବିଶେଷ ଆବଶ୍ୟକତା ନାହିଁ କିମ୍ବା ଏହା ଆଉ ସେତେ ଅବୋଧ ହୋଇ ରହିନାହିଁ । ଏ ସଂକ୍ରାନ୍ତ ସଚେତନତା ଦେଶର କୋଣ ଅନୁକୋଣକୁ ପ୍ରସାରିତ ହୋଇଛି ଏବଂ ଜିଏସ୍‌ଟି କହିଲେ ପିଲାଠାରୁ ବୁଢ଼ା ଯାଏ ଏହା ନୂଆ ଦ୍ରବ୍ୟ ଓ ସେବା କର ବୋଲି ବୁଝିପାରୁଛନ୍ତି । ତେବେ କେଉଁଥି ପାଇଁ ଏଭଳି ଏକ ସମ୍ପୂର୍ଣ୍ଣ ନୂଆ ପରୋକ୍ଷ କର ବ୍ୟବସ୍ଥା କାର୍ଯ୍ୟକାରୀ ହେଲା ଏବଂ ଏହା ପଛରେ ଥିବା ଅସଲ କାହାଣୀ କ'ଣ ସେ କଥା ଅନେକ ଲୋକ ଅବଶ୍ୟ ଜାଣି ନାହାନ୍ତି । ଏହାର ଉତ୍ତର ହେଲା ପରୋକ୍ଷ କର ବ୍ୟବସ୍ଥାରେ ଥିବା ଜଟିଳତା ଓ ବହୁମୁଖିତାର ଅବସାନ ଘଟାଇ ଏହାକୁ ସରଳ ସହଜ, ଏକମୁଖୀ ଏବଂ ନ୍ୟାୟୋଚିତ କରିବା ।

ଆଗରୁ କେନ୍ଦ୍ର ସରକାର ଜିନିଷପତ୍ର ନିର୍ମାଣ ବା ସାମଗ୍ରୀ ଉତ୍ପାଦନ ଉପରେ କେନ୍ଦ୍ରୀୟ ଉତ୍ପାଦନ କର ଲାଗୁ କରୁଥିଲେ । ଏହା ସହିତ କେନ୍ଦ୍ର ସେବା ଟିକସ, କେନ୍ଦ୍ରୀୟ ବିକ୍ରି କର ଆଦି ଲଗାଇ ରାଜ୍ୟଙ୍କ ଜରିଆରେ ଟିକସ ସଂଗ୍ରହ କରାଯାଉଥିଲା । ଅନ୍ୟ ପକ୍ଷରେ ଖୁଚୁରା ବିକ୍ରି ଉପରେ ରାଜ୍ୟ ସରକାର ମୂଲ୍ୟ ମିଶ୍ରିତ କର ବା ଭ୍ୟାଟ୍, ରାଜ୍ୟ ଭିତରକୁ ପ୍ରବେଶ କରୁଥିବା ସାମଗ୍ରୀ ଉପରେ ପ୍ରବେଶ କର, ବିଳାସ ଟିକସ, କ୍ରୟ ଟିକସ ଆଦି ନାନାଦି କର ସଂଗ୍ରହ କରୁଥିଲେ । ଏସବୁ କରର ଆକାର ପ୍ରକାର ଓ ସ୍ତର ଯେ କେବଳ ମୁଣ୍ଡ ବ୍ୟଥାର କାରଣ ଥିଲା ତା'ନୁହେଁ, ବରଂ ପୈଠ ଘେନି ଟିକସଦାତା ମଧ୍ୟ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଆହୁରି ମଧ୍ୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଉଥିବା ଟିକସର କୌଣସି କ୍ରେଡିଟ୍ ଚେନ୍ ବା ପୈଠ ଶୃଙ୍ଖଳ ନ ଥିଲା । ଏହା ଫଳରେ କେନ୍ଦ୍ର-ରାଜ୍ୟ, ରାଜ୍ୟ-ରାଜ୍ୟ ଏବଂ କର୍ତ୍ତୃପକ୍ଷ ଓ ଟିକସ ଦାତାଙ୍କ ମଧ୍ୟରେ କର ବିବାଦ ଲାଗିରହୁଥିଲା । ଏକାଧିକ ପରୋକ୍ଷ କର ଯୋଗୁଁ ସବୁ ପ୍ରକାରର ଟିକସର ବୋଝ ଶେଷକୁ ଖାଉଟି ମୁଣ୍ଡକୁ ମଧ୍ୟ ଗଡ଼ି ଆସୁଥିଲା ଯା' ପଳରେ ବିଚରା କ୍ରେତା ହିଁ କରବୋଝ ସବୁ ମୁଣ୍ଡାଉଥିଲା । ଟିକସ ବ୍ୟବସ୍ଥାରେ ବହୁ ଫାଙ୍କ ଏବଂ ଜଟିଳତା ଯୋଗୁଁ ଅସାଧୁ କର୍ମଚାରୀମାନେ ବେଶ୍ ହାତ ଟିକ୍କଣ କରୁଥିଲେ

ଓ ଅନେକ ଭ୍ରଷ୍ଟ  ବ୍ୟବସାୟୀ ଏବଂ କରଦାତା ଟିକସ ଫାଙ୍କୁଥିଲେ। ଏକ ଦକ୍ଷତାହୀନ, ଛିଦ୍ରମୁକ୍ତ, ଜଟିଳ ଏବଂ ମନ୍ଥର କର ପ୍ରଶାସନ ଦେଶରେ ଶିଳ୍ପ ବାଣିଜ୍ୟ କାରବାରକୁ ନିରୁତ୍ସାହିତ କରୁଥିଲା ଏବଂ ପୁଞ୍ଜିନିବେଶ ପ୍ରତି ବିଶେଷ ଆଗ୍ରହ ପ୍ରକାଶ ପାଉ ନ ଥିଲା।


ଏବେ ସବୁ ତିକ୍ତ ଅନୁଭୂତିର ଅବସାନ ଘଟିଛି ଏବଂ ପଛ ଘଟଣାଗୁଡ଼ିକୁ ଆମେ ଏକ ଦୁଃସ୍ୱପ୍ନ ପରି ଭୁଲିଯିବାର ସୁଯୋଗ ପାଇଛୁ। ଏକ ସ୍ମାର୍ଟ ନୂଆ ଟିକସ ବ୍ୟବସ୍ଥା (ଜିଏସ୍‌ଟି) ଆମକୁ ଏବେ ସେ ସୁଯୋଗ ଦେଇଛି। ଇଂରାଜୀ ସ୍ମାର୍ଟ ଶବ୍ଦଟି ଏଠାରେ ଯେଉଁ ପରିକଳ୍ପନା କରାଯାଉଛି ତାହା ପାଞ୍ଚଟି ଇଂରାଜୀ ଶବ୍ଦର ପ୍ରଥମ ଅକ୍ଷର 'SMART'କୁ ନେଇ ପ୍ରସ୍ତୁତ। ସେଗୁଡ଼ିକ ହେଲା ଏସ୍-ସ୍ମାର୍ଟ ବା ସୁବ୍ୟବସ୍ଥିତ ଏମ୍-ମ୍ରୋ (ନୈତିକ), ଏ-ଏକାଉଣ୍ଟେବଲ (ଦାୟବଦ୍ଧ) ଆର-ରେସ୍‌ପନସିଭ୍ (ଉତ୍ତରଦାୟୀ) ଟି-ଟ୍ରାନ୍ସପରେଣ୍ଟ(ସ୍ୱଚ୍ଛ)। ଜିଏସ୍‌ଟି ବ୍ୟବସ୍ଥାକୁ ଏହି ପାଞ୍ଚଟି ବିଚାର ଉପରେ ପ୍ରସ୍ତୁତ କରାଯାଇଛି।

ସବୁ ପୁରୁଣା ପରୋକ୍ଷ କରର ଅବସାନ ଘଟାଇ ସେସବୁକୁ ମିଶାଇ ଯେଉଁ ଗୋଟିଏ ଟିକସ କରାଯାଇଛି ତାହା ହେଲା ଜିଏସ୍‌ଟି। ଏହା ଏକ ଉପଭୋକ୍ତା ଭିତ୍ତିକ ଟିକସ। ଅର୍ଥାତ ଦ୍ରବ୍ୟ ଓ ସେବା ଉପଯୋଗ କରୁଥିବା ବ୍ୟକ୍ତିକୁ ହିଁ ଏହି ଟିକସ ଦେବାକୁ ପଡ଼ିବ। ଯୋଗାଣ ଶୃଙ୍ଖଳାରେ ଅର୍ଥାତ ଉତ୍ପାଦନକାରୀ କିମ୍ବା ଆମଦାନୀକାରୀଠାରୁ ଶେଷ ଖୁଚୁରା ବିକ୍ରେତା ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ବ୍ୟବହାରକାରୀ ବା ଉପଭୋକ୍ତାଙ୍କୁ ଏବାବଦ ଟିକସ ଦେବାକୁ ହେବ, ଅନ୍ୟ କାହାରିକୁ ନୁହେଁ। ଭାରତ ଏକ ସଂଘୀୟ ବ୍ୟବସ୍ଥାର ରାଷ୍ଟ୍ର ହୋଇଥିବାରୁ ଏଠାରେ ଜିଏସ୍‌ଟିକୁ ମଧ୍ୟ ଦ୍ୱୈତ ବ୍ୟବସ୍ଥାର ପରିସର ଭୁକ୍ତ କରାଯାଇଛି; ଅର୍ଥାତ ଏଠାରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଉଭୟ ଜିଏସ୍‌ଟି ଲାଗୁ କରିପାରିବେ। ସେଥିପାଇଁ କେନ୍ଦ୍ରୀୟ ଜିଏସ୍‌ଟି (ସିଜିଏସ୍‌ଟି) ଓ ପ୍ରାଦେଶିକ ଜିଏସ୍‌ଟି (ଏସ୍‌ଜିଏସ୍‌ଟି) ବ୍ୟବସ୍ଥା ହୋଇଛି। ଏକ ତୃତୀୟ ଟିକସ ବ୍ୟବସ୍ଥା ମଧ୍ୟ କରାଯାଇଛି। ସେଇଟି ହେଲା ସମନ୍ୱିତ ଜିଏସ୍‌ଟି ବା ଆଇଜିଏସ୍‌ଟି। ଆନ୍ତଃରାଜ୍ୟ ସାମଗ୍ରୀ ପରିବହନ ସମୟରେ ଏବାବଦ ଟିକସ କେନ୍ଦ୍ର ସରକାର ଆଦାୟ କରିବେ। କେନ୍ଦ୍ରଶାସିତ ଅଞ୍ଚଳରେ ମଧ୍ୟ ସାମଗ୍ରୀ କାରବାର ପାଇଁ ୟୁଜିଏସ୍‌ଟି ଆକାରରେ ଏକ ଟିକସ ଆଦାୟ ହେବ।

ନୂଆ ଟିକସ ବ୍ୟବସ୍ଥା ବା ଜିଏସ୍‌ଟି ଲାଗୁ ହେବା ପରେ ରାଜ୍ୟ ସମୂହଙ୍କର ଯଦି କୌଣସି ରାଜସ୍ୱ ହାନି ଘଟେ ତେବେ କେନ୍ଦ୍ର ସରକାର ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାକୁ ଭରଣା କରିବେ। ସେଥିପାଇଁ ଆବଶ୍ୟକ ସମ୍ବଳ ସଂଗ୍ରହ କରିବାକୁ କେନ୍ଦ୍ର ସରକାର କେତେକ ବିଳାସ ସାମଗ୍ରୀ, ସେବା ଓ ଅବକାରୀ ଜିନିଷ (ଯାହାକୁ ପାପ ଦ୍ରବ୍ୟ କୁହାଯାଉଛି) ତା' ଉପରୁ ଟିକସ ଆଦାୟ କରିବାର ଅଧିକାର ପାଇଛନ୍ତି।

**ଜିଏସ୍‌ଟିର ପ୍ରମୁଖ ବ୍ୟବସ୍ଥା:**

- ଜାମ୍ମୁ-କାଶ୍ମୀର ସମେତ ଭାରତର ସବୁ ଅଞ୍ଚଳ ପାଇଁ ଜିଏସ୍‌ଟି ଆଇନ୍ ପ୍ରଯୁଜ୍ୟ ହେବ।
- ଜିଏସ୍‌ଟି କେବଳ ଦ୍ରବ୍ୟ ଓ ସେବା ଉପଯୋଗ / ଉପଭୋଗ କରୁଥିବା ବ୍ୟକ୍ତି ବିଶେଷଙ୍କଠାରୁ ସଂଗୃହୀତ ହେବ। ଏହାର ଅର୍ଥ ଯିଏ ଜିନିଷ ବା ସେବା କିଣିବ ତାକୁ ଟିକସ ଦେବାକୁ ହେବ।
- ଏହା ଦ୍ରବ୍ୟ / ସେବା ଉତ୍ପାଦନକାରୀ, ଆମଦାନୀକାରୀ ଓ ବିକ୍ରେତାକୁ ଦେବାକୁ ପଡ଼ିବ ନାହିଁ। ପୂର୍ବରୁ ସେମାନଙ୍କୁ ଟିକସ ଦେବାକୁ ପଡୁଥିଲା।
- ଏହା ଏକ ଲକ୍ଷ୍ୟ ଭିତ୍ତିକ ଟିକସ। ଏହାର ଅର୍ଥ ଯିଏ ଦ୍ରବ୍ୟ ବା ସେବା ଉପଯୋଗ କରିବ ତାଠାରୁ ଟିକସ ସଂଗ୍ରହ ହେବ। ପୂର୍ବରୁ ଯେଉଁ ଉତ୍ପତ୍ତି ବା ଉତ୍ପାଦନ ଭିତ୍ତିକ ଟିକସ ବ୍ୟବସ୍ଥା ଥିଲା ତାହାର ଅବସାନ ଘଟିଛି।
- ସାମଗ୍ରୀ / ସେବାର ଆନ୍ତଃ-ରାଜ୍ୟ ପ୍ରେରଣ ବା କାରବାର ଆମଦାନୀ ଭାବେ ବିବେଚିତ ହେବ। ଏହା ଉପରେ ସମନ୍ୱିତ ଟିକସ ଲାଗିବ। ସୀମା ଶୁଳ୍କ ଭଳି ଏହା ଉପରେ ଟିକସ ସଂଗୃହୀତ ହେବ।
- ସେବାର ଆମଦାନୀ ଆନ୍ତଃ-ରାଜ୍ୟ ପ୍ରେରଣ ଭଳି ବିବେଚିତ ହେବ ଏବଂ ଏହା ଉପରେ ସମନ୍ୱିତ ଜିଏସ୍‌ଟି ଓଲଟା ଦେୟ ଭିତ୍ତିରେ ଲାଗିବ।
- ସିଜିଏସ୍‌ଟି, ଏସ୍‌ଜିଏସ୍‌ଟି / ୟୁଟିଜିଏସ୍‌ଟି ଓ ଆଇଜିଏସ୍‌ଟି ଆଦି ଟିକସ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଆପୋସ ନିଷ୍ପତ୍ତି ହାରରେ ଆଦାୟ ହେବ। ଜିଏସ୍‌ଟି ପରିଷଦର ଆନୁକୂଲ୍ୟରେ କେନ୍ଦ୍ର ଓ ରାଜ୍ୟ ଆଦାୟ ଟିକସର ବଣ୍ଟନ ହେବ।
- ଜିଏସ୍‌ଟିରେ ମୋଟ୍ ଚାରି ପ୍ରକାର ଟିକସ ସ୍ତର (ଟ୍ୟାକ୍ସ ସ୍ଲାବ) ରହିଛି। ସେସବୁ ହେଲା - ୫%, ୧୨%, ୧୮% ଏବଂ ୨୮ ଶତାଂଶ। ସବୁ ପ୍ରକାର ସାମଗ୍ରୀ ବା ସେବାକୁ ଶ୍ରେଣୀଭୁକ୍ତ କରାଯାଇ ଭିନ୍ନଭିନ୍ନ ଟିକସ ବ୍ୟବସ୍ଥା କରାଯାଇଛି। ତେବେ ମୂଲ୍ୟବାନ ଧାତୁ ଉପରେ ୩ ଶତାଂଶ ଏବଂ ପାଲିସ ହୋଇ ନ ଥିବା ମୂଲ୍ୟବାନ ପଥର ଉପରେ ୦.୨୫ ଶତାଂଶ ହାରରେ ଟିକସ ଆଦାୟ କରାଯିବ। ନିର୍ଦ୍ଦିଷ୍ଟ କେତେକ ଦ୍ରବ୍ୟ ଓ ସେବାକୁ ଟିକସ ପରିସରରୁ ମୁକ୍ତ ରଖାଯାଇଛି।
- ମଣିଷ ବ୍ୟବହାର କରୁଥିବା ଆଲକୋହଲ ବା ସୁରା ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ଜିଏସ୍‌ଟି ପରିସରଭୁକ୍ତ ହୋଇନାହିଁ। ଏହାଛଡ଼ା, ଅଶୋଧିତ ତୈଳ, ପେଟ୍ରୋଲ, ଡିଜେଲ, ବିମାନ ଇନ୍ଧନ (ଏଟିଏଫ୍) ଓ ପ୍ରାକୃତିକ ଗ୍ୟାସ ଏହି ପାଞ୍ଚଟି ସାମଗ୍ରୀ ବର୍ତ୍ତମାନ ପାଇଁ ଜିଏସ୍‌ଟି ପରିସର ବାହାରେ ରହିଛି। ଜିଏସ୍‌ଟି ପରିଷଦର ସୁପାରିଶ କ୍ରମେ ଏହାକୁ ଜିଏସ୍‌ଟିର ପରିସରଭୁକ୍ତ କରାଯାଇପାରିବ।
- କେନ୍ଦ୍ରୀୟ ଜିଏସ୍‌ଟି ଓ ରାଜ୍ୟ ଜିଏସ୍‌ଟି/ କେନ୍ଦ୍ରାଞ୍ଚଳ କ୍ଷେତ୍ର ଜିଏସ୍‌ଟି କ୍ଷେତ୍ରରେ ସ୍ୱତନ୍ତ୍ର ଶ୍ରେଣୀଭୁକ୍ତ ରାଜ୍ୟଙ୍କ ପାଇଁ ଏକ ସାଧାରଣ ଛାଡ଼ ସୀମା ୧୦ ଲକ୍ଷ ଟଙ୍କା ଧାର୍ଯ୍ୟ ହୋଇଛି। ଜାମ୍ମୁକାଶ୍ମୀର ପାଇଁ ଏହି ବ୍ୟବସ୍ଥା ଲାଗୁ ହୋଇ ନ ଥିବା ବେଳେ ଅନ୍ୟ ରାଜ୍ୟମାନଙ୍କ ପାଇଁ ଏହି ଛାଡ଼ ସୀମା ୨୦ ଲକ୍ଷ ଟଙ୍କା ଧାର୍ଯ୍ୟ



କରାଯାଇଛି ।ଏହାଛଡ଼ା କ୍ଷୁଦ୍ର ଟିକସଦାତାମାନଙ୍କୁ ଏକ ନିର୍ଦ୍ଦିଷ୍ଟ ପରିମାଣର ଟିକସ ପୈଠରେ ସୁଯୋଗ ଦିଆଯାଇଛି । ଯେଉଁମାନେ ବାର୍ଷିକ ୭୫ଲକ୍ଷ ଟଙ୍କା କାରବାର କରୁଛନ୍ତି ସେମାନେ ଏହି ସୁବିଧା ପାଇପାରିବେ । ସ୍ୱତନ୍ତ୍ର ଶ୍ରେଣୀଭୁକ୍ତ ରାଜ୍ୟରେ ଏହି କାରବାର ସୀମା ୫୦ ଲକ୍ଷ ରହିଛି ।

- ସ୍ୱତନ୍ତ୍ର ଅର୍ଥନୈତିକ ଜୋନ (ଏସ୍‌ଇଜେଡ୍)କୁ ରପ୍ତାନୀ / ଆମଦାନୀ କ୍ଷେତ୍ରରେ ଟିକସ ଦେବାକୁ ପଡ଼ିବ ନାହିଁ ।

- ଦୁଇପ୍ରକାରର ଇନ୍‌ପୁଟ୍ ଟିକସ ଦେୟ ଆନ୍ତଃରାଜ୍ୟ ଯୋଗାଣ କ୍ଷେତ୍ରରେ କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତି ବ୍ୟତିରେକ ରାଜ୍ୟ ଜିଏସ୍‌ଟି ଓ କେନ୍ଦ୍ର ଜିଏସ୍‌ଟି ବାବଦରେ ଏକକାଳୀନ ପୈଠ କରିହେବ ନାହିଁ । ଏହା କେବଳ ଗୋଟିଏ ଜିଏସ୍‌ଟି ବାବଦରେ ଜମା କରି ହେବ ।

ନିମ୍ନମତେ ଏହି କ୍ରେଡିଟ୍ ବ୍ୟବହୃତ ହୋଇପାରିବ ।

୧) କେନ୍ଦ୍ରୀୟ ଜିଏସ୍‌ଟି ବାବଦ ଇନ୍‌ପୁଟ୍ ଟିକସ କ୍ରେଡିଟ୍ (ଆଇଟିସି) କେବଳ ସିଜିଏସ୍‌ଟି ଓ ଆଇଜିଏସ୍‌ଟି ବାବଦରେ ଦେଇହେବ ।

୨) ଏସ୍‌ଜିଏସ୍‌ଟିସିର ଆଇଟିସି କେବଳ ଏସ୍‌ଜିଏସ୍‌ଟି ଆଇଜିଏସ୍‌ଟି ବାବଦରେ ଦେଇ ହେବ ।

୩) କେନ୍ଦ୍ରଶାସିତ ଅଞ୍ଚଳର ଜିଏସ୍‌ଟି (ୟୁଜିଏସ୍‌ଟି)ର ଆଇଟିସି ୟୁଜିଏସ୍‌ଟି ଓ ଆଇଜିଏସ୍‌ଟି ବାବଦରେ ଜମା କରିହେବ ।

୪) ଆଇଜିଏସ୍‌ଟି ବାବଦରେ ଆଇଟିସି ଆଇଜିଏସ୍‌ଟି, ସିଜିଏସ୍‌ଟି ଏବଂ ଏସ୍‌ଜିଏସ୍‌ଟି / ୟୁଟିଜିଏସ୍‌ଟି କ୍ରମରେ ଜମା ହୋଇପାରିବ ।

ସିଜିଏସ୍‌ଟିର ଆଇଟିସି ଏସ୍‌ଜିଏସ୍‌ଟି / ୟୁଟିଜିଏସ୍‌ଟି ପାଇଁ କିମ୍ବା ପରସ୍ପରର ବିପରୀତ ଦେୟ ପାଇଁ ଜମା କରିହେବ ନାହିଁ ।

- ଭିନ୍ନଭିନ୍ନ ସୀମାରେ ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ଇଲେକ୍‌ଟ୍ରୋନିକ୍ ରିଟର୍ଣ୍ଣ ଫାଇଲ କରିବାକୁ ପଡ଼ିବ ।

- ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ, ଡେବିଟ୍ / କ୍ରେଡିଟ କାର୍ଡ, ଏନ୍‌ଇଏଫ୍‌ଟି / ଆର୍‌ଟିଜିଏସ୍ ଆଦି ବ୍ୟବସ୍ଥା ଦ୍ୱାରା ଟିକସଦାତା ଟିକସ ଜମା କରିପାରିବେ ।

- ଧାର୍ଯ୍ୟ ତାରିଖର ଦୁଇ ବର୍ଷ ମଧ୍ୟରେ ଟିକସଦାତା ଟିକସ ଫେରସ୍ତ ପାଇବାକୁ ଆବେଦନ କରିପାରିବେ ।

- ପଞ୍ଜୀକୃତ ଟିକସଦାତାଙ୍କୁ ନିଜର ଟିକସର ଆତ୍ମ ଆକଳନ କରିବାକୁ ସୁଯୋଗ ଦେବାର ବ୍ୟବସ୍ଥା ହୋଇଛି ।

- ପଞ୍ଜୀକୃତ ଟିକସଦାତାଙ୍କ ଦ୍ୱାରା

ଆକଳିତ ଟିକସର ଅଡିଟି କରାଯାଇ ଏହାର ସତ୍ୟାସତ୍ୟ ନିର୍ଣ୍ଣୟ କରିବାର ବ୍ୟବସ୍ଥା ଅଛି।

- ଟିକସ ସମ୍ପର୍କରେ ସ୍ପଷ୍ଟ ସୂଚନା ଦେବାକୁ ରାଜ୍ୟସ୍ତରରେ ଅଗ୍ରୀମ ରାୟ ପ୍ରାଧିକରଣର ବ୍ୟବସ୍ଥା ହୋଇଛି ଏବଂ କେନ୍ଦ୍ରୀୟ ସ୍ତରରେ ମଧ୍ୟ ଏଭଳି ବ୍ୟବସ୍ଥା କରାଯିବ।

- ନୂତନ ଟିକସ ବ୍ୟବସ୍ଥାରୁ ବ୍ୟବସାୟୀ ଓ ଉତ୍ପାଦନକାରୀ ଯେପରି ଫାଇଦା ନ ଉଠାନ୍ତି ଓ ଖାଉଟିଙ୍କ ସ୍ୱାର୍ଥ ସୁରକ୍ଷିତ ରହେ ସେଥିପାଇଁ ଏକ ଲାଭ ନିରୋଧକ ବ୍ୟବସ୍ଥା କରାଯାଇଛି।

- ନୂଆ ଟିକସ ବ୍ୟବସ୍ଥା ପ୍ରବର୍ତ୍ତନକୁ ସୁଗମ କରିବା ପାଇଁ ଏକ ପରିବର୍ତ୍ତନକାଳୀନ ପଦକ୍ଷେପକୁ ବ୍ୟାପକ କରାଯାଇଛି।

**ଜିଏସ୍‌ଟିର ଲାଭ:**

ଜିଏସ୍‌ଟିର ଅନେକ ଉତ୍ତମ ଦିଗ ରହିଛି ଏବଂ ସେଗୁଡ଼ିକ ନିମ୍ନରେ ପ୍ରଦାନ କରାଗଲା -

ଏହା ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ପାଇଁ ବେଶ୍ ଲାଭପ୍ରଦ ହେବ। ଏହାଦ୍ୱାରା ସମଗ୍ର ଦେଶରେ ଏକକ ସଂଯୁକ୍ତ ବଜାର ସୃଷ୍ଟି ହୋଇ ବିଦେଶୀ ପୁଞ୍ଜି ନିବେଶକୁ ପ୍ରୋତ୍ସାହିତ କରିବ।

ଏହା ଫଳରେ ଯୋଗାଣର ପ୍ରତ୍ୟେକ ସ୍ତରରେ ସବୁ ସେବା ଓ ସାମଗ୍ରୀ ଉପରେ ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡିଟ୍ ମିଳିବ ଏବଂ ଟିକସର ବୋଝ ଜଣକ ଉପରେ ଅଜାଡ଼ି ହୋଇପଡ଼ିବ ନାହିଁ। ଜିଏସ୍‌ଟି ଫଳରେ ବିଭିନ୍ନ ପ୍ରକାର ଆଇନ୍ ପଦ୍ଧତି ଟିକସ ହାର ମଧ୍ୟରେ ସୁସମନ୍ୱୟ ରହିବ ଏବଂ ଏହା ଅବୋଧ କିମ୍ବା ଜଟିଳ ହେବ ନାହିଁ। ଟିକସ ହାର ଯୁକ୍ତିଯୁକ୍ତ ଓ ସୁସଂହତ ହେବା ସହ ଉତ୍ପାଦନ ଉପରେ ଟିକସ ପଡ଼ିବ ନାହିଁ। ଫଳରେ ଆମ ସାମଗ୍ରୀର ଉତ୍ପାଦନ ଖର୍ଚ୍ଚ କମ୍ ହେବା ସହ ଏହା ଆନ୍ତର୍ଜାତିକ ବଜାରରେ ଅଧିକ ପ୍ରତିଯୋଗିତା କରିବାକୁ ସକ୍ଷମ ହେବ। ଏହାଦ୍ୱାରା ଭାରତୀୟ ସାମଗ୍ରୀର ରପ୍ତାନୀ ବଢ଼ିବ। ଜିଏସ୍‌ଟି ପ୍ରଚଳନ ପରେ କମ୍ପାନୀସମୂହଙ୍କ ହାରାହାରି ଟିକସ ବୋଝ ହ୍ରାସ ପାଇବ।ଏହା ଫଳରେ ଉତ୍ପାଦିତ ସାମଗ୍ରୀର ମୂଲ୍ୟ କମିବ ବୋଲି ଆଶା କରାଯାଏ। ଜିନିଷପତ୍ର ଶସ୍ତା ହେଲେ ଉପଯୋଗ ବଢ଼ିବ ଏବଂ ଶିଳ୍ପୋଦ୍ୟୋଗ ଲାଭବାନ ହେବ। ଏହା ଫଳରେ ନୂଆ ମାନୁଫାକଚରିଙ୍ଗ ହବ୍ ମାନ ଦେଶରେ ଖୋଲିବ।

**ବେପାର ବଣିଜ କରିବା ସହଜ ହେବ:**

ସରଳ ଟିକସ ବ୍ୟବସ୍ଥା ଏବଂ ଅଧିକରୁ ଅଧିକ ଲୋକଙ୍କୁ ଟିକସ ବ୍ୟବସ୍ଥାର ପରିସରଭୁକ୍ତ କରାଯାଇଥିବାରୁ ନିର୍ଦ୍ଦିଷ୍ଟ ବର୍ଗ ବା ଶ୍ରେଣୀ ଉପରେ ଟିକସ ବୋଝ ପଡ଼ିବ ନାହିଁ। ବିଶେଷ କରି ବ୍ୟବସାୟ ଓ ଶିଳ୍ପ ସଂସ୍ଥାଙ୍କ ଟିକସ ବୋଝ ହ୍ରାସ ଫଳରେ ସେମାନେ ଅଧିକରୁ ଅଧିକ ବେପାର ବଣିଜ ପାଇଁ ଆଗ୍ରହ ଦେଖାଇବେ। ବିଭିନ୍ନ ପ୍ରକାରର ଟିକସ ବ୍ୟବସ୍ଥାର ଉଚ୍ଛେଦ ଟିକସ ବ୍ୟବସ୍ଥାର ସହଜ ଓ ସରଳୀକରଣ ଶିଳ୍ପ ବାଣିଜ୍ୟ ପାଇଁ ଅନୁକୂଳ ହେବ। ଟିକସ ପ୍ରଦାନ ଓ ତାହାର ହିସାବପତ୍ର ରଖିବା ସହଜ ଏବଂ ସରଳ ହେବା ପରେ ଏବାବଦ ବ୍ୟୟ ଶିଳ୍ପ / ବାଣିଜ୍ୟ ସଂସ୍ଥାଙ୍କର କମିବ। ସରଳ ଓ ସ୍ୱୟଂକ୍ରିୟ ବ୍ୟବସ୍ଥାରେ ପଞ୍ଜୀକରଣ, ରିଟର୍ଣ୍ଣ, ଅର୍ଥ ଫେରସ୍ତ, ଟିକସ ପ୍ରଦାନକୁ ସହଜ ଏବଂ ଜଞ୍ଜାଳମୁକ୍ତ କରିବ।

ଏକକ ଜିଏସ୍‌ଟିଏନ୍ ପୋର୍ଟାଲ ମାଧ୍ୟମରେ ଟିକସ ସଂକ୍ରାନ୍ତ କାର୍ଯ୍ୟକ୍ରମର ସମ୍ପାଦନ ଫଳରେ ଟିକସଦାତା ଓ ଟିକସ ଆଦାୟକାରୀଙ୍କ ମଧ୍ୟରେ ପ୍ରତ୍ୟକ୍ଷ ସାକ୍ଷାତ୍ ବା ଭେଟ ହେବ ନାହିଁ। ଏହା ଦୁର୍ନୀତିକୁ କମାଇବ। ଟିକସଦାତାଙ୍କ ପଞ୍ଜୀକରଣର, ଟିକସ ରିଟର୍ଣ୍ଣ, ଟିକସ ରିଟର୍ଣ୍ଣର ଏକପ୍ରକାର ଫର୍ମାଟ୍, ସମାନ ଟିକସ ଭିତ୍ତି, ଜିନିଷପତ୍ର / ସେବାର ସମାନ ପ୍ରକାରର ଶ୍ରେଣୀ ବିଭାଗ ଟିକସ ବ୍ୟବସ୍ଥାକୁ ଅଧିକ ସୁହାଇବ।

**ଖାଉଟିଙ୍କ ଲାଭ:**

ଜିଏସ୍‌ଟି ଦ୍ୱାରା ଖାଉଟିଙ୍କର ମୁଖ୍ୟତଃ ଦୁଇଟି ଲାଭ ହେବ। ପ୍ରଥମତଃ ଜିନିଷପତ୍ରର ଦାମ୍ କମ୍ ରହିବ ଏବଂ ଯୋଗାଣ ବ୍ୟବସ୍ଥା ସୁଗମ ହେବ। ସବୁ ଟିକସ ବୋଝ ଖାଉଟି ଉପରେ ଓଜାଡ଼ି ନ ହୋଇ ଯୋଗାଣର ବିଭିନ୍ନ ସ୍ତରରେ ଏହା ବାଣ୍ଟି ହୋଇଯିବ। ଦ୍ୱିତୀୟତଃ କମ୍ପାନୀ ସମୂହଙ୍କ ଟିକସ ବୋଝ କମିବା ଫଳରେ ଉତ୍ପାଦିତ ସାମଗ୍ରୀର ମୂଲ୍ୟ କମ୍ ହେବ ଏବଂ ଏହାଦ୍ୱାରା ଖାଉଟି ଉପକୃତ ହେବେ।

**ଉପସଂହାର:**

ଜିଏସ୍‌ଟିକୁ ସମୀପରୁ ଦେଖିଲେ ଏହି ଟିକସ ସଂସ୍କାରର ଅଳ୍ପ କେତେକ ଭଲ ଦିଗ ଦେଖାଯାଉଛି। ଏହାକୁ ସାମଗ୍ରିକ ଭାବେ ଦେଖିଲେ ଅନେକ କିଛି ଜାଣିହେବ। ସେଥିମଧ୍ୟରେ ବ୍ୟାପାରରେ ପରିବର୍ତ୍ତନ, ସାମାଜିକ ପୁନଃଉତ୍‌ଥାନ, ଅର୍ଥନୈତିକ ଅଭିବୃଦ୍ଧି ଆଦି ସମ୍ଭାବନା ଅନ୍ୟତମ। ଦେଶର ଅର୍ଥନୀତିକୁ ଉତ୍‌ପ୍ରେରିତ କରିବା ସହ ବିଶ୍ୱ ଦରବାରରେ ସ୍ୱାଧୀନଭାବେ ମୁଣ୍ଡ ଟେକି ଚାଲିବାକୁ ଭାରତକୁ ଏହା ସୁଯୋଗ ଦେଇପାରେ।

(ଲେଖକ ହେଉଛନ୍ତି ଜିଏସ୍‌ଟି କମିଶନର)

# ଜିଏସ୍‌ଟି ଏବଂ ଖାଉଟିଙ୍କ ସ୍ୱାର୍ଥ

● ସୁରଜ ଜୈଶ୍ୱାଲ

ଜିଏସ୍‌ଟି କ'ଣ ? କିଏ ଦିଏ ଏବଂ ଏହା କିପରି ସଂଗୃହୀତ ହୁଏ – ଏହି କ୍ରମରେ ଟିକସ ଦୁଇଟି ଶ୍ରେଣୀରେ ବିଭକ୍ତ। ଗୋଟିଏ ପ୍ରତ୍ୟକ୍ଷ କର ଓ ଅନ୍ୟଟି ପରୋକ୍ଷ କର। ପ୍ରତ୍ୟକ୍ଷ କର ସାଧାରଣତଃ ଆୟ, ଲାଭ କିମ୍ବା ସମ୍ପତ୍ତି ଉପରୁ ଆଦାୟ କରାଯାଏ। ଆୟକର, ଉଦ୍ୟୋଗ (କମ୍ପାନୀ) ଟିକସ ଓ ସମ୍ପତ୍ତି କର ଆଦି ଏହି ଶ୍ରେଣୀର। ପରୋକ୍ଷ କର ଠିକ୍ ଏହାର ବିପରିତ। ଏହା ଜିନିଷପତ୍ର ଓ ସେବାର କାରବାର, ପରିବହନ ଆଦି କ୍ଷେତ୍ରରେ ବିକ୍ରେତା କିମ୍ବା କ୍ରେତାଙ୍କଠାରୁ ଆଦାୟ ହୁଏ। ମାତ୍ର ଏ କ୍ଷେତ୍ରରେ ସଂପୃକ୍ତ ଟିକସକୁ ବିକ୍ରେତା ପ୍ରାୟତଃ କ୍ରେତା ଉପରକୁ ଗଡ଼େଇ ଦିଏ। ଫଳରେ କ୍ରେତାକୁ ଟିକସ ବୋଝ ସହିବାକୁ ପଡ଼େ। ବିଦେଶୀ ଦ୍ରବ୍ୟ ଉପରେ ଲାଗୁ ସୀମା ଶୁଳ୍କ, ସେବା କର, ଉତ୍ପାଦନ ଟିକସ, ବିକ୍ରି କର ଆଦି ଏହାର ଉଦାହରଣ। ଦ୍ରବ୍ୟ ଓ ସେବା କର (ଜିଏସ୍‌ଟି) ଏଭଳି ଏକ ପରୋକ୍ଷ ଟିକସ ଯାହା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ସମସ୍ତ ପ୍ରକାରର ପରୋକ୍ଷ କରର ଅବସାନ ଘଟାଇ ଲାଗୁ କରାଯାଇଛି।

୨୦୧୭ ଜୁଲାଇ ପହିଲାରୁ ସମଗ୍ର ଭାରତରେ ଲାଗୁ ହୋଇଥିବା ଏହି ଜିଏସ୍‌ଟିର ଦୁଇଟି ମୁଖ୍ୟ ବିଶେଷତ୍ୱ ରହିଛି। ଏହା ହେଲା – ପ୍ରତ୍ୟେକ ସାମଗ୍ରୀ ଓ ସେବା ଉପରେ ଗୋଟିଏ ଟିକସ ଲାଗୁ ହେବ ଏବଂ ଏହା ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ନିର୍ବିଶେଷରେ ସମଗ୍ର ଦେଶ ପାଇଁ ଏକ ତଥା ସମାନ ହେବ। ତେବେ କେତେକ ନିର୍ଦ୍ଦିଷ୍ଟ ସାମଗ୍ରୀକୁ ଜିଏସ୍‌ଟି ପରିସରରୁ ଏବେ ବାଦ୍ ରଖାଯାଇଛି। ସେଗୁଡ଼ିକ ହେଲା ପେଟ୍ରୋଲିୟମ ସାମଗ୍ରୀ, ସୁରା/ମଦ ଓ ରିୟଲ ଇଷ୍ଟେଟ୍ ଆଦି। ଏହା ପୂର୍ବ ଟିକସ ବ୍ୟବସ୍ଥା ଅନୁସାରେ ଚାଲିବ। ସୀମା ଶୁଳ୍କ ବ୍ୟବସ୍ଥା ପ୍ରଚଳିତ ଥିଲେ ହେଁ ଏହାକୁ ଜିଏସ୍‌ଟି ସହିତ ମିଶାଇ ଦିଆଯାଇଛି। ସେହିଭଳି ସ୍ଥାନୀୟ ସ୍ୱୟଂଶାସିତ ସଂସ୍ଥା, ପରିଷଦ, କ୍ଷେତ୍ର ଯଥା ପୌରସଂସ୍ଥା, ଗ୍ରାମ ପଞ୍ଚାୟତ ଆଦି ଦ୍ୱାରା ଲାଗୁ ହେଉଥିବା ଟିକସକୁ ଜିଏସ୍‌ଟିରେ ମିଶାଯାଇନାହିଁ। ଏଭଳି କେତେକ ବ୍ୟତିକ୍ରମ ବ୍ୟତୀତ ଆଉ ସମସ୍ତ ପ୍ରକାର ପରୋକ୍ଷ ଟିକସ ଯାହା ସାରାଦେଶରେ ପ୍ରଚଳିତ ଥିଲା ସେସବୁ ରାଜ୍ୟ ନିର୍ବିଶେଷରେ ଜିଏସ୍‌ଟିରେ ସମାପିତ ହୋଇଛି। ଜିଏସ୍‌ଟିରେ ଏକାକାର ହୋଇଥିବା ପ୍ରମୁଖ ଟିକସ ମଧ୍ୟରେ ଉତ୍ପାଦନ କର, ସେବା କର, ସୀମା ଶୁଳ୍କ ଉପରେ ସ୍ୱତନ୍ତ୍ର ଅତିରିକ୍ତ ଟିକସ, ରାଜ୍ୟସ୍ତରୀୟ ଭ୍ୟାଟ୍, ରାଜ୍ୟ ବିକ୍ରି କର, ପ୍ରମୋଦ କର, ପ୍ରବେଶ କର ଓ ବିଳାସ ଟିକସ ଆଦି ଅନ୍ତର୍ଭୁକ୍ତ।

ଜିଏସ୍‌ଟି ପ୍ରବର୍ତ୍ତନ ପରେ ଯେଉଁମାନେ ପ୍ରଭାବିତ ହେବେ ସେମାନେ ମୁଖ୍ୟତଃ ତିନୋଟି ଶ୍ରେଣୀରେ ବିଭକ୍ତ। ସେମାନେ ହେଲେ ଖାଉଟି, ସରକାର ଏବଂ ବ୍ୟବସାୟୀ। ଜିଏସ୍‌ଟି କିପରି ତୁଳନାତ୍ମକ ଭାବେ ପୂର୍ବ ଟିକସ ସମୂହଠାରୁ ଭିନ୍ନ ଓ ଖାଉଟିଙ୍କ ଉପରେ ଏହାର କି ପ୍ରଭାବ ପଡ଼ିବ ଏହି ଲେଖାରେ ସେ ବିଷୟରେ ମୁଖ୍ୟତଃ ଆଲୋଚନା କରାଯାଇଛି।

**ଏହା କିପରି ଭିନ୍ନ:**

ଜଣେ ଖାଉଟି ନିଜ ବ୍ୟବହାର ପାଇଁ ଏକ ନିର୍ଦ୍ଦିଷ୍ଟ ସାମଗ୍ରୀ / ସେବା କିଣିବା ପୂର୍ବରୁ ସେ ଜିନିଷ ବା ସେବାଟି ଉତ୍ପାଦନ ଏବଂ ଯୋଗାଣ ଶୃଙ୍ଖଳାରେ ବିଭିନ୍ନ ସ୍ତର ଦେଇ ଗତି କରିଥାଏ। ଏହି ସ୍ତରରେ ଗତି କରିବା ପରେ ଏହା ଉପରେ ବିଭିନ୍ନ ସ୍ତରରେ ଏକ ବା ଏକାଧିକ ପରୋକ୍ଷ ଟିକସ ଲାଗୁ ହୋଇଥାଏ। ଏହି ଟିକସ ମଧ୍ୟରୁ କେତେକ କେନ୍ଦ୍ର ସରକାର ଓ ଆଉ କେତେକ ରାଜ୍ୟ ସରକାରଙ୍କ ଦ୍ୱାରା ଲାଗୁ କରାଯାଇଥାଏ। ଉଦାହରଣସ୍ୱରୂପ – ଭାରତରେ ତିଆରି ହେଉଥିବା ଏକ ଟିଭି ସେଟ୍ ଫ୍ୟାକ୍ଟ୍ରିରୁ ବିକ୍ରି ପାଇଁ ବାହାରିବା ସମୟରେ ଏହା

> ଜିଏସ୍‌ଟି ବ୍ୟବସ୍ଥାରେ କୃଷିଜାତ ଖାଦ୍ୟ ସାମଗ୍ରୀ ଯଥା ଖାଦ୍ୟଶସ୍ୟ, ଡାଲି, ଫଳ, ପନିପରିବା, କ୍ଷୀର ଏବଂ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଟିକସମୁକ୍ତ ହୋଇଛି। ସାଧାରଣ ପରିବାର ଏବାବଦରେ ନିଜ ମୋଟ ଖର୍ଚ୍ଚର ୪୦ରୁ ୪୫ ଶତାଂଶ କରିଥାନ୍ତି। ଅନ୍ୟାନ୍ୟ ଆବଶ୍ୟକ ପଦାର୍ଥ ଯଥା କୋଇଲା, ଚିନି, ଖାଇବା ତେଲ ଓ କଫି ଆଦିକୁ ୫ ଶତାଂଶ ଟିକସ ହାର ବର୍ଗରେ ରଖାଯାଇଛି। ଅପର ପକ୍ଷରେ ବି ଭିନ୍ନ ସେବାର ସାଧାରଣ ମାନକ ଟିକସ ହାର ୧୮ ଶତାଂଶ ଧାର୍ଯ୍ୟ ହୋଇଛି। ଏହା ପ୍ରାକ୍ ଜିଏସ୍‌ଟି ଟିକସ ହାରଠାରୁ ଅଧିକ। ଆଗରୁ ଏହା ୧୪ ରୁ ୧୫% ହାରରେ ଥିଲା। ତେବେ କଥା ହେଉଛି ପ୍ରାକ୍ ଜିଏସ୍‌ଟି କାଳରେ ଏକାଧିକ ଟିକସ ବିଭିନ୍ନ ସ୍ତରରେ ସାମଗ୍ରୀ ଉପରେ ଲାଗୁ ହେଉଥିବାରୁ ଦ୍ରବ୍ୟ ଓ ସାମଗ୍ରୀ ଉପରେ ବାସ୍ତବ ଟିକସ ହାର କେତେ ଥିଲା ତାହା ନିର୍ଣ୍ଣୟ କରିବା କଷ୍ଟ। କେତେକ ଅର୍ଥନୀତିଜ୍ଞଙ୍କ ମତରେ ପ୍ରାୟ ୫୦ ଶତାଂଶ ସାମଗ୍ରୀ ଉପରେ ଏବେ ଟିକସ ହାର ମୋଟାମୋଟି ପ୍ରାକ୍ ଜିଏସ୍‌ଟି ହାର ସଂଗେ ସମାନ ରହିବ, ୩୦ ଶତାଂଶ ସାମଗ୍ରୀ ଟିକସ ପୂର୍ବାପେକ୍ଷା କମ୍ ହେବ ଏବଂ ୨୦ ଶତାଂଶ ଜିନିଷର ଟିକସ ପ୍ରକୃତରେ ବଢ଼ିବ।

ଓ ପରେ ଉତ୍ପାଦନ ଟିକସ ଲାଗୁ ହୁଏ। ଏଥିରେ ଯଦି କିଛି ବିଦେଶୀ ଉପକରଣ ବ୍ୟବହୃତ ହୋଇଥାଏ, ତା'ହେଲେ ତାକୁ ଆମଦାନୀ କରିବା ବେଳେ ସୀମା ଶୁଳ୍କ ଭରିବାକୁ ପଡ଼ିଥାଏ। ତା'ପରେ ଟିଭି ସେଟ୍‌ଟି ଉତ୍ପାଦନକାରୀଠାରୁ ପାଇକାରୀ ବିକ୍ରେତା ବା ହୋଲ୍‌ସେଲର୍ ପାଖକୁ ଗଲାବେଳେ ତା' ଉପରେ ବିକ୍ରି କର ଲାଗୁ ହୁଏ। ହୋଲ୍‌ସେଲ୍‌ର ପାଖରୁ ଏହା ଖୁଚୁରା ବିକ୍ରେତା ପାଖକୁ ଗଲାବେଳେ ତା' ଉପରେ ମୂଲ୍ୟ ମିଶ୍ରିତ କର ବା ଭ୍ୟାଟ୍ ଲାଗେ।

ସାମଗ୍ରୀ ଯେତେବେଳେ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଯାଏ ସେତେବେଳେ କେନ୍ଦ୍ରୀୟ ଓ ପ୍ରାଦେଶିକ ଟିକସ ସହିତ ଅନ୍ୟାନ୍ୟ ଯାବତୀୟ ଟିକସ ଲାଗୁହୁଏ ଓ ଏହା ଏକ ଜଟିଳ ପରିସ୍ଥିତି ସୃଷ୍ଟି କରେ। ସେତେବେଳେ କେନ୍ଦ୍ରୀୟ ବିକ୍ରି କର ସହିତ ବିଭିନ୍ନ ରାଜ୍ୟରେ ନାନା ପ୍ରକାର ଟିକସ ଏହା ଉପରେ ଲାଗୁ ହୋଇଥାଏ। ଉଦାହରଣ ସ୍ୱରୂପ ଜିଏସ୍‌ଟି ପୂର୍ବରୁ ଭ୍ୟାଟ୍ ହାର ମହାରାଷ୍ଟ୍ରରେ ୧୨.୫ ଶତାଂଶ ଥିବାବେଳେ ଗୁଜରାଟରେ ଏହା ୧୫ ଶତାଂଶ ଥିଲା। ବିଭିନ୍ନ ସମୟରେ କେତେକ ସାମଗ୍ରୀକୁ ପ୍ରୋତ୍ସାହିତ ବା ନିରୁତ୍ସାହିତ କରିବାକୁ ବିଳାସ ଟିକସ ବା ପାପ ଟିକସ ମଧ୍ୟ ଲାଗୁ କରାଯାଉଥିଲା। ଟିକସର ଏହି ବହୁଳତା ଓ ଭିନ୍ନତା ଏବଂ ବିଭିନ୍ନ ସ୍ତରରେ ଟିକସ ଲାଗୁର ଜଟିଳତା ମୁଖ୍ୟତଃ ଦୁଇଟି ସମସ୍ୟା ସୃଷ୍ଟି କରିଥିଲା। ପ୍ରଥମତଃ ଏହା ଟିକସ ଭରଣା ବ୍ୟବସ୍ଥାକୁ ଟିକସ ଦାତାଙ୍କ ପାଇଁ ଜଟିଳ କରୁଥିଲା। ଏକାଧିକ ଟିକସ ଓ ବିରକ୍ତିକର ଟିକସ ଭରଣା ବ୍ୟବସ୍ଥା ଯୋଗୁଁ ଅନେକ ବ୍ୟବସାୟୀ ଟିକସ ଫାଙ୍କୁଥିଲେ। ଦ୍ୱିତୀୟତଃ ପ୍ରତ୍ୟେକ ନୂଆ ଟିକସ ବିକ୍ରି ମୂଲ୍ୟ ଉପରେ ଲାଗୁ ହେଉଥିବାରୁ ପୂର୍ବ ସ୍ତରରେ ଦିଆଯାଇଥିବା ଟିକସ ଉପରେ ପୁନର୍ବାର ଟିକସ ଦେବାକୁ ହେଉଥିଲା। ଏହା ଟିକସ ଉପରେ ଟିକସ ଭାବେ ପରିଚିତ ଥିଲା। ନିମ୍ନରେ ପ୍ରଦତ୍ତ ଉଦାହରଣ ଏହି ଟିକସ କଥାଟିକୁ ସ୍ପଷ୍ଟ କରେ।

| (କ) | (ଖ) | ଗ |
|---|---|---|
| ୧୦୦ ଟଙ୍କା | ୧୩୦ଟଙ୍କା | ୧୫୬ ଟଙ୍କା |

ଉଦାହରଣରେ 'କ' ହେଉଛନ୍ତି ଜଣେ ପାଇକାରୀ ବିକ୍ରେତା ବା ହୋଲ୍‌ସେଲର, 'ଖ' ହେଉଛନ୍ତି ଜଣେ ରିଟେଲର ବା ଖୁଚୁରା ବିକ୍ରେତା ଏବଂ 'ଗ' ହେଉଛନ୍ତି ଜଣେ କ୍ରେତା। ଯେତେବେଳେ 'ଗ' ବା କ୍ରେତା ୧୩୦ ଟଙ୍କା ଉପରେ ୨୦ ଶତାଂଶ ଟିକସ ଦେଉଛନ୍ତି ସେତେବେଳେ ତାଙ୍କୁ ଜିନିଷ ବିକିଥିବା 'ଖ' ଏହି ସାମଗ୍ରୀ 'କ'ଠାରୁ କିଣିବା ବେଳେ ଟିକସ ଦେଇସାରିଛନ୍ତି। ମାତ୍ର 'ଗ' ଯେତେବେଳେ ସେହି ସାମଗ୍ରୀ ଉପରେ ଟିକସ ଦେଉଛନ୍ତି ସେ ଜିନିଷର ପ୍ରକୃତ ମୂଲ୍ୟ ଉପରେ ଟିକସ ନ'ଦେଇ ଅର୍ଥାତ ୧୦୦+୨୦ = ୧୨୦ ଟଙ୍କା ଉପରେ





ଟିକସ ନ ଦେଇ 'ଖ' ଦେଇଥିବା (ଟ୧୦ ଏବଂ ୧୦ ଟଙ୍କାର ୨୦ ଶତାଂଶ) ଟିକସ ଉପରେ ମଧ୍ୟ ଟିକସ ଦେଉଛନ୍ତି। ଟିକସ ଉପରେ ଏଭଳି ଟିକସ ବ୍ୟବସ୍ଥା ଫଳରେ କ୍ରେତାକୁ ଶେଷରେ ଅଧିକ ମୂଲ୍ୟରେ ଜିନିଷ କିଣିବାକୁ ପୂର୍ବରୁ ପଡୁଥିଲା।

ନୂଆ ଜିଏସ୍‌ଟି ବ୍ୟବସ୍ଥାରେ ନିର୍ଦ୍ଦିଷ୍ଟ ଦ୍ରବ୍ୟ ବା ସେବା ଉପରେ କେବଳ ଗୋଟିଏ ପ୍ରକାର ଟିକସ ଲାଗୁ ହେବ ଏବଂ ଏହା ସାରା ଦେଶରେ ସମାନ ରହିବ। ସେହିଭଳି ପ୍ରତ୍ୟେକ ଉତ୍ପାଦନକାରୀ/ବିକ୍ରେତା ଓ ବ୍ୟବସାୟ ପ୍ରତିଷ୍ଠାନକୁ ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡିଟ୍ (ଆଇଟିସି) ନାମରେ କିଛି ଟିକସ ରିଆତି ସୁବିଧା ମିଳିବ। ଉପରୋକ୍ତ ଚିତ୍ରକୁ ଆଉଟିକେ ବିଶ୍ଳେଷଣ କଲେ ଏକଥାଟି ସରଳ ଭାବେ ବୁଝି ହେବ। ଯେତେବେଳେ 'ଖ' ୧୧୦ ଟଙ୍କାର ଇନ୍‌ପୁଟ ଯୁକ୍ତ ସାମଗ୍ରୀ କିଣୁଛି ସେଥିରେ ଟିକସ ବାବଦ ଦେୟ ୧୦ଟଙ୍କା ରହୁଛି। 'କ' ଯେତେବେଳେ ସେହି ଅର୍ଥ ସରକାରଙ୍କ ନିକଟରେ କ୍ରେତାଙ୍କ ସବିଶେଷ ବିବରଣୀ ସହ ଜମା କରୁଛି (ଏ କ୍ଷେତ୍ରରେ 'ଖ') ସେତେବେଳେ 'ଖ'କୁ ୧୦ ଟଙ୍କାର ଟିକସ ଇନ୍‌ପୁଟ୍ କ୍ରେଡିଟ୍ ଦେୟ ମିଳିବ। 'ଖ' ଯେତେବେଳେ ତାହାକୁ ଶେଷରେ 'ଗ'କୁ ୧୩୦ ଟଙ୍କାରେ ବିକିବ ସେତେବେଳେ 'ଖ'କୁ ଟିକସ ବାବଦରେ ସରକାରଙ୍କୁ ୧୩ ଟଙ୍କା (ଏବେ ଏକକ ୧୦% ଜିଏସ୍‌ଟି ହାର ହିସାବରେ) ଦେବାକୁ ହେବ। ତେବେ 'ଖ' ଇତିମଧ୍ୟରେ ୧୦ଟଙ୍କାର ଟିକସ କ୍ରେଡିଟ୍ ପାଇଥିବାରୁ ତାଙ୍କୁ ୧୩ ଟଙ୍କା ବଦଳରେ ମାତ୍ର ୩ ଟଙ୍କା ଟିକସ ଆକାରରେ ଦେବାକୁ ହେବ। ଜିଏସ୍‌ଟି ଏହି ବ୍ୟବସ୍ଥାରେ ଟିକସକୁ ସରଳ ଏବଂ ସହଜ କରିପାରିଛି ଏବଂ ଆଇଟିସି ଯୋଗୁଁ ଜିନିଷପତ୍ର ଉପରେ ଟିକସ ଉପରେ ଟିକସ ଦେବାକୁ ପଡୁନାହିଁ। ଏହା ଦ୍ୱାରା ଖାଉଟିଙ୍କ ପାଇଁ ଜିନିଷପତ୍ର ଶସ୍ତା ହେବ।

## ଖାଉଟି କିପରି ଲାଭାନ୍ୱିତ ହେବେ ?

ଜିଏସ୍‌ଟି ବ୍ୟବସ୍ଥା ଫଳରେ କ୍ରେତା ବା ଖାଉଟି ମୁଖ୍ୟତଃ ଦୁଇଟି ଉପାୟରେ ଉପକୃତ ହେବେ। ପ୍ରଥମତଃ ତତ୍କାଳ ପ୍ରତ୍ୟେକ ସାମଗ୍ରୀ / ସେବା ଉପରେ ଏକ ବାସ୍ତବ ନୂତନ ଟିକସ ହାର ଲାଗିବ। ଏହା ଫଳରେ କିଛି ସାମଗ୍ରୀର ମୂଲ୍ୟ ପୂର୍ବ ତୁଳନାରେ ବଢ଼ିବ କିମ୍ବା କମିବ ଏହା ନିଶ୍ଚିତ। ଉତ୍ପାଦନ ଓ ଯୋଗାଣ ଶୃଙ୍ଖଳାରେ ପରିବର୍ତ୍ତନ ଆସିଲେ ନିକଟ ଭବିଷ୍ୟତରେ ଜିଏସ୍‌ଟିର ପରୋକ୍ଷ ପ୍ରଭାବ ଅନୁଭୂତ ହେବ ଯାହା ଖାଉଟିଙ୍କୁ ସୁହାଇପାରେ।

ଜିଏସ୍‌ଟି ବ୍ୟବସ୍ଥାରେ ଦ୍ରବ୍ୟ ଓ ସେବାଗୁଡ଼ିକୁ ଚାରିପ୍ରକାର ଟିକସ ହାର ବ୍ୟବସ୍ଥା (ଟ୍ୟାକ୍ସ ସ୍ଲାବ)ର ଅନ୍ତର୍ଭୁକ୍ତ କରାଯାଇଛି। ଏହି ଟିକସହାର ହେଲା ୫%, ୧୨%, ୧୮% ଓ ୨୮%। ଯେଉଁ ଅତ୍ୟାବଶ୍ୟକ ସାମ୍ରଗୀଗୁଡ଼ିକୁ ଟିକସ ବ୍ୟବସ୍ଥାରୁ ମୁକ୍ତ ରଖାଯାଇଛି ତାହା ୦% ଟିକସ ବ୍ୟବସ୍ଥାର

ଅନ୍ତର୍ଭୁକ୍ତ। ଏହି ବିଭିନ୍ନ ପ୍ରକାର ଟିକସସ୍ତର କରାଯାଇଥିବାରୁ ପ୍ରାକ୍ ଜିଏସ୍‌ଟି ଟିକସ ହାର ତୁଳନାରେ ବିଭିନ୍ନ ସାମଗ୍ରୀର ବାସ୍ତବ ଟିକସ ହାରରେ ପାର୍ଥକ୍ୟ ଆସିବ। ଉଦାହରଣ ସ୍ୱରୂପ – ଧରନ୍ତୁ 'ପ' ନାମକ ଏକ ପଦାର୍ଥ ପୂର୍ବ ଟିକସ ବ୍ୟବସ୍ଥାରେ ଯାହା ଉତ୍ପାଦିତ ହୋଇ ସିଧାସଳଖ ଖାଉଟିଙ୍କୁ ବିକ୍ରି କରାଯାଉଥିଲା ତା'ଉପରେ ଅନ୍ତିମ ବିକ୍ରୟ ପୂର୍ବରୁ ଉତ୍ପାଦ ଟିକସ, ରାଜ୍ୟ ଭ୍ୟାଟ୍, ପ୍ରବେଶ ଟିକସ ଆଦି ବିଭିନ୍ନ କର ଲାଗୁ ହେଉଥିଲା। ଧରନ୍ତୁ ଏସବୁ ଟିକସର ମୋଟ୍ ପରିମାଣ ଥିଲା ୧୫ ଶତାଂଶ। ଏବେ ସେହି 'ପ' ଜିନିଷଟି ଯଦି ଜିଏସ୍‌ଟି ବ୍ୟବସ୍ଥାରେ ୧୮ ଶତାଂଶ ଟିକସ ହାର ବର୍ଗର ଅନ୍ତର୍ଭୁକ୍ତ ହୋଇଯିବ ତେବେ ତାହା ପୂର୍ବାପେକ୍ଷା ମହରଗ ହେବ। ତାହା ଯଦି ୧୨ କିମ୍ବା ୫ ଶତାଂଶ ଟିକସ ବର୍ଗରେ ଅନ୍ତର୍ଭୁକ୍ତ ହୋଇଥିବ ତାହେଲେ ତାହା ଶସ୍ତା ହେବ। ତେଣୁ ସାମଗ୍ରୀର ଟିକସହାର ବର୍ଗୀକରଣ ଅନୁସାରେ ଜିଏସ୍‌ଟି ପୂର୍ବ ଓ ପରବର୍ତ୍ତୀ ଅବସ୍ଥାରେ ସାମଗ୍ରୀର ମୂଲ୍ୟ ଶସ୍ତା ଅଥବା ମହରଗ ହେବ ଏବଂ ଏହା ବିଭିନ୍ନ ରାଜ୍ୟରେ ମଧ୍ୟ ଭିନ୍ନ ଭିନ୍ନ ଅନୁଭୂତ ହେବ।

ଜିଏସ୍‌ଟି ବ୍ୟବସ୍ଥାରେ କୃଷିଜାତ ଖାଦ୍ୟ ସାମଗ୍ରୀ ଯଥା ଖାଦ୍ୟଶସ୍ୟ, ଡାଲି, ଫଳ, ପନିପରିବା, କ୍ଷୀର ଏବଂ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଟିକସମୁକ୍ତ ହୋଇଛି। ସାଧାରଣ ପରିବାର ଏବାବଦରେ ନିଜ ମୋଟ ଖର୍ଚ୍ଚର ୪୦ରୁ ୪୫ ଶତାଂଶ କରିଥାନ୍ତି। ଅନ୍ୟାନ୍ୟ ଆବଶ୍ୟକ ପଦାର୍ଥ ଯଥା କୋଇଲା, ଚିନି, ଖାଇବା ତେଲ ଓ କଫି ଆଦିକୁ ୫ ଶତାଂଶ ଟିକସ ହାର ବର୍ଗରେ ରଖାଯାଇଛି। ଅପର ପକ୍ଷରେ ବି ଭିନ୍ନ ସେବାର ସାଧାରଣ ମାନକ ଟିକସ ହାର ୧୮ ଶତାଂଶ ଧାର୍ଯ୍ୟ ହୋଇଛି। ଏହା ପ୍ରାକ୍ ଜିଏସ୍‌ଟି ଟିକସ ହାରଠାରୁ ଅଧିକ। ଆଗରୁ ଏହା ୧୪ ରୁ ୧୫% ହାରରେ ଥିଲା। ତେବେ କଥା ହେଉଛି ପ୍ରାକ୍ ଜିଏସ୍‌ଟି କାଳରେ ଏକାଧିକ ଟିକସ ବିଭିନ୍ନ ସ୍ତରରେ ସାମଗ୍ରୀ ଉପରେ ଲାଗୁ ହେଉଥିବାରୁ ଦ୍ରବ୍ୟ ଓ ସାମଗ୍ରୀ ଉପରେ ବାସ୍ତବ ଟିକସ ହାର କେତେ ଥିଲା ତାହା ନିର୍ଣ୍ଣୟ କରିବା କଷ୍ଟ। କେତେକ ଅର୍ଥନୀତିଜ୍ଞଙ୍କ ମତରେ ପ୍ରାୟ ୫୦ ଶତାଂଶ ସାମଗ୍ରୀ ଉପରେ ଏବେ ଟିକସ ହାର ମୋଟାମୋଟି ପ୍ରାକ୍ ଜିଏସ୍‌ଟି ହାର ସଂଗେ ସମାନ ରହିବ, ୩୦ ଶତାଂଶ ସାମଗ୍ରୀ ଟିକସ ପୂର୍ବାପେକ୍ଷା କମ୍ ହେବ ଏବଂ ୨୦ ଶତାଂଶ ଜିନିଷର ଟିକସ ପ୍ରକୃତରେ ବଢ଼ିବ।

ଆଉ ଏକ ବାଟରେ ବାସ୍ତବ ଟିକସ ହାର ମଧ୍ୟ ପରିବର୍ତ୍ତିତ ହେବ। ଏହି ମାଧ୍ୟମଟି ହେଲା ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡିଟ୍ ବ୍ୟବସ୍ଥା। ଆଗରୁ ଯେପରି କୁହାଯାଇଛି ଏହି ପ୍ରକ୍ରିୟା ପ୍ରକୃତ ଟିକସ ହାରକୁ କମାଇବ। ସେ କଥା ଉଦାହରଣ ସହ ବୁଝାଇ ଦିଆଯାଇଛି। ଟିକସ କମିଲେ ଜିନିଷପତ୍ରର ଦରଦାମ ମଧ୍ୟ ଆପଣା ଛାଏଁ କମିବ; କାରଣ ଏହାଦ୍ୱାରା ଉଭୟ ଉତ୍ପାଦକ ଓ ବିକ୍ରେତାଙ୍କ ଉତ୍ପାଦନ ଓ ପରିବହନ ଆଦି ଖର୍ଚ୍ଚ କମିବ। ଏହା ଫଳରେ ଖାଉଟି ପୂର୍ବାପେକ୍ଷା କମ୍ ମୂଲ୍ୟରେ ଜିନିଷ ପାଇବେ। ଯେଉଁସବୁ ଉତ୍ପାଦକ ଓ ବିକ୍ରେତା ଏହି ଇନ୍‌ପୁଟ୍ ଜନିତ ଲାଭ ପାଇବେ ସେମାନେ ତାହାର ଲାଭାଂଶ ଯେପରି ଖାଉଟିଙ୍କୁ ଦିଅନ୍ତି ତା' ଉପରେ ଆବଶ୍ୟକ ନଜର ରଖିବାର ବ୍ୟବସ୍ଥା ହୋଇଛି। ସଂପୃକ୍ତ ଉତ୍ପାଦନ ଓ ବିକ୍ରୟକାରୀ ସଂସ୍ଥାଙ୍କ ପାଇଁ ସରକାର ଜିଏସ୍‌ଟିରେ ଏକ ଲାଭ ନିରୋଧକ ଧାରା ବା ଆଣ୍ଟି ପ୍ରଫିଟିୟରିଂ କ୍ଲଜ୍ ରଖିଛନ୍ତି। ଇନ୍‌ପୁଟ୍ ଲାଭ ପାଇ କମ୍ ମୂଲ୍ୟରେ ସାମଗ୍ରୀ ଉତ୍ପାଦନର ସୁଯୋଗ ପାଉଥିବା ଉତ୍ପାଦକ ଯଦି ଶସ୍ତାରେ ଖାଉଟିଙ୍କୁ ସାମଗ୍ରୀ ନ ଯୋଗାନ୍ତି ତା ହେଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏବେ ଜିନିଷ ଉପରେ ଯେଉଁ ଏମ୍‌ଆର୍‌ପି ବା ସର୍ବାଧିକ ବିକ୍ରି ମୂଲ୍ୟ ଲେଖାଯାଉଛି ତାହା ନୂଆ ବ୍ୟବସ୍ଥା ଅନୁସାରେ କରାଯାଉଛି କି ନାହିଁ ତାହା ତଦାରଖ କରି ଦେଖିବା ପାଇଁ ସରକାରୀ ବ୍ୟବସ୍ଥା ଓ ଲୋକବଳର ଆବଶ୍ୟକତା ରହିଛି। ତତ୍‌କାଳ



ଏହାକୁ ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟକାରୀ କରିବା କଷ୍ଟ। ଏଥିପାଇଁ ସମୟ ଲାଗିବ ଏବଂ ଏହା ଏକ କଷ୍ଟସାଧ୍ୟ ବ୍ୟବସ୍ଥା। ଏହା ଠିକଣାଭାବେ କାର୍ଯ୍ୟକାରୀ ହେଲେ ଅନେକ ଜିନିଷର ଦାମ୍ କମିବ।

ଅତ୍ୟାବଶ୍ୟକ କେତେକ ଜିନିଷର ସ୍ୱଳ୍ପ ଟିକସ ହାର ସତ୍ତ୍ୱେ କିଛି ଅର୍ଥଶାସ୍ତ୍ରୀ ଓ ବିଶ୍ଳେଷକ ମତ ଦିଅନ୍ତି ଯେ ଖୁବ୍ ଶୀଘ୍ର ଦେଶରେ ମୁଦ୍ରାସ୍ଫୀତି ବଢ଼ିବ ଏବଂ ସାମଗ୍ରୀ ମହଙ୍ଗା ହେବ। ଏହା ପଛରେ ସେମାନେ ଦୁଇଟି କାରଣ ଦେଖନ୍ତି। ପ୍ରଥମତଃ ଅନ୍ୟାନ୍ୟ ଦେଶ ଯଥା ଜାପାନ, ଅଷ୍ଟ୍ରେଲିଆ, କାନାଡ଼ା ଭଳି କେତେକ ଦେଶରେ ଜିଏସ୍‌ଟି ଲାଗୁ ହେବା ପରେ ପରେ ମୁଦ୍ରାସ୍ଫୀତି ସୃଷ୍ଟି ହୋଇଥିଲା। ଅତଏବ ଭାରତରେ ତାହା ଘଟିବ ବୋଲି ସେମାନେ ଅନୁମାନ କରୁଛନ୍ତି। ଦ୍ୱିତୀୟତଃ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସମୂହର ଟିକସ ଅନୁପାଳନ ବ୍ୟୟ ଜିଏସ୍‌ଟି ଦ୍ୱାରା ବଢ଼ିବ ବୋଲି ସେମାନେ ଅନୁମାନ କରୁଛନ୍ତି। ଏହା ଫଳରେ ସାମଗ୍ରୀ ଯୋଗାଣ କିଛି କାଳ ହ୍ରାସ ପାଇବ ଏବଂ ଚାହିଦା ଅନୁସାରେ ମିଳିବ ନାହିଁ। ଫଳରେ ମୁଦ୍ରାସ୍ଫୀତି ଘଟିବ ବୋଲି ସେମାନେ କହୁଛନ୍ତି। ଉତ୍ପାଦନ, ବ୍ୟବସାୟ ଓ ଯୋଗାଣ ଶୃଙ୍ଖଳାକୁ ଜିଏସ୍‌ଟି କିପରି ପ୍ରଭାବିତ କରିବ ଏବଂ ଏହାର ପ୍ରଭାବ ଗ୍ରାହକଙ୍କ ଉପରେ କିଭଳି ଅନୁଭୂତ ହେବ ସେ ବିଷୟରେ ଆସନ୍ତୁ ଆଲୋଚନା କରିବା। ଜିଏସ୍‌ଟି ପ୍ରବର୍ତ୍ତନ ପୂର୍ବରୁ ଭାରତରେ ବହୁ ସଂଖ୍ୟକ ବ୍ୟବସାୟୀ ଆନୁଷ୍ଠାନିକ ଅର୍ଥନୀତି ବାହାରେ ବ୍ୟବସାୟ କରୁଥିଲେ। ଅନେକ ବ୍ୟବସାୟୀଙ୍କର ଖାତା ଖତିୟାନ ବା ପଞ୍ଜୀକରଣ ନ ଥିଲା। ଜିଏସ୍‌ଟି ପ୍ରଚଳନ ଫଳରେ ସବୁ ବ୍ୟବସାୟୀ ପଞ୍ଜୀକରଣ କରିବାକୁ ବାଧ୍ୟ ହୋଇଛନ୍ତି। ପଞ୍ଜୀକୃତ ହେବା ଅର୍ଥ ଆନୁଷ୍ଠାନିକ ଅର୍ଥନୀତି ଭିତରେ ପ୍ରବେଶ। ପଞ୍ଜୀକୃତ ହେବା ପରେ ସେମାନେ ଟିକସ ଫାଙ୍କି ପାରିବେ ନାହିଁ କିମ୍ବା ସରକାରୀ ବିଧିବ୍ୟବସ୍ଥାରୁ ଖସିଯାଇ ପାରିବେନି। ପୂର୍ବରୁ ସେମାନେ ଆନୁଷ୍ଠାନିକ ବ୍ୟବସ୍ଥା ମଧ୍ୟରେ ନ ଥିବାରୁ ଟିକସ ଦେଇ ନ ଥିଲେ ଏବଂ ମନଇଚ୍ଛା ବ୍ୟବସାୟ କରୁଥିଲେ। ଏହାଦ୍ୱାରା କମ୍ ଲାଭ ରଖି ସେମାନେ ଅଧିକ କାରବାର କରିବାର ସୁଯୋଗ ପାଉଥିଲେ। ଏବେ ଷ୍ଟକ୍ ଯାଞ୍ଚଠାରୁ ପ୍ରତ୍ୟେକ କ୍ଷେତ୍ରରେ ପାଇ ପାଇ ହିସାବ ରଖି ଟିକସ ଦେବାକୁ ପଡ଼ିବ। ଟିକସ ନିୟମିତ ଭରଣା କଲେ ନିର୍ଦ୍ଧାରିତ ମୂଲ୍ୟଠାରୁ କମ୍ ବା ବେଶୀ ଦାମରେ ଜିନିଷ ବିକି ହେବ ନାହିଁ। ଇନ୍‌ପୁଟ୍ ଟିକସ କ୍ରେଡିଟ୍ ବ୍ୟବସ୍ଥା ପ୍ରଚଳନ ଫଳରେ ବ୍ୟବସାୟୀ କେବଳ ଅଧିକୃତ ଓ ପଞ୍ଜୀକୃତ ଉତ୍ପାଦନକାରୀ ବା ବ୍ୟବସାୟୀଙ୍କଠାରୁ ମାଲ୍ ନ କିଣିଲେ ଟିକସ ରିଆତି ପାଇବେ ନାହିଁ। ତେଣୁ ଯେଉଁ ବ୍ୟବସାୟୀ ପଞ୍ଜୀକୃତ କରି ଆନୁଷ୍ଠାନିକ ବ୍ୟବସ୍ଥାରେ ବ୍ୟବସାୟ କରିବେ ସେମାନେ ଟିକସ ଠକି ପାରିବେ ନାହିଁ କିମ୍ବା ଧାର୍ଯ୍ୟ ମୂଲ୍ୟରୁ ଅଧିକ ଦାମ୍‌ରେ ଜିନିଷ ବିକିପାରିବେ ନାହିଁ। ଏହା କଲେ ସେମାନେ କ୍ଷତିଗ୍ରସ୍ତ ଓ ଦଣ୍ଡିତ ହେବେ। ଆଗରୁ ଯେଉଁମାନେ ଅଣଆନୁଷ୍ଠାନିକ ବ୍ୟବସ୍ଥାରେ ଥିଲେ ସୋମନେ ନୂଆ ବ୍ୟବସ୍ଥାର ଅନ୍ତର୍ଭୁକ୍ତ ହେବା ପରେ ଆଉ ଶସ୍ତାରେ ଜିନିଷ ବିକିପାରିବେ ନାହିଁ, ଏହାର ପ୍ରଭାବ ଖାଉଟିଙ୍କ ଉପରେ କେତେକାଂଶରେ ପଡ଼ିବ।

ଶେଷରେ, ଜିଏସ୍‌ଟିର ବଡ଼ ଉତ୍ତମ ପ୍ରଭାବ ସାମଗ୍ରୀ ପରିବହନ ଉପରେ ଅନୁଭୂତ ହେବ। ବିଶେଷ କରି ସାମଗ୍ରୀର ଆନ୍ତଃ-ରାଜ୍ୟ ପରିବହନ କ୍ଷେତ୍ରରେ ଏହା ଅଧିକ ପଡ଼ିବ। ଆଗରୁ ବିଭିନ୍ନ ରାଜ୍ୟର ସୀମାନ୍ତ ତନଖି ଫାଟକ ନିକଟରେ ପ୍ରବେଶ କର ଓ ଅନ୍ୟାନ୍ୟା ଟିକସ ଦେବା ପାଇଁ ଟ୍ରକଗୁଡ଼ିକର ଯେଉଁ ଲମ୍ବା ଧାଡ଼ି ଲାଗୁଥିଲା ତାହା ଆଉ ଦେଖିବାକୁ ମିଳିବ ନାହିଁ। ଜିଏସ୍‌ଟିରେ ପୁରୁଣା ଟିକସ ସବୁ ମିଶିଯାଇଥିବାରୁ ସାମଗ୍ରୀର ଆନ୍ତଃରାଜ୍ୟ ପରିବହନ ଉପରୁ ଅନ୍ୟାନ୍ୟ ଟିକସ ଉଚ୍ଛେଦ କରାଯାଇଛି। ଏହି ଲେଖା ପ୍ରସ୍ତୁତ ହେବାବେଳକୁ ୨୨ଟି ରାଜ୍ୟ ନିଜର ତନଖି ଫାଟକ ଉଠାଇ ଦେଇଥିଲେ। ସାରା ଦେଶରେ ସାମଗ୍ରୀର ଏହି ଅବାଧ ପରିବହନ ଫଳରେ ପରିବହନ ବାବଦ ଖର୍ଚ୍ଚ ଯଥେଷ୍ଟ ହ୍ରାସ ପାଇଥିଲା। ଜିନିଷପତ୍ରର ଅଭାବ ମଧ୍ୟ ରହିବ ନାହିଁ। ଏହା ସାମଗ୍ରୀର ସାମଗ୍ରିକ ମୂଲ୍ୟ ହ୍ରାସରେ ସହାୟକ ହେବ।

**ଉପସଂହାର:**

ଜିଏସ୍‌ଟି ସ୍ୱାଧୀନ ଭାରତର ସବୁଠୁ ବଡ଼ ଟିକସ ସଂସ୍କାର ଭାବେ ପରିଗଣିତ ହେଉଛି। ଏହାର ଅନୁକୂଳ ପ୍ରଭାବ ଓ ସୁଫଳ ମିଳିବ ବୋଲି ଆଶା କରାଯାଏ। ଖାଉଟିଙ୍କ ସ୍ୱାର୍ଥ ଦୃଷ୍ଟିରୁ ବିଚାର କଲେ ଦେଖାଯାଏ ଯେ ଜିଏସ୍‌ଟି ସାମଗ୍ରିକ ଦରଦାମ ହ୍ରାସ କରିବାକୁ ଏବେ ସକ୍ଷମ ହେବ ନାହିଁ। ଏହାଦ୍ୱାରା କିଛି ସାମଗ୍ରୀ ଶସ୍ତା ଓ ଆଉ କିଛି ମହଙ୍ଗା ହେବ। ବିଭିନ୍ନ ସାମଗ୍ରୀ ଭିନ୍ନ ଭିନ୍ନ ଟିକସ ଶ୍ରେଣୀରେ ରହିଥିବାରୁ ଏହା ଘଟିବ। ତେବେ ଭବିଷ୍ୟତରେ ଅଧିକାଂଶ ସାମଗ୍ରୀର ମୂଲ୍ୟ କମିବ ବୋଲି ଆଶା କରାଯାଏ। ଅନ୍ୟାନ୍ୟ ଯେଉଁ ଦେଶରେ ଜିଏସ୍‌ଟି ଲାଗୁ ହୋଇଛି ସେଠାରେ ଭାରତ ଭଳି ଜିନିଷପତ୍ରକୁ ଏତେ ଅଧିକ ଭାଗରେ ବିଭକ୍ତ କରାଯାଇ ଭିନ୍ନ ଭିନ୍ନ ଟିକସ ଶ୍ରେଣୀର ଅନ୍ତର୍ଭୁକ୍ତ କରାଯାଇ ନାହିଁ। ଦ୍ୱିତୀୟରେ ଭାରତ ଭଳି ଅନ୍ୟତ୍ର ସର୍ବୋଚ୍ଚ ଜିଏସ୍‌ଟି ହାର ୨୮% ଅନ୍ୟ କେଉଁଠି ନାହିଁ। ଏହା ଅନ୍ୟତ୍ର ସର୍ବାଧିକ ୧୪ ଶତାଂଶ ରହିଛି। ଏହା ଫଳରେ ଭାରତରେ କିଛି ସାମଗ୍ରୀର ମୂଲ୍ୟ ଅଧିକ ରହିବ। ଜିଏସ୍‌ଟି ଏବେ ଲାଗୁ ହୋଇଛି। କାଳକ୍ରମେ ଏହାର ଭଲମନ୍ଦ ଜାଣି ହେବ ଏବଂ ଏହା ଖାଉଟିଙ୍କ ଉପକାରରେ ଆସୁଛି କି ନାହିଁ ସମୟ କହିବ।

(ଲେଖକ ନୂଆଦିଲ୍ଲୀସ୍ଥିତ ସେଣ୍ଟର ଫର୍ ବଜେଟ୍ ଆଣ୍ଡ୍ ଗଭର୍ଣ୍ଣାନ୍ସ ଆକାଉଣ୍ଟେବିଲିଟିରେ କାର୍ଯ୍ୟରତ)

# ଦ୍ରବ୍ୟ ଓ ସେବାକର ଏବଂ ଓଡ଼ିଶା

● ସନ୍ତୋଷ ମହାପାତ୍ର

ଅନେକ ବାଧାବିଘ୍ନ ତଥା ଦୀର୍ଘ ଦିନର ପ୍ରତିକ୍ଷା ପରେ ଜୁନ ୩୦ ତାରିଖରେ ସଂସଦରେ ମଧ୍ୟ ରାତ୍ରର ଅଧିବେଶନ ପରେ ଏତିହାସିକ ଦ୍ରବ୍ୟ ଓ ସେବାକର (ଜି.ଏସ୍.ଟି) ଲାଗୁ କରାଯାଇଛି । ସଂସଦର ସେଣ୍ଟ୍ରାଲ ହଲରେ ମଧ୍ୟରାତ୍ରରେ ଆୟୋଜିତ ସ୍ୱତନ୍ତ୍ର ଅଧିବେଶନରେ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମିଳିତ ଭାବେ ଜି.ଏସ୍.ଟି ଉଦ୍‌ଘାଟନ କରିଛନ୍ତି । ଏହାକୁ ସ୍ୱାଧିନତା ପରବର୍ତ୍ତୀ ଦେଶର ସବୁଠାରୁ ବଡ଼ ଆର୍ଥିକ ସଂସ୍କାର ବୋଲି ସରକାରଙ୍କ ପକ୍ଷରୁ ପ୍ରଚାର କରାଯାଉଛି । ଏପରିକି ଏହାକୁ ଅର୍ଥନୈତିକ ସ୍ୱାଧୀନତା ବୋଲି କୁହାଯାଇଛି । ସ୍ୱାଧୀନତା ପରଠାରୁ ଗୋଟିଏ ଦେଶ, ଗୋଟିଏ ଟିକସ ଓ ଗୋଟିଏ ବଜାର ଟିକସ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ଲାଗି ହୋଇ ଆସୁଥିବା ଉଦ୍ୟମ ଶେଷରେ ଫଳପ୍ରଦ ହୋଇଛି ବୋଲି ସରକାରଙ୍କ ତରଫରୁ କୁହାଯାଇଛି । ୧୩୦ କୋଟି ଜନତାଙ୍କ ପାଇଁ ୨ ଲକ୍ଷ କୋଟି ଡ଼ଲାରର ଭାରତୀୟ ଅର୍ଥନୀତି ଗୋଟିଏ ବଜାରରେ ପରିଣତ ହୋଇଛି ବୋଲି ମଧ୍ୟ ପ୍ରଚାର କରାଯାଉଛି । ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଜିଏସ୍‌ଟିକୁ ଏକ ଏତିହାସିକ ପଦକ୍ଷେପ ତଥା ପରିପକ୍ୱ ଗଣତନ୍ତ୍ରର ପ୍ରତିଫଳନ ଭାବେ ଅଭିହିତ କରିଲାବେଳେ ଜି.ଏସ୍.ଟି କାର୍ଯ୍ୟକାରୀ ହେବାରେ କୌଣସି ନିର୍ଦ୍ଦିଷ୍ଟ ଦଳକୁ ଶ୍ରେୟ ଦିଆଯିବ ନାହିଁ ବୋଲି ପ୍ରଧାନ ମନ୍ତ୍ରୀ ସ୍ୱୀକାର କରିଛନ୍ତି । ଏହା ଭାରତ ନିର୍ମାଣକୁ ସାକାର କରିବ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ମତ ଦେଇଛନ୍ତି ।

ଆମ ଦେଶରେ ୧୯୯୧ରୁ ଆର୍ଥିକ ସଂସ୍କାର କାର୍ଯ୍ୟକାରୀ ହେବାଠାରୁ ଜି.ଏସ୍.ଟି ର ପରିକଳ୍ପନା କରାଯାଇଛି । ତତ୍କାଳୀନ କେନ୍ଦ୍ର ଅର୍ଥମନ୍ତ୍ରୀ ଡ଼. ମନମୋହନ ସିଂହ ଭାଟ୍ କଥା ଉଠାଇଥିଲେ । ୧୯୮୬ ଜାନୁଆରୀ ମାସରେ ତତ୍କାଳୀନ କେନ୍ଦ୍ର ଅର୍ଥମନ୍ତ୍ରୀ ବିଶ୍ୱନାଥ ପ୍ରତାପ ସିଂହ ଏକ୍ସାଇଜ୍ ବା ଉତ୍ପାଦ ଶୁଳ୍କରେ ବଡ଼ଧରଣର ପରିବର୍ତ୍ତନ ଆଣିବା ପାଇଁ ୧୯୮୬-୮୭ ବଜେଟ୍‌ରେ ପ୍ରସ୍ତାବ ଦେଇଥିଲେ । ସେ ମୋଡ଼ିଫାଏଡ୍ ଭାଲ୍ୟୁ ଆଡେଡ୍ ଟ୍ୟାକ୍ସ (ମୋଡ୍ ଭ୍ୟାଟ) ପ୍ରଚଳନ କରିଥିଲେ । ୧୯୯୯ ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ତାଙ୍କର ଅର୍ଥନୈତିକ ପରାମର୍ଶଦାତା ଯଥା ଆଇ.ଜି.ପଟେଲ, ବିମଳ ଜଲାନ, ସି.ରଙ୍ଗରାଜନଙ୍କ ସହିତ ପରାମର୍ଶ କରିବା ପରେ ଜି.ଏସ୍.ଟି ପ୍ରଚଳନ ପାଇଁ ଚିନ୍ତା କରିଥିଲେ । ପରେ ୨୦୦୦ ମସିହାରେ ତତ୍କାଳୀନ ପଶ୍ଚିମବଙ୍ଗର ଅର୍ଥ ମନ୍ତ୍ରୀ ଅସୀମ ଦାସଗୁପ୍ତାଙ୍କ ଅଧକ୍ଷତାରେ ଭାଟ୍ ସମ୍ପର୍କିତ କ୍ଷମତା ସମ୍ପନ୍ନ କମିଟି ଗଠନ କରାଯାଇଥିଲା । ୨୦୦୩ରେ ଟିକସ କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ କେଲକାରଙ୍କ ନେତୃତ୍ୱରେ ଏକ ବିଶେଷଜ୍ଞ ଗୋଷ୍ଠୀ ଗଠନ କରାଯାଇଥିଲା ଯାହା ୨୦୦୫ରେ ଜି.ଏସ୍.ଟି କାର୍ଯ୍ୟକାରୀ କରିବା ପାଇଁ ରିପୋର୍ଟ ଦେଇଥିଲା । ଦ୍ୱାଦଶ ବିତ୍ତ ଆୟୋଗ ମଧ୍ୟ ଅନୁରୂପ ମନ୍ତବ୍ୟ ଦେଇଥିଲେ । ୨୦୦୬ ଫେବୃୟାରୀ ୨୮ ରେ ବଜେଟ ଅଭିଭାଷଣରେ ତତ୍କାଳୀନ କେନ୍ଦ୍ର ଅର୍ଥମନ୍ତ୍ରୀ ପି.ଚିଦାମ୍ବରମ୍ ୨୦୧୦ ଏପ୍ରିଲ ୧ ସୁଦ୍ଧା ଜି.ଏସ୍.ଟିକୁ କାର୍ଯ୍ୟକାରୀ କରିବା ପାଇଁ ସୀମା ନିର୍ଦ୍ଧାରଣ କରିଥିଲେ । ୨୦୧୧ ମାର୍ଚ୍ଚ ୨୨ ରେ ଉପା-୨ ସରକାର ଲୋକସଭାରେ ଜି.ଏସ୍.ଟି ବିଲ୍ ଆଗତ କରିଥିଲେ ଯାହାକୁ କିଛି ବିରୋଧି ଦଳ ବିରୋଧ କରିଥିଲେ । ଉପା ସରକାର ପରେ ବର୍ତ୍ତମାନର ଏନ୍.ଡ଼ି.ଏ ସରକାରଙ୍କ ପ୍ରଚେଷ୍ଟା ଯୋଗୁଁ ୨୦୧୫ ମେ ୫ରେ ଲୋକ ସଭାରେ ଏବଂ ୨୦୧୬ ଅଗଷ୍ଟ ୩ ରେ ରାଜ୍ୟ ସଭାରେ ଗୃହିତ ହୋଇଛି । ଯାହା ବର୍ତ୍ତମାନ ୨୦୧୭ ଜୁଲାଇ ପହିଲାରୁ ଏହା କାର୍ଯ୍ୟକାରୀ ହେଲା

ନିକଟରେ ଓଡ଼ିଶା ବିଧାନ ସଭାରେ ରାଜ୍ୟ ଦ୍ରବ୍ୟ ଓ ସେବା (ଜି.ଏସ୍.ଟି) ବିଲ୍ ଏବଂ ଭାଟ ସଂଶୋଧିତ ବିଲ୍ ୨୦୧୭ ଗୃହିତ ହୋଇଛି । ଜି.ଏସ୍.ଟି ଏକ ପ୍ରକାର ନ ହୋଇ ୪ ପ୍ରକାର ହେବ । ପ୍ରଥମଟି ରାଜ୍ୟ ଜି.ଏସ୍.ଟି ବା ଏସ୍.ଜି.ଏସ୍.ଟି, ଦ୍ୱିତୀୟଟି କେନ୍ଦ୍ର ଜି.ଏସ୍.ଟି (ସି. ଜି.ଏସ୍.ଟି), ତୃତୀୟଟି ହେଉଛି ସମନ୍ୱିତ ଜି.ଏସ୍.ଟି ବା ଇଣ୍ଟିଗ୍ରେଟେଡ଼ ଜି.ଏସ୍.ଟି ବା ଆଇ.ଜି.ଏସ୍.ଟି । ଏତଦ୍ ବ୍ୟତୀତ ରାଜ୍ୟ ଜି.ଏସ୍.ଟି ପରି କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ୟୁ.ଟି. ଜି.ଏସ୍.ଟି ଧାର୍ଯ୍ୟ ହେବ । ବିକ୍ରେତାମାନେ ରାଜ୍ୟ ଜି.ଏସ୍.ଟି କୁ ରାଜ୍ୟ ସରକାରଙ୍କୁ ପ୍ରେରଣ କଲାବେଳେ, କେନ୍ଦ୍ର ଜି.ଏସ୍.ଟି.କୁ କେନ୍ଦ୍ର ସରକାରଙ୍କୁ ପ୍ରେରଣ କରିବେ । ସମନ୍ୱିତ ଜି.ଏସ୍.ଟି ଯାହା ଆନ୍ତରାଜ୍ୟ ପରିବହନ କ୍ଷେତ୍ରରେ ଆଦାୟ ହେବ ତାହା କେନ୍ଦ୍ର ସରକାର ପ୍ରାପ୍ତ ହେବେ । ପୂର୍ବରୁ ଯାହା କେନ୍ଦ୍ରୀୟ ବିକ୍ରୟ କର (ସି.ଏସ୍.ଟି) ଥିଲା ତାହା ସମନ୍ୱିତ ଜି.ଏସ୍.ଟି ଭାବେ ପରିବର୍ତ୍ତିତ ହୋଇଛି । ବିଶ୍ୱର କିଛି ଦେଶରେ ଜି.ଏସ୍.ଟିର ରୂପଭେଦ ଭିନ୍ନ ରହିଛି ।


୧୯୭୧ରେ ନୋବେଲ୍ ବିଜେତା ପେଟର୍ ଡ଼ାୟାମଣ୍ଡ କହିଥିଲେ ଯେ ବିଭିନ୍ନ ମଧ୍ୟବର୍ତ୍ତୀ ଦ୍ରବ୍ୟ ଉପରେ ଟିକସ ଶୂନ ହେବା ଆବଶ୍ୟକ । ଅର୍ଥାତ ଚୂଡ଼ାନ୍ତ ଦ୍ରବ୍ୟ ବିକ୍ରୟ ବେଳେ ମଧ୍ୟବର୍ତ୍ତୀ ଦ୍ରବ୍ୟରେ ଯେଉଁ ଟିକସ ଆଦାୟ ହୋଇଥିବ ତାକୁ ବାଦଦେଇ ଟିକସ ଆଦାୟ କରିବା ଉଚିତ । ଏହାକୁ ଭିତ୍ତି କରି ମୂଲ୍ୟଯୁକ୍ତ କର (ଭାଟ୍) ଏବଂ ଜି.ଏସ୍.ଟି ପ୍ରଚଳନ ହୋଇଛି । ଯେଉଁଥିରେ ଟିକସ ଉପରେ ଟିକସ ପଡ଼ିବ ନାହିଁ । ମନେକର ଏକ ଦ୍ରବ୍ୟର ଉତ୍ପାଦିତ ମୂଲ୍ୟ ୧୦୦ ଟଙ୍କା । ଯଦି ଜି.ଏସ୍.ଟି ହାର ୧୮ % ହୁଏ ତେବେ ଏହାର ମୂଲ୍ୟ ୧୧୮ ଟଙ୍କା ହେବ । ଏହାପରେ ଏହି ଦ୍ରବ୍ୟକୁ ଲାଭ ଇତ୍ୟାଦି ମିଶାଇ ୧୪୮ ଟଙ୍କାରେ ବିକ୍ରୟ କରାଗଲା । ୧୪୮ ଟଙ୍କାରେ ୧୮% ଜି.ଏସ୍.ଟି ଆଦାୟ ନ କରାଯାଇ (ଟ୧୪୮ - ଟ୧୧୮)=ଟ୩୦ ଉପରେ ୧୮% ଜି.ଏସ୍.ଟି ଆଦାୟ ହେବ । ଅର୍ଥାତ ଭାଟ ବା ଜି.ଏସ୍.ଟି ରେ ଟିକସ ଉପରେ ଆଉ ଟିକସ ପଡ଼ିବ ନାହିଁ । ଭାଟ୍ କେବଳ ଦ୍ରବ୍ୟ ବା ସାମଗ୍ରୀ ଉପରେ ଧାର୍ଯ୍ୟ ହେଉଥିଲା ବେଳେ ଜି.ଏସ୍.ଟି ଦ୍ରବ୍ୟ ଓ ସେବା ଉପରେ ଧାର୍ଯ୍ୟ ହେବ । ଭାଟ୍ ଏକ ରାଜ୍ୟର ନିୟମ ଅନୁଯାୟୀ ସ୍ଥିର ହୋଇଥାଏ ଏବଂ ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ହୋଇଥାଏ । କିନ୍ତୁ ଜି.ଏସ୍.ଟି ସମଗ୍ର ଦେଶରେ ଏକ ସମାନ ହାରରେ ପ୍ରଚଳନ ହୋଇଥାଏ । ଭାଟ୍ ଗୋଟିଏ ଟିକସ ହୋଇଥିଲା ବେଳେ ଜି.ଏସ୍.ଟି ଅନେକ ଗୁଡ଼ିଏ ପରୋକ୍ଷ କରର (ଭାରତରେ ୧୭ଟି) ସମ୍ମିଶ୍ରଣ ଅଟେ । କେନ୍ଦ୍ରର ପ୍ରତ୍ୟକ୍ଷ କର ଯଥା - ଆୟକର, କର୍ପୋରେଟ ଟିକସ, ପୁଞ୍ଜି ଲାଭକର, ସମ୍ପଦ କର ତଥା ରାଜ୍ୟର ପ୍ରତ୍ୟକ୍ଷ କର ଯଥା ବୃତ୍ତିକର (ପ୍ରଫେସନାଲ ଟ୍ୟାକ୍ସ) ଜି.ଏସ୍.ଟି ଅନ୍ତର୍ଭୁକ୍ତ ନୁହେଁ । କେନ୍ଦ୍ରିୟ ପରୋକ୍ଷ କର ଯଥା – ସେବା ଟିକସ କେନ୍ଦ୍ରୀୟ ଅବକାରୀ ଶୁଳ୍କ, ଅତିରିକ୍ତ ସୀମା ଶୁଳ୍କ (କାଉଣ୍ଟର ଭେଲିଂ ଡ୍ୟୁଟି ବା ପ୍ରତିରୋଧକାରୀ ଶୁଳ୍କ), ସେବା ଓ ଦ୍ରବ୍ୟ ସମ୍ପର୍କିତ ଅତିରିକ୍ତ କେନ୍ଦ୍ରୀୟ ସରଚାର୍ଜ, ସେସ୍ (ପରିବେଶ ସେସ୍‌କୁ ବାଦ୍ ଦେଇ) ତଥା ରାଜ୍ୟମାନଙ୍କ ପରୋକ୍ଷରେ ଯଥା ଭାଟ୍ ବା ବିକ୍ରୟ କର, କେନ୍ଦ୍ରୀୟ ବିକ୍ରୟ କର, ଅକଟ୍ରାଇ ଟ୍ୟାକ୍ସ ବା ପ୍ରବେଶିକା ଶୁଳ୍କ, ଏଣ୍ଟ୍ରି ଟ୍ୟାକ୍ସ ବା ପ୍ରବେଶ କର, ବିଳାସ କର, ଦ୍ରବ୍ୟ ଓ ସେବା ଯୋଗାଣ ସମ୍ପର୍କିତ ରାଜ୍ୟ ସରଚାର୍ଜ ଓ ସେସ୍ ର ସମ୍ମିଶ୍ରଣରେ ଜି.ଏସ୍.ଟି ନାମକ ଏକକ ପରୋକ୍ଷଙ୍କର ପ୍ରଚଳିତ ହୋଇଛି । ରାଜ୍ୟର ଲୋକାଲ୍ ବଡ଼ିଜ୍ ବା ସ୍ଥାନୀୟ ସଂସ୍ଥା ଦ୍ୱାରା ଧାର୍ଯ୍ୟ ଟିକସ ଯଥା ହୋଲଡ଼ିଂ ଟ୍ୟାକ୍ସ ଇତ୍ୟାଦି ଜି.ଏସ୍.ଟି ର ଅନ୍ତର୍ଭୁକ୍ତ ହେବ ନାହିଁ । ସେହିପରି ରାଜ୍ୟମାନେ ପେଟ୍ରୋଲିୟମ୍ ଜାତ ଦ୍ରବ୍ୟ, ମଦ ବା ଆଲ୍‌କୋହଲ, ତମାଖୁ ଓ ଧୂଆଁପତ୍ର ଉପରେ ଟିକସ ଧାର୍ଯ୍ୟ କରିବେ । ଏଥିପାଇଁ ସେମାନେ ନିଜସ୍ୱ ନିୟମ ପ୍ରଣୟନ କରିବେ । ନିକଟରେ ଓଡ଼ିଶା ବିଧାନ ସଭାରେ ରାଜ୍ୟ ଦ୍ରବ୍ୟ ଓ ସେବା (ଜି.ଏସ୍.ଟି) ବିଲ୍ ଏବଂ ଭାଟ ସଂଶୋଧିତ ବିଲ୍ ୨୦୧୭ ଗୃହିତ ହୋଇଛି ।

> ଜୁଲାଇ ୧ ରୁ ୱେ ବିଲ ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇ ଇ-ୱେ-ବିଲ୍ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି । ଇ-ୱେ-ବିଲ୍ କାର୍ଯ୍ୟକାରୀ କରିବାରେ ଦେଶରେ ଓଡ଼ିଶା ପ୍ରଥମ ରାଜ୍ୟ । ୫୦,୦୦୦ ଟଙ୍କା କିମ୍ବା ତଦୁର୍ଦ୍ଧ ମୂଲ୍ୟର ମାଲ୍ ରାଜ୍ୟ ବାହାରୁ ପରିବହନ କରିବାକୁ ହେବ । ଏଥିପାଇଁ ଜି.ଏସ୍.ଟି ନେଟୱର୍କର ୱେବସାଇଟ୍‌ର ଅନ୍‌ଲାଇନ୍‌ରେ ପଞ୍ଜିକରଣ କରିବାକୁ ହେବ । ଉଦାହରଣ ସ୍ୱରୂପ ଯେଉଁ ଦ୍ରବ୍ୟ କାରବାର ହେଲା ତାହାର ସବିଶେଷ ତଥ୍ୟ ଜି.ଏସ୍.ଟି ପୋର୍ଟାଲରେ ଅପଲୋଡ଼୍ ହେବା ଆବଶ୍ୟକ । ଯଦି କୌଣସି ଦ୍ରବ୍ୟ ଗୋଟିଏ ଟ୍ରକରୁ ଆଉ ଗୋଟିଏ ଟ୍ରକରେ ସ୍ଥାନାନ୍ତର ହେଲା ତେବେ ସେଥିପାଇଁ ଦୁଇଟି ଇ-ୱେ ବିଲ ବାହାର କରିବାକୁ ହେବ । ଯାହାଟିକେ ବ୍ୟୟ ସାପେକ୍ଷ ଏବଂ ଅସୁବିଧାରେ ପକାଇପାରେ ।

ଜି.ଏସ୍.ଟି ଏକ ପ୍ରକାର ନ ହୋଇ ୪ ପ୍ରକାର ହେବ । ପ୍ରଥମଟି ରାଜ୍ୟ ଜି.ଏସ୍.ଟି ବା ଏସ୍.ଜି.ଏସ୍.ଟି, ଦ୍ୱିତୀୟଟି କେନ୍ଦ୍ର ଜି.ଏସ୍.ଟି (ସି.ଜି.ଏସ୍.ଟି), ତୃତୀୟଟି ହେଉଛି ସମନ୍ୱିତ ଜି.ଏସ୍.ଟି ବା ଇଣ୍ଟିଗ୍ରେଟେଡ଼ ଜି.ଏସ୍.ଟି ବା ଆଇ.ଜି.ଏସ୍.ଟି । ଏତଦ୍ ବ୍ୟତୀତ ରାଜ୍ୟ ଜି.ଏସ୍.ଟି ପରି କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ୟୁ.ଟି. ଜି.ଏସ୍.ଟି ଧାର୍ଯ୍ୟ ହେବ । ବିକ୍ରେତାମାନେ ରାଜ୍ୟ ଜି.ଏସ୍.ଟି କୁ ରାଜ୍ୟ ସରକାରଙ୍କୁ ପ୍ରେରଣ କଲାବେଳେ, କେନ୍ଦ୍ର ଜି.ଏସ୍.ଟି.କୁ କେନ୍ଦ୍ର ସରକାରଙ୍କୁ ପ୍ରେରଣ କରିବେ । ସମନ୍ୱିତ ଜି.ଏସ୍.ଟି ଯାହା ଆନ୍ତରାଜ୍ୟ ପରିବହନ କ୍ଷେତ୍ରରେ ଆଦାୟ ହେବ ତାହା କେନ୍ଦ୍ର ସରକାର ପ୍ରାପ୍ତ ହେବେ । ପୂର୍ବରୁ ଯାହା କେନ୍ଦ୍ରୀୟ ବିକ୍ରୟ କର (ସି.ଏସ୍.ଟି) ଥିଲା ତାହା ସମନ୍ୱିତ ଜି.ଏସ୍.ଟି ଭାବେ ପରିବର୍ତ୍ତିତ ହୋଇଛି । ବିଶ୍ୱର କିଛି ଦେଶରେ ଜି.ଏସ୍.ଟିର ରୂପଭେଦ ଭିନ୍ନ ରହିଛି । ଫ୍ରାନ୍ସ ପ୍ରଥମେ ଟିକସ ଫାଙ୍କି ରୋକିବା ପାଇଁ ଜି.ଏସ୍.ଟି ପ୍ରଚଳନ କରିଥିଲା । ପରେ ୧୪୦ ଟି ଦେଶରେ ଏହା ପ୍ରଚଳନ ହୋଇଛି । ଅଷ୍ଟ୍ରେଲିଆରେ କେନ୍ଦ୍ର ସରକାର ଜି.ଏସ୍.ଟି ପରିଚାଳନା କରିଥାନ୍ତି ଏବଂ ସଂଗୃହିତ ରାଜସ୍ୱ ଉଭୟ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବଣ୍ଟନ ହୋଇଥାଏ । ବିଶ୍ୱର ବୃହତ୍ତମ ଅର୍ଥନୀତି ଆମେରିକାରେ ପ୍ରତ୍ୟେକ ରାଜ୍ୟ ବିଭିନ୍ନ ପ୍ରକାର ବିକ୍ରୟକର ଧାର୍ଯ୍ୟ କରିଥାନ୍ତି । କାହା ମଧ୍ୟରେ ରାଜସ୍ୱ ବଣ୍ଟନ ହୋଇ ନଥାଏ । କିଛି ଦେଶରେ ଦ୍ୱୈତ ଜି.ଏସ୍.ଟି ରହିଛି । ବ୍ରାଜିଲ୍ ଓ କାନାଡ଼ା ତାହାର ଉଦାହରଣ । ଦ୍ୱୈତ ଜି.ଏସ୍.ଟି ଅର୍ଥ କେନ୍ଦ୍ର ଓ ଟିକସ ଧାର୍ଯ୍ୟ କରିଥାନ୍ତି । ୟୁରୋପୀୟ ଦେଶରେ କେବଳ ଏକ ପ୍ରକାର ଟିକସ ରହିଛି । କାନାଡ଼ା ମଡ଼େଲ୍ ଭାରତ ଅନୁସରଣ କରୁଛି ।

ଆମ ଦେଶରେ ୫ ଥାକିଆ ଜି.ଏସ୍.ଟି ଲାଗୁ ହୋଇଛି । ତାହା ହେଲା ୦%, ୫%, ୧୨%, ୧୮% ଏବଂ ୨୮% । ଏହା ବ୍ୟତୀତ ସୁନା ଉପରେ ୩%, ହୀରା ଉପରେ ୦ ଦଶମିକ ୨୫% ଜି.ଏସ୍.ଟି ଧାର୍ଯ୍ୟ ହେବ । ଜି.ଏସ୍.ଟି ଯୋଗୁଁ


କିଛି ଦ୍ରବ୍ୟ ଓ ସେବା ଶସ୍ତା ହେଲାବେଳେ କିଛି ମହଙ୍ଗା ହେବ । କେଉଁ କେଉଁ ଦ୍ରବ୍ୟ ଓ ସେବାର ମୂଲ୍ୟ କମ୍ ବା ଅଧିକ ହେବ ତାହା ନିର୍ଭର କରୁଛି ପୂର୍ବ ପ୍ରଭାବୀ ଟିକସ ହାର ଏବଂ ଜି.ଏସ୍.ଟି ଲାଗୁ ପରେ ନୂତନ ପ୍ରଭାବୀ ଟିକସ ହାର ଉପରେ । ଜି.ଏସ୍.ଟି ଯୋଗୁଁ ଗରିବମାନେ ଉପକୃତ ହେବେ ବୋଲି ସରକାରଙ୍କ ତରଫରୁ କୁହାଯାଇଛି । ଭାରତରେ ଷ୍ଟାଣ୍ଡାର୍ଡ଼ ଜି.ଏସ୍.ଟି ହାର ୧୮% ରଖାଯାଇଛି, ଯାହା ୮୧% ଦ୍ରବ୍ୟ ସେବା ଉପରେ ଧାର୍ଯ୍ୟ ହେବ । ଅନ୍ୟ ଦେଶ ଯଥା ବାଂଲାଦେଶର ଏହା ୧୫% ହୋଇଥିଲା ବେଳେ ଅଷ୍ଟ୍ରେଲିଆ (୧୦%), ଚୀନ (୧୭%), ସ୍ୱିଜରଲ୍ୟାଣ୍ଡ (୮%), ଦକ୍ଷିଣ କୋରିଆ (୧୦%), ଇଣ୍ଡୋନେସିଆ (୧୦%), ଜାପାନ୍ (୮%), ପାକିସ୍ତାନ (୧୭%), ଇଟାଲୀ (୧୭%), ଶ୍ରୀଲଙ୍କା (୧୫%), ସିଙ୍ଗାପୁର (୭%), ଆମେରିକା (୧୧ ଦଶମିକ ୭୫%) ରହିଛି । ସର୍ବନିମ୍ନ ଜି.ଏସ୍.ଟି ହାର ଅରୁବାରେ ୧ ଦଶମିକ ୫% ହୋଇଥିଲା ବେଳେ ହଙ୍ଗେରୀରେ ସର୍ବାଧିକ ୨୮% ଜି.ଏସ୍.ଟି ଲାଗୁ ହେବା ପରେ ବିଭିନ୍ନ ଦ୍ରବ୍ୟ ଓ ସେବାର ମୂଲ୍ୟରେ ପରିବର୍ତ୍ତନ ଘଟିଛି । ଏଣୁ କେନ୍ଦ୍ର ଖାଦ୍ୟ ଏବଂ ଖାଉଟି ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ସର୍ବାଧିକ ଖୁଚୁରା ମୂଲ୍ୟ (ଏମ୍.ଆର.ପି) ନେଇ ନିୟମ ପ୍ରସ୍ତୁତ କରାଯାଇଛି । ଏମ୍.ଆର୍.ପି ବୃଦ୍ଧି କରିଲେ ନିର୍ମାତା ମାନଙ୍କୁ ଖବରକାଗଜରେ ବିଜ୍ଞାପନ ଦେଇ ଗ୍ରାହକମାନଙ୍କୁ ଅବଗତ କରାଇବାର ବ୍ୟବସ୍ଥା ହୋଇଛି । ମୂଲ୍ୟ କମିଲେ ଯଦିଓ ବିଜ୍ଞାପନ ଦେବାର ଆବଶ୍ୟକତା ନାହିଁ ତଥାପି ଉଭୟ ମୂଲ୍ୟ ବୃଦ୍ଧି ଏବଂ ମୂଲ୍ୟ ହ୍ରାସ କ୍ଷେତ୍ରରେ ଦ୍ରବ୍ୟ ଉପରେ ପୁରୁଣା ଏମ୍.ଆର.ପି ସହିତ ନୂଆ ଏମ୍.ଆର.ପି ସ୍ୱଷ୍ଟଭାବେ ଲେଖିବାକୁ କୁହାଯାଇଛି । ଆଇନ୍ ଉଲ୍ଲଙ୍ଘନ କରିଲେ ଜୋରିମାନା ସହିତ ଜେଲ ଦଣ୍ଡ ଭୋଗିବାର ବ୍ୟବସ୍ଥା ରହିଛି । ଆହୁରି ମଧ୍ୟ ଜି.ଏସ୍.ଟି ଆଇନ୍‌ରେ ପ୍ରଫିଟିୟରିଂ ଆଇନକୁ ଉଲ୍ଲଙ୍ଘନ କରୁଥିବା ବ୍ୟବସାୟୀଙ୍କୁ ଧରିବା ପାଇଁ ସରକାର ବିଭିନ୍ନ ଅଧିକାରୀଙ୍କୁ ନିୟୋଜିତ କରିଛନ୍ତି । କେଉଁଠାରେ କେଉଁ ସାମଗ୍ରୀର ମୂଲ୍ୟ କେତେ ରହୁଛି ତାହା ନିଜେ ଅବଗତ ହେବା ସହିତ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ । ସରକାର ଜି.ଏସ୍.ଟି ଫାଇଣ୍ଡର ନାମକ ଏକ ଆପ୍ର ବିକାଶ କରିଛନ୍ତି । ଜି.ଏସ୍.ଟି ରେ କେଉଁ ଦ୍ରବ୍ୟ ଏବଂ ସେବା ଉପରେ କେତେ ଟିକସ ଲାଗିଛି ତାହା ଏହି ଆପ୍ ମାଧ୍ୟମରେ ଲୋକମାନେ ଜାଣିପାରିବେ । ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଏହା ନୂଆ ଆପ୍‌କୁ ଉଦ୍‌ଘାଟନ କରିଛନ୍ତି । ଗ୍ରାହକ, ବ୍ୟବସାୟୀ ଏବଂ ସାଧାରଣ ଲୋକଙ୍କ ପାଇଁ ଏହା ରେଡ଼ି ରେକ୍‌ନର ଭାବେ କାର୍ଯ୍ୟ କରିବ । ଏହି ଆପଟି ଏବେ ଆଣ୍ଡ୍ରଏଡ୍ ପ୍ଲାଟଫର୍ମରେ ଉପଲବ୍ଧ ହେଉଛି । ଏତଦ୍ ବ୍ୟତୀତ ଜି.ଏସ୍.ଟି ୱେବସାଇଟ୍‌ରୁ ମଧ୍ୟ ଟିକସ ହାର ଜାଣି ହେବ । ତେବେ ଜି.ଏସ୍.ଟି ଫାଇଣ୍ଡର ଆପକୁ ଥରେ ଡ଼ାଇନ୍‌ଲୋଡ୍ କରିଦେଲେ ତାହାକୁ ଅଫ୍‌ଲାଇନ୍ ରେ ମଧ ବ୍ୟବହାର କରିହେବ । ବିଭିନ୍ନ ପ୍ରକାର ଦ୍ରବ୍ୟ ଓ ସେବା ଉପରେ କେତେ ହାରରେ ସି.ଜି.ଏସ୍.ଟି ଏବଂ ଏସ୍.ଜି.ଏସ୍.ଟି ଲାଗୁ ହେଉଛି ତାହାକୁ ମଧ ଜଣେ ଟିକସ ଦାତା ଜାଣିପାରିବ ।




ଜି.ଏସ୍.ଟି ମୂଳ ଲକ୍ଷ୍ୟ ଦରଦାମ ହ୍ରାସ ତଥା ଟିକସଫାଙ୍କି ରୋକିବା ବୋଲି ସରକାରଙ୍କ ତରଫରୁ କୁହାଯାଇଛି । କିନ୍ତୁ ଏହି ସର୍ବବୃହତ୍ତ ଟିକସ ସଂସ୍କାରକୁ ନେଇ ଟ୍ରେଡ଼ର ବ୍ୟବସାୟୀ ଓ ସାଧାରଣ ଲୋକଙ୍କ ମନରେ ଅନେକ ଦ୍ୱନ୍ଦ ମଧ୍ୟ ରହିଛି । ଏହି ଟିକସ ବ୍ୟବସ୍ଥା ଅତ୍ୟନ୍ତ ସରଳ ଏବଂ ଟିକସ ପ୍ରକ୍ରିୟା ସ୍ୱଚ୍ଛ ବୋଲି ସରକାରଙ୍କ ତରଫରୁ କୁହାଯାଇଛି । ତନଖି ଫାଟକ ବା ଚେକ୍ ପୋଷ୍ଟର ଉଚ୍ଛେଦ ଯୋଗୁ ଟ୍ରକ ଅଟକିବନି କିନ୍ତୁ ରାଜ୍ୟସ୍ତରୀୟ ଅବକାରୀ ଶୁଳ୍କ ଆଦାୟ ପାଇଁ ରାଜ୍ୟ ସ୍ତରୀୟ ତନଖି ଫାଟକ ରହିବ । ଦ୍ରବ୍ୟର ନିରବଚ୍ଛିନ୍ନ ପରିବହନ ଯୋଗୁଁ କାରବାର ଓ ଖର୍ଚ୍ଚ ବି କମିବ । ବ୍ୟବସାୟୀଙ୍କୁ ଅଫିସରଙ୍କ ପାଖକୁ ମଧ୍ୟ ଦୌଡ଼ିବାକୁ ପଡ଼ିବନି । ସେମାନେ ନିଜ ଘରୁ

ସିଷ୍ଟମରୁ ଟିକସ ପ୍ରଦାନ ସହ ରିଟର୍ଣ୍ଣ ଆବେଦନ ସବୁକିଛି କରିପାରିବେ । ଜି.ଏସ୍.ଟି ଆଇନ୍ ଅଧୀନରେ ବାର୍ଷିକ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାରବାର କରୁଥିବା ବ୍ୟବସାୟୀଙ୍କୁ ଟିକସ ମୁକ୍ତ କରାଯାଇଛି । ଏମାନଙ୍କୁ ପଞ୍ଜିକୃତ କରିବାକୁ ପଡ଼ିବ ନାହିଁ । ପୂର୍ବରୁ ଏହି ସୀମା ମାତ୍ର ୫ ଲକ୍ଷ ଟଙ୍କା ଥିଲା । ଓଡ଼ିଶାରେ ୧୦ ଲକ୍ଷ ଟଙ୍କା ଥିଲା । ସେହିପରି ୨୦ ରୁ ୭୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟବସାୟ କାରବାର କରୁଥିବା ବ୍ୟବସାୟୀଙ୍କ ପାଇଁ ଏକ କମ୍ପୋଜିଟ୍ ସ୍କିମ ଅଣାଯାଇଛି । ଏମାନେ ୩ ମାସରେ ଥରେ ରିଟର୍ଣ୍ଣ ଫାଇଲ୍ କରିବେ । କିନ୍ତୁ ଏମାନଙ୍କୁ ଇନ୍‌ପୁଟ ଟ୍ୟାକ୍ସ କ୍ରେଡ଼ିଟ୍ ମିଳିବ ନାହିଁ । ସେହିପରି ବାର୍ଷିକ ୭୫ ଲକ୍ଷ ଟଙ୍କାରୁ ଅଧିକ କାରବାର କରୁଥିବା ଟ୍ରେଡ଼ର, ଉତ୍ପାଦନକାରୀ (ମାନ୍ୟୁଫାକ୍‌ଚରର୍)ଏବଂ ରେଷ୍ଟୋରାଁ କମ୍ପୋଜିସନ୍ ସ୍କିମ୍ ଜରିଆରେ ଯଥାକ୍ରମେ ୧%, ୨% ଏବଂ ୫% ଟିକସ ପ୍ରଦାନ କରିବେ । ମାତ୍ର ସେମାନଙ୍କୁ ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡ଼ିଟ୍ ମିଳିବ ନାହିଁ । ଅନ୍ୟ ବ୍ୟବସାୟୀଙ୍କୁ ପ୍ରତି ମାସରେ ୩ ଟି ରିଟର୍ଣ୍ଣ ଦାଖଲ କରିବାକୁ ପଡ଼ିବ । ସେଥିମଧ୍ୟରୁ ଦୁଇଟି ହେଉଛି ସ୍ୱୟଂକ୍ରିୟା । ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡ଼ିଟ୍ ଏବଂ ରିଫଣ୍ଡ ପାଇବା ପାଇଁ ପଞ୍ଜିକୃତ ହେବା ବାଧ୍ୟତା ମୂଳକ । ଯାହା ଫଳରେ ସମସ୍ତ ବ୍ୟବସାୟୀ ପଞ୍ଜିକୃତ ହେବାକୁ ଚାହିଁବେ । କିନ୍ତୁ ଏହା ତାଙ୍କର ପରିଚାଳନା ବ୍ୟୟ ବୃଦ୍ଧି କରିବାର ଆଶଙ୍କା ରହିଛି ।

ଜୁଲାଇ ୧ ରୁ ୱେ ବିଲ ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇ ଇ-ୱେ-ବିଲ୍ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି । ଇ-ୱେ-ବିଲ୍ କାର୍ଯ୍ୟକାରୀ କରିବାରେ ଦେଶରେ ଓଡ଼ିଶା ପ୍ରଥମ ରାଜ୍ୟ । ୫୦,୦୦୦ ଟଙ୍କା କିମ୍ବା ତଦୁର୍ଦ୍ଧ ମୂଲ୍ୟର ମାଲ୍ ରାଜ୍ୟ ବାହାରୁ ପରିବହନ କରିବାକୁ ହେବ । ଏଥିପାଇଁ ଜି.ଏସ୍.ଟି ନେଟୱର୍କର ୱେବସାଇଟ୍‌ର ଅନ୍‌ଲାଇନ୍‌ରେ ପଞ୍ଜିକରଣ କରିବାକୁ ହେବ । ଉଦାହରଣ ସ୍ୱରୂପ ଯେଉଁ ଦ୍ରବ୍ୟ କାରବାର




ହେଲା ତାହାର ସବିଶେଷ ତଥ୍ୟ ଜି.ଏସ୍.ଟି ପୋର୍ଟାଲରେ ଅପଲୋଡ଼୍ ହେବା ଆବଶ୍ୟକ । ଯଦି କୌଣସି ଦ୍ରବ୍ୟ ଗୋଟିଏ ଟ୍ରକରୁ ଆଉ ଗୋଟିଏ ଟ୍ରକରେ ସ୍ଥାନାନ୍ତର ହେଲା ତେବେ ସେଥିପାଇଁ ଦୁଇଟି ଇ-ୱେ ବିଲ ବାହାର କରିବାକୁ ହେବ । ଯାହାଟିକେ ବ୍ୟୟ ସାପେକ୍ଷ ଏବଂ ଅସୁବିଧାରେ ପକାଇପାରେ ।

ଜି.ଏସ୍.ଟିରେ ପେଟ୍ରୋଲ, ଡ଼ିଜେଲ, ରିୟଲଇଷ୍ଟେଟ ବିଦ୍ୟୁତ, ତମାଖୁ ମଦ ଇତ୍ୟାଦି ଅନ୍ତର୍ଭୁକ୍ତ କରାଯାଇନାହିଁ । ପରେ ହୁଏତ ଅନ୍ତର୍ଭୁକ୍ତ କରାଯିବ । ଏହା ଅବଶ୍ୟ ରାଜ୍ୟମାନଙ୍କୁ ଆବଶ୍ୟକ ଅନୁଯାୟୀ ଅଧିକ ଟିକସ ସଂଗ୍ରହ କରିବାରେ ସହାୟକ ହୋଇପାରେ । କିନ୍ତୁ ପୂର୍ବରୁ ରାଜ୍ୟମାନେ ଟିକସ ଧାର୍ଯ୍ୟକରି ସମ୍ବଳ ସଂଗ୍ରହ କରିବାର ଯେଉଁ କ୍ଷମତା ଥିଲା ତାହା ଜି.ଏସ୍.ଟି ଯୋଗୁଁ ସଂକୁଚିତ ହୋଇଛି । ଆମେରିକାରେ ଷ୍ଟେଟ୍‌ମାନେ ନିଜର ଟିକସ ବୃଦ୍ଧି କରିବାର ବ୍ୟବସ୍ଥା ରହିଛି । ହୁଏତ୍ ଷ୍ଟାଣ୍ଡାର୍ଡ଼ ରେଟ୍ ଟିକେ କମ୍ ହୋଇଥିଲେ ଭଲ ହୋଇଥାନ୍ତା ଅର୍ଥାତ ୧୫% ରଖି ତା ଉପରେ ରାଜ୍ୟମାନଙ୍କୁ କିଛି ଟିକସ ଧାର୍ଯ୍ୟ କରିବା ପାଇଁ ସୁଯୋଗ ଦେଇଥିଲେ ଆହୁରି ଭଲ ହୋଇଥାନ୍ତା । ଏହା ସତ୍ତ୍ୱେ ଜି.ଏସ୍.ଟି ଏକ ଐତିହାସିକ ପଦକ୍ଷେପ ।

ଜି.ଏସ୍.ଟି ହେଉଛି ଏକ ଉପଭୋଗ ବା କଞ୍ଜୁପସନ୍ ଟିକସ । ଏହା ମଧ୍ୟ ଗନ୍ତବ୍ୟ ଆଧାରିତ ଟିକସ ବ୍ୟବସ୍ଥା । ଖଣିଜ ଭଳି କେତେକ ସାମଗ୍ରୀକୁ ଛାଡ଼ିଦେଲେ ଓଡ଼ିଶା ମୁଖ୍ୟତଃ ଏକ ଖାଉଟି ରାଜ୍ୟ । ଏକ ଖାଉଟି ରାଜ୍ୟ ଭାବେ ଓଡ଼ିଶା ବେଶୀ ଲାଭବାନ ହେବ । ଏପରିକି ପୂର୍ବରୁ ପରୋକ୍ଷ ଟିକସରୁ ରାଜ୍ୟ ପାଉଥିବା ରାଜସ୍ୱ ତୁଳନାରେ ଜି.ଏସ୍.ଟି ଅଧୀନରେ ଓଡ଼ିଶା ରାଜସ୍ୱ ବଢ଼ିବାର ସମ୍ଭାବନା ରହିଛି । ଏଣୁ ଜି.ଏସ୍.ଟି ଓଡ଼ିଶା ରାଜକୋଷକୁ ଲାଭବାନ କରାଇବ । ତଥାପି ଯଦି ରାଜ୍ୟ କ୍ଷତି କରିବ କେନ୍ଦ୍ର ସରକାର ଏଥିପାଇଁ ୫ ବର୍ଷ ପର୍ଯ୍ୟନ୍ତ କ୍ଷତି ପୂରଣ ପ୍ରଦାନ ।

(ଲେଖକ ଜଣେ ସ୍ତମ୍ଭକାର ତଥା ଅର୍ଥନୀତିଜ୍ଞ)

# ବିକାଶ ପଥେ: ସଂସଦରେ ଜିଏସ୍‌ଟିର ପ୍ରବର୍ତ୍ତନ ଉତ୍ସବ



ଐତିହାସିକ ଟିକସ ସଂସ୍କାର ବ୍ୟବସ୍ଥା ଜିଏସ୍‌ଟି ସାରା ଦେଶରେ ୨୦୧୭ ଜୁଲାଇ ପହିଲାରେ ଲାଗୁ ହୋଇଛି। ଦେଶର ପରୋକ୍ଷ ଟିକସ ବ୍ୟବସ୍ଥାରେ ସବୁଠୁ ବଡ଼ ପରିବର୍ତ୍ତନ ଆଣିବାକୁ ଉଦ୍ଦିଷ୍ଟ ଏହି ଆଇନ୍ ଫଳରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଦ୍ରବ୍ୟ ଓ ସେବା କ୍ଷେତ୍ରରେ ପ୍ରବର୍ତ୍ତିତ ଯାବତୀୟ ଟିକସର ଅବସାନ ଘଟି ଏକକ ଟିକସ ବ୍ୟବସ୍ଥା କରାଯାଇଛି; ଯାହା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଲାଗୁ ହେବ।

ଏହି ଐତିହାସିକ ମୁହୂର୍ତ୍ତକୁ ପାଳନ କରିବା ପାଇଁ ପାର୍ଲାମେଣ୍ଟର କେନ୍ଦ୍ରୀୟ କକ୍ଷରେ ଜୁନ୍ ୩୦ ତାରିଖ ମଧ୍ୟରାତ୍ରରେ ଏକ ଉତ୍ସବ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତିଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ପ୍ରଧାନମନ୍ତ୍ରୀ, ଲୋକସଭାର ବାଚସ୍ପତି, କେନ୍ଦ୍ର ଅର୍ଥମନ୍ତ୍ରୀ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

ଏହି ଅବସରରେ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି କହିଲେ ଯେ ଜିଏସ୍‌ଟି ପ୍ରବର୍ତ୍ତନ ଦେଶ ପାଇଁ ଏକ ସ୍ମରଣୀୟ ଘଟଣା। ସେ ଅର୍ଥମନ୍ତ୍ରୀ ଥିବାବେଳେ ୨୦୧୧ ମାର୍ଚ୍ଚ ୨୨ ତାରିଖରେ ଜିଏସ୍‌ଟି ସଂକ୍ରାନ୍ତ ସମ୍ବିଧାନ ସଂଶୋଧନ ବିଲ୍ ଆଗତ କରିଥିଲେ। ଏବେ ସେହି ଆଇନ କାର୍ଯ୍ୟକାରୀ ହେବା ବ୍ୟକ୍ତିଗତ ଭାବେ ତାଙ୍କ ପାଇଁ ଏକ ବିଶେଷ ସନ୍ତୋଷର ମୁହୂର୍ତ୍ତ। ଏଭଳି ଏକ ବିରାଟ ପରିବର୍ତ୍ତନବାଦୀ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବାବେଳେ ପ୍ରାରମ୍ଭିକ ଅବସ୍ଥାରେ କିଛି ଅସୁବିଧା ରହିବା ସ୍ୱାଭାବିକ। ଏଭଳି ବୃହତ୍ତର ପରିବର୍ତ୍ତନର ଉପଯୁକ୍ତ କାର୍ଯ୍ୟକାରିତା ଉପରେ ଜିଏସ୍‌ଟିର ସଫଳତା ନିର୍ଭର କରେ। ଜିଏସ୍‌ଟିର ପ୍ରସ୍ତୁତି ଓ ପ୍ରବର୍ତ୍ତନ କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ସରକାର ଯେଉଁ ସହଯୋଗ ଓ ଦୃଢ଼ତା ପ୍ରଦର୍ଶନ କରିଛନ୍ତି ଆଗାମୀ ଦିନରେ ଅନୁରୂପ ମନୋଭାବ ପ୍ରଦର୍ଶନ କରି ଏହାର ସଫଳ ରୂପାୟନ ପ୍ରତି ଧ୍ୟାନ ଦେବେ ବୋଲି ରାଷ୍ଟ୍ରପତି ଆଶା ପ୍ରକାଶ କରିଛନ୍ତି। ଜିଏସ୍‌ଟି କେନ୍ଦ୍ରୀୟ ପରିଷଦର ମଧ୍ୟ ଏ ଦିଗରେ ବିଶେଷ ଦାୟିତ୍ୱ ଥିବା ରାଷ୍ଟ୍ରପତି ମତପ୍ରକାଶ କରିଛନ୍ତି।

ପ୍ରଧାମନ୍ତ୍ରୀ କହିଛନ୍ତି ଯେ ଜିଏସ୍‌ଟି ପ୍ରଚଳନର ଏହି ଦିବସଟି ଦେଶର ଭବିଷ୍ୟତର ମାର୍ଗ ନିର୍ଦ୍ଧାରଣ କ୍ଷେତ୍ରରେ ଏକ ନିର୍ଣ୍ଣାୟକ କ୍ଷଣ ହୋଇ ରହିବ। ଏହା ସହିତ ଦେଶ ଏକ ନୂଆ ପଥର ଯାତ୍ରୀ ହୋଇଛି। ଚାଣକ୍ୟଙ୍କ ଉକ୍ତିକୁ ଉଦ୍ଧାର କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ କଠୋର ପରିଶ୍ରମ ସବୁ ପ୍ରତିବନ୍ଧକକୁ ଦୂର କରିପାରେ ଓ ସବୁଠୁ ଦୁରୂହ ଲକ୍ଷ୍ୟକୁ ହାସଲ କରିବାରେ ସହାୟକ ହୋଇଥାଏ। ସର୍ଦ୍ଦାର ପଟେଲ ଭାରତର ରାଜନୈତିକ ଏକୀକରଣ କରିଥିଲେ। ଜିଏସ୍‌ଟି ଦ୍ୱାରା ସାରା ଭାରତର ଆର୍ଥିକ ଏକତ୍ରୀକରଣ ସୁନିଶ୍ଚିତ ହେବ। ଜିଏସ୍‌ଟି ଏକ ଆଧୁନିକ ଟିକସ ପ୍ରଶାସନ ଢାଞ୍ଚା ତିଆରି କରିଛି ଯାହା ସରଳ, ସ୍ୱଚ୍ଛ ଓ ସହଜ। ଏହାଦ୍ୱାରା ଦୁର୍ନୀତି ନିୟନ୍ତ୍ରିତ ହେବ ଏବଂ ଲୋକେ ଉପକୃତ ହେବେ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିବା ସହ ଋଗ୍ ବେଦରୁ ସାର୍ବଜନୀନ ଲକ୍ଷ୍ୟ, ସାର୍ବଜନୀନ ସିଦ୍ଧାନ୍ତ ଓ ସମାଜର ସମସ୍ତଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ଏକ ଶ୍ଳୋକ ଆବୃତ୍ତି କରିଥିଲେ।

ସ୍ୱାଧୀନତା ପରଠାରୁ ଦେଶର ଟିକସ ସଂସ୍କାର କ୍ଷେତ୍ରରେ ଜିଏସ୍‌ଟି ସବୁଠାରୁ ବଡ଼ ପଦକ୍ଷେପ। ଏହାଦ୍ୱାରା ଗୋଟିଏ ଦେଶ ଓ ଗୋଟିଏ ଟିକସ ବ୍ୟବସ୍ଥା ସଫଳ ହେବା ସହିତ ଶିଳ୍ପୋଦ୍ୟୋଗ, ବାଣିଜ୍ୟ, ସରକାର, ବ୍ୟବସାୟୀ ଓ ଖାଉଟି ସବୁ ସଂପୃକ୍ତ ପକ୍ଷଙ୍କୁ ଉପକାର ମିଳିବ। ଜିଏସ୍‌ଟି ବ୍ୟବସ୍ଥାରେ ରପ୍ତାନି କରମୁକ୍ତ ହେବ। ଜିଏସ୍‌ଟି ମୁଖ୍ୟତଃ ଟେକ୍ନୋଲୋଜି ପରିଚାଳିତ ଏକ ଟିକସ ବ୍ୟବସ୍ଥା। ଏହାଦ୍ୱାରା ଟିକସ ପ୍ରଶାସନ ଓ ଟିକସଦାତାଙ୍କ ମଧ୍ୟରେ ପ୍ରତ୍ୟକ୍ଷ ମାନବିକ ସମ୍ପର୍କ ରହିବ ନାହିଁ।

● ଆପଣ ଜାଣନ୍ତି କି ?

# ଜାତୀୟ ଲାଭଖୋରୀ ନିରୋଧ ପ୍ରାଧିକରଣ

ସଂପ୍ରତି ଦେଶବ୍ୟାପୀ ଲାଗୁ ହୋଇଥିବା ଦ୍ରବ୍ୟ ଓ ସେବା ଟିକସ (ଜିଏସଟି) ଆଇନର ପ୍ରମୁଖ ଅଙ୍ଗ ଭିତରେ ରହିଛି ଲାଭଖୋରୀ ନିରୋଧୀ ପଦକ୍ଷେପ ବ୍ୟବସ୍ଥା। ଜିଏସ୍‌ଟି ବ୍ୟବସ୍ଥା ଦ୍ୱାରା ଖାଉଟିଙ୍କଠାରୁ ଅଧିକ ଲାଭ ନେଉଥିବା ବ୍ୟବସାୟୀଙ୍କ ଉପରେ ଏହା ଅଙ୍କୁଶ ଲଗାଇବ। ଜିଏସ୍‌ଟି ଲାଗୁ ଯୋଗୁଁ ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡିଟ୍ ଥିବାରୁ ସାମଗ୍ରୀର ଦରଦାମ୍ କମିବା ସମ୍ଭାବନା ରହିଛି। ତେବେ ଏହା ଖାଉଟିଙ୍କୁ କିଭଳି ମିଳିବ ଓ ବ୍ୟବସାୟୀ ଜିଏସ୍‌ଟି ନାଁରେ ଯେଭଳି ଅଧିକ ଲାଭ ନନେଇ ପାରିବେ ତାହା ସୁନିଶ୍ଚିତ କରିବା ଲାଗି ଆଇନରେ ଏକ ଜାତୀୟ ଲାଭଖୋର ନିରୋଧ ପ୍ରାଧିକରଣ (ଏନଏଏ) ଗଠନ ବ୍ୟବସ୍ଥା ରହିଛି। ଜିଏସଟି ଆଳ ଦେଖାଇ କେତେକ ବ୍ୟବସାୟୀ ଖାଉଟିଙ୍କୁ ଠକିବା ଆଶଙ୍କା ଥିବାରୁ ଏହି ପ୍ରାଧିକରଣ ଏହାକୁ ରୋକିବା ଦିଗରେ କାର୍ଯ୍ୟ କରିବ।

'ଦ ଆଣ୍ଟି ପ୍ରଫିଟିୟରିଂ ରୁଲ୍ସ ୨୦୧୭' ଅନୁଯାୟୀ, ଏହି କମିଟିକୁ ଯାଞ୍ଚ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କ୍ଷମତା ମଧ୍ୟ ଦିଆଯାଇଛି। ଏନଏଏର ଗଠନ ଏବଂ ଏହାର ସଦସ୍ୟ ମନୋନୟନ ସହିତ ଅଭିଯୋଗ ଗୁଡିକର ତଦନ୍ତ କରିବାକୁ ଏକାଧିକ ଅନ୍ୟ କମିଟି ଗଠନ ସଂପର୍କରେ ବିସ୍ତୃତ ବ୍ୟବସ୍ଥା ରହିଛି। ନିୟମ ଅନୁଯାୟୀ, ପ୍ରାଧିକରଣ ତିନିସ୍ତରୀୟ ଢାଞ୍ଚା ରହିଛି। ଲାଭଖୋରତା ନିରୋଧ ଲାଗି ଏକ ଷ୍ଟାଣ୍ଡିଂ କମିଟି (ସ୍ଥାୟୀ ସମିତି), ରାଜ୍ୟସ୍ତରୀୟ ସ୍କ୍ରିନିଂ କମିଟି ଓ ସର୍ବଶେଷରେ ଜାତୀୟ ସ୍ତରୀୟ ଲାଭଖୋର ନିରୋଧ ପ୍ରାଧିକରଣ ଭଳି ତିନି ଥାକିଆ ଢାଞ୍ଚା ରଖାଯାଇଛି। ଯେଉଁ ବ୍ୟବସାୟୀ ବେଆଇନ ଭାବେ ଲାଭ ନେଉଥିବେ, ସେମାନଙ୍କୁ ଅଭିଯୋଗ କ୍ରମେ ଚିହ୍ନଟ କରାଯିବା ପରେ ତାଙ୍କ ନାମ ଓ ସଂସ୍ଥାର ନାଁ ପଞ୍ଜିକୃତ ହେବ। ପ୍ରଥମତଃ ଯଦି ସେ ସ୍ଥିରୀକୃତ ଦରଠାରୁ ଅଧିକ ମୂଲ୍ୟରେ ବିକ୍ରି କରୁଥାନ୍ତି, ତାହେଲେ ସେମାନଙ୍କୁ ଦର କମାଇବା ଲାଗି ନିର୍ଦ୍ଦେଶ ଦିଆଯିବ। ଦ୍ୱିତୀୟରେ ଯଦି ଜିଏସ୍‌ଟିରେ ହ୍ରାସ କରାଯାଇଥିବା ଦ୍ରବ୍ୟ ଓ ସେବାର ମୂଲ୍ୟ ଖାଉଟିଙ୍କୁ ବ୍ୟବସାୟୀ ପ୍ରଦାନ କରିନଥାନ୍ତି; ତାହେଲେ ସେମାନଙ୍କୁ ଅନୁରୂପ ମୂଲ୍ୟ ଦେବାକୁ ପଡିବ। ଏପରିକି ଯେବେଠାରୁ ଖାଉଟିଙ୍କୁ ଠକିଥିବେ ସେହି ମୂଲ୍ୟ ଉପରେ ୧୮ ପ୍ରତିଶତ ସୁଧ ସହ ବେପାରୀଙ୍କଠାରୁ ଅର୍ଥ ଆଦାୟ କରାଯିବ। ପ୍ରାଧିକରଣ ଉକ୍ତ ବ୍ୟବସାୟୀଙ୍କୁ ଜୋରିମାନା କରିପାରିବେ; ଏପରିକି ସେମାନଙ୍କ ବ୍ୟାବସାୟିକ ପଞ୍ଜୀକରଣକୁ ମଧ୍ୟ ବାତିଲ କରିପାରିବେ।

ଯଦି ଆମେ ଜିଏସ୍‌ଟି ଲାଗୁ କରିଥିବା ସିଙ୍ଗାପୁର (ମାଲେସିଆ) ଓ ଅଷ୍ଟ୍ରେଲିୟା ଭଳି ରାଷ୍ଟ୍ରର ଅନୁଭୂତି ଓ ଅଭିଜ୍ଞତାକୁ ଅନୁସରଣ କରିବା, ତେବେ ଜାଣିପାରିବା ସେଠାରେ ଜିଏସ୍‌ଟି ଲାଗୁ ହେବାପରେ ମୁଦ୍ରାସ୍ଫୀତି କିଭଳି କମିଯାଇଛି। ମାଲେସିଆରେ ମୁଦ୍ରାସ୍ଫୀତି ଅତ୍ୟନ୍ତ ଚିନ୍ତାଜନକ ଥିଲା। କିନ୍ତୁ ସେଠାରେ ଜିଏସ୍‌ଟିର ସଠିକ୍ କାର୍ଯ୍ୟାନ୍ୱୟନ ଯୋଗୁଁ ମୁଦ୍ରାସ୍ଫୀତି ଆଶାଜକନ ଭାବେ ହ୍ରାସ ପାଇଥିଲା। ଜିଏସ୍‌ଟି ପୂର୍ବ ଦର ଓ ଜିଏସଟି ପରବର୍ତ୍ତୀ ଦରକୁ ତୁଳନା କରିବା ଲାଗି ଏକ ଫର୍ମୂଲା (ସୂତ୍ର) ପ୍ରସ୍ତୁତ କରାଯାଇଛି। ଯେଉଁ ସୁବିଧା ଜିଏସ୍‌ଟିରୁ ଉପଲବ୍ଧ ହେଉଛି ତାହାର ଫାଇଦା ନିମ୍ନସ୍ତରରେ ଥିବା ଖାଉଟିଙ୍କ ନିକଟକୁ ଯିବ। ଯୋଗାଣକାରୀଙ୍କ ମୂଲ୍ୟ, ପରବର୍ତ୍ତୀ ସମୟରେ ସାମଗ୍ରୀ ନେଇ କାରବାର କରୁଥିବା ବ୍ୟବସାୟୀ ଏବଂ ବଜାର ସ୍ଥିତି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ପ୍ରସଙ୍ଗକୁ ବିଚାର କରିବା ପରେ ଲାଭର ଆକଳନ କରାଯାଇଥାଏ। ଯଦି ଏକ ସୁପରମାର୍କେଟ୍ (ବଡ଼ ବଜାର) ଅଧିକ ଦରରେ ତେଜରାତି ସାମଗ୍ରୀ ବିକ୍ରି କରୁଥାଏ। ଏବଂ ଦରବୃଦ୍ଧି ଲାଗି ଜିଏସ୍‌ଟିର କାରଣ ଦର୍ଶାଉଥାଏ, ତେବେ ଖାଉଟିଜଣକ ଏନେଇ ନେସନାଲ ଆଣ୍ଟି ପ୍ରଫିଟିୟରିଂ ଅଥରିଟି (ଏନଏଏ)ରେ ଅଭିଯୋଗ ଦାଖଲ କରିପାରିବ। ଅନୁରୂପ ଭାବେ ଯଦି ସାବୁନ୍‌ର ଦର କମ୍ ହୋଇଥାଏ ଓ ଦୋକାନୀ ପୁରୁଣା ଦରରେ ଏହି ସାମଗ୍ରୀକୁ ବିକ୍ରି କରୁଥାଏ, ତାହଲେ ମଧ୍ୟ ଉପଭୋକ୍ତା ଏନେଇ ଏନଏଏରେ ଅଭିଯୋଗ ଦାଖଲ କରିପାରିବ। କାରଣ ଜିଏସଟି ଯୋଗୁଁ ଦର ହ୍ରାସ ସାମଗ୍ରୀ ଉପରେ ଫାଇଦା ସିଧାସଳଖ ଖାଉଟୀଙ୍କ ପାଖକୁ ପହଞ୍ଚାଇବା ସରକାରଙ୍କ ଉଦ୍ଦେଶ୍ୟ। ବ୍ୟବସାୟୀ କିଭଳି ଖାଉଟିଙ୍କ ଉପରେ ଅଧିକ ଦର ନକଷିବେ, ଜିଏସଟି ନାଁ ନେଇ ଦ୍ରବ୍ୟ ଓ ସେବାରେ ଠକି ନପାରିବେ ଏବଂ ସର୍ବୋପରି ଲୋକଙ୍କୁ ଏହି ବୃହତ୍ ଆର୍ଥିକ ସଂସ୍କାରରୁ ଫାଇଦା ମିଳିବ ତାହାକୁ ସୁନିଶ୍ଚିତ କରିବ ଏନଏଏ। ପ୍ରାଧିକରଣ ନୂତନ ବ୍ୟବସ୍ଥାରେ ଦ୍ରବ୍ୟ ଓ ସେବାର ମୂଲ୍ୟହ୍ରାସ କରିବାକୁ କମ୍ପାନୀଙ୍କୁ ନିର୍ଦ୍ଦେଶ ଦେବ। ଏପରିକି ଠକିଥିବା କମ୍ପାନୀ ବା ଦୋକାନୀ ଖାଉଟିଙ୍କୁ ଅର୍ଥ ଫେରାଇବେ ଏବଂ ଖାଉଟି କଲ୍ୟାଣ ପାଣ୍ଠିରେ ଅର୍ଥ ଜମା କରିବେ। କର୍ତ୍ତୃପକ୍ଷ କମ୍ପାନୀ, ସଂସ୍ଥା କିମ୍ବା ଦୋକାନୀ ଯିଏ ବି ବେଆଇନ କରିଥିବେ ସେମାନଙ୍କୁ ଜୋରିମାନା କରିବା ସହ କମ୍ପାନୀର ପଞ୍ଜିକରଣ ମଧ୍ୟ ବାତିଲ୍ କରାଯିବ। ଯେଉଁ କମ୍ପାନୀ ବିରୋଧରେ ଅଭିଯୋଗ ଆସିବ ସେସବୁ କମ୍ପାନୀ ପ୍ରତିନିଧିଙ୍କୁ ପ୍ରାଧିକରଣ ନୋଟିସ୍ ପଠାଇ ଜବାବ ମାଗିବେ ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଏଥିପାଇଁ ସରକାରଙ୍କ ଅନ୍ୟ ଏଜେନ୍ସି ଯଥା 'ଡାଇରେକ୍ଟୋରେଟ୍ ଅଫ୍ ଡାଟା ଆନାଲିସିସ' କିମ୍ବା ଡାଇରେକ୍ଟୋରୋଟ୍ ଜେନେରାଲ ଅଫ୍ ଜିଏସଟି'ର ମଧ୍ୟ ଏନଏଏ ସହାୟତା ନେଇପାରିବେ। ଏନଏଏଙ୍କ ଆଦେଶନାମାକୁ କେବଳ ହାଇକୋର୍ଟରେ ଅପିଲ କରାଯାଇପାରିବ।

# ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ପାଳନ

ପାଇକ ବିଦ୍ରୋହ ୨୦୦ ବର୍ଷ ପୂର୍ତ୍ତି ପାଳନର ବର୍ଷବ୍ୟାପୀ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏହି ଶୁଭାରମ୍ଭ ଉତ୍ସବରେ ବର୍ଷସାରା କେବଳ ସଭା ସମିତି ନୁହେଁ ଆଗାମୀ ହଜାରେ ବର୍ଷ ପାଇଁ ପ୍ରେରଣା ଯୋଗାଇବା ଭଳି ଏକ ସ୍ଥାୟୀ ସ୍ମାରକୀ ନିର୍ମାଣ ପାଇଁ କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରସ୍ତାବ ଦେଇଛନ୍ତି।

ନୂଆଦିଲ୍ଲୀର ବିଜ୍ଞାନଭବନ ଠାରେ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ଉପସ୍ଥିତିରେ ଶ୍ରୀ ପ୍ରଧାନ ଖୋର୍ଦ୍ଧାର ବରୁଣେଇ ପାହାଡ଼ ଓ ଆଖପାଖ ଅଞ୍ଚଳକୁ ପାଇକ ବିଦ୍ରୋହର ମହାନ ସ୍ମାରକୀ କରିବା ପାଇଁ ଜମି ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି।




ଶ୍ରୀ ପ୍ରଧାନ କହିଛନ୍ତି ଯେ, ପାଇକ ବିଦ୍ରୋହର ସ୍ମାରକୀ ଷ୍ଟାଚ୍ୟୁ ଅଫ୍ ଲିବର୍ଟି ଖ୍ୟାତିର ସମାସ୍କନ୍ଧ ହୋଇପାରିବ। ନର୍ମଦା ନଦୀ ଉପରେ ଗୁଜରାଟର ସର୍ଦ୍ଦାର ବଲ୍ଲଭଭାଇଙ୍କ ଷ୍ଟାଚ୍ୟୁ ଅଫ୍ ଲିବର୍ଟି ହେଉଛି, ମହାରାଷ୍ଟ୍ରରେ ସମୁଦ୍ରକୁ ପୋତି ଶିବାଜୀ ମହାରାଜଙ୍କ ନଭଶ୍ଚୁମ୍ବୀ ପ୍ରତିମୂର୍ତ୍ତି କରାଯାଉଛି। ସେହିପରି ଓଡ଼ିଶା ବୀରତ୍ୱର ମୂକସାକ୍ଷୀ ବରୁଣେଇ ପାହାଡ଼ ଉପରେ ପାଇକ ଯୋଦ୍ଧା ବକ୍ସି ଜଗବନ୍ଧୁଙ୍କ ଆକାଶଛୁଆଁ ପ୍ରତିମୂର୍ତ୍ତି ସହ ତାଙ୍କ ସମସାମୟିକ ବିଦ୍ରୋହୀଙ୍କ ବୀରତ୍ୱର କାହାଣୀ ଓଡ଼ିଶା ଓ ସାରା ଦେଶର ଆଗାମୀ ପୀଢ଼ୀ ପାଇଁ ପ୍ରେରଣ ଯୋଗାଇବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ଶ୍ରୀ ପ୍ରଧାନ କହିଛନ୍ତି ଯେ, ଭାରତର ଇତିହାସ ଶତାବ୍ଦୀ-ଶତାବ୍ଦୀ ଧରି ପରାଧୀନତାର ଇତିହାସ ନୁହେଁ ବରଂ ଶହ ଶହ ବର୍ଷ ଧରି ଭାରତୀୟମାନଙ୍କର ତ୍ୟାଗ, ବଳିଦାନ ଓ ସଂଘର୍ଷର ଗୌରବମୟ ଗାଥାରେ ଭରପୂର ଇତିହାସ।ମାତ୍ର ଆମ ଦେଶରେ ଆମର ସ୍ୱାଧୀନତା ସଂଗ୍ରାମକୁ କିଛି ସମୟ, କିଛି ପରିବାର ଓ କିଛି ଘଟଣାରେ ବାନ୍ଧି ରଖିବା ପାଇଁ ଅପଚେଷ୍ଟା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶସାରା ହୋଇଥିବା ବିଭିନ୍ନ ସ୍ଥାନର ସଂଗ୍ରାମକୁ ଲୋକଲୋଚନକୁ ଆଣିବାକୁ ଏକ ନିଷ୍ଠାପର ଉଦ୍ୟମ ଆରମ୍ଭ କରିଛନ୍ତି।

ଏହି କ୍ରମରେ ସିପାହୀ ବିଦ୍ରୋହର ୪୦ ବର୍ଷ ପୂର୍ବରୁ ପାଇକ ବିଦ୍ରୋହ ଦେଶର ପ୍ରଥମ ସଂଗଠିତ ବ୍ରିଟିଶ୍ ବିରୋଧୀ ପ୍ରଥମ ସଶସ୍ତ୍ର ସଂଗ୍ରାମ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ପାଇକ ବିଦ୍ରୋହ ସମଗ୍ର ଓଡ଼ିଶା ଜାତିକୁ ଲଢ଼େଇରେ ସାମିଲ୍ କରିଥିଲା। ଓଡ଼ିଶାର ଜନଜାତି, ଦଳିତ, ପାଇକ, ସାଧାରଣ ଚାଷୀ, ଲୁଣ ଚାଷୀ, ସ୍ଥାନୀୟ ରାଜାମାନେ ମିଳିତ ଭାବେ ବ୍ରିଟିଶ୍ ଶାସନ ବିରୁଦ୍ଧରେ ସଂଗ୍ରାମ କରିଥିଲେ ବୋଲି ଶ୍ରୀ ପ୍ରଧାନ ଏହି ଉଦ୍‌ଘାଟନ ସମାରୋହରେ ପ୍ରକାଶ କରିଥିଲେ।

# ଜିଏସ୍‌ଟି: ଗରିବଙ୍କ ପାଇଁ ପ୍ରମୁଖ ସାଧନ

ସାମ୍ପ୍ରତିକୀ

ସଂସଦର କେନ୍ଦ୍ରୀୟ ଗୃହରେ ବସ୍ତୁ ଓ ସେବା କର (ଜିଏସ୍‌ଟି)ର ଶୁଭାରମ୍ଭ ଅବସରରେ ରାଷ୍ଟ୍ରପତି ଶ୍ରୀ ପ୍ରଣବ ମୁଖାର୍ଜୀ ଏବଂ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆନୁଷ୍ଠାନିକ ରୂପେ ଶୁଭାରମ୍ଭ କରାଯାଇଥିବା କ୍ଷୁଦ୍ର ଭିଡ଼ିଓଚିତ୍ରଟି ଦେଶର ସବୁଠୁ ବଡ଼ ଟିକସ ସଂସ୍କାରର ସ୍ପଷ୍ଟ ଆଭିମୁଖ୍ୟ ପ୍ରକାଶ କରିଛି। ଦେଶର ସାମଗ୍ରିକ ଘରୋଇ ଉତ୍ପାଦନ ସହ ଜିଏସ୍‌ଟି ଶିଳ୍ପ ବାଣିଜ୍ୟ କ୍ଷେତ୍ରକୁ କିପରି ସହଜ କରିପାରିବ ସେ ସମ୍ପର୍କରେ ଏଥିରେ ସୂଚନା ଦିଆଯାଇଛି। ଅର୍ଥନୀତିଜ୍ଞ ଏବଂ ଭାଷାକାରମାନଙ୍କ କହିବାନୁଯାୟୀ ଦେଶର ଜନସାଧାରଣ, ବିଶେଷକରି କୋଟି କୋଟି ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ଏହି ଆଧୁନିକ ଟିକସ ବ୍ୟବସ୍ଥା ସହାୟକ ହେବ।

ବିଶେଷକରି ପୂର୍ବ ଉତ୍ତରପ୍ରଦେଶ, ଅନ୍ୟ ପୂର୍ବାଞ୍ଚଳ ରାଜ୍ୟ ଏବଂ ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ପାଇଁ ଜିଏସ୍‌ଟି ଜୀବନ ପରିବର୍ତ୍ତନକାରୀ ମାଧ୍ୟମ ହୋଇପାରିବ ବୋଲି ଏହାର ଶୁଭାରମ୍ଭ ଅବସରରେ ଜୁନ୍ ୩୦ ମଧ୍ୟ ରାତ୍ରିରେ ପ୍ରଧାନମନ୍ତ୍ରୀ ଦେଇଥିବା ପ୍ରେରଣାବର୍ଦ୍ଧକ ଭାଷଣରେ ଉଲ୍ଲେଖ କରିଛନ୍ତି। ଏହି ସବୁ ରାଜ୍ୟଗୁଡ଼ିକ ପ୍ରାକୃତିକ ସମ୍ପଦରେ ଭରପୁର ଥିବା ସତ୍ତ୍ୱେ ଅନ୍ୟ ରାଜ୍ୟଗୁଡ଼ିକ ପରି ଅନୁରୂପ ବିକାଶ କରିପାରିନାହାନ୍ତି। ଏହି ପରିପ୍ରେକ୍ଷୀରେ ପ୍ରଶ୍ନ ଉଠେ, ଯେ ଜିଏସ୍‌ଟି କିପରି ଦେଶର ଗରିବ ଜନତାଙ୍କ ପାଇଁ ଲାଭପ୍ରଦ ହୋଇପାରିବ। କିମ୍ବା ସେହି ପୁରୁଣା କଥା ପରି ଧିରେ ଧିରେ ଅପସରି ଯିବ। ଦେଶର ବହୁ ପ୍ରମୁଖ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ପ୍ରଧାନମନ୍ତ୍ରୀ ଜିଏସ୍‌ଟି ସମ୍ପର୍କରେ କହିଛନ୍ତି ଯେ, ଏହା ଦେଶର ପରିପକ୍ୱ ଶାସନତନ୍ତ୍ର ଏବଂ ସହଯୋଗ ସଂଘୀୟବାଦର ଏକ ନମୁନା। ଯଦ୍ୱାରା ଖାଲି ଉତ୍ପାଦନ ନୁହେଁ ଜନକୈନ୍ଦ୍ରିକ ବ୍ୟବସ୍ଥାକୁ ଜନ୍ମ ଦେଇଛି।

ଗ୍ରାହକଙ୍କ ଫାଇଦା ପାଇଁ ଉତ୍ପାଦ ଶୁଳ୍କ ଓ ଅନ୍ୟାନ୍ୟ ଲେଭି ପରି ଜିଏସ୍‌ଟିର ୭ଟି କେନ୍ଦ୍ରୀୟ ଓ ୮ଟି ରାଜ୍ୟ ଶୁଳ୍କର ମିଶ୍ରଣ କରାଯାଇଛି। ସିଧା କଥାରେ କହିବାକୁ ଗଲେ, ଯେଉଁ ରାଜ୍ୟରେ ଅଧିକ ଖାଉଟି ସେମାନେ ଅଧିକ ଟିକସ ଆଦାୟ କରିପାରିବେ। ଯଦ୍ୱାରା ବିଭିନ୍ନ ଯୋଜନାର କାର୍ଯ୍ୟକାରିତା କ୍ଷେତ୍ରରେ ପର୍ଯ୍ୟାପ୍ତ ସମ୍ବଳ ମିଳିପାରିବ ଏବଂ ରାଜ୍ୟଗୁଡ଼ିକର ସାମଗ୍ରିକ ଅର୍ଥନୈତିକ ବିକାଶ ସମ୍ଭବ ହେବ। ଉତ୍ତରପ୍ରଦେଶ, ବିହାର, ଓଡ଼ିଶା, ପଶ୍ଚିମାଞ୍ଚଳ ଏବଂ ଉତ୍ତର ପୂର୍ବାଞ୍ଚଳ ରାଜ୍ୟ, ଯେଉଁଠାରେ କି ଉତ୍ପାଦନଭିତ୍ତିକ ଶିଳ୍ପ ନାହିଁ ଏବଂ ରାଜସ୍ୱ ହରାଉଛନ୍ତି। ସେହିସବୁ ରାଜ୍ୟ ଜିଏସ୍‌ଟି କାର୍ଯ୍ୟକାରୀ ହେବାର ପାଞ୍ଚବର୍ଷ ମଧ୍ୟରେ ଫାଇଦା ପାଇପାରିବେ। ଅଧିକ ଖାଉଟି ଥିଲେ, ଅଧିକ ରାଜସ୍ୱ ସଂଗ୍ରହ ହୋଇପାରିବ। କାରଣ ଖାଉଟିମାନଙ୍କ ଦ୍ୱାରା ଆର୍ଥିକ ସଶକ୍ତିକରଣ ସମ୍ଭବ।

ମହାରାଷ୍ଟ୍ର, ତାମିଲନାଡୁ, ଗୁଜରାଟ ଏବଂ କର୍ଣ୍ଣାଟକ ପରି ଉତ୍ପାଦନକାରୀ ରାଜ୍ୟ ମଧ୍ୟ ସେମାନଙ୍କର ଅଭିବୃଦ୍ଧି ହାରକୁ ତ୍ୱରାନ୍ୱିତ କରିପାରିବେ। ଏହି ରାଜ୍ୟଗୁଡ଼ିକ କାରବାରରୁ ବିପୁଳ ସମ୍ବଳ ସଂଗ୍ରହ କରି ବିକାଶ ଉଦ୍ୟମ ଜାରି ରଖିପାରିବେ। ଏହି ଉତ୍‌ଫୁଲ୍ଲତା ଉଭୟ ଘରୋଇ ଏବଂ ବିଶ୍ୱସ୍ତରୀୟ ନିବେଶକାରୀଙ୍କୁ ସ୍ୱାର୍ଥରକ୍ଷା କରିବା ସହ ଉତ୍ପାଦନଭିତ୍ତିକ ଏବଂ ସେବାଭିତ୍ତିକ କ୍ଷେତ୍ରରେ ଅଧିକ ନିଯୁକ୍ତି ସୁବିଧା ସୃଷ୍ଟି କରିପାରିବ।

ଜିଏସ୍‌ଟି ବ୍ୟବସ୍ଥା ଦ୍ୱାରା ଦେଶର ବାଣିଜ୍ୟ କ୍ଷେତ୍ରରେ ଥିବା ଅସମାନତାର ପରିସମାପ୍ତି ଘଟିବ। ଏହା ଦେଶର ରପ୍ତାନି କାରବାରରେ ବୃଦ୍ଧି ଆଣିପାରିବ। ଏହି ବ୍ୟବସ୍ଥା ଦ୍ୱାରା କେବଳ ବିକଶିତ ରାଜ୍ୟଗୁଡ଼ିକର ଫାଇଦା ହେବନାହିଁ ବରଂ ବିକାଶ କ୍ଷେତ୍ରରେ ପଛୁଆ ରାଜ୍ୟଗୁଡ଼ିକ ପାଇଁ ମଧ୍ୟ ସୁଯୋଗ ସୃଷ୍ଟି କରିପାରିବ। ବିହାର, ପୂର୍ବ ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ଓଡ଼ିଶା ଏବଂ ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ। ଏହି ରାଜ୍ୟଗୁଡ଼ିକ ଯେତେବେଳେ ଏକକ କର ବ୍ୟବସ୍ଥା ଭିତରକୁ ଆସିବେ। ସେତେବେଳେ ଯାହାକିଛି ତ୍ରୁଟି ବିଚ୍ୟୁତି କିମ୍ବା ଅଭାବ ରହିଛି ତାହା ଦୂର ହୋଇଯିବ ଏବଂ ଦେଶ ଆଗକୁ ମାଡ଼ିଚାଲିବ। ବିକାଶ କ୍ଷେତ୍ରରେ ସବୁ ରାଜ୍ୟ ସମାନ ସୁବିଧା ସୁଯୋଗ ପାଇପାରିବେ ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ କହିଛନ୍ତି।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ଭାଷାରେ- "ଏକ ରାଷ୍ଟ୍ର-ଏକ କର" "ଗଙ୍ଗାନଗରରୁ ଇଟାନଗର" ନିଶ୍ଚିତ ରୂପେ ଶିଳ୍ପ ସଂସ୍ଥା, ବାଣିଜ୍ୟର କାରବାର ଏବଂ ସାଧାରଣ ଜନତାଙ୍କ ପାଇଁ ଜୀବନକୁ ସହଜ ଓ ସରଳ କରିପାରିବ। ଏହା ମଧ୍ୟ ଆର୍ଥିକ ଦେଣନେଣକୁ ସଚ୍ଚୋଟ ଓ ପାରଦର୍ଶୀ କରିବାରେ ସହାୟକ ହେବ। ସେଥିପାଇଁ ନୂତନ ଶାସନ ଓ ଉତ୍ତମ ଶାସନ ସଂସ୍କୃତିରେ ଜିଏସ୍‌ଟିକୁ 'ଉତ୍ତମ ଏବଂ ସରଳ କର' ରୂପେ ଆଖ୍ୟା ଦିଆଯାଉଛି।

ଜିଏସ୍‌ଟିକୁ ବାସ୍ତବ ରୂପ ଦେବା କ୍ଷେତ୍ରରେ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ସମସ୍ତ ରାଜନୈତିକ ଦଳ ଏବଂ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ସାଧୁବାଦ ଜଣାଇଛନ୍ତି। ଜିଏସ୍‌ଟି ଗୋଟିଏ ସରକାର କିମ୍ବା ଗୋଟିଏ ଦଳର ସିଦ୍ଧି ନୁହେଁ, ଏହା ସମସ୍ତଙ୍କ ଉଦ୍ୟମର ଫଳ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ପୂର୍ବ ସରକାରଙ୍କ ଅମଳରେ ଅର୍ଥମନ୍ତ୍ରୀ ଥିବାବେଳେ ଜିଏସ୍‌ଟି ପ୍ରଗତିରେ ପ୍ରମୁଖ ଭୂମିକା ନେଇଥିଲେ। ରାଷ୍ଟ୍ରପତି ତାଙ୍କ ଭାଷଣରେ ଉଲ୍ଲେଖ କରିଥିଲେ ଯେ, କେନ୍ଦ୍ର ଓ ରାଜ୍ୟଗୁଡ଼ିକ ମଧ୍ୟରେ ସହଯୋଗ ଓ ସହମତି ଯୋଗୁଁ ଟିକସ କ୍ଷେତ୍ରରେ ନୂତନ ଯୁଗର ଅୟମାରମ୍ଭ ହୋଇଛି। ସଂକୀର୍ଣ୍ଣ ରାଜନୈତିକ ବିଚାରକୁ ପରିହାର କରି ରାଷ୍ଟ୍ରର ହିତରେ ସବୁଦଳ ସହଯୋଗ କରିଛନ୍ତି ବୋଲି ରାଷ୍ଟ୍ରପତି କହିଥିଲେ ଏହା ଭାରତୀୟ ଗଣତନ୍ତ୍ରର ପରିପକ୍ୱତା ଅଭିଜ୍ଞତା ଓ ବିଚାରଶୀଳତାର ନିଦର୍ଶନ ବୋଲି ସେ କହିଛନ୍ତି।

ଏହି ନୂତନ ଟିକସ ଢାଞ୍ଚାରେ "କର ଉପରେ କର" ପରି ଚାଲି ଆସିଥିବା ବ୍ୟବସ୍ଥାରେ ପରିବର୍ତ୍ତନ ଆସିପାରିବ। କର ବୋଝ ହ୍ରାସ ପାଇବ। ଦ୍ରବ୍ୟ ଓ ବିଭିନ୍ନ ସେବାର ଦର ହ୍ରାସ ପାଇବ। ଏହା ଖାଉଟିଙ୍କ ପାଇଁ ସହାୟକ ହେବ। ପୂର୍ବ କର ବ୍ୟବସ୍ଥାରେ ଶେଷ ସ୍ତରରେ ଭେଣ୍ଡର ଉପରେ ପଡୁଥିବା ଉତ୍ପାଦ ଶୁଳ୍କ ସେବାକର, ଭାଟ୍ ଏବଂ ଅନ୍ୟାନ୍ୟ ପରୋକ୍ଷ କର ଦୂର ହୋଇପାରିବ। ବିଶିଷ୍ଟ କର ବିଶେଷଜ୍ଞ ଶ୍ରୀ ବ୍ରିଜ୍ ଭୂଷଣଙ୍କ ମତରେ ଜିଏସ୍‌ଟିର ଫାଇଦା ଶେଷ ପର୍ଯ୍ୟାୟରେ ଖାଉଟି ବାଟ ଦେଇ ସପ୍ଲାୟର୍ ପାଖରେ ପହଞ୍ଚିବ।

ଜିଏସ୍‌ଟି ଦ୍ୱାରା ସାଧାରଣ ଜନତା ଉପକୃତ ହେବେ ଏବଂ ଶିଳ୍ପ ସଂସ୍ଥାଗୁଡ଼ିକ ମଧ୍ୟ ଫାଇଦା ପାଇବେ ବୋଲି ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଫାଇଦା ପାଇଁ ଆଣ୍ଟି ପ୍ରଫିଟରିଂ ଅଥରିଟୀ ଜରିଆରେ ସରକାର ତାଙ୍କ କ୍ଷମତା ପ୍ରୟୋଗ କରିବେ ନାହିଁ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

ଜିଏସ୍‌ଟି କାର୍ଯ୍ୟକାରୀ ହେଲେ ପ୍ରାଥମିକ ପର୍ଯ୍ୟାୟରେ କିଛି ଅସୁବିଧା ଉପୁଜିପାରେ, ତେବେ ତାହା ଗଠନମୂଳକ ଅନ୍ତରାୟ ହେବ ବୋଲି ରାଷ୍ଟ୍ରପତି କହିଛନ୍ତି। ପ୍ରାରମ୍ଭିକ କ୍ଷେତ୍ରରେ ଦେଖାଦେବାକୁ ଥିବା ସମସ୍ୟାକୁ ଦୂର କରାଯାଇପାରିବ। ଜିଏସ୍‌ଟି ହେବ ଜନକୈନ୍ଦ୍ରିକ ଏବଂ ଜୀବନ ରୂପାନ୍ତରଣ ପାଇଁ ସକ୍ଷମ।

**(ସୌଜନ୍ୟ: ପତ୍ର ସୂଚନା କାର୍ଯ୍ୟାଳୟ)**

# ପଶ୍ଚିମବଙ୍ଗରେ ୨.୫ କୋଟିତମ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଗ୍ୟାସ୍ କନେକ୍ସନ ପ୍ରଦାନ କଲେ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ

ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ପଶ୍ଚିମବଙ୍ଗର ଜଙ୍ଗିପୁରଠାରେ ୨.୫ କୋଟିତମ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଗ୍ୟାସ୍ କନେକ୍ସନ୍ ପ୍ରଦାନ କରିଛନ୍ତି। ଏହି ଐତିହାସିକ ମୁହୂର୍ତ୍ତରେ କେନ୍ଦ୍ର ପେଟ୍ରୋଲିୟମ୍ ଓ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତଥା ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ସୁପୁତ୍ର ତଥା ସ୍ଥାନୀୟ ସାଂସଦ ଅଭିଜିତ୍ ମୁଖାର୍ଜୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ରାଷ୍ଟ୍ରପତି ମୁଖାର୍ଜୀ ରଘୁନାଥଗଞ୍ଜର ଶ୍ରୀମତୀ ଗୌରୀଶଙ୍କରଙ୍କୁ ଏହି ଗ୍ୟାସ୍ ସଂଯୋଗ ପ୍ରଦାନ କରି ଦେଶର ଗରିବ ସୀମାରେଖା ତଳେ ଥିବା ପରିବାରମାନଙ୍କୁ ଗ୍ୟାସ୍ ସଂଯୋଗ ଯୋଗାଣର ୨.୫ କୋଟି ସଂଯୋଗ ପୂରା କରିଥିଲେ।

ଏହି ଅବସରରେ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ୧୧ ଜଣ ମହିଳା ହିତାଧିକାରୀଙ୍କୁ ଗ୍ୟାସ୍ ସଂଯୋଗ ବାଣ୍ଟିବା ଅବସରରେ ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ ହେବାର ମାତ୍ର ୧୪ ମାସ ମଧ୍ୟରେ ୨.୫ କୋଟି ଗରିବ ମହିଳା ପରିବାରରେ ମାଗଣା ଗ୍ୟାସ୍ ସଂଯୋଗ ପହଞ୍ଚିଥିବାରୁ ରାଷ୍ଟ୍ରପତି ସନ୍ତୋଷ ପ୍ରକାଶ କରିଥିଲେ।

ଏହି ଅବସରରେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମହାମହିମ ରାଷ୍ଟ୍ରପତି ତାଙ୍କର ବ୍ୟସ୍ତବହୁଳ ସମୟରୁ କିଛି ସମୟ କାଢ଼ି ୨.୫ କୋଟିତମ ଉଜ୍ଜ୍ୱଳା ଗ୍ୟାସ୍ ବାଣ୍ଟିଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀ ପ୍ରଧାନ କହିଥିଲେ, ଗତ ୧ ମେ' ୨୦୧୬ରେ ଉତ୍ତରପ୍ରଦେଶର ବଲିଆଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ପ୍ରଥମ ଉଜ୍ଜ୍ୱଳା ଗ୍ୟାସ୍ ପ୍ରଦାନ କରିଥିଲେ। ଜୁଲାଇ ୧୨ ତାରିଖ ଦିନ ମହାମହିମ ରାଷ୍ଟ୍ରପତିଙ୍କ ହାତରେ ୨.୫କୋଟିତମ ଗ୍ୟାସ୍ ସଂଯୋଗ ପ୍ରଦାନ ଏକ ସ୍ମରଣୀୟ ଦିନ ହୋଇ ରହିବ। ଏହି ଯୋଜନା ଦେଶର ଗରିବ ମହିଳାଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି ବୋଲି ଶ୍ରୀ ପ୍ରଧାନ ଏହି ଅବସରରେ କହିଥିଲେ।

ଭାରତର ରାଜ୍ୟମାନଙ୍କ ମଧ୍ୟରେ ଉତ୍ତରପ୍ରଦେଶରେ ସର୍ବାଧିକ ୫୫ ଲକ୍ଷ ଗ୍ୟାସ୍ ସଂଯୋଗ ବଣ୍ଟାଯାଇଥିବା ବେଳେ ପଶ୍ଚିମବଙ୍ଗ ଏହି ମାଗଣା ଗ୍ୟାସ୍ ସଂଯୋଗ ବଣ୍ଟନରେ ଦ୍ୱିତୀୟ ସ୍ଥାନରେ ରହିଛି। ପଶ୍ଚିମବଙ୍ଗରେ ଗ୍ୟାସ୍ ବଣ୍ଟନକୁ ଅଧିକ ଗତିଶୀଳ କରିବା ପାଇଁ ଆଉ ୬୦୦ ନୂଆ ବିତରକ ନିଯୁକ୍ତି କରାଯିବାର ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏହି ଯୋଜନାରେ ଦେଶର ୫ କୋଟି ଗରିବ ମହିଳାଙ୍କୁ ଏଲ୍‌ପିଜି ସଂଯୋଗ ୨୦୧୯ ସୁଦ୍ଧା ଯୋଗାଇଦେବା ପାଇଁ ଲକ୍ଷ୍ୟ ରଖାଯାଇଛି। ଗରିବ ପରିବାରଙ୍କୁ ୫ କୋଟି ଗ୍ୟାସ୍ ସଂଯୋଗ ସହ ୨୦୧୯ ସୁଦ୍ଧା ଆଉ ୫ କୋଟି ସାଧାରଣ ପରିବାରକୁ ଗ୍ୟାସ୍ ସଂଯୋଗ ଦେବାର ପ୍ରକ୍ରିୟା ପୂରଣ ହେଲେ ଭାରତର ଅଧିକାଂଶ ପରିବାର ପାଖରେ ଗ୍ୟାସ୍ କନେକ୍ସନ୍ ରହିବ। ହିତାଧିକାରୀ ଚୟନରେ ସମ୍ପୂର୍ଣ୍ଣ ତଥ୍ୟ ରଖିବା ପାଇଁ ୨୦୧୧ ଜନଗଣନାର ସାମାଜିକ ଆର୍ଥିକ ଦୃଷ୍ଟିରୁ ପଛୁଆ ଭାବେ ଚିହ୍ନିତ ପରିବାରମାନଙ୍କୁ ଏହି ଗ୍ୟାସ୍ ସଂଯୋଗ ଯୋଗାଇ ଦିଆଯାଉଛି।

ଗତ ୩ ବର୍ଷରେ ଦେଶର ଏଲ୍‌ପିଜି ବ୍ୟବହାର ୩୩ ପ୍ରତିଶତ ବୃଦ୍ଧି ହୋଇଛି। ଏଥିପାଇଁ ୫ ହଜାର ନୂଆ ବିତରକ ନିଯୁକ୍ତ ହୋଇଛନ୍ତି ଓ ଏଗୁଡ଼ିକ ଉଜ୍ଜ୍ୱଳା ଯୋଜନାର ହିତାଧିକାରୀମାନଙ୍କ ଆବଶ୍ୟକତାକୁ ପୂରଣ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।



# ବିଭିନ୍ନ ଜାତୀୟ ରାଜପଥ ପ୍ରକଳ୍ପର ଶିଳାନ୍ୟାସ ଓ ଭିତ୍ତିପ୍ରସ୍ତର ସ୍ଥାପନ



ରାଉରକେଲା ଓ ଓ ଅନୁଗୁଳଠାରେ ରାଜ୍ୟରେ ଜାତୀୟ ରାଜପଥର ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଲୋକାର୍ପଣ ଉତ୍ସବରେ ଯୋଗଦେଇ ଓଡ଼ିଆ ଲୋକମାନଙ୍କର ୭୦ ବର୍ଷରେ ପୂରଣ ହୋଇ ନଥିବା ଆକାଂକ୍ଷାକୁ ମୋଦି ସରକାର ତିନି ବର୍ଷରେ ପୂରଣ କରିବାକୁ ଚେଷ୍ଟା କରୁଛନ୍ତି ବୋଲି କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

କେନ୍ଦ୍ର ସଡ଼କ ପରିବହନ, ଜାତୀୟ ରାଜପଥ ଓ ଜାହାଜ ଚଳାଚଳ ମନ୍ତ୍ରୀ ନୀତିନ ଗଡ଼କରୀ ରାଉରକେଲା ଓ ଅନୁଗୁଳଠାରେ ମୋଟ ୩୦୪୮ କୋଟି ମୂଲ୍ୟରେ ୩୮୧.୪୪୯ କି.ମି. ଦୀର୍ଘ ଓଡ଼ିଶାରେ ଏନ୍‌ଏଚ୍‌ଆଇ କାର୍ଯ୍ୟଗୁଡ଼ିକର ଭୂମି ପୂଜନ କରିଛନ୍ତି।

ଚାରି ଲେନ୍ ବିଶିଷ୍ଟ ବୀରମିତ୍ରପୁର-ବ୍ରାହ୍ମଣୀ ବାଇପାସ୍ ଏନ୍‌ଏଚ୍-୨୩ର ଶେଷ ଅଂଶ (ନୂଆ ଏନ୍‌ଏଚ୍-୧୪୩) ସହିତ ବ୍ରାହ୍ମଣୀ ନଦୀ ଉପରେ ଛଅ ଲେନ୍ ସେତୁ, ଚାରି ଲେନ୍ ବିଶିଷ୍ଟ ଏନ୍‌ଏଚ୍-୪୨ର ଅନୁଗୁଳ-ସମ୍ବଲପୁର ଅଂଶ (ନୂଆ ଏନ୍‌ଏଚ୍-୫୫), ଚାରି ଲେନ୍ ବିଶିଷ୍ଟ ଏନ୍‌ଏଚ୍-୬ ତେଲେଇବଣି-ସମ୍ବଲପୁର ଅଂଶ (ନୂଆ ଏନ୍‌ଏଚ୍-୫୩), ଚାରି ଲେନ୍ ବିଶିଷ୍ଟ ଏନ୍‌ଏଚ୍-୫ର ବାଲେଶ୍ୱର-ଝାଡ଼ପୋଖରିଆ ଅଂଶ (ନୂଆ ଏନ୍‌ଏଚ୍-୧୮)ର ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ମୋଦି ସରକାର ଓଡ଼ିଶା ସମେତ ପୂର୍ବ ଭାରତକୁ ବିକାଶର ମାନଦଣ୍ଡରେ ଉପରକୁ ନେବା ପାଇଁ ପ୍ରଚୁର ଆର୍ଥିକ ବ୍ୟୟବରାଦ କରିଛନ୍ତି। ଓଡ଼ିଶାରେ ଏହି ସଡ଼କ ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ଓଡ଼ିଶାର ଅର୍ଥନୀତିର ଦ୍ରୁତ ବିକାଶରେ ଏହା ସହାୟକ ହେବ।

ଶ୍ରୀ ପ୍ରଧାନ କହିଛନ୍ତି ଯେ, ସୁନ୍ଦରଗଡ଼ ଓ ଅନୁଗୁଳ ଜିଲ୍ଲା ଭଳି ଖଣିଜ ସମ୍ପଦରେ ଭରପୁର ଅଞ୍ଚଳ ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ବିନା ଦାବିରେ ଜିଲ୍ଲା ଖଣିଜ ବିକାଶ ପାଣ୍ଠି ଗଠନ କରି ଏହି ଜିଲ୍ଲାମାନଙ୍କର ବିକାଶକୁ ତ୍ୱରାନ୍ୱିତ କରିବାକୁ ଚେଷ୍ଟା କରିଛନ୍ତି।

ଶ୍ରୀ ଗଡ଼କରୀଙ୍କୁ ପ୍ରଶଂସା କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ଧାର୍ଯ୍ୟ ଲକ୍ଷ୍ୟ ପୂର୍ବରୁ କାର୍ଯ୍ୟ ସମ୍ପନ୍ନ କରିବାରେ ତାଙ୍କର ସାରା ଦେଶରେ ସୁନାମ ରହିଛି। ମହାରାଷ୍ଟ୍ରର ସଡ଼କ ବିଭାଗ ମନ୍ତ୍ରୀ ଭାବେ ପୁନେ-ମୁମ୍ବାଇ ହାଇୱେ ସମେତ ସମ୍ପୂର୍ଣ୍ଣ ମହାରାଷ୍ଟ୍ରର ସଡ଼କ ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲେ। ଓଡ଼ିଶାରେ ଭିତ୍ତିପ୍ରସ୍ତର ଦେଇଥିବା କାର୍ଯ୍ୟ ଧାର୍ଯ୍ୟ ସମୟରେ ସମ୍ପୂର୍ଣ୍ଣ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।



ସାମ୍ପ୍ରତିକୀ

# ହମ୍‌ସଫର୍‌ ଏକ୍ସପ୍ରେସ୍‌ ଶୁଭାରମ୍ଭ

ହମ୍‌ସଫର୍‌ ଏକ୍ସପ୍ରେସ୍‌ ଶୁଭାରମ୍ଭ ଅବସରରେ କେନ୍ଦ୍ର ତୈଳ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ଓଡ଼ିଶାରୁ ବେଙ୍ଗାଲୁରୁ ପାଇଁ ହମ୍‌ସଫର ଟ୍ରେନ୍‌ର ଶୁଭାରମ୍ଭ ଓଡ଼ିଶାରୁ ସେଠାକୁ କାମ କରିବାକୁ ଯାଉଥିବା ଯୁବଶକ୍ତି ପାଇଁ ବିଶେଷ ସହାୟକ ହେବ।

ଟ୍ରେନ୍‌ଟି ସାପ୍ତାହିକ ହେଲେ ମଧ୍ୟ ଭୁବନେଶ୍ୱରକୁ ବେଙ୍ଗାଲୁରୁ ଓ ଯଶବନ୍ତପୁର ମଧ୍ୟରେ ଯାତାୟତ କରୁଥିବା ଟ୍ରେନ୍‌ଗୁଡ଼ିକୁ ମିଶାଇଲେ ଓଡ଼ିଶାରୁ ବେଙ୍ଗାଲୁରୁକୁ ଦୈନିକ ଯୋଗାଯୋଗ ପାଇଁ ସୁବିଧା ସୃଷ୍ଟି ହେବ। ସେହିପରି ସମ୍ବଲପୁର ରେଳ ଷ୍ଟେସନ୍‌ରେ ୱାଇଫାଇ ସୁବିଧା ଆରମ୍ଭ କରିଥିବାରୁ ରେଳମନ୍ତ୍ରୀ ଶ୍ରୀ ସୁରେଶ ପ୍ରଭୁଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।

ଏହାସହ ଭୁବନେଶ୍ୱରରୁ ନୂଆଦିଲ୍ଲୀ ରାଜଧାନୀ ଟ୍ରେନ୍‌କୁ ଢେଙ୍କାନାଳ, ତାଳଚେର, ଅନୁଗୁଳ, ସମ୍ବଲପୁର ଦେଇ ନୂଆଦିଲ୍ଲୀ ସହ ଯୋଡ଼ିବାକୁ ଶ୍ରୀ ପ୍ରଧାନ ରେଳମନ୍ତ୍ରୀ ସୁରେଶ ପ୍ରଭୁଙ୍କୁ ପ୍ରସ୍ତାବ ଦେଇଥିଲେ।




# ଭାରତୀୟ ସେନା ସମସ୍ତ ଦେଶବାସୀଙ୍କ ଆସ୍ଥାର କେନ୍ଦ୍ର: ଧର୍ମେନ୍ଦ୍ର ପ୍ରଧାନ

କାରଗିଲ୍‌ ବିଜୟ ଦିବସର ଅବ୍ୟବହିତ ପୂର୍ବରୁ ଦିଲ୍ଲୀସ୍ଥିତ ଜବାହରଲାଲ୍‌ ନେହରୁ ବିଶ୍ୱବିଦ୍ୟାଳୟରେ ଆୟୋଜିତ କାରଗିଲ ବିଜୟ ଦିବସରେ ଭାରତୀୟ ସେନାକୁ ଭୂୟସୀ ପ୍ରଶଂସା କରିଛନ୍ତି କେନ୍ଦ୍ର ପେଟ୍ରୋଲିୟମ୍‌ ଓ ପ୍ରାକୃତିକ ଗ୍ୟାସ୍‌ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଜେଏନ୍‌ୟୁର ଭାଇସ୍‌ ଚାନ୍‌ସେଲର ପ୍ରଫେସର ଜଗଦୀଶ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ପୂର୍ବତନ ସ୍ଥଳ ସେନାମୁଖ୍ୟ ତଥା କେନ୍ଦ୍ର ଜେନେରାଲ୍‌ ଭି.କେ. ସିଂହ, ମେଜର୍‌ ଜେନେରାଲ୍‌ ଜି.ଡି. ବକ୍ସି, ପ୍ରସିଦ୍ଧ କ୍ରିକେଟିୟର ଗୌତମ ଗମ୍ଭୀର ତଥା ଜଣାଶୁଣା ଓକିଲ ଏବଂ ସାମାଜିକ କାର୍ଯ୍ୟକର୍ତ୍ତା ମୋନିକା ଆରୋରାଙ୍କ ଉପସ୍ଥିତିରେ ଏହି ବିଜୟ ଦିବସ ପାଳନ କରାଯାଇଥିଲା।

ପ୍ରଜାତନ୍ତ୍ରର ଆଳରେ କିଛି ମୁଷ୍ଟିମେୟ ଲୋକ ଭାରତରେ ସେନାକୁ ତଳକୁ ଦେଖାଇବାର ଦୁଃସାହସ କରୁଛନ୍ତି। ଦେଶର ଏଭଳି ଅରାଜକତାକୁ ଭଗବାନ ସଦ୍‌ବୁଦ୍ଧି ଦିଅନ୍ତୁ ବୋଲି ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି।

ନିକଟ ଅତୀତରେ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ସହ ତାଙ୍କ ଗାଁକୁ ଯିବା ସମୟରେ ସେଠାରେ ଚୀନ୍‌ ପଟୁ ସମ୍ଭାବ୍ୟ ସାମରିକ କାର୍ଯ୍ୟାନୁଷ୍ଠାନ ଓ ଭାରତର ପ୍ରସ୍ତୁତି ନେଇ ବରିଷ୍ଠ ସେନା ଅଧିକାରୀଙ୍କଠାରୁ ପଚାରି ବୁଝିଥିଲେ। ସେ କହିଥିଲେ ମୁକାବିଲା କରିବା ପାଇଁ ଭାରତ ସମ୍ପୂର୍ଣ୍ଣ ରୂପେ ସକ୍ଷମ ଓ ଦେଶର ସୀମା ସୁରକ୍ଷାକୁ ନେଇ ସାମାନ୍ୟତମ ସନ୍ଦେହର ଅବକାଶ ନାହିଁ।

ନିକଟରେ ବାଂଲାଦେଶ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ଶେଖ୍‌ ହାସିନାଙ୍କ ସହ ପେଟ୍ରୋଲିୟମ୍‌ ବ୍ୟବସାୟ ନେଇ ଶ୍ରୀ ପ୍ରଧାନ କଥା ହୋଇଥିବା ବେଳେ ସେ ୧୯୭୧ରେ ବାଂଲାଦେଶ ତିଆରି ପାଇଁ ଭାରତୀୟ ସେନାର ତ୍ୟାଗ ଓ ତପସ୍ୟାକୁ ଭୂୟସୀ ପ୍ରଂଶସା କରିଥିଲେ। ୧୯୯୯ ମସିହାର କାରଗିଲ୍‌ ଯୁଦ୍ଧ ସମୟରେ ଭାରତୀୟ ସେନା ସହ କାଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାରତ ସେନା ସହିତ ଏକତ୍ର ହୋଇ ଯେମିତି ଶତ୍ରୁର ସାମ୍ନା କରିବାକୁ ସେନାକୁ ମାନସିକ ବଳ ଦେଇଥିଲା ବୋଲି ସେ କହିଥିଲେ।


ପ୍ରକାଶନ ବିଭାଗ ପାଖରେ ରହିଛି ୨୦୦ରୁ ଊର୍ଦ୍ଧ୍ୱ ଇ-ପୁସ୍ତକ
ବର୍ତ୍ତମାନ ଅନଲାଇନ ମାଧ୍ୟମରେ ଉପଲବ୍ଧ
ବିକ୍ରୟ :
play. google.com
kobo.com
amazon.in
BUILDERS OF MODERN INDIA
Lokmanya Bal Gangadhar Tilak
THE GOSPEL OF BUDDHA
SARDAR PATEL
A PICTORIAL BIOGRAPHY
GREAT MEN GREAT DEEDS
AFTER PARTITION
ऐसे थे बापू
विवेकानन्द चित्रावली
BELIEF IN THE BALLOT
LEGENDS OF INDIAN SILVER SCREEN
PLAYING TABLA
ପ୍ରକାଶନ ବିଭାଗ
ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ
ଇ-ପୁସ୍ତକ ସମ୍ପର୍କିତ ସମ୍ପୂର୍ଣ୍ଣ ସୂଚୀ: Publicationsdivision.nic.inରେ ଉପଲବ୍ଧ

YOJANA (Odia) : Monthly August 2017 RNI No. 57203/93
ISSN 0971-8346
Total Number of Pages (56)

# କେନ୍ଦ୍ରୀୟ ତଥା ରାଜ୍ୟ ସିଭିଲ ସର୍ଭିସ ଆଶାୟୀ ପ୍ରତିଯୋଗୀମାନଙ୍କୁ ଏକ ଆହ୍ୱାନ

ସମ୍ମାନଜନକ ସିଭିଲ ସର୍ଭିସ ଓ ଅନ୍ୟାନ୍ୟ ନିଯୁକ୍ତି ସଂକ୍ରାନ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜ ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢ଼ିତୋଳନ୍ତୁ ।

## ଯୋଜନା ପଢ଼ନ୍ତୁ ଏବଂ ଜ୍ଞାନ ପରିସର ପରିବ୍ୟାପ୍ତ କରନ୍ତୁ ।

ଯୋଜନା, ଦେଶର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରତି ସମର୍ପିତ, ଜାତୀୟ ତଥା ସାଂପ୍ରତିକ ଜ୍ୱଳନ୍ତ ସମସ୍ୟାବଳୀ, ଅର୍ଥନୈତିକ ଓ ସାମାଜିକ ବିକାଶ, କୃଷି, ଶିଳ୍ପ, ବାଣିଜ୍ୟ, ପରିବହନ, ଯୋଗାଯୋଗ, ଖାଉଟୀସୁରକ୍ଷା, ପରିବେଶ ସଂରକ୍ଷଣ, ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଷୟ ସାଙ୍ଗକୁ ସାଂସ୍କୃତିକ ତଥା ମହିଳା, ଯୁବ ଓ ଶିଶୁ ବିକାଶ ଇତ୍ୟାଦି ବିଷୟରେ ସୁପ୍ରତିଷ୍ଠିତ ଗବେଷକ ତଥା ବିଶେଷଜ୍ଞମାନଙ୍କ ଦ୍ୱାରା ଲିଖିତ ବିଶ୍ଳେଷଣାତ୍ମକ ପ୍ରବନ୍ଧମାନ ପ୍ରକାଶ କରିଥାଏ । ଯୋଜନା ନିୟମିତ ପଠନ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର୍ଥୀ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଗବେଷକ, ବୁଦ୍ଧିଜୀବୀ ତଥା ଜ୍ଞାନପିପାସୁ ସାଧାରଣ ପାଠକ ପାଠିକା ଉପକୃତ ହେଉଛନ୍ତି ।

**ଆପଣ ମଧ୍ୟ କାହିଁକି ଉପକୃତ ହେବେ ନାହିଁ ?**

ଯୋଜନାର ଗ୍ରାହକ ହୁଅନ୍ତୁ ଏବଂ ନିଯୁକ୍ତି କ୍ଷେତ୍ର ଲାଗି ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢ଼ି ତୋଳନ୍ତୁ ।

## ଓଡିଶାରେ ଯୋଜନା ପତ୍ରିକାର ମୁଖ୍ୟ ଏଜେଣ୍ଟ

*ଅକ୍ଷୟ କୁମାର ନାୟକ, ବସଷ୍ଟାଣ୍ଡ ବୁକ୍ ଷ୍ଟଲ, ଭୁବନେଶ୍ୱର -୯ * ମାଧବ ବୁକ୍ ଷ୍ଟୋର, ବାଦାମବାଡି, କଟକ -୯ * ମୂର୍ତ୍ତି ନ୍ୟୁଜ୍ ଏଜେନସୀ, ଓଲ୍ଡ ବସ୍ ଷ୍ଟାଣ୍ଡ, ବ୍ରହ୍ମପୁର, ଗଞ୍ଜାମ * ଶିବ ଶକ୍ତି, ପୁସ୍ତକାଳୟ ସେକ୍ଟର-୨, ବସ୍‌ଷ୍ଟାଣ୍ଡ, ରାଉରକେଲା । *ଗାୟତ୍ରୀ ଭଣ୍ଡାର, ବସନ୍ତ ବିହାର, ଯୁବଲୀଟାଉନ, ଭାପୁର-ଶଙ୍କରପୁର ରୋଡ, ଢେଙ୍କାନାଳ ଏବଂ ସମସ୍ତ Employment News ବିକ୍ରେତା ।

## "ଯୋଜନା"ର ଗ୍ରାହକ ଦେୟ

*ପ୍ରତି ଖଣ୍ଡ -୨୨/-ଟଙ୍କା, ବାର୍ଷିକ -୨୩୦/-ଟଙ୍କା, ଦ୍ୱିବାର୍ଷିକ -୪୩୦/- ଟଙ୍କା, ତ୍ରୈବାର୍ଷିକ -୬୧୦/-ଟଙ୍କା, ବିଶେଷାଙ୍କ - ୩୦/- ଟଙ୍କା

## ଗ୍ରାହକ ଦେୟ ପଠାଇବା ଠିକଣା :

**Advertisement & Circulation Manager, YOJANA**
**Publications Division, Min. of I & B,**
**Soochna Bhawan, Room 48-53, CGO Complex, Lodi Road, New Delhi - 110003**
**The subscription may be sent through IPO/MO or Bank Draft in favour of the**
**"Director, Publications Division, Ministry of Information & Broadcasting, New Delhi**

Printed and Published by Dr. (Ms) Sadhana Rout, Director General & Head on behalf of Publications Division, Ministry of I & B, Govt. of India, Published from Soochna Bhavan, CGO Complex, Lodhi Road, New Delhi-110003 and Printed at : Print-Tech Offset Pvt. Ltd., Plot No. F66/1 & F66/2, Chandaka Industrial Area, Bhubaneswar - 24
Editor : Dr. Girish Chandra Dash